# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୯/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 9/2024 Page 16 ₹ 7.00 | RAYAGADA

୫୦ଶ ଭାଗ ୩୪୪ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 344 ମୂଲ୍ୟ₹୭/-




**ସନ୍ଦୀପ ପଟ୍ଟନାୟକଙ୍କ ଶତକ**

ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଓଡ଼ିଶାର ସନ୍ଦୀପ ପଟ୍ଟନାୟକ।

୧୪

୧୧

**ମା’ ହେବେ ଆଥିୟା**

ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟୀ ଖୁବ୍‌ଶୀଘ୍ର ମା’ ହେବାକୁ ଯାଉଛନ୍ତି। ସେ ତାଙ୍କ ପ୍ରେଗ୍ନାନ୍ସି ସମ୍ପର୍କରେ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି।



# ୧୦୦ କୋଟି ଶିଶୁ ହିଂସା ପ୍ରଭାବିତ

## ବିଶ୍ୱରେ ପ୍ରତି ୧୩ ମିନିଟ୍‌ରେ ଜଣେ ପିଲା ହତ୍ୟାର ଶିକାର: ଡବ୍ଲ୍ୟୁଏଚ୍‌ଓ

**ପ୍ରକାଶ ପାଇଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଅନୁଯାୟୀ ବିଶ୍ୱର ୧୦୦ କୋଟି ଶିଶୁ ହିଂସାର ପ୍ରଭାବିତ ହେଉଛନ୍ତି । ବର୍ଷକୁ ପ୍ରାୟ ୪୦ ହଜାର ପିଲାଙ୍କୁ ହତ୍ୟା କରାଯାଉଛି। ଏହା ନିଶ୍ଚିତ ଭାବେ ଗମ୍ଭୀର ଦିଗକୁ ସୂଚିତ କରୁଛି। କଠୋର ହିଂସା ନିବାରଣ ଆଇନ ପ୍ରଣୟନ ହେଲେ ଏହାକୁ ରୋକାଯାଇପାରିବ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି।**



**ନୂଆଦିଲ୍ଲୀ,୮।୧୧**

ବିଶ୍ୱର ୧ ବିଲିୟନ୍ (୧୦୦ କୋଟି)ରୁ ଊର୍ଦ୍ଧ୍ୱ ଶିଶୁ ବିଭିନ୍ନ ପ୍ରକାର ହିଂସା ଦ୍ୱାରା ପ୍ରଭାବିତ। ପିଲାମାନେ ବିଶେଷକରି ଦୁର୍ବ୍ୟବହାର, ଠକେଇ, ଶାରୀରିକ ଓ ମାନସିକ ନିର୍ଯାତନା, ଯୌନ ହିଂସା ପୀଡ଼ିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ଗୁରୁବାର ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରତି ୧୩ ମିନିଟ୍‌ରେ ଜଣେ ଶିଶୁ କିମ୍ବା କିଶୋର ହତ୍ୟାର ଶିକାର ହେଉଛନ୍ତି। ଏଭଳି ଭାବେ ବର୍ଷକୁ ପ୍ରାୟ ୪୦,୦୦୦ ପିଲାଙ୍କୁ ହତ୍ୟା କରାଯାଉଛି। ହିଂସା ପ୍ରଭାବିତ ପିଲାଙ୍କ ମଧ୍ୟରୁ ମାତ୍ର ଅଧା ସେମାନଙ୍କ ସହ ବିତିଥିବା ଘଟଣା ସମ୍ପର୍କରେ ମୁହଁ ଖୋଲି ତିକ୍ତ ଅନୁଭୂତି ବଖାଣିପାରନ୍ତି। ମାତ୍ର ୧୦% ପିଲାଙ୍କୁ ସହାୟତା ମିଳିଥାଏ ବୋଲି ଏଥିରେ ଦର୍ଶାଯାଇଛି।

ଡବ୍ଲ୍ୟୁଏଚ୍‌ଓ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ପ୍ରତି ୧୦ ଶିଶୁଙ୍କ ମଧ୍ୟରୁ ୯ ଜଣ ଏବେ ମଧ୍ୟ ଏଭଳି ଦେଶଗୁଡ଼ିକରେ ବସବାସ କରୁଛନ୍ତି, ଯେଉଁଠି ଶାରୀରିକ ଦଣ୍ଡ, ଯୌନ ଉତ୍ପୀଡ଼ନ ଭଳି ଶିଶୁ ବିରୋଧୀ ହିଂସାକୁ ଆଇନତଃ ନିଷିଦ୍ଧ କରାଯାଇ ନାହିଁ। ସମସ୍ତ ପିଲାଙ୍କ ମଧ୍ୟରୁ ଅର୍ଦ୍ଧାଧିକଙ୍କ ବୟସ ୨ରୁ ୧୭ ବର୍ଷ ହେବ। ଏହି ବୟସର ୧୦୦ କୋଟିରୁ ଅଧିକ ପିଲା ପ୍ରତିବର୍ଷ ବିଭିନ୍ନ ପ୍ରକାର ହିଂସାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ସେମାନଙ୍କଠାରେ ଉଦାସୀନତା, ଅବସାଦ, ଅସୁରକ୍ଷିତ ଯୌନକ୍ରିୟା ଭଳି ବିପଦପୂର୍ଣ୍ଣ ବ୍ୟବହାର, ଧୂମପାନ ଓ ଶିକ୍ଷାରେ ଅବନତି ଦେଖିବାକୁ ମିଳୁଛି।

ଶାରୀରିକ ଦଣ୍ଡ ଭଳି ହିଂସା ବଢ଼ିବାରେ ଲାଗିଥିବାରୁ ଏଥିରେ ରୋକ ଲଗାଇବା ପାଇଁ କଲମ୍ବିଆର ବୋଗୋଟାରେ ଗୁରୁବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସରକାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ପ୍ରତି ୫ ପିଲାଙ୍କ ମଧ୍ୟରୁ ୩ ଜଣ ନିଜ ଘରେ ନିୟମିତ ଭାବେ ଶାରୀରିକ ହିଂସାର ଶିକାର ହେଉଥିବାରୁ ୯ ସରକାର ଏଭଳି ଦଣ୍ଡକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବେ ବୋଲି ସ୍ପଷ୍ଟ କରିଛନ୍ତି।

ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧନୋମ୍ ଘେବ୍ରେୟେସସ୍ କହିଛନ୍ତି, ଏଭଳି ହିଂସା ନିବାରଣଯୋଗ୍ୟ। ଏହାସତ୍ତ୍ୱେ ବିଶ୍ୱରେ ଅନେକ ନିୟୁତ ଶିଶୁ ଏହାର ଶିକାର ହେବା ଦୁର୍ଭାଗ୍ୟଜନକ। ଆଜି ଦେଶଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଶପଥ ନେଇଛନ୍ତି। ହିଂସା ନିବାରଣ ଆଇନ ପ୍ରଣୟନ ହେଲେ ଏହାକୁ ରୋକାଯାଇପାରିବ। ପରିବାରଗୁଡ଼ିକୁ ଜୀବନ-ପରିବର୍ତ୍ତନକାରୀ ସହଯୋଗଠାରୁ ନେଇ ସ୍କୁଲଗୁଡ଼ିକୁ ସୁରକ୍ଷିତ କରିବା ଓ ଅନ୍‌ଲାଇନ୍ ଉତ୍ପୀଡ଼ନରୁ ପିଲାଙ୍କୁ ସୁରକ୍ଷା ଦେବା ପର୍ଯ୍ୟନ୍ତ ପଦକ୍ଷେପକୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଘେବ୍ରେୟେସସ୍ ମତ ଦେଇଛନ୍ତି। ପ୍ରତି ୫ ପିଲାଙ୍କ ମଧ୍ୟରୁ ୩ ଜଣ ନିଜ ଘରେ ଶାରୀରିକ ☞ପୃଷ୍ଠା-୪

# ଏଠି ଆମେ ତୀର୍ଥଯାତ୍ରୀ

**ସୁପ୍ରିମକୋର୍ଟରୁ ବିଦାୟ ନେଲେ ସିଜେଆଇ ଚନ୍ଦ୍ରଚୂଡ଼**



**ନୂଆଦିଲ୍ଲୀ,୮।୧୧**

ଏଠି ଆମେ କେବଳ ଜଣେ ଜଣେ ତୀର୍ଥଯାତ୍ରୀ। ନିଜ କାର୍ଯ୍ୟ ସମାପନ କରି ଚାଲିଯାଇଥାଉ ବୋଲି ଶୁକ୍ରବାର ସୁପ୍ରିମକୋର୍ଟରୁ ବିଦାୟ ନେବା ଅବସରରେ କହିଛନ୍ତି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼। ୨୦୨୨ ନଭେମ୍ବର ୯ରେ ସିଜେଆଇ ଦାୟିତ୍ୱ ☞ପୃଷ୍ଠା-୪




# ଛାତ୍ରାବାସରୁ ୪ର୍ଥଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ରାୟଗଡ଼ା/କାଶୀପୁର/ଟିକିରି,୮।୧୧ (ଆଶିଷ ରଞ୍ଜନ ପଣ୍ଡା/ମୋହନ ନାଏକ/ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ ଖଗେଶ୍ୱର ଝୋଡ଼ିଆ(୧୦)। ଖଗେଶ୍ୱର କାଶୀପୁର ବ୍ଲକ ଖୁରିଗାଁ ଗ୍ରାମର କୁନା ଝୋଡ଼ିଆଙ୍କ ପୁଅ। ଛାତ୍ରଙ୍କୁ ହତ୍ୟାକରି ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହା ହତ୍ୟା ନା ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଏବଂ ତଦନ୍ତ ପରେ ଜଣାପଡ଼ିବ ବୋଲି ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି କହିଛନ୍ତି। ଏ ନେଇ ଚନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ଦେବାକୁ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଓ ପୋଲିସ ଉଭୟ ମନା କରିଥିବା ସେ କହିଛନ୍ତି। ତେବେ

**ହତ୍ୟା ନା ଆତ୍ମହତ୍ୟା କାରଣ ଅସ୍ପଷ୍ଟ**

ଚତୁର୍ଥ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣାକୁ ସାଧାରଣରେ ସହଜରେ ବିଶ୍ୱାସ କରାଯାଇପାରୁନାହିଁ।

ଖଗେଶ୍ୱର ଶୁକ୍ରବାର ସକାଳୁ ଜଣେ ସହପାଠୀ ସହ ବାହାରକୁ ଜଳଖିଆ ଖାଇବାକୁ ଯାଇଥିଲେ। ଏହାପରେ ହଷ୍ଟେଲକୁ ଫେରି ସେ ଆଉ କ୍ଲାସ୍‌କୁ ଯାଇ ନ ଥିଲେ। ସାଙ୍ଗମାନେ କ୍ଲାସ୍‌କୁ ଯିବା ପାଇଁ ଡାକିବାରୁ ଦାନ୍ତ ବଥା ହେଉଥିବା କହି ସ୍କୁଲକୁ ଯାଇ ନ ଥିଲେ। ଏହାର କିଛି ସମୟ ପରେ ମଧ୍ୟାହ୍ନଭୋଜନ ସମୟରେ ପିଲାମାନେ ହଷ୍ଟେଲକୁ ଆସିବା ପରେ ଖଗେଶ୍ୱରଙ୍କ ମୃତଦେହ ଖଟରେ ଲାଗିଥିବା ମଶାରି ଫ୍ରେମ୍‌ର ଲୁହା ଛଡ଼ରେ ଟାୱାଲରେ ଝୁଲୁଥିବା ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ଘଟଣା ବିଷୟରେ ପୋଲିସ ଓ ପରିବାରବର୍ଗଙ୍କୁ ସୂଚନା ଦେଇଥିଲେ। ପରିବାରବର୍ଗ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ପୋଲିସ ପହଞ୍ଚିବା ବେଳକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ




## ସଂକ୍ଷେପରେ

### ମଣିପୁରରେ ହିଂସା: ଆଦିବାସୀ ମହିଳାଙ୍କୁ ହତ୍ୟା ପରେ ଜାଳିଦେଲେ

ଗୁଆହାଟୀ/ଇମ୍ଫାଲ,୮।୧୧

ହିଂସାପ୍ରବଣ ମଣିପୁରରେ ଗୁରୁବାର ରାତିରେ ସାନି ହିଂସାକାଣ୍ଡ ଘଟିଛି। ଉଗ୍ରପନ୍ଥୀମାନେ ଜଣେ ଆଦିବାସୀ ମହିଳାଙ୍କୁ ଗୁଳିକରି ହତ୍ୟା କରିବା ପରେ ଜାଳିଦେଇଛନ୍ତି। ଏଥିସହ ଉକ୍ତ ଅଞ୍ଚଳର କେତେକ ଘରେ ମଧ୍ୟ ସେମାନେ ନିଆଁ ଲଗାଇଦେଇଥିଲେ। ଜିରିବାମ୍ ଜିଲାର ଜୈରାଓ୍ୱନ୍ ଆଦିବାସୀ ଗ୍ରାମରେ ଏହି ଆକ୍ରମଣ ହୋଇଛି। କୁକି-ଜୋ ସଂଗଠନ ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍ଏଫ୍)ର ସୂଚନା ଅନୁଯାୟୀ ଜୋସାଙ୍ଗ୍‌କିମ୍ ହମାର ନାମ୍ନୀ ୩୧ ବର୍ଷୀୟ ମହିଳାଙ୍କୁ ହତ୍ୟା କରାଯାଇ ଜାଳିଦିଆଯାଇଛି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ମହିଳାଙ୍କ ମୃତଦେହ ଶୁକ୍ରବାର ସକାଳେ ତାଙ୍କ ବାସଭବନରୁ ମିଳିଛି। ଆକ୍ରମଣକାରୀମାନେ କେତେକ କୁକୁରଙ୍କୁ ମାରିଦେବା ସହ ୭ଟି ମୋଟରସାଇକେଲ୍ ନେଇଯାଇଛନ୍ତି।

### ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୮।୧୧

ଜମ୍ମୁ-କଶ୍ମୀରର ବାରମୂଲ୍ଲା ଜିଲାରେ ଶୁକ୍ରବାର ସୁରକ୍ଷା ବଳ ସହ ଏନ୍‌କାଉଣ୍ଟର ବେଳେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ଗୋଇନ୍ଦା ତଥ୍ୟ ଆଧାରରେ ସୁରକ୍ଷା ବଳ ଗୁରୁବାର ରାତିରୁ ତଲାସି ଅଭିଯାନ ଚଳାଇଥିଲା। ଯବାନମାନେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯିବା ସହ ସେଠାରୁ ସାଧାରଣ ଲୋକଙ୍କୁ ଖାଲି କରିଦେଇଥିଲେ। ପରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଗୁରୁବାର ଆତଙ୍କବାଦୀମାନେ କିସ୍ତୱାର ଅଞ୍ଚଳରେ ୨ ଜଣ ଗ୍ରାମ ସୁରକ୍ଷା ଗାର୍ଡ (ଭିଡିଜେ)ଙ୍କୁ ହତ୍ୟା କରିଥିବାବେଳେ ଶୁକ୍ରବାର ସେମାନଙ୍କ ମୃତଦେହ ମିଳିଛି। ଆତଙ୍କବାଦୀମାନେ ୨ ଭିଡିଜେଙ୍କୁ ଅପହରଣ କରିନେଇ ମୁଣ୍ଡକାଟ କରିଥିଲେ। ଏହା ବ୍ୟତୀତ ଗତ ରବିବାର ଏକ ବଜାର ଉପରେ ହୋଇଥିବା ଗ୍ରେନେଡ୍ ଆକ୍ରମଣ ଘଟଣାରେ ପୋଲିସ ଲସ୍କର-ଇ-ତୋଇବା ସହ ଜଡ଼ିତ ୩ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଥିବା ଶୁକ୍ରବାର କହିଛି।

# ଏଏମ୍‌ୟୁକୁ ସଂଖ୍ୟାଲଘୁ ମାନ୍ୟତା: ନୂଆ ପୀଠ ନେବେ ନିଷ୍ପତ୍ତି


**୧୯୬୭ର ରାୟ ସୁପ୍ରିମକୋର୍ଟରେ ଖାରଜ**

ନୂଆଦିଲ୍ଲୀ,୮।୧୧(ପି.ଟି.)



ଆଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି (ଏଏମ୍‌ୟୁ)ର ସଂଖ୍ୟାଲଘୁ ମାନ୍ୟତାକୁ ନେଇ ରହିଥିବା ବିବାଦୀୟ ଆଇନଗତ ପ୍ରଶ୍ନ ଉପରେ ନୂଆ ଖଣ୍ଡପୀଠ ନିଷ୍ପତ୍ତି ନେବେ। ସୁପ୍ରିମକୋର୍ଟ ଏହାର ୧୯୬୭ର ରାୟକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। କେନ୍ଦ୍ରୀୟ ଆଇନ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଶ୍ୱବିଦ୍ୟାଳୟକୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବିବେଚନା କରାଯାଇପାରିବ ନାହିଁ ବୋଲି ୧୯୬୭ରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ୪:୩ ସଂଖ୍ୟାଗରିଷ୍ଠତାରେ ଉକ୍ତ ରାୟକୁ ଖାରଜ କରିଦେବା ଅବସରରେ କହିଛନ୍ତି, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କିମ୍ବା ପରିଚାଳନାରେ ଧର୍ମୀୟ ଅଥବା ଭାଷାଗତ ସଂଖ୍ୟାଲଘୁମାନଙ୍କ ବିରୋଧରେ ପକ୍ଷପାତିତା କରୁଥିବା କୌଣସି ବ୍ୟବସ୍ଥାପକ କିମ୍ବା ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ସମ୍ବିଧାନର ଅନୁଚ୍ଛେଦ ୩୦(୧)ର ବହିର୍ଭୂତ। ସଂଖ୍ୟାଲଘୁମାନଙ୍କ ଅଧିକାର ସାବ୍ୟସ୍ତ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକର ପରିଚାଳନା ପାଇଁ ଅନୁଚ୍ଛେଦ ୩୦ ରହିଛି। ଅନୁଚ୍ଛେଦ ୩୦(୧) ଅନୁଯାୟୀ ଧର୍ମୀୟ କିମ୍ବା ଭାଷାଭିତ୍ତିକ ସମସ୍ତ ସଂଖ୍ୟାଲଘୁଙ୍କର ନିଜ ପସନ୍ଦରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ବା ଏହାର ପରିଚାଳନା ଅଧିକାର ରହିଛି। ତେବେ ୧୯୬୭ର ଅଜିଜ୍ ବାଶା ବନାମ କେନ୍ଦ୍ର ସରକାର ମାମଲାରେ ୫ ଜଣିଆ ସାମ୍ବିଧାନିକ ପୀଠ କହିଥିଲେ, ଏଏମ୍‌ୟୁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଏହାକୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଭାବେ ବିବେଚନା କରାଯାଇପାରିବ ନାହିଁ। ଉକ୍ତ ରାୟକୁ ଖାରଜ କରାଗଲା ବୋଲି ସିଜେଆଇ ୧୧୮ ପୃଷ୍ଠାର ରାୟରେ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ର ରହିଛନ୍ତି। ଧର୍ମୀୟ କିମ୍ବା ଭାଷାଭିତ୍ତିକ ସଂଖ୍ୟାଲଘୁମାନଙ୍କୁ ପ୍ରମାଣିତ କରିବାକୁ ହେବ ଯେ ସେମାନେ ଅନୁଚ୍ଛେଦ ୩୦(୧)ର ପ୍ରସ୍ତାବ ଅନୁଯାୟୀ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ପାଇଁ ଉକ୍ତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ସମ୍ବିଧାନ କାର୍ଯ୍ୟକାରୀ ହେବା ପୂର୍ବରୁ ପ୍ରତିଷ୍ଠା ହୋଇଥିବା ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଅନୁଚ୍ଛେଦ ୩୦(୧)ର ଅଧିକାର ଗ୍ୟାରେଣ୍ଟି ଲାଗୁ ହେବ ବୋଲି ସିଜେଆଇ କହିଛନ୍ତି।

# ସୁସି ୱିଲ୍ସଙ୍କୁ ଚିଫ୍ ଅଫ୍ ଷ୍ଟାଫ୍ ମନୋନୀତ କଲେ ଟ୍ରମ୍ପ୍



ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ସୁସି ୱିଲ୍ସ।

ୱାଶିଂଟନ,୮।୧୧

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ର ଚିଫ୍ ଅଫ୍ ଷ୍ଟାଫ୍ ଭାବେ ସୁସି ୱିଲ୍ସଙ୍କୁ ମନୋନୀତ କରିଛନ୍ତି। ଟ୍ରମ୍ପ୍‌ଙ୍କ ପ୍ରଚାରର ସଫଳ ପରିଚାଳନା କରିଥିଲେ ସୁସି। ସେ ଟ୍ରମ୍ପ୍‌ଙ୍କର ଘନିଷ୍ଠ ହୋଇଥିବାବେଳେ ଅତ୍ୟନ୍ତ ଶୃଙ୍ଖଳିତ ଏବଂ ଖୁବ୍ ଭଲ ଭାବେ ପ୍ରଚାର ପରିଚାଳନା କରିଥିଲେ। ବୁଧବାର ଟ୍ରମ୍ପ୍ ନିଜର ବିଜୟକୁ ସେଲିବ୍ରେଟ କରୁଥିବାବେଳେ ସୁସି ନିଜକୁ ଦୂରେଇ ରଖିବା ସହ ମାଇକରେ କିଛି କହିବାକୁ ମନା କରିଦେଇଥିଲେ। ସେ ବେଶ୍ ଦୃଢ଼ମନା, ସ୍ମାର୍ଟ ଏବଂ ଇନୋଭେଟିଭ୍ ହୋଇଥିବାବେଳେ ସମସ୍ତେ ତାଙ୍କୁ ପ୍ରଶଂସା ଓ ସମ୍ମାନ କରିଥାନ୍ତି। ଆମେରିକାକୁ ପୁଣିଥରେ ମହାନ୍ କରିବା ଦିଗରେ ସେ ଅକ୍ଳାନ୍ତ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି। ସେ ଆମେରିକା ଇତିହାସରେ ପ୍ରଥମ ମହିଳା ଚିଫ୍ ଅଫ୍ ଷ୍ଟାଫ୍ ହେବାକୁ ଯାଉଛନ୍ତି। ସେ ଆମ ଦେଶକୁ ଗର୍ବିତ କରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି।

# ଆମଷ୍ଟରଡାମ୍‌ରେ ଇସ୍ରାଏଲ୍ ନାଗରିକଙ୍କୁ ଆକ୍ରମଣ

**ଉଦ୍ଧାରକାରୀ ଟିମ୍ ପଠାଇଲେ ନେତାନ୍ୟାହୁ**

ଆମଷ୍ଟରଡାମ୍,୮।୧୧

ଆମଷ୍ଟରଡାମ୍‌ରେ ଇସ୍ରାଏଲୀ ନାଗରିକଙ୍କୁ ଟାର୍ଗେଟ କରି ହିଂସାତ୍ମକ ଆକ୍ରମଣ ଘଟଣା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତୁରନ୍ତ ସେଠାକୁ ଦୁଇଟି ଉଦ୍ଧାରକାରୀ ବିମାନ ପଠାଇଛନ୍ତି। ଗୁରୁବାର ରାତିରେ ଆଜାକ୍ସ ଏବଂ ମକ୍କାବି ତେଲ୍ ଆଭିଭ୍ ମଧ୍ୟରେ ୟୁରୋପା ଲିଗ୍ ଫୁଟ୍‌ବଲ ମ୍ୟାଚ୍ ଚାଲିଥିବାବେଳେ ଇହୁଦୀ ବିରୋଧୀ ଦଙ୍ଗାକାରୀମାନେ ଇସ୍ରାଏଲ ସମର୍ଥକଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ୫ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଆମଷ୍ଟରଡାମ୍ ପୋଲିସ ୬୨ ଜଣଙ୍କୁ ଗିରଫ କରିଛି। ପୋଲିସ ଏକାଧିକ ହିଂସା ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣକୁ ନେଦରଲାଣ୍ଡସ୍ ଏବଂ ଇସ୍ରାଏଲ୍‌ର ନେତାମାନେ ନିନ୍ଦା କରିଛନ୍ତି। ଡଚ୍ ସହରରେ ଥିବା ଇସ୍ରାଏଲୀ ନାଗରିକମାନଙ୍କୁ ସେମାନଙ୍କ ହୋଟେଲ ରୁମ୍‌ରେ ରହିବା ପାଇଁ ଜାତୀୟ ସୁରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମ୍ୟାଚ୍ ଦେଖିବାକୁ ଯାଇଥିବା ପ୍ରଶଂସକମାନଙ୍କୁ ଇହୁଦୀ ବିରୋଧୀମାନେ ଟାର୍ଗେଟ କରି ଅକଳ୍ପନୀୟ ନିଷ୍ଠୁରତାର ସହ ଆକ୍ରମଣ କରିଥିଲେ ବୋଲି ଇସ୍ରାଏଲ୍ ସୁରକ୍ଷା ମନ୍ତ୍ରୀ କହିଛନ୍ତି।

# ସେବି ମୁଖ୍ୟଙ୍କୁ ସ୍ପଷ୍ଟୀକରଣ ମାଗିଲେ ଲୋକପାଳ

ନୂଆଦିଲ୍ଲୀ,୮।୧୧(ପି.ଟି.)

ସେବି ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଅନିୟମିତତା ଏବଂ ବ୍ୟକ୍ତିଗତ ସ୍ୱାର୍ଥରେ ସମ୍ପୃକ୍ତ ଥିବା ନେଇ ଆମେରିକାର ରିସର୍ଚ୍ଚ ଫାର୍ମ ହିଣ୍ଡେନ୍‌ବର୍ଗର ରିପୋର୍ଟ ଆଧାରରେ ଜଣେ ଏମ୍‌ପି ଏବଂ ଅନ୍ୟ ଦୁଇଜଣ ଅଭିଯୋଗ ଦାଏର କରିଥିଲେ। ଏନେଇ ଲୋକପାଳ ଶୁକ୍ରବାର ସେବି ମୁଖ୍ୟଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ତେବେ ଏହା ଏକ ପ୍ରକ୍ରିୟାଗତ ନିର୍ଦ୍ଦେଶନାମା। ଉକ୍ତ ପ୍ରସଙ୍ଗ ଉପରେ ଆମର କୌଣସି ମତାମତ ନୁହେଁ ବୋଲି ଲୋକପାଳ ସ୍ପଷ୍ଟ କରିଛନ୍ତି। ପୁଞ୍ଜି ବଜାର ନିୟନ୍ତ୍ରକ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଙ୍କୁ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଜବାବ ଦାଖଲ ପାଇଁ କୁହାଯାଇଥିବା ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର କହିଛନ୍ତି। ମାଧବୀଙ୍କ ବିରୋଧରେ ୩ଟି ଅଭିଯୋଗ ହୋଇଥିବାବେଳେ ତାହା ଉପରେ ଅଲଗା ଅଲଗା ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ନିର୍ଦ୍ଦେଶନାମାରେ ଜଷ୍ଟିସ୍ ଖାନ୍‌ୱିଲ୍‌କର ଏବଂ ଅନ୍ୟ ୫ ସଦସ୍ୟ ସ୍ୱାକ୍ଷର କରିଛନ୍ତି।

# ଦୋଷୀସାବ୍ୟସ୍ତ ପାଇଁ ଗଣମାଧ୍ୟମ ସ୍ୱାଧୀନତା ଲାଇସେନ୍ସ ନୁହେଁ

**ମିଡିଆ ଟ୍ରାଏଲ୍ ବିରୋଧରେ ପ୍ରେସ୍ ଲକ୍ଷ୍ମଣରେଖା ଟାଣିବା ଜରୁରୀ: ହାଇକୋର୍ଟ**

ଥିରୁଭାନନ୍ତପୁରମ୍,୮।୧୧

ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ଗଣମାଧ୍ୟମର ରହିଛି, କିନ୍ତୁ ଏହି ଅଧିକାର ଆଳରେ ଗଣମାଧ୍ୟମ ଅଦାଲତର ଭୂମିକା ନିଭାଇ ପାରିବ ନାହିଁ ବୋଲି କେରଳ ହାଇକୋର୍ଟ କହିଛନ୍ତି। କୋର୍ଟ ରାୟ ପୂର୍ବରୁ ଗଣମାଧ୍ୟମ କୌଣସି ବ୍ୟକ୍ତିଙ୍କୁ ଦୋଷୀସାବ୍ୟସ୍ତ କରିପାରିବ ନାହିଁ। ମିଡିଆ ଟ୍ରାଏଲ୍ ଯୋଗୁ ବ୍ୟକ୍ତିଙ୍କ ମର୍ଯ୍ୟାଦା, ପ୍ରିଭେସି ଏବଂ ଖ୍ୟାତି ଉଲ୍ଲଂଘନ ହେବାର ବିପଦ ରହିଥିବା ହାଇକୋର୍ଟ କହିଛନ୍ତି। କୌଣସି ବିଚାରାଧୀନ ଆପରାଧିକ ମାମଲାରେ ମତାମତ ଦେବାରୁ ଗଣମାଧ୍ୟମ ଦୂରେଇ ରହୁ। ମିଡିଆ ଟ୍ରାଏଲ୍ ବିରୋଧରେ ପ୍ରେସ୍ ଲକ୍ଷ୍ମଣରେଖା ଟାଣିବା ଜରୁରୀ ବୋଲି ଉଚ୍ଚ ଅଦାଲତ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ) ଅନୁଯାୟୀ ମତବ୍ୟକ୍ତ ବା ଅଭିବ୍ୟକ୍ତି ସ୍ୱାଧୀନତା ମୌଳିକ ଅଧିକାର। ତେବେ ଅଭିଯୁକ୍ତଙ୍କୁ ଦୋଷୀ କିମ୍ବା ନିର୍ଦ୍ଦୋଷ ଘୋଷଣା କରିବା ପାଇଁ ଏହି ସ୍ୱାଧୀନତା ଗଣମାଧ୍ୟମ ପାଇଁ ଏକ ଲାଇସେନ୍ସ ନୁହେଁ ବୋଲି ଜଷ୍ଟିସ୍ ଏ.କେ. ଜୟଶଙ୍କରନ୍ ନମ୍ବିଆରଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ପୀଠ କହିଛନ୍ତି। ରିପୋର୍ଟିଂରେ କଟକଣା ନ ରହିଲେ, ତାହା ମତାମତକୁ ପ୍ରଭାବିତ କରିବା ସହ ଅଦାଲତଙ୍କ ରାୟ ଉପରେ ସାଧାରଣରେ ଅବିଶ୍ୱାସ ସୃଷ୍ଟି କରିବ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି।

# ଭାରତ ବିଶ୍ୱ ମହାଶକ୍ତି ତାଲିକାରେ ରହିବାକୁ ହକ୍‌ଦାର: ପୁଟିନ୍

ମସ୍କୋ,୮।୧୧



ଭାରତର ଅର୍ଥନୀତି ଏବେ ଅନ୍ୟ ଦେଶଗୁଡ଼ିକଠାରୁ ଦ୍ରୁତ ବେଗରେ ଅଗ୍ରଗତି କରୁଛି। ତେଣୁ ଏହା ବିଶ୍ୱ ମହାଶକ୍ତି ତାଲିକାରେ ସ୍ଥାନ ପାଇବାକୁ ହକ୍‌ଦାର ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ କହିଛନ୍ତି। ସୋଚିଠାରେ ଭାଲ୍‌ଡାଇ ଡିସ୍‌କସନ କ୍ଲବ୍‌ର ଅଧିବେଶନକୁ ଉଦ୍‌ବୋଧନ ଦେଇ ପୁଟିନ୍ କହିଛନ୍ତି, ରୁଷିଆ ସବୁଦିଗରୁ ଭାରତ ସହ ସମ୍ପର୍କରେ ଉନ୍ନତି ଘଟାଇଛି। ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ସର୍ବାଧିକ ବିଶ୍ୱାସ ରହିଥିବା ସେ କହିଛନ୍ତି। ପାଖାପାଖି ୧.୫ ବିଲିୟନ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ଅର୍ଥନୈତିକ ଅଭିବୃଦ୍ଧି ସର୍ବାଧିକ ହୋଇଥିବାବେଳେ ଏହାର ପୁରାତନ ସଂସ୍କୃତି ଏବଂ ଅଧିକ ଅଭିବୃଦ୍ଧିର ଭଲ ସମ୍ଭାବନା ରହିଛି। ଏହି ଦେଶ ସହ ରୁଷିଆର ସୁରକ୍ଷା ଏବଂ ପ୍ରତିରକ୍ଷା ସମ୍ପର୍କରେ ଉନ୍ନତି ଘଟିଛି। ଭାରତୀୟ ସଶସ୍ତ୍ର ବଳରେ ରୁଷିଆର ବହୁ ସାମରିକ ଉପକରଣ ଲାଗିଥିବା ପୁଟିନ୍ କହିଛନ୍ତି।

# ପୁରୁଷ ଦରଜିଙ୍କୁ ମହିଳା ପୋଷାକ ସିଲେଇ ମନା

**ୟୁପି ମହିଳା କମିଶନଙ୍କ ପ୍ରସ୍ତାବ**

ଲକ୍ଷ୍ନୌ,୮।୧୧



ପୁରୁଷମାନେ ମହିଳାଙ୍କ ପୋଷାକ ତିଆରି କରିପାରିବେ ନାହିଁ। ଏପରି କି ପୋଷାକ ତିଆରି ପାଇଁ ମହିଳାଙ୍କ ମାପ ମଧ୍ୟ ନେଇପାରିବେ ନାହିଁ ବୋଲି ଉତ୍ତର ପ୍ରଦେଶ ରାଜ୍ୟ ମହିଳା କମିଶନ ପ୍ରସ୍ତାବ ଦେଇଛନ୍ତି। ମହିଳାମାନଙ୍କୁ 'ବ୍ୟାଡ୍ ଟଚ୍' (ମନ୍ଦ ଉଦ୍ଦେଶ୍ୟ ରଖି ସ୍ପର୍ଶ)ରୁ ରକ୍ଷା କରିବା ପାଇଁ ଏଭଳି ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି। ଅକ୍ଟୋବର ୨୮ରେ ଅନୁଷ୍ଠିତ ମହିଳା କମିଶନଙ୍କ ଏକ ବୈଠକରେ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ମହିଳାଙ୍କ ପୋଷାକ କେବଳ ମହିଳା ଦରଜି ସିଲେଇ କରିବେ। ସେହିପରି ପୁରୁଷମାନେ ମହିଳାଙ୍କ ଚୁଟି ମଧ୍ୟ କାଟିପାରିବେ ନାହିଁ। ଏହାକୁ ସୁନିଶ୍ଚିତ କରିବା ପାଇଁ ସେଲୁନ୍ ଓ ଟେଲର ଦୋକାନଗୁଡ଼ିକରେ ସିସିଟିଭି କ୍ୟାମେରା ସଂଲଗ୍ନକୁ ବାଧ୍ୟତାମୂଳକ କରାଯିବ ବୋଲି କମିଶନ ସଦସ୍ୟା ହିମାନୀ ଅଗ୍ରୱାଲ ପ୍ରସ୍ତାବ ଦେଇଛନ୍ତି। ମହିଳା କମିଶନ ଅଧ୍ୟକ୍ଷା ବବିତା ଚୌହାନ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ପୁରୁଷ ଦରଜି ଓ ବାରିକ ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ସ୍ପର୍ଶ କରୁଥିବାରୁ ଏପରି ପ୍ରସ୍ତାବ ଦିଆଯାଇଛି। କମିଶନ ଅଧ୍ୟକ୍ଷା ଏନେଇ ଖୁବ୍‌ଶୀଘ୍ର ଆଇନ ଆଣିବା ପାଇଁ ସରକାରଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି।




ତୁଷାର ଝଡ଼ ଯୋଗୁ ଏକ କାର୍ ଉପରେ ଜମିଥିବା ବରଫକୁ ଜଣେ ବ୍ୟକ୍ତି ସଫା କରୁଛନ୍ତି।

# ନ୍ୟୁ ମେକ୍ସିକୋ, କଲରାଡୋରେ ତୁଷାର ଝଡ଼

**୪୧ ହଜାର ଲୋକ ଅନ୍ଧାରରେ**


ଅଲ୍‌ବୁକୁର୍କ୍ୟୁ,୮।୧୧

ଆମେରିକାର ନ୍ୟୁ ମେକ୍ସିକୋ ଏବଂ କଲରାଡୋରେ ଗୁରୁବାର ବଡ଼ ଧରଣର ତୁଷାର ଝଡ଼ ଯୋଗୁ ୪୧ ହଜାର ଲୋକ ବିନା ବିଜୁଳିରେ ରହିଛନ୍ତି। ଝଡ଼ ଯୋଗୁ ତୁଷାରପାତ ହେବା ସହ ପ୍ରବଳ ବେଗରେ ପବନ ବହିଥିଲା। ଫଳରେ ସେଠାର ସ୍କୁଲ୍ ଏବଂ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଛି। ବିଦ୍ୟୁତ୍ ସରବରାହ ସୁନିଶ୍ଚିତ କରିବା ପାଇଁ ବହୁସଂଖ୍ୟାରେ କର୍ମଚାରୀ ନିୟୋଜିତ ହୋଇଛନ୍ତି। ରାସ୍ତାଘାଟରୁ ବରଫ ସଫା କରିବା କାର୍ଯ୍ୟ ଜାରି ରହିଛି। ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ତୁଷାର ଝଡ଼ ଯୋଗୁ ରାସ୍ତାରେ ଶତାଧିକ ଗାଡ଼ି ଫସିରହିଛି। ରାସ୍ତାଘାଟରେ ୪ ଇଞ୍ଚରୁ ଅଧିକ ଉଚ୍ଚାର ବରଫ ଜମି ରହିଥିବା ଲୋକେ କହିଛନ୍ତି।

# 'ସାଟାନିକ୍ ଭର୍ସେସ୍' ଆମଦାନୀ ଉପରୁ କଟକଣା ହଟିଲା

ନୂଆଦିଲ୍ଲୀ,୮।୧୧

ପ୍ରସିଦ୍ଧ ଲେଖକ ସଲ୍‌ମାନ ରଶ୍‌ଡିଙ୍କ ବିବାଦୀୟ ପୁସ୍ତକ 'ଦି ସାଟାନିକ୍ ଭର୍ସେସ୍' ଉପରେ ୩ ଦଶନ୍ଧି ତଳେ ଭାରତ ପକ୍ଷରୁ ଲଗାଯାଇଥିବା କଟକଣାକୁ ଏକ କୋର୍ଟ ହଟାଇ ଦେଇଛନ୍ତି। ନିଷିଦ୍ଧାଦେଶ ଜାରି ସମ୍ପର୍କିତ ବିଜ୍ଞପ୍ତିର ମୂଳ ଦସ୍ତାବିଜ ହଜିଯାଇଥିବାରୁ ତାକୁ କୋର୍ଟରେ ଉପସ୍ଥାପନ କରାଯାଇ ପାରିନାହିଁ। ତେଣୁ କୋର୍ଟ ଏହାକୁ ହଟାଇ ଦେଇଥିବା ଜଣାପଡ଼ିଛି। ଭାରତରେ ଜନ୍ମିତ ବ୍ରିଟିଶ୍ ଔପନ୍ୟାସିକ ରଶ୍‌ଡିଙ୍କ 'ଦି ସାଟାନିକ୍ ଭର୍ସେସ୍'ରେ 'ଈଶ୍ୱର ନିନ୍ଦା' କରାଯାଇଥିବା ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଅଭିଯୋଗ ଅଣାଯିବା ପରେ ୧୯୮୮ରେ ଏହାକୁ ଭାରତ ସରକାର ନିଷିଦ୍ଧ ଘୋଷଣା କରିଥିଲେ। ଏହି ପୁସ୍ତକର ଆମଦାନୀ ଉପରେ କଟକଣାକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକ ଆବେଦନର ଶୁଣାଣି ୨୦୧୯ରେ ଦିଲ୍ଲୀ ହାଇକୋର୍ଟ କରିଥିଲେ। ଆମଦାନୀ କଟକଣା ସମ୍ପର୍କିତ ଅର୍ଡର ମିଳୁ ନ ଥିବାରୁ ଏହାକୁ ଅଦାଲତରେ ଦାଖଲ କରାଯାଇପାରି ନ ଥିବା ବିଷୟ ଭାରତ ସରକାର ଗତ ୫ ତାରିଖରେ ଦିଲ୍ଲୀ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ପ୍ରକାଶ ଯେ, ଫତ୍‌ୱାର ପ୍ରାୟ ୩୩ ବର୍ଷ ପରେ ଅର୍ଥାତ୍ ୨୦୨୨ ଅଗଷ୍ଟରେ ନ୍ୟୁୟର୍କରେ ଏକ କାର୍ଯ୍ୟକ୍ରମ ବେଳେ ରଶ୍‌ଡିଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ତାଙ୍କର ଏକ ଆଖି ନଷ୍ଟ ହୋଇଯାଇଥିବାବେଳେ ଗୋଟିଏ ହାତ ମଧ୍ୟ ଅଚଳ ହୋଇଯାଇଛି।




# କର୍ନାଟକ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

**ସିବିଆଇକୁ ତଦନ୍ତ ଅନୁମତି ନ ଦେବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ**

ନୂଆଦିଲ୍ଲୀ,୮।୧୧(ପି.ଟି.)

କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ ପାଇଁ ସିବିଆଇଠାରୁ ରାଜ୍ୟ ସରକାର ଅନୁମତି ପ୍ରତ୍ୟାହାର କରିନେଇଥିଲେ। ସିବିଆଇ ଏହାକୁ ଚ୍ୟାଲେଞ୍ଜ କରିଥିବାବେଳେ ସୁପ୍ରିମକୋର୍ଟ ଏନେଇ କର୍ନାଟକ ସରକାର ଏବଂ ଶିବକୁମାରଙ୍କୁ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଶିବକୁମାରଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୧୯ରେ ତତ୍କାଳୀନ ଭାଜପା ସରକାର ସିବିଆଇ ତଦନ୍ତ ଅନୁମତି ଦେଇଥିବାବେଳେ ବର୍ତ୍ତମାନର ସରକାର ଗତବର୍ଷ ନଭେମ୍ବର ୨୩ରେ ଉକ୍ତ ଅନୁମତି ଫେରାଇ ନେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ଖାଇଗଲେ ସୁରକ୍ଷା କର୍ମୀ

**ସିଆଇଡି ତଦନ୍ତରୁ ଜଣାପଡ଼ିଲା**

ଶିମ୍‌ଲା,୮।୧୧



ସୁଖ୍‌ୱିନ୍ଦର ସିଂ ସୁକ୍ଖୁ



କଂଗ୍ରେସ ଶାସନାଧୀନ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖ୍‌ୱିନ୍ଦର ସିଂ ସୁକ୍ଖୁଙ୍କ ସିଙ୍ଗଡ଼ା ତାଙ୍କ ସୁରକ୍ଷା କର୍ମୀମାନେ ଖାଇଦେଇଥିବା କ୍ରାଇମ୍ ଇନ୍‌ଭେଷ୍ଟିଗେଶନ୍ ଡିପାର୍ଟମେଣ୍ଟ (ସିଆଇଡି) ତଦନ୍ତରୁ ଜଣାପଡ଼ିବା ପରେ ଶୁକ୍ରବାର ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାର ସିଆଇଡି ତଦନ୍ତ କରାଯାଇଥିବା ନେଇ ଜଣାପଡ଼ିବା ପରେ ସୁକ୍ଖୁ ସରକାରଙ୍କୁ ଭାଜପା ଟାର୍ଗେଟ କରିଛି। ଅନ୍ୟପକ୍ଷେ ସମୋସା ଉଭାନ ହୋଇଯିବା ନେଇ କୌଣସି ତଦନ୍ତ କରାଯାଇ ନ ଥିବା ସରକାର ଏବଂ ସିଆଇଡି ପକ୍ଷରୁ ସଫେଇ ଦିଆଯାଇଛି। ଅକ୍ଟୋବର ୨୧ରେ ଶିମ୍‌ଲାସ୍ଥିତ ହିମାଚଳ ପ୍ରଦେଶ ସିଆଇଡି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ସୁକ୍ଖୁ ଯାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚା' ଜଳଖିଆ ପାଇଁ ଅଧିକାରୀମାନେ ଏକତ୍ରିତ ହେଲେ। ସେଠାରେ କେହି ଜଣେ କହିଲେ, ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅଣାଯାଇଥିବା ସିଙ୍ଗଡ଼ା ପ୍ୟାକେଟ ହଜିଯାଇଛି। ବହୁ ଖୋଜାଖୋଜି ପରେ ମଧ୍ୟ ତାହା ନ ମିଳିବାରୁ ସିଆଇଡି ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା ଯେ, ମୁଖ୍ୟମନ୍ତ୍ରୀ ସେଠାରେ ପହଞ୍ଚିବା ପରେ ଇନ୍ସପେକ୍ଟର ପାହ୍ୟାର ଜଣେ ମହିଳା ଅଧିକାରୀ କେତୋଟି ଟିଫିନ୍ ପ୍ୟାକେଟ ପଠାଇଥିଲେ। ଜଣେ ଏସ୍ଆଇ ର୍‍ୟାଙ୍କ ଅଧିକାରୀଙ୍କ ଉପସ୍ଥିତିରେ ସେଗୁଡ଼ିକୁ ଖୋଲାଯାଇଥିଲା। ଉପରିସ୍ଥ ଅଧିକାରୀମାନଙ୍କୁ ନ ପଚାରି ସିଙ୍ଗଡ଼ାଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା କର୍ମୀମାନଙ୍କୁ ଖାଇବାକୁ ଦିଆଯାଇଥିଲା। ତେବେ ଏଭଳି ଏକ ଘଟଣାକୁ ନେଇ ସିଆଇଡି ତଦନ୍ତ କରାଯିବା କେତେ ଯୁକ୍ତିଯୁକ୍ତ ବୋଲି ବିରୋଧୀ ଭାଜପା ପ୍ରଶ୍ନ ଉଠାଇଛି। କଂଗ୍ରେସ କେବଳ ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗଡ଼ା ପାଇଁ ଚିନ୍ତିତ, ରାଜ୍ୟର ବିକାଶ ଲାଗି ନୁହେଁ ବୋଲି ସିଆଇଡି ତଦନ୍ତରୁ ବୁଝାପଡୁଥିବା ଭାଜପା ମୁଖପାତ୍ର ରଣଧୀର ଶର୍ମା ସମାଲୋଚନା କରିଛନ୍ତି। ଏହି ବିଷୟ ହିମାଚଳ ପ୍ରଦେଶର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ବିବାଦୀୟ ସ୍ଥିତି ଉପୁଜିବା ପରେ ସିଆଇଡି ମହାନିର୍ଦ୍ଦେଶକ ସଞ୍ଜୀବ ରଞ୍ଜନ ଓଝା କହିଛନ୍ତି, ଏହା ଉପରେ କୌଣସି ତଦନ୍ତ କରାଯାଇ ନାହିଁ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏପରି କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇ ନ ଥିବା ସ୍ପଷ୍ଟ କରିଛି। ମୁଖ୍ୟମନ୍ତ୍ରୀ ସୁକ୍ଖୁ କହିଛନ୍ତି, ଏହା ଏକ ସରକାର ବିରୋଧୀ କାର୍ଯ୍ୟ ଥିଲା। ଅଧିକାରୀମାନଙ୍କ ଅଭାବନୀୟ ବ୍ୟବହାରର ତଦନ୍ତ କରାଯାଇଥିଲା। କିନ୍ତୁ ଗଣମାଧ୍ୟମ ସମୋସାକୁ ନେଇ ନ୍ୟୁଜ୍ କରୁଛି। ଭାଜପା ଏହାକୁ ପ୍ରସଙ୍ଗ କରି ପିଲାଳିଆମୀ କରୁଛି।



ଭୁବନେଶ୍ୱର ଲୋକସେବା ଭବନଠାରେ ଶୁକ୍ରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ଓଡ଼ିଆ ଯୁବତୀଙ୍କୁ ବିବାହ ପାଇଁ ଧର୍ମ ପରିବର୍ତ୍ତନର ଚାପ

## ଲଭ୍ ଜିହାଦ୍ ଅଭିଯୋଗ: କଶ୍ମୀରୀ ଯୁବକ ଅଟକ

ଭୁବନେଶ୍ୱର,୮।୧୧
(ସତ୍ୟଜିତ୍ ରାଉତ/ପି.ଟି.)

ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ଲଭ୍ ଜିହାଦ୍‌ର ଜାଲରେ ଫସାଇ ଦେବାକୁ ଉଦ୍ୟମ କରି ଧରାପଡ଼ିଛନ୍ତି କଶ୍ମୀରର ଜନୈକ ମୁସଲମାନ ଯୁବକ। ସେ ହେଲେ ସମୀର ମନସୁର। ସମୀର ନିଜ ଧର୍ମ ଓ ସାଙ୍ଗିଆକୁ ଗୋପନ ରଖି ଯୁବତୀଙ୍କୁ ପ୍ରେମଜାଲରେ ଫଶାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ଧର୍ମ ପରିବର୍ତ୍ତନ କରିବାକୁ ଚାପ ପକାଇଥିଲେ। ଶାରୀରିକ ସମ୍ପର୍କର ଭିଡିଓକୁ ନେଇ ସମୀର ଯୁବତୀଙ୍କୁ ବ୍ଲାକମେଲ୍ କରିବା ସହ ତାଙ୍କୁ ସାଥିରେ ନେବାକୁ ଓଡ଼ିଶା ଆସୁଥିଲେ। ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ସମୀରଙ୍କୁ କଟକରୁ ଟ୍ରେନରେ କାବୁ କରି ଅଟକ ରଖିଛି। ସମୀର ନିଜକୁ ବିହାରର ହିନ୍ଦୁ ଏବଂ ସେ କଶ୍ମୀରରେ କାମ କରୁଛନ୍ତି ବୋଲି କହି ଯୁବତୀଙ୍କୁ ପ୍ରେମ ଫାନ୍ଦରେ ପକାଇଥିଲେ। ୨ ବର୍ଷ ପରେ ଗତ ମାର୍ଚ୍ଚରେ ସମୀର ମୁସଲମାନ ବୋଲି ଯୁବତୀଜଣକ ଜାଣିପାରି ତାଙ୍କ ସହ ସମ୍ପର୍କକୁ ବିରୋଧ କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ସମୀରଙ୍କ ଖେଳ। ବଳପୂର୍ବକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ତାହାର ଭିଡିଓ କରିନେଇଥିଲେ। ଭିଡିଓ କ୍ଲିପ୍‌କୁ ନେଇ ସମୀର ଧର୍ମ ପରିବର୍ତ୍ତନ ଓ ବିବାହ ଚାପ ଦେବା ସହ ଯୁବତୀଙ୍କ ବାପାମା'ଙ୍କଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରି ନେଇଛନ୍ତି। ବଦନାମ ଭୟରେ ଚୁପ୍ ରହିଥିବା ଯୁବତୀ ଜଣକ ସମୀରଙ୍କ ବ୍ଲାକ୍‌ମେଲ୍‌ରେ ଅତିଷ୍ଠ ହେବାରୁ ଶୁକ୍ରବାର ଭୁବନେଶ୍ୱର ମହିଳା ଥାନାରେ ଏତଲା ଦେଇଛନ୍ତି। ଘଟଣା ଜୁଲାଇ ୧ ପୂର୍ବରୁ ଘଟିଥିବାରୁ ପୋଲିସ ପୁରୁଣା ଆପରାଧିକ ଆଇନ ଅନୁଯାୟୀ ମାମଲା (ନଂ.୧୮୨/୨୦୨୪) ରୁଜୁ କରି ତଦନ୍ତ କରୁଛି। ଏଥିରେ ପୋଲିସ ଆଇପିସି ଦଫା ୩୭୬(୧), ୩୮୫, ୩୮୬, ୨୯୪, ୫୦୬ ସହ ଆଇଟି ଆକ୍ଟର ଦଫା ୬୬ (ଇ), ୬୭, ୬୭ (ଏ) ଲଗାଇଛି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ରେ ଫ୍ରି ଫାୟାର ଅନଲାଇନ୍ ଗେମ୍ ଜରିଆରେ ଯୁବତୀଙ୍କ ସହ ସମୀର ଯୋଗାଯୋଗରେ ଆସିଥିଲେ। ପରେ ଫୋନ୍ ନମ୍ବର ଦିଆନିଆ ହେବା ପରେ ଘଣ୍ଟା ଘଣ୍ଟା ଧରି କଥାବାର୍ତ୍ତା ହୋଇଥିଲେ। ଏହି ସମ୍ପର୍କ ପରେ ଆଗକୁ ବଢ଼ି ନିବିଡ଼ ହୋଇଥିଲା। ୨୦୨୪ ମାର୍ଚ୍ଚରେ ଯୁବତୀଙ୍କୁ ଦେଖା କରିବାକୁ ସମୀର ଓଡ଼ିଶା ଆସିଥିଲେ। ପରେ ଉଭୟ ପୁରୀ ଯାଇ ସମୟ ବିତାଇଥିଲେ। ଏହି ସମୟରେ ସମୀରଙ୍କ ପ୍ରକୃତ ପରିଚୟ ଜାଣିପାରି ତାଙ୍କୁ ବିରୋଧ କରିଥିଲେ। କିନ୍ତୁ ସମୀର କୌଶଳରେ ତାଙ୍କୁ ଏକ ହୋଟେଲ୍‌କୁ ନେଇ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ପାଟି କରିବାରୁ ସମୀର ତାଙ୍କୁ ମାଡ଼ ମାରିବା ସହ ଛୁରି ଦେଖାଇ ହତ୍ୟା ଧମକ ଦେଇଥିଲେ। ସମୀର ତାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିବା ସହ ଲୁଚାଇ ଭିଡିଓ ଶୁଟ୍ କରିଥିଲେ। ଧର୍ମ ପରିବର୍ତ୍ତନ କରି ତାଙ୍କୁ ବିବାହ ନ କଲେ ଏହି ଭିଡିଓକୁ ଭାଇରାଲ କରିଦେବାକୁ ସମୀର ଧମକ ଦେଇଥିଲେ। ପରେ ଯୁବତୀ ଜଣକ ହୋଟେଲରୁ ଖସିଆସି ପୁରୀରୁ ବସ୍ ଯୋଗେ ଘରକୁ ଫେରିଆସିଥିଲେ। ପରେ ଉକ୍ତ ଭିଡିଓକୁ ସମୀର ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ କରିଦେଇଥିଲେ। ଏତିକିରେ ସମୀର ଅଟକି ନ ଥିଲେ। ସେ ଉକ୍ତ ଭିଡିଓକୁ ପୀଡ଼ିତାଙ୍କ ବାପାଙ୍କ ପାଖକୁ ପଠାଇ ବ୍ଲାକମେଲ୍ କରିଥିଲେ। ଏନେଇ ଯୁବତୀ ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଟିମ୍ ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀ ପରୀକ୍ଷା କରାଇଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲିଥିବା ଜୋନ ଏସିପି ଶୁଭନାରାୟଣ ମୁଦୁଲି କହିଛନ୍ତି।

# ସ୍କୁଲ ସମୟରେ ବଜାରରୁ ଆଳୁ ବୋହିଲେ ଛାତ୍ର

## ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ଅନୁଗୋଳ,୮।୧୧(ଜ୍ୟୋତିରଞ୍ଜନ ସାହୁ)

ସ୍କୁଲରେ ପାଠପଢ଼ା ଚାଲିଥିବା ବେଳେ ୨ ଜଣ ଛାତ୍ର ସାଇକେଲ ନେଇ ବଜାର ଯିବା ସହ ମଧ୍ୟାହ୍ନଭୋଜନ ପାଇଁ ବସ୍ତାରେ ଆଳୁ କିଣି ଆଣିବା ଅନୁଗୋଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁଗୋଳ ଉତ୍ତରପଡା ନୋଡାଲ ବିଦ୍ୟାଳୟରେ ଶୁକ୍ରବାର ଘଟିଥିବା ଏହି ଘଟଣାକୁ ନେଇ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏପରି ଖବର ମିଳିବା ପରେ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ତୁରନ୍ତ ଉକ୍ତ ସ୍କୁଲକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।



ସାଇକେଲରେ ଆଳୁ ବସ୍ତା ଲଦି ୨ ଛାତ୍ର ବଜାରରୁ ସ୍କୁଲକୁ ଫେରୁଛନ୍ତି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୧୧ଟା ୪୦ରେ ସ୍କୁଲ ଚାଲିଥିବା ବେଳେ ୨ ଜଣ ଛାତ୍ର ଏକ ସାଇକେଲ ନେଇ ସ୍କୁଲରୁ ଏକ କିଲୋମିଟର ଦୂର ବଜାରକୁ ଯାଇଥିଲେ। ଏକ ଦୋକାନରେ ଠିଆ ହୋଇ ମୂଲଚାଲ କରିବା ପରେ ଆଳୁ ଓ ପିଆଜ କିଣି ବସ୍ତାରେ ପୂରାଇଥିଲେ। ପରେ ସେହି ବସ୍ତାକୁ ସାଇକେଲରେ ଲଦି ସ୍କୁଲ ଅଭିମୁଖେ ସାଇକେଲ ଗଡ଼ାଇ ଗଡ଼ାଇ ଆସିଥିଲେ। ବାଟରେ ଆଉ କେତୋଟି ଦୋକାନରେ ରହି କିଛି ସାମଗ୍ରୀ ମଧ୍ୟ କିଣିଥିଲେ। କିଛି ସମୟ ପରେ ଦୁଇ ଛାତ୍ର ବିଦ୍ୟାଳୟରେ ପହଞ୍ଚି ଆଳୁ ଓ ପିଆଜ ବସ୍ତାକୁ ରୋଷେଇ ଘରେ ରଖିଥିଲେ। କିଣାଯାଇଥିବା ଆଳୁ ଓ ପିଆଜ ମଧ୍ୟାହ୍ନ ଭୋଜନରେ ଲଗାଯାଇଥିଲା। ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ସରକାର ସିଧାସଳଖ ପ୍ରଧାନ ଶିକ୍ଷକଙ୍କ ପାଖକୁ ପଠାଉଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ବଜାରରୁ ରୋଷେଇ ସାମଗ୍ରୀ କିଣିବାର ନିୟମ ରହିଛି। କିନ୍ତୁ ଉତ୍ତରପଡା ନୋଡାଲ ବିଦ୍ୟାଳୟରେ ପାଠପଢ଼ା ଚାଲିଥିବା ସମୟରେ କିପରି ୨ ଛାତ୍ରଙ୍କୁ ବଜାରକୁ ପଠାଯାଇ ଆଳୁ, ପିଆଜ କିଣି ଅଣାଗଲା ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ପିଲାମାନେ ପାଠପଢ଼ିବାକୁ ଆସୁଥିବା ବେଳେ ସେମାନଙ୍କୁ କିପରି ବଜାରକୁ ପଠାଗଲା ଓ ଏହି ସମୟରେ ଦୁର୍ଘଟଣା ଘଟିଥିଲେ କିଏ ଦାୟୀ ରହିଥାନ୍ତେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ଦାବି କରିଛନ୍ତି। ଏ ନେଇ ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ପଟ୍ଟନାୟକ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର କୌଣସି କାର୍ଯ୍ୟରେ ଲଗାଯିବା କଥା ନୁହେଁ। ଘଟଣା ଦୃଷ୍ଟିକୁ ଆସିବା ପରେ ତୁରନ୍ତ ବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ତେବେ ଯୋଗାଯୋଗ ସମ୍ଭବ ନ ହେବାରୁ ଘଟଣା ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

# ୟୁଜି, ପିଜି, ବି.ଏଡ୍/ ଏମ୍.ଏଡ୍ ପାଠ୍ୟକ୍ରମର ବଳକା ସିଟ୍‌ରେ ହେବ ସ୍ପଟ୍ ଆଡ୍‌ମିଶନ

ଭୁବନେଶ୍ୱର,୮।୧୧
(ଅନୁରାଧା ମହାରଣା)

ଛାତ୍ରୀଛାତ୍ର, ଅଭିଭାବକ ତଥା ଶୈକ୍ଷିକ ସମାଜର ଆଗ୍ରହକ୍ରମେ ତଥା ଉଚ୍ଚଶିକ୍ଷା ବିଭାଗ ଅଧୀନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲିଥିବା ୭୮,୦୬୦ ସିଟ୍‌ରେ ସ୍ପଟ୍ ଆଡ୍‌ମିଶନ ହେବ। ସ୍ନାତକ (ୟୁଜି), ସ୍ନାତକୋତ୍ତର (ପିଜି) ଏବଂ ଦୁଇ ବର୍ଷିଆ ବି.ଏଡ୍/ ଏମ୍.ଏଡ୍ ପାଠ୍ୟକ୍ରମ ନିମନ୍ତେ ସାମ୍ସ ପୋର୍ଟାଲ ମାଧ୍ୟମରେ ଏହି ଆଡ୍‌ମିଶନ କରାଯିବ। ଆସନ୍ତା ୧୧ରୁ ୧୫ ତାରିଖ ମଧ୍ୟରେ ନାମଲେଖା ପାଇଁ ଆବେଦନ କରାଯିବ। ୧୯ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଓ ୨୧ ତାରିଖରେ ନାମଲେଖା ଅନୁଷ୍ଠିତ ହେବ। ତେବେ ପିଜି, ବି.ଏଡ୍/ ଏମ୍.ଏଡ୍ ପାଠ୍ୟକ୍ରମ ନିମନ୍ତେ ପ୍ରବେଶିକା ପରୀକ୍ଷା ଦେଇ ର୍ୟାଙ୍କ୍ ପାଇଥିବା ଛାତ୍ରୀଛାତ୍ର ଆବେଦନ କରିପାରିବେ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ରାଜ୍ୟର ମୋଟ ୧୦୫୮ କଲେଜରେ ୟୁଜି ପାଠ୍ୟକ୍ରମରେ ୨,୭୪,୩୪୩ ସିଟ୍ ରହିଥିବାବେଳେ ୨,୦୩୯୨୩ ସିଟ୍‌ରେ ନାମଲେଖା ହୋଇଛି ଓ ୭୦, ୪୨୦ ସିଟ୍ ଖାଲି ପଡ଼ିଛି। କଳା ବିଭାଗରେ ୨୭,୩୪୩ ସିଟ୍ ଖାଲି ରହିଥିବାବେଳେ ଫିଜିକାଲ୍ ସାଇନ୍ସରେ ୧୭,୨୬୧ ସିଟ୍, ବାୟୋଲୋଜିକାଲ ସାଇନ୍ସରେ ୬,୩୪୨ ସିଟ୍, ବାଣିଜ୍ୟରେ ୧୩,୯୫୨ ସିଟ୍, ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ୧,୯୩୬ ସିଟ୍ ଏବଂ ସଂସ୍କୃତରେ ୩,୫୮୨ ସିଟ୍‌ରେ ନାମଲେଖା ହୋଇନାହିଁ।

ସେହିପରି ପିଜି ପାଠ୍ୟକ୍ରମରେ ୧୧୬ଟି ଶିକ୍ଷାନୁଷ୍ଠାନରେ ୨୯୫୫୯ଟି ସିଟ୍ ରହିଥିବାବେଳେ ୨୧୯୭୫ଜଣ ପିଲା ନାମ ଲେଖାଇଛନ୍ତି ଏବଂ ୭,୫୮୪ ସିଟ୍ ଖାଲି ରହିଛି। ଦୁଇ ବର୍ଷିଆ ବିଏଡ୍/ ଏମ୍ଏଡ୍ /ବିଏଚ୍ଏଡ୍ ପାଠ୍ୟକ୍ରମ ଥିବା ୩୧ଟି ଶିକ୍ଷାନୁଷ୍ଠାନରେ ମୋଟ୍ ୨୭୫୦ଟି ସିଟ୍‌ରୁ ୨୬୯୪ ସିଟ୍ (ବି.ଏଡ୍ ୨୩୯୦, ଏମ୍.ଏଡ୍ ୧୨୫୧ ଏବଂ ବିଏଚ୍.ଏଡ୍ ୫୦ସିଟ୍)ରେ ନାମଲେଖା ହୋଇଛି ଏବଂ ୫୬ଟି ସିଟ୍ ଖାଲି ରହିଛି।

# ବସ୍ ଓଲଟି ଡ୍ରାଇଭର ମୃତ: ୨ ଗୁରୁତର

## ମଦ୍ୟପାନ କରି ବସ୍ ଚାଳନା ମହଙ୍ଗା ପଡ଼ିଲା
## ଦ୍ରୁତଗତିରେ ଆସି ରାସ୍ତାରେ ଓଲଟିପଡ଼ିଲା

ନୟାଗଡ଼/ନୂଆଗାଁ,୮।୧୧
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସୋରଡ଼ା ଲୁଣିସର ମଧ୍ୟବର୍ତ୍ତୀ ବୁଲାଣିରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଏକ ବସ୍ ଓଲଟି ପଡ଼ିଥିଲା। ମଦ୍ୟପାନ କରି ଗାଡ଼ିଚାଳନା କରିବା ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଡ୍ରାଇଭର କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଖଜୁରିପଡ଼ାର ବୀରେନ୍ଦ୍ର ସାହାଣୀ(୩୫)ଙ୍କର ମୃତ୍ୟୁ ହୋଇଛି। ସେହିପରି ବସ୍‌ରେ ଯାଉଥିବା ପ୍ରାୟ ୪୦ ଯାତ୍ରୀଙ୍କ ମଧ୍ୟରୁ ୨୫ ଜଣ ଆହତ ହୋଇଥିବାବେଳେ ରାଇକିଆ ଗାଁର ସୁଶୀଳା ନାୟକ(୩୫) ଓ ବିଜୁଳି ବେହେରା(୩୦) ଗୁରୁତର ହୋଇଛନ୍ତି। ଆହତଦ୍ୱୟଙ୍କୁ ଦଶପଲ୍ଲାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।




କନ୍ଧମାଳର ରାଇକିଆରୁ ରାମଦୂତ ନାମକ ଘରୋଇ ଯାତ୍ରୀବାହୀ ବସ୍(ନଂ.ଓଡି ୦୨ ୱାଇ ୮୧୯୯) ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ବସ୍‌ଟି ସୋରଡ଼ା ଲୁଣିସର ମଧ୍ୟବର୍ତ୍ତୀ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ବସ୍ ଭିତରେ ଚାପିହୋଇ ରହିଥିବା ଡ୍ରାଇଭରଙ୍କୁ ନୂଆଗାଁ ଦମକଳ କେନ୍ଦ୍ର କର୍ମଚାରୀ କିଛି ଅଂଶ କାଟି ଉଦ୍ଧାର କରିଥିଲେ। ପରେ ଡ୍ରାଇଭର ସମେତ ଆହତ ହେଲ୍‌ପର ଖଜୁରିପଡ଼ାର ସିଲୁ ସାହାଣୀ, ଆଡେଣୀର ବିଶ୍ୱମ୍ଭର ରଣା, ଲାଇନ୍‌ପଡ଼ାର ସୁଲୋଚନା ବେହେରା, ତୁଳସୀ ପ୍ରଧାନ, ମିନି ନାୟକ ପ୍ରମୁଖ ପ୍ରାୟ ୨୫ ଜଣଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପାଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡ୍ରାଇଭରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ କେତେଜଣ ଯାତ୍ରୀଙ୍କ ସୂଚନା ଅନୁସାରେ, ଡ୍ରାଇଭର ଏକ ଗାଁ ପାଖରେ ଗାଡ଼ି ଅଟକାଇ ମଦ୍ୟପାନ କରିଥିଲେ। ହେଲେ ଯାତ୍ରୀମାନେ ଭାବିଥିଲେ ମୃଦୁ ପାନୀୟ ପିଉଛନ୍ତି। କିନ୍ତୁ କିଛିବାଟ ପରେ ବସ୍‌ର ଗତି ଦ୍ରୁତ ହେବାରୁ ହେଲ୍‌ପର ଆସ୍ତେ ଆସ୍ତେ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ହେଲେ ଡ୍ରାଇଭର ହେଲ୍‌ପରଙ୍କ କଥା ଶୁଣି ନ ଥିଲେ। ଏପରିକି ବସ୍‌ର ଗତି ହ୍ରାସ କରିବାକୁ ମଧ୍ୟ କେତେଜଣ ଯାତ୍ରୀଙ୍କ ପରାମର୍ଶ ମଧ୍ୟ ଡ୍ରାଇଭର ଶୁଣି ନ ଥିଲେ। ଶେଷରେ ଦ୍ରୁତଗତି ଦୁର୍ଘଟଣାର ରୂପ ନେଇଥିଲା। ଏ ନେଇ ନୂଆଗାଁ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ବସ୍ ଦୁର୍ଘଟଣାର କାରଣ ଅନୁଧ୍ୟାନ କରାଯାଉଛି। ସେହିପରି ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରାଇଭର ବୀରେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ନେଇ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ାଙ୍କୁ ପଚାରିବାରେ ବସ୍‌ର ଇନ୍ସୁରାନ୍ସ, ଫିଟ୍‌ନେସ୍ ସବୁକିଛି ଠିକ୍‌ଠାକ୍ ଅଛି। ଟ୍ୟାକ୍ସ ଅକ୍ଟୋବର ୩୧ ସୁଦ୍ଧା ପଇଠ ହୋଇଛି। ଡ୍ରାଇଭର ମୃତ ହୋଇଥିବାରୁ ତାଙ୍କ ଲାଇସେନ୍ସ ଅଛି ନା ନାହିଁ ତାହା ଜଣାପଡ଼ିନି ବୋଲି ସେ କହିଛନ୍ତି।

# ମହିଳା ଆର୍‌ଆଇଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର

ଆନନ୍ଦପୁର/ରାମଚନ୍ଦ୍ରପୁର,୮।୧୧
(ସୁଶାନ୍ତ କୁମାର ସାହୁ/ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ କେଶଦୁରାପାଳର ମହିଳା ରାଜସ୍ୱ ନିରୀକ୍ଷକ ସବିତା ପଣ୍ଡିତଙ୍କୁ ଘସିପୁରା ତହସିଲଦାର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏପରିକି ଗାଳିଗୁଲଜ ମଧ୍ୟ କରିଥିବା ମହିଳା ଆର୍‌ଆଇ କହିଛନ୍ତି। ମାନସିକ ଚାପରେ ମହିଳା ଆରଆଇ ସଂଜ୍ଞାହୀନ ହୋଇ ଗୁରୁବାର ରାତିରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମହିଳା ଆରଆଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜାଣି ଶୁକ୍ରବାର ଆନନ୍ଦପୁର ଉପଜିଲାପାଳ ଫାଲ୍‌ଗୁନୀ ମାଝୀ ଉପଖଣ୍ଡ ଚିକିତ୍ସାଳୟକୁ ଆସି ତାଙ୍କ ସ୍ୱାସ୍ଥ୍ୟ ବସ୍ଥା ପଚାରି ବୁଝିଥିଲେ।



ଆର୍‌ଆଇଙ୍କ ବାପା ଚୈତନ୍ୟ ପଣ୍ଡିତଙ୍କ କହିବା ଅନୁଯାୟୀ, ଘସିପୁରା ତହସିଲଦାର ନୀଳକଣ୍ଠ ବେହେରା ପ୍ରାୟ ସମୟରେ ରାତି ୭ରୁ ୮ଟାରେ ରିପୋର୍ଟ ଧରି ଅଫିସ ଆସିବାକୁ କହିଥାନ୍ତି। ନ ଆସିଲେ ଚାକିରି ଛାଡ଼ିଦିଅ କହିବା ସହ ଗାଳିଗୁଲଜ କରିଥାନ୍ତି। ଛୋଟପିଲାଙ୍କୁ ଘରେ ଛାଡ଼ି ରାତିରେ ରିପୋର୍ଟ କରିକି ଆସିବା ସମ୍ଭବ କି ବୋଲି ପ୍ରଶ୍ନ କରିଛନ୍ତି। ଝିଅ ମାନସିକ ଚାପରେ ରହୁଥିବା ଏବଂ ଗୁରୁବାର ସମାନ ଘଟଣା ଘଟିବାରୁ ଏଭଳି ଅବସ୍ଥା ହୋଇଥିବା କହିଛନ୍ତି। ଆରଆଇଙ୍କ ଅଭିଯୋଗ ଅନୁଯାୟୀ, ଡ୍ୟୁଟି ଶେଷ କରି ୬ଟା ୩୦ରେ ଘରେ ପହଞ୍ଚିବା ପରେ ଘସିପୁରା ତହସିଲଦାର ଏକ ରିପୋର୍ଟ ଆଣି ଦେବାକୁ ଫୋନ ମାଧ୍ୟମରେ କହିଥିଲେ। ସେ ରିପୋର୍ଟ ଅଫିସରେ ଥିବା ପ୍ରକାଶ କରିବା ସହିତ ଏବେ ଘରକୁ ଆସିଲେ ପୁଣି ଅଫିସକୁ ଯିବା ସମ୍ଭବ ନୁହେଁ ବୋଲି କହିଥିଲେ। ତହସିଲଦାର ଫୋନ ଯୋଗେ ନାନା ଭାଷା ପ୍ରୟୋଗ କରି ତୁମର ଚାକିରି କରିବାର ଯୋଗ୍ୟତା ନାହିଁ, ତୁମ ନାମରେ ମୁଁ ରିପୋର୍ଟ କରିବି, ଇଚ୍ଛା ନାହିଁ ଯଦି ଚାକିରି ଛାଡ଼ିଦିଅ କହିବା ସହିତ ଦୁର୍ବ୍ୟବହାର କରିଥିଲେ। ଏଭଳି ଚାପ ପ୍ରଭାବରେ ସେ ସଂଜ୍ଞାହୀନ ହୋଇପଡ଼ିଥିବା ପ୍ରକାଶ କରିଛନ୍ତି। ଘଟଣାକୁ ଘସିପୁରା ତହସିଲଦାର ବେହେରା ଅସ୍ୱୀକାର କରିଛନ୍ତି। ମୋ କଥାର ଆୱାଜ ଟିକେ ବଡ ବୋଲି ସମସ୍ତଙ୍କୁ ଗାଳି ଦେବା ଭଳି ଲାଗୁଛି। ମୁଁ ପ୍ରକୃତରେ ଗାଳିଦେଇନି, ଖାଲି ରିପୋର୍ଟ ଆଣି ଦେବାକୁ କହିଥିଲି। ନ ହେଲେ ବି ହ୍ୱାଟ୍‌ସଆପ୍‌ରେ ପଠାଇବାକୁ କହିଥିଲି। ଉପଜିଲାପାଳ ମାଝୀ କହିଛନ୍ତି, ଘଟଣାର ତଦନ୍ତ କରାଯାଇ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟ ଯୁବ ସାହିତ୍ୟ ପର୍ବ-୨୦୨୪, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସ୍ୱଚ୍ଛସାଥି ମହାସଭାର ସାଧାରଣ ବୈଠକ, ସ୍ଥାନ: ଦୃଷ୍ଟିହୀନ ସଂଘ କାର୍ଯ୍ୟାଳୟ, ରାମମନ୍ଦିର ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ୩୯ତମ କେମିକାଲ ଇଞ୍ଜିନିୟର୍ସ ଜାତୀୟ ସମ୍ମିଳନୀ ଓ ଆଲୋଚନାଚକ୍ର, ସ୍ଥାନ: ଦ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ ଅଡିଟୋରିମ ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ମହୋତ୍ସବ, ସ୍ଥାନ: କସ୍ତୁରବା ପଡ଼ିଆ, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା।
- ଆଦିଗୁରୁ ପଙ୍କଜ ଚରଣ ଦାସ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ:ସନ୍ଧ୍ୟା ୬ଟା ୩୦।

## କଟକ

- ସପ୍ତମ ବାର୍ଷିକ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଉତ୍ସବ ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳପଡ଼ିଆ, ସମୟ: ସକାଳ ୮ଟା।
- ଦୁଇ ଦିବସୀୟ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଜେମାଦେଇପୁର ନୂଆପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିଗିରିଆ, ସମୟ: ସକାଳ ୯ଟା।
- ବିଜ୍ଞାନ ମେଳା, ସ୍ଥାନ: ଚୌଦ୍ୱାର ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।।
- ଆଇଏପିର ୪୪ତମ ପ୍ରାଦେଶିକ ସମ୍ମିଳନୀ ଓଡ଼ିଶା ପେଡିକନ-୨୦୨୪, ସ୍ଥାନ- ଏସ୍‌ସିବି ନୂତନ ଅଡିଟୋରିୟମ, ସମୟ: ଅପରାହ୍ନ ୧୨ଟା ୩୦।
- ସିପିଆଇ(ଏମ୍) କଟକ ଜିଲାର ୧୬ତମ ସମ୍ମିଳନୀ, ସ୍ଥାନ: ଟାଙ୍ଗୀ ଭଟିମୁଣ୍ଡା ମଧୁସେତୁ ନିକଟ, ସମୟ: ଅପରାହ୍ନ ୨ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ରାଜ୍ୟସ୍ତରୀୟ ଗୋ ନବରାତ୍ର ମହୋତ୍ସବ, ସ୍ଥାନ: ହରିହରାନନ୍ଦ ଗୁରୁକୁଳ ଆଶ୍ରମ, ବାଲିଘାଇ, ପୁରୀ, ସମୟ: ସକାଳ ୬ଟା।
- ବାବା ବରାଳ ବାଲୁଙ୍କେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ କ୍ଷୀରସାଗର ମେଳା, ସ୍ଥାନ: ଅରିଷଣ୍ଡ ଗ୍ରାମ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଦଶ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମର ୬ଷ୍ଠ ଦିବସ, ସ୍ଥାନ- ଗୋଲେଇ ଛକ, ବିଷ୍ଣୁପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଗୋଶାଳା ଉଦ୍‌ଘାଟନ, ଗୋପାଷ୍ଟମୀ ଉତ୍ସବ, ସ୍ଥାନ: ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟ, ଖୋର୍ଦ୍ଧା, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଏମ୍‌ପିଙ୍କ ଜନ୍ମଦିନ ଅବସରରେ ଗୋ-ପୂଜନ, ସ୍ଥାନ: ଇସ୍କନ ମନ୍ଦିର, ଜଳେଶ୍ୱର, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବୁଲାନ୍ସ ଉଦ୍‌ଘାଟନ, ସମୟ: ପୂର୍ବାହ୍ନ ୧୧ଟା।
- ଦରିଦ୍ର ନାରାୟଣ ସେବା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସାଧାରଣ ସଭା, ସ୍ଥାନ: ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ନୂଆବଜାର, ଜଳେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ ନେତୃତ୍ୱ ବିକାଶ ଶିବିର ଦ୍ୱିତୀୟ ଦିବସ, ସ୍ଥାନ: ଗୋପାଳପୁର ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୧୫ତମ ବାର୍ଷିକ ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଦୁଇଟି କବିତା ଗ୍ରନ୍ଥ ଉନ୍ମୋଚନ ଉତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୧୯ତମ ପ୍ରତିଷ୍ଠା ଦିବସ ଓ ୭ମ ନାୟିକା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୪ ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- କାଳୀପୂଜା ଭସାଣି ଉତ୍ସବ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜା ଭସାଣି, ସ୍ଥାନ: ରାଜଘାଟ ଛକ, ଭଦ୍ରକ, ସମୟ: ସକାଳ ୬ଟା।
- କାର୍‌ମେଲ ସ୍କୁଲ ବାର୍ଷିକୋତ୍ସବ, ସ୍ଥାନ: ହଳଦୀଡିହ ବାଇପାସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ରହଣିଆ ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଛୟାଳସିଂହ ଖଗେଶ୍ୱର ମହାଦେବ ପୀଠସ୍ଥଳ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶ୍ରୀ ଦୁର୍ଗାଙ୍କ ମନ୍ଦିରରେ ଅନୁକଳ୍ପ ଅଷ୍ଟମୀ ପୂଜା, ସ୍ଥାନ: ଡ଼ୁଆଁର, ହାଟଡ଼ିହୀ, ସମୟ : ପ୍ରାତଃ ୫ ଟା ୩୦।
- ଶ୍ରୀ ଶନିଗ୍ରହ ମନ୍ଦିରରେ ମେଳା, ପୂଜା, ହୋମ, ଭଜନ, କୀର୍ତ୍ତନ, ସ୍ଥାନ: ବଣିଆପଙ୍କ, ଛେନାପଦୀ, ମୋଟରାଗଡିଆ, ହାଟଡ଼ିହୀ, ସମୟ : ସକାଳ ୭ ଏବଂ ସନ୍ଧ୍ୟା ୬ ଟା।
- ବିଭିନ୍ନ ମନ୍ଦିର ଏବଂ ଗୋଶାଳାରେ ଗୋଷ୍ଠାଷ୍ଟମୀ ପାଳନ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ସୂର୍ଯ୍ୟପୂଜା, ଗୋପୂଜନ.ଗାୟତ୍ରୀ ଓ ଗୀତା ଯଜ୍ଞ, ସ୍ଥାନ: ଭାଲୁପାହାଡ଼ି, ଅଙ୍କୁରା, କରଞ୍ଜିଆ, ସମୟ: ସକାଳ ୮ଟା।
- ବିଦ୍ୟାଳୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ:କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ସକାଳ ୯ଟା।
- ମହାବିଦ୍ୟାଳୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ:କୁମାର୍ସ କ୍ଲବ, ଭଞ୍ଜପୁର, ବାରିପଦା, ସମୟ: ସକାଳ ୯ଟା।
- ବାଣିଜ୍ୟ ବିଭାଗ ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ:ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ,ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ଦନ୍ତ ଚିକିତ୍ସା ଶିବିର,ସ୍ଥାନ: ଆମ୍ବ ମାର୍କେଟ ନିକଟ ଶିବାନନ୍ଦ ନଗର,ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ଓ ଅପରାହ୍ନ୧ଟା।

## ଗଞ୍ଜାମ

- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡା ଆଇଆର୍‌ବି ବାଟାଲିୟନ, ସମୟ: ସକାଳ ୮ଟା।
- ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ,ସ୍ଥାନ: ବୁଗୁଡା କଦମ୍ବ ମଠ,ସମୟ: ସନ୍ଧ୍ୟା ୭ଟା।

## ଢେଙ୍କାନାଳ

- ଭୂମିକା ନାଟ୍ୟ ସଂସ୍ଥା ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ଦିବସ, ସ୍ଥାନ: କଳ୍ପନା କ୍ଲବ କାମାକ୍ଷାନଗର, ସମୟ: ସନ୍ଧ୍ୟା୬ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ଜଗନ୍ନାଥ ଲଳିତକଳା ସଂସଦ ସାଂସ୍କୃତିକ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ନାଟକ 'ହରି ବୋଲ', ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଦ୍ମଚରଣ ନାୟକଙ୍କ ବାର୍ଷିକ ଶ୍ରାଦ୍ଧୋତ୍ସବ, ସ୍ଥାନ: ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା
- ରକ୍ତଦାନ ଶିବିର, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ଗରାପୁର, କେନ୍ଦ୍ରାପଡ଼ା ସମୟ: ସକାଳ ୯ଟା।

## ଯାଜପୁର

- ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଧର୍ମଶାଳା ବ୍ଲକର ମଧୁସୁଦନପୁର ପଞ୍ଚାୟତ, ସମୟ: ସକାଳ ୮ଟା।

## ନୟାଗଡ଼

- ନ୍ୟାଶନାଲ ଲିଗାଲ ଡେ ଅବସରରେ ଶୋଭାଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜିଲା ଜଜ୍ କୋର୍ଟ ନୟାଗଡ଼, ସମୟ: ସକାଳ ୮ଟା୩୦।
- ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହେନ୍ଦ୍ର ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ, ସମୟ: ସକାଳ ୯ଟା।
- ନୟାଗଡ଼ ନିର୍ବାଚନମଣ୍ଡଳୀ ନୟାଗଡ଼ ମ୍ୟୁନିସିପାଲିଟି ଓ ନୟାଗଡ଼ ବ୍ଲକ ବିଜେଡିର ଜନସମ୍ପର୍କ ପଦଯାତ୍ରା, ସ୍ଥାନ: ନୟାଗଡ଼ ଖେଳପଡ଼ିଆଠାରୁ ଶାଳଭଞ୍ଜ ତୋଟା, ସମୟ: ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ ଲିଗାଲ ଡେ ଅବସରରେ ସଚେତନତା କ୍ୟାମ୍ପ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୯ ରାଜ୍ୟ ଖଣ୍ଡାୟତ ମହାନାୟକ ମହାସଭା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ, ସମୟ: ମଧ୍ୟାହ୍ନ ୧ଟା।
- ଗୋଷ୍ଠାଷ୍ଟମୀ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ରାଧାମୋହନ ଜୀଉ ମଠ, ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ରାଲି, ସ୍ଥାନ: ରାୟଗଡା, ସମୟ: ସକାଳ ୮ ଟା ।
- ଜାତୀୟ ଆଇନ ସେବା ଦିବସ ପାଳନ, ସ୍ଥାନ: କୁର୍ଲି ଗ୍ରାମ, ବିଷମ କଟକ, ସମୟ: ପୂର୍ବାହ୍ନ ୧୦ ଟା ।

## ନବରଙ୍ଗପୁର

- ଆହାର କେନ୍ଦ୍ର ରୋଷେଇ ଶାଳା ଓ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟନ, ସ୍ଥାନ: କୋଷାଗୁମୁଡ଼ା, ସମୟ: ଅପରାହ୍ନ ୨ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବାଲିବନ୍ଧା ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୯ଟା।
- ସମ୍ପର୍କ ଫାଉଣ୍ଡେସନର ବାର୍ଷିକ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ପଟ୍ଟନାୟକଙ୍କ ଜୟନ୍ତୀ ସଭା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଡାକ୍ତର ଦୀନବନ୍ଧୁ ସାହୁଙ୍କ ଫାଇନ ଆର୍ଟ ଏକକ ପ୍ରଦର୍ଶନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୌରିଶଙ୍କର ପାର୍କସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୩ଟା।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ସିକେ ନାଏଡୁ ଟ୍ରଫି ଓଡ଼ିଶା-କର୍ନାଟକ କ୍ରିକେଟ୍ ମ୍ୟାଚର ଦ୍ୱିତୀୟ ଦିବସ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।
- ମାସିକ ରଚନା ସନ୍ଧ୍ୟାର ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦ ।

## ସୁବର୍ଣ୍ଣପୁର

- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ଶୁଭାରମ୍ଭ, ସ୍ଥାନ: ସୋନପୁର ଭଗବତୀ ପ୍ଲଟସ୍ଥିତ ଅଗ୍ରସେନ ଭବନ, ସମୟ: ସକାଳ ୭ଟା ୩୦।
- ମାସ ବ୍ୟାପି ଅଖଣ୍ଡ ନାମଯଜ୍ଞର ତେଇଶିତମ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ୭ମ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପଠନ, ସ୍ଥାନ: ତିକୁଡା ରାମମନ୍ଦିର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ ଓ ବୈଠକ, ସ୍ଥାନ: ଅମରପାଲି ହାଇସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଗୋପାଷ୍ଟମୀ ପୂଜା, ସ୍ଥାନ: ଗୋପାଳ ଗୋଶାଳା, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଶାସ୍ତ୍ରୀଜୀ ପଡ଼ା କଲ୍ୟାଣ ମଣ୍ଡପ, କୁମ୍ଭାରୀ, ବରପାଲି, ସମୟ: ଅପରାହ୍ନ ୩ଟା।

## ସୁନ୍ଦରଗଡ଼

- ୨୨ତମ ରାଜ୍ୟ ସ୍ତରୀୟ ସବ୍ ଜୁନିଅର ବାଳିକାବାଳକ ସିପକ ଟାକ୍ରୋ ପ୍ରତିଯୋଗିତା, ସ୍ଥାନ: ସୁନ୍ଦରଗଡ ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ,ସମୟ:ଅପରାହ୍ନ ୪ ଟା ।

## ରାଉରକେଲା

- ପାନପୋଷ ନିୟନ୍ତ୍ରିତ ବଜାର କମିଟି ନିର୍ବାଚନ ପାଇଁ ପ୍ରଶାସନିକ ବୈଠକ, ସ୍ଥାନ: ଉଦିତ ନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଆରଏସ୍ ଏସ୍ ଓ ବିଏମ୍‌ଏସ୍‌ର ପଥପ୍ରାନ୍ତ ସଭା, ସ୍ଥାନ: ଆମ୍ବାଗାନ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା'କାଳୀଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠସାହି ଛକ, ସମୟ: ପ୍ରାତଃ ୫ଟା।
- ମା'କାଳୀଙ୍କ ଦିବ୍ୟ ସନ୍ଧ୍ୟା ଆଳତି ଓ ପ୍ରସାଦ ସେବନ, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଞ୍ଚଳିକ ନୃତ୍ୟ, ବାରକୋଟ, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଳାହାଣ୍ଡି ପେକ୍ସ ପକ୍ଷରୁ ଡାକ ଟିକେଟ ପ୍ରଦର୍ଶନୀ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନବନିଯୁକ୍ତ କନିଷ୍ଠ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ସ୍ୱାଗତ ସମାରୋହ, ସ୍ଥାନ: ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, କର୍ଲାମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଭବାନୀପାଟଣା ବିକାଶ ଉଇଜ୍‌ଡମ ପାର୍କ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନୂଆପଡ଼ା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କରଡି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଚତୁର୍ଥ ଦିବସ, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା , ସମୟ: ସକାଳ ୮ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ ଚତୁର୍ଥ ଦିବସ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରିୟଜନମାନଙ୍କ ସାନ୍ନିଧ୍ୟ ସାଙ୍ଗକୁ ପାରିବାରିକ ସମ୍ପର୍କ ଅତୁଟ ରହିବ। ଦ୍ୱିଜା ନକ୍ଷତ୍ର ସକାଶେ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ହେତୁ ମାନସିକ ସ୍ତରରେ ସୁଖି ରହିପାରିବେ ନାହିଁ।

**ବୃଷ** କାମ ହାସଲ କ୍ଷେତ୍ରରେ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ରୋହିଣୀ ନକ୍ଷତ୍ର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ଯାତ୍ରା ସମୟରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମିଥୁନ** ଆଜି ବ୍ୟବସାୟ, ଯାତ୍ରା, ରାଜନୀତି, ସଭାସମିତି, ପ୍ରତିଯୋଗିତା ଓ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟରେ ସନ୍ତୋଷ ଲାଭ କରିବେ। ମୃଗଶିରା ନକ୍ଷତ୍ରର ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଆଲୋଚନା ସମୟରେ ବନ୍ଧୁଙ୍କ ଛୋଟିଆ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। କାମଟି ହାତକୁ ନେବା ପୂର୍ବରୁ ବିଚାର କରିବା ଭଲ ହେବ।

**କର୍କଟ** ଆତ୍ମୀୟମାନେ, କର୍ମକ୍ଷେତ୍ରରେ ସହକର୍ମୀ ବିରୁଦ୍ଧାଚରଣ କରିପାରନ୍ତି। ନିଜ ଚତୁଃପାର୍ଶ୍ୱସ୍ଥ ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ କାମକୁ ପ୍ରାଥମିକତା ଦେଇ ପ୍ରଶଂସିତ ହେବେ। ମାନସିକ ସ୍ଥିରତା ଅବ୍ୟାହତ ରଖିଲେ ଉପକାର ପାଇବେ। ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ସିଂହ** ଉତ୍ତରାଫାଲଗୁନୀ ନକ୍ଷତ୍ରର ପଡ଼ୋଶୀ, ଅଧସ୍ତନ କର୍ମଚାରୀ ଓ ବନ୍ଧୁଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ। ଅତୀତ ଘଟଣାବଳୀର ସମୀକ୍ଷା କରିବା ସହ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଆବଶ୍ୟକତା ପରିପ୍ରେକ୍ଷୀରେ ଗୁଡ଼ାଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବ୍ୟବସାୟିକ ଦିଗଟି ମନ୍ଦ ହେବନାହିଁ କିନ୍ତୁ ଋଣଗ୍ରସ୍ତ ହେବାକୁ ପଡ଼ିପାରେ।

**କନ୍ୟା** ଚିତ୍ରା ନକ୍ଷତ୍ରର ବିବାଦୀୟ ଚିନ୍ତା ଓ ବିଭିନ୍ନ ସମସ୍ୟା ମଧ୍ୟରେ ମୁଣ୍ଡ ଗରମ ରହିବ। ଟଙ୍କା, ପଇସାର ଅଭାବ ନ ଥିଲେ ମଧ୍ୟ କୌଣସି କାମ ମନଲାଖି ହେବନାହିଁ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କଲେ ସଫଳତା ପାଇବେ। ପୂର୍ବଶତ୍ରୁତାରୁ ମାନସିକ ବ୍ୟଥା ଅନୁଭବ କରିବେ ପୁନଶ୍ଚ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ।

**ତୁଳା** ପାରିବାରିକ କ୍ଷେତ୍ରରେ ଅପ୍ରିୟ ସତ୍ୟ କହି ହଲ୍‌ଚଲ୍ ସୃଷ୍ଟି କରିବେ। ବିଶାଖା ନକ୍ଷତ୍ର ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା ପାଇଁ ପ୍ରସ୍ତୁତ ହେବେ। ବାଣିଜ୍ୟ, ପରିବହନ, ଗବେଷଣା, ଅନୁସନ୍ଧାନ, ଚୁକ୍ତିପତ୍ର, ଆନୁଷ୍ଠାନିକ ଆଲୋଚନା କାମ ସକାଶେ ଦିନଟି ସ୍ମରଣୀୟ ରହିବ। ଅର୍ଥନୈତିକ କ୍ଷେତ୍ରରେ କିଛିଟା ସମସ୍ୟା ଭିତରେ ଚଳିବାକୁ ବାଧ୍ୟ ହେବେ।

**ବିଛା** ଯାହା ହୋଇପାରିନାହିଁ ଆଜିହିଁ ତାହା ସମ୍ପନ୍ନ ହେବା ପାଇଁ ମାର୍ଗ ପ୍ରଶସ୍ତ ରହିବ। ବିଶ୍ୱସ୍ତ ସୂତ୍ରରୁ ଆଶା କରୁଥିବା ଖବର ପାଇ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ସ୍ନାୟବିକ ଦୁର୍ବଳତା ଦେଖାଦେବା କାରଣରୁ ସାମାନ୍ୟ ଆଳସ୍ୟ ଅନୁଭବ କରିପାରନ୍ତି। ଅନୁରାଧା ନକ୍ଷତ୍ରର ସଭାସମିତିରେ ଆଲୋଚନା ଅସମାପ୍ତ ରହିପାରେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର ଆଜି କାର୍ଯ୍ୟ ହାସଲ ଜନିତ ଆତ୍ମତୃପ୍ତି ଅନୁଭବ କରିବେ। ନିକଟ ସମ୍ପର୍କୀୟ ମାନଙ୍କ ସହଯୋଗମୂଳକ ମନୋବୃତ୍ତି ଆପଣଙ୍କ ମନୋବଳ ବୃଦ୍ଧି କରିବ। ଆଜି ଆପଣ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ମଙ୍ଗଳଙ୍କ ଦୁର୍ବଳତା ପ୍ରଭାବରୁ ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ।

**ମକର** ଶ୍ରବଣା ନକ୍ଷତ୍ର ଅଟକି ରହିଯାଇଥିବା କାମ ସକାଶେ ବେଶି ଚିନ୍ତା କରିବେ। ବନ୍ଧୁମାନଙ୍କ ପରାମର୍ଶରେ ନୂତନ ଯୋଜନା ପାଇଁ ନିଷ୍ପତ୍ତି ନେଇ ପାରନ୍ତି। ପାଖ ପଡ଼ୋଶୀଙ୍କ ଛଳନା ଓ ପ୍ରତାରଣାପୂର୍ଣ୍ଣ କଥାକୁ ଭାବିଚିନ୍ତି କରିବା ଭଲ ହେବ। ସାମାନ୍ୟ କଥାରେ ସ୍ତ୍ରୀଙ୍କ ସହ ଯୁକ୍ତିତର୍କଜନିତ ମତ ପାର୍ଥକ୍ୟ ଦେଖାଦେଇପାରେ।

**କୁମ୍ଭ** ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସହ ସବୁ ସମୟରେ ପାଖରେ ରହୁଥିବା ବ୍ୟକ୍ତିଙ୍କ ଅନୁପସ୍ଥିତି ମନକୁ ଚିନ୍ତାଶୀଳ କରିବ। ସ୍ୱାଧୀନ ଭାବେ କାର୍ଯ୍ୟ କରିବାରେ ସୁଯୋଗ ପାଇବେ। ଅର୍ଥପ୍ରାପ୍ତି, ନିର୍ମାଣ, ଶେୟାର ବଜାର, ଜମିଜମା , ସାମ୍ବାଦିକତାରେ ପ୍ରଂଶସିତହେବେ। ପୂର୍ବଭାଦ୍ର ନକ୍ଷତ୍ର ପରିବାର ସଦସ୍ୟଙ୍କ ସହମତିରେ କାମ କରିବା ଭଲ।

**ମୀନ** ପୁରାତନ ରୋଗପୀଡ଼ା ଜନିତ ସମସ୍ୟା ସାଙ୍ଗକୁ ପାରିବାରିକ ଅବ୍ୟବସ୍ଥା ଜନିତ ମନ ଅଶାନ୍ତ ରହିବ। ରେବତୀ ମନ୍ଦ ଉଦ୍ଦେଶ୍ୟରେ କରିଥିବା ବନ୍ଧୁଙ୍କ ମିଥ୍ୟାଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ଅର୍ଥ ଲାଭ, ସଙ୍ଗୀତ ଚର୍ଚ୍ଚା, ଆନୁଷ୍ଠାନିକ କାମ, ବ୍ୟବସାୟ, ପରିବହନ ପାଇଁ ଅସୁବିଧା ହେବନାହିଁ। ନୂତନ ସ୍ଥାନ ପରିଦର୍ଶନ ସହ ଆତ୍ମୀୟଙ୍କ ମିଳନରୁ ଖୁସି ରହିବ।

ଆଜି ନଭେମ୍ବର ୯ ତାରିଖ, ଜାତୀୟ ଆଇନସେବା ଦିବସ, କାର୍ତ୍ତିକ ଶୁକ୍ଳପକ୍ଷର ଗୋଷ୍ଠାଷ୍ଟମୀ, ଶନିବାର, ଜଗମୋହନ ଭୋଗ, ରାଶିନକ୍ଷତ୍ର-ଦିବା ଘ.୧୧।୪୬ ଗତେ ଧନିଷ୍ଠା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୨୪ ଗତେ ଘ.୦୮।୪୩. ମଧ୍ୟେ, ଘ.୧୧।୫୨ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୩ ଗତେ ଘ. ୧୦।୦୬ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୧୦୦ କୋଟି ଶିଶୁ ...


ଦଣ୍ଡ ପାଉଛନ୍ତି। ସେହିପରି ପ୍ରତି ୫ ଝିଅଙ୍କ ମଧ୍ୟରୁ ଜଣେ ଏବଂ ୭ ପୁଅଙ୍କ ମଧ୍ୟରୁ ଜଣେ ଯୌନ ହିଂସାର ଶିକାର ହେଉଛନ୍ତି। ୨୫ରୁ ୫୦ ପ୍ରତିଶତ ପିଲା ଠକେଇର ଶିକାର ହେଉଛନ୍ତି। ଏଭଳି ହିଂସା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ନକାରାତ୍ମକ ପ୍ରଭାବ ପକାଉଛି। ଗବେଷଣାରୁ ଆହୁରି ଜଣାପଡ଼ିଛି, ଦେଶଗୁଡ଼ିକ ଉପଯୁକ୍ତ ରଣନୀତି ଆପଣାଇ ତାକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ କଲେ ପିଲାଙ୍କ ବିରୋଧରେ ହିଂସାକୁ ୨୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଏଡ଼ାଯାଇପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଜାରି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ଛାତ୍ରାବାସରୁ ୪ର୍ଥଶ୍ରେଣୀ ...

ମୃତଦେହ ବାହାର କରି ଖଟ ଉପରେ ରଖିଥିବା ଦେଖିବାକୁ ପାଇଥିଲା। ଖବର ଲେଖାଯିବା ବେଳକୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ପୋଲିସ ପହଞ୍ଚିବା ଆଗରୁ ସ୍କୁଲ କର୍ତ୍ତୃପକ୍ଷ କାହିଁକି ତରବରିଆ ଭାବେ ଝୁଲନ୍ତା ମୃତଦେହକୁ ଓହ୍ଲାଇ ଦେଇଥିଲେ ତାହା ତଦନ୍ତ ସାପେକ୍ଷ। ଖଗେଶ୍ୱରଙ୍କ ପିତା କୁନା କହିଛନ୍ତି, ତାଙ୍କ ପୁଅ ଘରେ ଦଶହରା ଓ ଦୀପାବଳି ପର୍ବ ଖୁସିର ସହ ପାଳନ କରି ଛୁଟି ଅବଧି ପରେ ସ୍କୁଲକୁ ଫେରିଥିଲେ। ଅନ୍ୟପଟେ ଖଗେଶ୍ୱର ସ୍କୁଲରେ ନ ରହି ଘରକୁ ଫେରିଯିବାକୁ ଚାହୁଁଥିଲେ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ତେବେ ପୋଲିସର ତଦନ୍ତ ପରେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିବ ବୋଲି କୁହାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ଦାୟିତ୍ୱହୀନତା କାରଣରୁ ଖଗେଶ୍ୱରଙ୍କ ଜୀବନ ଚାଲିଯାଇଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଗତ ଦିନରେ ଜିଲାରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା କାରଣରୁ ପିଲାମାନେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କରିଥିବା ନଜିର ରହିଛି।

### ଏଠି ଆମେ ...

ଗ୍ରହଣ କରିଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ୨ ବର୍ଷିଆ କାର୍ଯ୍ୟକାଳ ଶେଷ ହୋଇଛି। ଏହି ଅବସରରେ ଚନ୍ଦ୍ରଚୂଡ଼ କହିଛନ୍ତି, ଆସନ୍ତା କାଲିଠାରୁ ସେ ଆଉ ରାୟ ଶୁଣାଇପାରିବେ ନାହିଁ। ନିଜ କ୍ୟାରିୟର ଭିତରେ ସେ ଯଦି କାହା ମନରେ କଷ୍ଟ ଦେଇଛନ୍ତି ତେବେ କ୍ଷମା କରିଦିଅନ୍ତୁ। ଏହା କହିବାବେଳେ ବିଦାୟୀ ସିଜେଆଇ ଜୈନଧର୍ମର ଆପ୍ତବାକ୍ୟ 'ମିଚ୍ଛାମି ଦୁଃଖମ୍'ର ଅବତାରଣା କରିଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି 'ମୋର ସମସ୍ତ ଭୁଲ୍ ପାଇଁ କ୍ଷମା କରାଯାଉ'। ନିଜ କ୍ୟାରିୟର ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଆହୁରି କହିଛନ୍ତି, ବିଚାରପତିମାନଙ୍କ ଭୂମିକା ତୀର୍ଥଯାତ୍ରୀଙ୍କ ଭଳି ହେବା ଉଚିତ। ବିଚାରପତିମାନେ ସବୁଦିନ ସେବା ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତା ପାଳନ କରିବା ଲାଗି କୋର୍ଟକୁ ଯିବା ଉଚିତ। ବିଚାରପତିଙ୍କ କାର୍ଯ୍ୟ ମାମଲାକୁ ଶେଷ କରିପାରେ କିମ୍ବା ନୂଆ ମାମଲାକୁ ସୃଷ୍ଟି କରିପାରେ। ଶୀର୍ଷ ଅଦାଲତର କୋର୍ଟରୁମ୍‌ରେ ବସି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିବା ପୂର୍ବ ବିଚାରପତିମାନଙ୍କୁ ସେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏଥିସହ ପରବର୍ତ୍ତୀ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ଜଣେ ସକ୍ଷମ ନେତା ଭାବେ ଅଭିହିତ କରି ତାଙ୍କୁ ସୁପ୍ରିମକୋର୍ଟ ପରିଚାଳନାର ଗୁରୁଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ଉତ୍ତରାଧିକାରୀ ଜଷ୍ଟିସ୍ ଖାନ୍ନା ନଭେମ୍ବର ୧୧ରେ ଭାରତର ୫୧ତମ ପ୍ରଧାନ ବିଚାରପତି ରୂପେ ଶପଥ ନେବେ।




## ସେଲ୍‌ଫି ପାଇଁ ଜୀବନ ଗଲା: ବୈତରଣୀରେ ବୁଡ଼ି ଛାତ୍ର ମୃତ

**ଠାକୁରମୁଣ୍ଡା, ୮।୧୧(ତାରାକାନ୍ତ ପଟ୍ଟନାୟକ)**

ବୈତରଣୀ ନଦୀର ସୁନାମୁନିଠାରେ ସେଲ୍‌ଫି ନେଲା ବେଳେ ପାଣିରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ମୟୂରଭଞ୍ଜ ଜିଲା କରଞ୍ଜିଆ ଏନ୍‌ଏସି ଅଧୀନ କରଡ଼ିହାର ରବି ଯାଦବଙ୍କ ପୁଅ ମନୋଜ (୧୪)। ସେ ସ୍ଥାନୀୟ ଏକ କନ୍‌ଭେଣ୍ଟ ସ୍କୁଲରେ ୮ମ ଶ୍ରେଣୀରେ ପଢୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ୬ଜଣ ସାଙ୍ଗଙ୍କ ସହ ମନୋଜ କେନ୍ଦୁଝର ଜିଲା ମନୋହରପୁର ପଞ୍ଚାୟତ ଅନ୍ତର୍ଗତ ବୈତରଣୀ ନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସୁନାମୁନି ବୁଲିବାକୁ ଆସିଥିଲେ। ସେଲ୍‌ଫି ଉଠାଇବା ପାଇଁ ମନୋଜ ନଦୀରେ ପଶିଥିଲା ବେଳେ ଜଳସ୍ରୋତରେ ଭାସିଯାଇଥିଲେ। ଖବରପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିଲରେ ଚାଷୀଙ୍କୁ ଦଳିଦେଲା ହାତୀ

**ବଣ୍ଠରପାଳ,୮।୧୧ (ସୁବାସ ସାହୁ)**

ପାଚିଲା ଧାନ ଫସଲକୁ ହାତୀ ମୁହଁରୁ ରକ୍ଷା କରିବାକୁ ନିଆଁ ହୁଳା ଧରି ବିଲକୁ ଯାଇଥିବା ଜଣେ ଚାଷୀଙ୍କୁ ଦଳି ମାରିଦେଇଛି ହାତୀ। ଅନୁଗୋଳ ଜିଲା ବଣ୍ଠରପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତ ନଳଚନ୍ଦ୍ରପୁରରେ ଶୁକ୍ରବାର ରାତିରେ ଘଟିଛି ଏହି ଅଭାବନୀୟ ଘଟଣା। ମୃତକ ହେଲେ ଚାଷୀ ପ୍ରଫୁଲ୍ଲ ସାହୁ (୬୦)। ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ଏକ ସାଇକେଲ ଟାୟାର ଜଳାଇ ବିଲକୁ ଯାଇଥିଲେ। ହେଲେ ହଠାତ୍ ସେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ପ୍ରଫୁଲ୍ଲଙ୍କୁ ଶୁଣ୍ଢରେ ଟେକି କଚାଡିଦେବା ସହ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକଙ୍କ ସହ ଗ୍ରାମବାସୀ ଘଟଣାସ୍ଥଳକୁ ଯିବା ସହ ବନବିଭାଗକୁ ଖବର ଦେଇଥିଲେ। ମୃତ ଚାଷୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଓ ଅଞ୍ଚଳରୁ ହାତୀଙ୍କୁ ଘଉଡାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଶାର ସବୁଜ ସ୍ୱର



ଆର୍ଯ୍ୟନ୍ ବ୍ରାହ୍ମିନ୍, ଆଥ୍‌ଲେଟ୍ (ହ୍ୟାଣ୍ଡବଲ)



କିରଣ ମନୀଷା ମହାନ୍ତି, ଚେସ୍ ଖେଳାଳି



ପ୍ରଗତି ଗୁରୁ, ଟେଲି ଅଭିନେତ୍ରୀ



ରୋଜାଲିନ୍ ପଟ୍ଟନାୟକ, ମଡେଲ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ବିଆଇଆଇଟିଏମ୍, ଭୁବନେଶ୍ୱର



ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର



ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ଅନ୍ୟାନ୍ୟ ଖବର

# ଓଡ଼ିଶା ପର୍ଯ୍ୟଟନରେ ପୁଞ୍ଜି ନିବେଶ ପାଇଁ ଲଣ୍ଡନରେ ପ୍ରବାସୀ ଭାରତୀୟଙ୍କୁ ଆମନ୍ତ୍ରଣ କଲେ ପ୍ରଭାତୀ



ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଯୋଗଦେଇଥିବା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର,୮।୧୧(ବନ୍ଦନା ସେଠୀ)

ଲଣ୍ଡନଠାରେ ଚାଲିଥିବା ୱାର୍ଲ୍ଡଟ୍ରାଭେଲ ମାର୍କେଟର ଅନ୍ତିମ ଦିବସରେ 'ଟୁରିଜମ୍ ଓଡେଶୀ: ଷ୍ଟ୍ରେଙ୍ଗ୍‌ଦେନିଂ ଟାଇସ୍ ୱିଥ୍ ଡାଇଆସ୍‌ପରା ଆଣ୍ଡ ଇଣ୍ଡଷ୍ଟ୍ରି ଲିଡର୍ସ' କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଥିଲେ। ଏହି ଅବସରରେ ସେ ବିଦେଶରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଭାଷାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ଏବଂ ପ୍ରସାରରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଓଡ଼ିଶା ପର୍ଯ୍ୟଟନରେ ପୁଞ୍ଜି ନିବେଶ ପାଇଁ ବିଶେଷକରି ପ୍ରବାସୀ ଭାରତୀୟଙ୍କୁ ଆମନ୍ତ୍ରଣ କରିଥିଲେ। ସେ କହିଲେ, ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ। ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନ କ୍ଷେତ୍ର ନିକଟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସାମର୍ଥ୍ୟ ରହିଛି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ସ୍ତମ୍ଭ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଅଧିବେଶନରେ ଓଡ଼ିଶା ସରକାରଙ୍କ ନିବେଶ ଅନୁକୂଳ ନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ତଥା ଅନ୍ତର୍ଜାତୀୟ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ଆଇନ ଏବଂ ବ୍ୟବସ୍ଥା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ପ୍ରବାସୀ ଭାରତୀୟ ଏବଂ ଶିଳ୍ପପତିଙ୍କ ପାଇଁ ପର୍ଯ୍ୟଟନର ବିକାଶ ତଥା ପ୍ରୋତ୍ସାହନରେ ଓଡ଼ିଶା ସହ ସହଯୋଗ କରିବାକୁ ଏକ ଖୋଲା ନିମନ୍ତ୍ରଣ ଭାବରେ କାର୍ଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହ ଓଡ଼ିଶା ପର୍ଯ୍ୟଟନର ବିକାଶ ଏବଂ ଓଡ଼ିଶାରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଏବଂ ସମ୍ଭାବ୍ୟ ନିବେଶକଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ ଆଲୋଚନା କରଯାଇଥିଲା। ଏଥିରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଅନୁପମ ଶାହାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୱାର୍ଲ୍ଡ ଟ୍ରାଭେଲ ମାର୍କେଟ

## ସୀମାନ୍ତରେ ଯବାନଙ୍କ ଗୁଳିରେ ୨ ମାଓବାଦୀ ନିହତ

ମାଲକାନଗିରି, ୮।୧୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ଅଧୀନ ଉସୁର, ବାସାଗୁଡା ଓ ପାମେଡ ଅଞ୍ଚଳକୁ ଲାଗି ରହିଥିବା ଜଙ୍ଗଲରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ଜାରି ରହିଥିବା ନେଇ ବସ୍ତର ଆଇଜି ସୁନ୍ଦର ରାଜ ପି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମାଓବାଦୀ ଦମନ ପାଇଁ ଡିଆର୍‌ଜି, ପୋଲିସ ଓ କୋବ୍ରା ବାଟାଲିୟନ ପକ୍ଷରୁ ମିଳିତ ଭାବେ ତଲାସି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ଯବାନଙ୍କୁ ଦେଖି ଗୁଳିଚାଳନା ଆରମ୍ଭ କରିଥିଲେ। ଏହାପରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି କୁହାଯାଇଛି।

# ଭିଜିଲାନ୍ସ ଜାଲରେ ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ

## କ୍ଲିଅରାନ୍ସ ସାର୍ଟିଫିକେଟ୍ ବାବଦକୁ ନେଉଥିଲେ ୪୦ ହଜାର ଲାଞ୍ଚ

ବୈପାରିଗୁଡ଼ା, ୮।୧୧
(କଳ୍ପତରୁ ମହାନ୍ତି)


ବିଶ୍ୱଜିତ୍ ଭୂୟାଁ


ଉତ୍ତମ ମହାଙ୍କୁଡ

ଜଣେ ଠିକା କର୍ମଚାରୀଙ୍କ ନିୟମିତ ହେବା ପାଇଁ ଆବଶ୍ୟକ କ୍ଲିଅରାନ୍ସ ସାର୍ଟିଫିକେଟ୍ ଦେବା ବାବଦକୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱଜିତ୍ ଭୂୟାଁ ଓ ଏମ୍ଏଚ୍‌ୟୁରେ କାର୍ଯ୍ୟରତ ଫାର୍ମାସିଷ୍ଟ ଉତ୍ତମ ମହାଙ୍କୁଡ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଜଣେ ମହିଳା ଠିକା କର୍ମଚାରୀଙ୍କୁ ନିୟମିତ କରିବାକୁ ନିର୍ଦ୍ଦେଶ ଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କ କ୍ଲିଅରାନ୍ସ ରିପୋର୍ଟ ଆବଶ୍ୟକ ପଡୁଥିବା ବେଳେ ଏ ବାବଦକୁ ୪୦ ହଜାର ଟଙ୍କା ସେ ଦାବି କରିଥିଲେ। ଏଥିରେ ଫାର୍ମାସିଷ୍ଟ ମହାଙ୍କୁଡ ମଧ୍ୟସ୍ଥତା କରିଥିଲେ। ଏ ନେଇ କର୍ମଚାରୀ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ଶୁକ୍ରବାର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏମ୍ଏଚ୍‌ୟୁ ଫାର୍ମାସିଷ୍ଟ ମହାଙ୍କୁଡ ଅଭିଯୋଗକାରୀଙ୍କଠାରୁ ଟଙ୍କା ନେଉଥିବା ବେଳେ ଚଢ଼ାଉକରି ଜବତ କରିଥିଲା। ଫାର୍ମାସିଷ୍ଟଙ୍କ ବୟାନକୁ ଆଧାରକରି ଡାକ୍ତର ବିଶ୍ୱଜିତ ଭୂୟାଁଙ୍କୁ ମଧ ଧରି ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ବିଭାଗର ଡିଏସ୍‌ପି ସଦାନନ୍ଦ ପାଣି,ଅଭୟ ପ୍ରଧାନ, ଜୟଶ୍ରୀ ପ୍ରଧାନ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ ଓ ଅନୁଭବ ଦାସ ପ୍ରମୁଖ ସାମିଲଥିଲେ।



ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ

# ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ୍ ଡେମି-ଅଫିସିଆଲ(ଡିଓ) ଚିଠି ପଠାଇବାର ଅନେକ ଦଶନ୍ଧିର ପୁରୁଣା ଅଭ୍ୟାସକୁ ଉଜାଗର କରିଛନ୍ତି। ବାବୁ ସାମ୍ରାଜ୍ୟର ଆଭ୍ୟନ୍ତରୀଣ କାର୍ଯ୍ୟ ସହ ଜଡ଼ିତ ଥିବା ଭାରତୀୟମାନେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମନେକରନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)କୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅପ୍‌ଡେଟ ରଖିବାକୁ ସଚିବମାନଙ୍କ ପାଇଁ ୧୯୬୪ ମସିହାରେ ଏକ ସ୍ୱଚ୍ଛ, ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା ରୂପେ ଏହା ଆରମ୍ଭ କରାଯାଇଥିଲା ଏବଂ ସମୟକ୍ରମେ ଅମଲାତାନ୍ତ୍ରିକ ପରମ୍ପରା ଭାବେ ରହିଆସିଛି। ବିଶେଷକରି ସଂକ୍ଷିପ୍ତ ଓ ବ୍ୟକ୍ତିଗତ ଟିପ୍ପଣୀର ଏହି ଚିଠିଗୁଡ଼ିକ ପ୍ରମୁଖ ବିଷୟଗୁଡ଼ିକୁ ସାମ୍ନାକୁ ଆଣିବା ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ଏବେ ସେଗୁଡ଼ିକ ଲମ୍ବା ଓ ଅନାବଶ୍ୟକ ସୂଚନା ସହ ବହୁତ ବଡ଼ ହୋଇଯାଇଛି। କୌଣସି ଦୂରଦୃଷ୍ଟି ନ ରହି ଚିଠିଗୁଡ଼ିକ କେବଳ ତଥ୍ୟର ସଂକଳନ ହୋଇଗଲା। ଫଳରେ ଯାହା ହାସଲ କରିବାକୁ ଚାହୁଁଥିଲେ ତାହାର ମହତ୍ତ୍ୱ ରହିଲା ନାହିଁ। ଏହାକୁ ଲକ୍ଷ୍ୟକରି ବଡ଼ ମାସିକ ରିପୋର୍ଟ ପ୍ରସ୍ତୁତ ନ କରିବାକୁ ସୋମନାଥନ୍ ତାଙ୍କ ସଦ୍ୟତମ ଚିଠିରେ କହିଛନ୍ତି। ଏହାସହ ଚିଠିର ଉଦ୍ଦେଶ୍ୟକୁ ଫେରିବାକୁ ସେ ସଚିବମାନଙ୍କୁ ଅନୁରୋଧ କରିଛନ୍ତି, ଯାହା ପ୍ରକୃତ ସଂକ୍ଷିପ୍ତ ତଥା ମହତ୍ତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ଉଦ୍ଦିଷ୍ଟ। ରିପୋର୍ଟ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ପୃଷ୍ଠା ହେବ ଏବଂ ଏହା ନୀତିରେ ଥିବା ବାଧା, ଗୁରୁତ୍ୱପୂର୍ଣ୍ଣ ବିଚାରାଧୀନ ପ୍ରସ୍ତାବ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧ୍ୟାନ ଦେଉଥିବ। କେବଳ ଲେଖା କମାଇବା ଉଦ୍ଦେଶ୍ୟ ନୁହେଁ ବରଂ ପ୍ରଭାବଶାଳୀ ଯୋଗାଯୋଗ ଏବଂ କାର୍ଯ୍ୟକ୍ଷମତା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଦେଖିବାକୁ ଗଲେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ଅଧିକ ପ୍ରତିକ୍ରିୟାଶୀଳ ଏବଂ ପ୍ରଭାବଶାଳୀ ଅମଲାତନ୍ତ୍ର ପାଇଁ ଉଦ୍ଦିଷ୍ଟ।

### ନିଜସ୍ୱ କ୍ୟାଡର ଦାବି

ଗୋଆ ପାଇଁ ନିଜର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍ଏସ୍ କ୍ୟାଡର ରହିବା ପାଇଁ ଗୋଆ ଫର୍‌ୱାର୍ଡ ପାର୍ଟି (ଜିଏଫ୍‌ପି) ଅଧ୍ୟକ୍ଷ ବିଜୟୀ ସର୍ଦେଶାଇ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ ବାହାରର ଅଧିକାରୀମାନଙ୍କ ତୁଳନାରେ ସ୍ଥାନୀୟ ଅଧିକାରୀମାନେ ଗୋଆର ଆବଶ୍ୟକତା, ସଂସ୍କୃତି ଏବଂ ଆହ୍ୱାନଗୁଡ଼ିକୁ ଭଲ ଭାବେ ବୁଝିଥାଆନ୍ତି। ସେମାନେ ରାଜ୍ୟର ବିକାଶରେ ଅଧିକ ଜଡ଼ିତ ହେବା ସହ ଲୋକଙ୍କ ସଙ୍ଗେ ମିଳିମିଶି ଅଧିକ କାମ କରନ୍ତି। ସର୍ଦେଶାଇ ଗୋଆର ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ଦେଇଥିବା ଚିଠିରେ ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଆଲୋଚନା କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଯେତେବେଳେ ଅଧିକାରୀମାନେ ସ୍ୱଳ୍ପ ସମୟ ପାଇଁ ଆସନ୍ତି, ସେମାନେ ଉପରଠାଉରିଆ ଭାବେ କାମ କରନ୍ତି । ସେମାନେ ଲୋକଙ୍କଠାରୁ ଦୂରେଇ ରହନ୍ତି। ଏଭଳି ବିଚ୍ଛିନ୍ନତା ଯୋଗୁ ବିଶ୍ୱାସର ଅଭାବ ଦେଖାଦିଏ। କେତେଜଣ ଅଧିକାରୀ ମଧ୍ୟ ଅହଂକାରୀ କିମ୍ବା ଉଦାସୀନ ଏବଂ ଅନ୍ୟମାନେ ବିଶେଷକରି ପୋଷ୍ଟିଂ ବିଷୟରେ ଚିନ୍ତିତ ରହିଥାନ୍ତି ଏବଂ ଗୋଆକୁ ଲାଭ ଦେବା ଭଳି ଦୃଢ଼ ନିଷ୍ପତ୍ତି ନେବାରୁ ବିରତ ରହନ୍ତି । ସର୍ଦେଶାଇଙ୍କ ଚିଠି ଆମକୁ ମନେପକାଇଦେଇଛି ଯେ ଗୋଆ ପୂର୍ବରୁ ନିଜସ୍ୱ କ୍ୟାଡର ସୃଷ୍ଟି କରିବାକୁ ଚେଷ୍ଟା କରିଛି, କିନ୍ତୁ ଫଳପ୍ରଦ ହୋଇନାହିଁ। ପୂର୍ବାପେକ୍ଷା ବର୍ତ୍ତମାନ ସମ୍ଭବତଃ ଏହାକୁ ପୁନଃ ଉପସ୍ଥାପନ କରିବାର ଉପଯୁକ୍ତ ସମୟ। ଏକ ଉତ୍ସର୍ଗୀକୃତ ଗୋଆ କ୍ୟାଡର ଶାସନକୁ ଶୃଙ୍ଖଳିତ କରିବା ସହ ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଅଧିକ ଶକ୍ତିଶାଳୀ ସମ୍ପର୍କ ସ୍ଥାପନ କରିପାରିବ ଏବଂ ନିଶ୍ଚିତ କରିପାରିବ ଯେ ଏହିପରି ଅଧିକାରୀମାନେ ରାଜ୍ୟ ତଥା ଏହାର ଲୋକଙ୍କ ପାଇଁ ପ୍ରକୃତରେ ଉତ୍ତରଦାୟୀ।

### ଅମଲାତାନ୍ତ୍ରିକ ତ୍ରୁଟି

ଅସାବଧାନତାରୁ ହେଉ କିମ୍ବା ଅଧିକ କାର୍ଯ୍ୟଭାର ଯୋଗୁ ଅନେକ ସମୟରେ ଅମଲାତାନ୍ତ୍ରିକ ତ୍ରୁଟିଗୁଡ଼ିକ ବାବୁମାନଙ୍କୁ କେବଳ ବ୍ୟକ୍ତିଗତଭାବେ ଲଜ୍ଜିତ କରେନାହିଁ, ବରଂ ସମଗ୍ର ବିଭାଗ ଏବଂ ସରକାରଙ୍କ ତ୍ରୁଟିକୁ ସାମ୍ନାକୁ ଆଣେ। ନିକଟରେ ହରିୟାଣାରେ ହୋଇଥିବା ତ୍ରୁଟି ଏହାର ଏକ ବଡ଼ ଉଦାହରଣ। ୩ ନଭେମ୍ବର ୨୦୨୪ର ଏକ ନିର୍ଦ୍ଦେଶକ୍ରମେ ଛରଖି ଦାଦ୍ରିର ଡେପୁଟି କମିଶନର ଭାବେ ୨ଜଣ ଆଇଏଏସ୍ ଅଧିକାରୀ ମୁନିଶ ଶର୍ମା ଏବଂ ଡ. ଜୟିନ୍ଦର ସିଂ ଛିଲ୍ଲାରଙ୍କୁ ନିଯୁକ୍ତ କରାଯାଇଥିଲା। କହିବାକୁ ଗଲେ ଗୋଟିଏ ଜିଲାରେ ୨ ଜଣ ମୁଖ୍ୟ। କେରଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ, ଯାହା ପୂର୍ବରୁ ଏହି ସ୍ତମ୍ଭରେ ରିପୋର୍ଟ କରାଯାଇଥିଲା। ସେହି ସମାନ ଦିନରେ ରାଜ୍ୟ ୨୦୦୫ ବ୍ୟାଚ୍ କେରଳ କ୍ୟାଡରର ଆଇଏଏସ୍ ଅଧିକାରୀ ପ୍ରଣବଜ୍ୟୋତି ନାଥଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ର ନାଲ୍‌କୋର ମୁଖ୍ୟ ଭିଜିଲାନ୍ସ ଅଫିସର ଭାବରେ ନିଯୁକ୍ତ କରିଥିଲେ। ସେହିଭଳି ୨୦୦୭ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇଏଏସ୍ ଅଧିକାରୀ ଅନିନ୍ଦିତା ମିତ୍ର ପଞ୍ଜାବ କ୍ୟାଡରକୁ ଫେରିବା ପରେ ଚଣ୍ଡିଗଡ଼ ମ୍ୟୁନିସିପାଲ କମିଶନର ଭାବେ ତାଙ୍କ ୩ବର୍ଷର କାର୍ଯ୍ୟକାଳ ଶେଷ ପରେ ଆଉ ୩ ମାସ ବୃଦ୍ଧି କରାଯିବାକୁ ପିଏସି ସ୍ୱୀକୃତି ଦେଇଥିଲେ ମଧ୍ୟ ସେଥିରେ ବ୍ୟତିକ୍ରମ ହୋଇଥିଲା। ବିଗତ ୬ ମାସରୁ ଅଧିକ ସମୟ ମଧ୍ୟରେ ଏଭଳି ପ୍ରଶାସନିକ ତ୍ରୁଟିର ଲମ୍ବା ତାଲିକା ଦର୍ଶାଉଛି ଯେ, ଅସାବଧାନତା ଏହା ପଛର ଏକ କାରଣ । ଏବେ ହୁଏତ କାର୍ଯ୍ୟଭାର କମାଇବାକୁ ହେବ କିମ୍ବା ସର୍ବସାଧାରଣରେ ଘୋଷଣା କରିବା ପୂର୍ବରୁ ଅତି କମ୍‌ରେ ୨ଥର ଯାଞ୍ଚ କରିବାକୁ ପଡ଼ିବ। ମଣିଷ ମାତ୍ରକେ ଭୁଲ୍ ଅଛି, କିନ୍ତୁ ବିଶ୍ୱାସ ବଜାୟ ରଖିବାକୁ ହେଲେ ତାହାକୁ କମ୍ କରିବାକୁ ହେବ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | 9 | | |
| | | | | | 1 | | | 5 |
| 2 | | | | 9 | | 4 | | |
| | | 9 | | | | | 4 | |
| | | | | | | | 2 | |
| | 1 | | 4 | | 5 | | | 7 |
| | | 5 | 7 | | | | | |
| | 9 | 2 | 1 | 8 | | | | 3 |
| | | 6 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 2 | 9 | 1 | 8 | 7 | 3 |
| 1 | 2 | 7 | 4 | 3 | 8 | 9 | 5 | 6 |
| 3 | 9 | 8 | 5 | 7 | 6 | 1 | 4 | 2 |
| 5 | 7 | 6 | 8 | 4 | 9 | 2 | 3 | 1 |
| 8 | 1 | 3 | 7 | 6 | 2 | 4 | 9 | 5 |
| 9 | 4 | 2 | 1 | 5 | 3 | 6 | 8 | 7 |
| 2 | 6 | 9 | 3 | 8 | 5 | 7 | 1 | 4 |
| 4 | 8 | 5 | 6 | 1 | 7 | 3 | 2 | 9 |
| 7 | 3 | 1 | 9 | 2 | 4 | 5 | 6 | 8 |

ଗତକାଲିର ଉତ୍ତର

# ରତନ ଟାଟାଙ୍କ ବ୍ୟକ୍ତିତ୍ୱ ଅନେକ ପିଢ଼ି ପାଇଁ ପ୍ରେରଣା



ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି। ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇ ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନ ପୁଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ରତନ ନାନା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ। ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ ନୂଆ ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସବୁଠୁ ଶ୍ରେଷ୍ଠ ଗୁଣ ଥିଲା। ଗତ କିଛିବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ। ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମାଠାରୁ ଆଗକୁ ବଢ଼ିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗଢ଼ିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି। ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି।

ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି, ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।

କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନ ଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି ଏବଂ ପ୍ରାଣୀଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ ପ୍ରତ୍ୟେକ ସମ୍ଭାବ୍ୟ ପ୍ରୟାସକୁ ସେ ସମର୍ଥନ କରିଥିଲେ । ସେ ପ୍ରାୟତଃ ତାଙ୍କ ପୋଷା କୁକୁରଙ୍କର ଫଟୋ ଶେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା।

କୋଟି କୋଟି ଭାରତୀୟଙ୍କ ପାଇଁ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ ହୋଟେଲ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ, ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବ୍ୟକ୍ତିଗତ ଦୃଷ୍ଟିକୋଣରୁ କହିବାକୁ ଗଲେ, ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ସେ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ, ମୁଁ ସ୍ପେନ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦ୍‌ଘାଟନ କରିଥିଲୁ । ଏହି ସ୍ଥାନରେ ହିଁ ପ୍ରଥମ ଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ । ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ । କହିବା ବାହୁଲ୍ୟ ଯେ ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ।

ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ରତନଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା।

ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ।

ଆଉ ଏକ ମହତ୍ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷକରି କର୍କଟବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେଅଛି, ଦୁଇବର୍ଷ ପୂର୍ବେ ଆସାମରେ ହୋଇଥିବା କାର୍ଯ୍ୟକ୍ରମ, ଯେଉଁଠାରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦ୍‌ଘାଟନ କରିଥିଲୁ । ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ, ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ଶସ୍ତା ଓ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବା। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ଯେତେବେଳେ ତାଙ୍କୁ ସ୍ମରଣ କରୁଛୁ, ତାଙ୍କ ପରିକଳ୍ପିତ ସମାଜ କଥା ଆମ ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# ପଦ ମର୍ଯ୍ୟାଦା



ଯଦୁମଣି ପାଣିଗ୍ରାହୀ

ଆଜିର ସମୟରେ ବିଭିନ୍ନ ପଦପଦବୀରେ ଆସୀନ ବ୍ୟକ୍ତିବିଶେଷ ସେହି ପଦର ମର୍ଯ୍ୟାଦା ରକ୍ଷା କରିବା ପ୍ରତି ଆଦୌ ସଚେତନ କିମ୍ବା ଯତ୍ନବାନ୍ ହେଉ ନ ଥିବା ଦେଖିବାକୁ ମିଳୁଛି। ଯାହାଫଳରେ ସେମାନେ ସାଧାରଣରେ ସମ୍ମାନ ହରାଇବା ସହିତ ସେମାନଙ୍କର ଅଜ୍ଞତା ଓ ଅପରିପକ୍ୱତାର ପରିଚୟ ଦେଉଛନ୍ତି। ପଦପଦବୀର ମର୍ଯ୍ୟାଦା ରକ୍ଷା କରିବାକୁ ହେଲେ ପ୍ରଥମେ ବ୍ୟକ୍ତି ଯେଉଁ ପଦବୀରେ ନିୟୋଜିତ ଅଛନ୍ତି, ସେଥିପ୍ରତି ସଚେତନ ଓ ସମର୍ପିତ ହେବାକୁ ପଡ଼ିବ। ସେହି ଅନୁସାରେ ସେମାନଙ୍କ ଭିତରେ ସେତିକି ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠା ସଦାସର୍ବଦା ଜାଗ୍ରତ ହୋଇ ରହିବ। ଆଉ ସେଥିପାଇଁ ଆପଣାର ସ୍ୱଭାବ ଓ ଆଚରଣକୁ ସେତିକି ମାର୍ଜିତ, ଶୃଙ୍ଖଳିତ ଓ ରୁଚିସମ୍ପନ୍ନ କରିବାକୁ ପଡ଼ିବ। ପରିବାରର ମୁରବି କି ଗାଁର ମୁଖିଆ ପଦ ମୁଣ୍ଡାଇଥିବା ବ୍ୟକ୍ତି ଧୈର୍ଯ୍ୟବାନ୍, ସ୍ୱାଭିମାନୀ, ସହନଶୀଳ ତଥା ଆତ୍ମସଂଯମୀ ନ ହେଲେ ଆପଣାର ସମ୍ମାନ ଓ ଗୁରୁତ୍ୱ ହରାଇ ବସିଥାନ୍ତି। ତେଣୁ ସବୁ ବ୍ୟକ୍ତିଙ୍କ ଲାଗି ସବୁ ପଦ ପଦବୀ ଯୋଗ୍ୟ କି ଶୋଭନୀୟ ହୋଇ ନ ଥାଏ। ଭାଗ୍ୟ ବଳରେ ହେଉ ଅଥବା ଶିକ୍ଷାଦୀକ୍ଷା, ପରିଶ୍ରମ ଓ ଅଧ୍ୟବସାୟ ବଳରେ ହେଉ ଆଜିକାଲି ଯେଉଁମାନେ ସରକାରୀ ଚାକିରି ଖଣ୍ଡେ ପାଇଗଲେ, ସେମାନଙ୍କର ବ୍ୟବହାର, ଚାଲିଚଳନ ଓ କଥାବାର୍ତ୍ତା ସବୁକିଛି ବଦଳି ଯାଉଛି। ସେମାନେ ସେମାନଙ୍କର ପଦ ପଦବୀର ମର୍ଯ୍ୟାଦାକୁ ପାଦରେ ଦଳିମକଚି ନଷ୍ଟ କରି ଦେଇ ବିଭିନ୍ନ ଦୁର୍ନୀତି ଓ ବେନିୟମ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ପଦପଦବୀ ଓ କ୍ଷମତାର ଅପବ୍ୟବହାର କରି ଅର୍ଥ ଉପାର୍ଜନ କରୁଛନ୍ତି। ସେହିପରି ଯେଉଁମାନେ ଆଉ ଟିକେ ଅଧିକ ଉଚ୍ଚ ପଦପଦବୀରେ ଆସୀନ ହେଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମଣିଷଙ୍କୁ ଆଉ ମଣିଷ ବୋଲି ବିବେଚନା କରୁ ନାହାନ୍ତି। ବିଡ଼ମ୍ବନା ହେଉଛି, ସାଧାରଣ ଲୋକଙ୍କ ସେବାରେ ଏମାନେ ନିୟୋଜିତ ଅଛନ୍ତି ଏବଂ ସେମାନଙ୍କ କର, ଖଜଣା ଅର୍ଥରେ ବେତନ ପାଉଛନ୍ତି । ଅଥଚ ଲୋକଙ୍କୁ ସେବା ଯୋଗାଇ ଦେବା ନାଁରେ ଏମାନେ ଶୋଷଣ, ପକ୍ଷପାତିତା ଓ ପ୍ରିୟାପ୍ରୀତିତୋଷଣ ନୀତିକୁ ଆପଣାଇ ଏମାନଙ୍କ ପଦପଦବୀର ମର୍ଯ୍ୟାଦା ହାନି ହେବା ଭଳି କାର୍ଯ୍ୟ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଏମାନଙ୍କୁ ଜେଲ, ଜରିମାନା ଦଣ୍ଡ ଭୋଗିବାକୁ ପଡୁଛି। ସାଧାରଣ ଶିକ୍ଷକଟିଏ ହୁଅନ୍ତୁ କି ବିଡିଓ, ତହସିଲଦାର, ଇଞ୍ଜିନିୟର, ଡାକ୍ତର ଓ ପୋଲିସ ବାବୁ ଆଦି ହୁଅନ୍ତୁ ଅଥବା ଜିଲାପାଳ, ଏସ୍‌ପିଙ୍କଠାରୁ ପୁଣି ସଚିବ ଓ ନିର୍ଦ୍ଦେଶକଙ୍କ ଭଳି ପଦପଦସ୍ଥ ପ୍ରଶାସନିକ ଅଧିକାରୀ ହୁଅନ୍ତୁ ସେମାନଙ୍କର ଏକ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦା ରହିଛି। ସେମାନଙ୍କଠାରୁ ଏ ସମାଜ ଓ ସାଧାରଣ ଲୋକେ ଅନେକ କିଛି ଆଶା ରଖିଥାନ୍ତି। ଏମାନଙ୍କ ଯୋଗ୍ୟତା, ଦକ୍ଷତା ଉପରେ ସମସ୍ତଙ୍କର ଆସ୍ଥା ଓ ବିଶ୍ୱାସ ରହିଥାଏ। ସେହିପରି ଏମାନଙ୍କ ସାଧୁତା, ସଚ୍ଚୋଟତା ଓ କର୍ତ୍ତବ୍ୟ ପରାୟଣତା ଉପରେ ଲୋକଙ୍କର ଭରସା ରହିଥାଏ। ଏପରିସ୍ଥଳେ ଏମାନେ ଯଦି ଏମାନଙ୍କର ପଦବୀର ମର୍ଯ୍ୟାଦାକୁ ଜଳାଞ୍ଜଳି ଦେଇ ଅସତ୍ ଓ ଅନ୍ୟାୟ ପଥରେ ପଥିକ ହୁଅନ୍ତି, ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟା ପ୍ରତି ଧ୍ୟାନ ନ ଦେଇ ସେମାନଙ୍କୁ ଶୋଷଣ କରିବାର ମସୁଧା କରନ୍ତି, ତେବେ ଏଥିଲାଗି ସେମାନଙ୍କୁ ସାମାଜିକ ସ୍ତରରେ କେବଳ ନିନ୍ଦା ଓ ଅପବାଦ ମୁଣ୍ଡାଇବାକୁ



ପଡ଼ିଥାଏ। ସାଧାରଣ ଲୋକେ ଏମାନଙ୍କ ଯୋଗ୍ୟତା ଓ ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଇବାକୁ ପଛାନ୍ତି ନାହିଁ।

ବର୍ତ୍ତମାନ ସମୟରେ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଆଚରଣ ଓ କାର୍ଯ୍ୟକଳାପକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ଆଲୋଚନା ହେଉଛି। ସାଧାରଣ ଭୋଟରଙ୍କ ଆଶୀର୍ବାଦରେ ଏମାନେ ପଦପଦବୀର ଅଧିକାରୀ ହେବା ପରେ ଲୋକଙ୍କ ସ୍ୱାର୍ଥ ଓ ସମସ୍ୟାକୁ ଭୁଲି କେବଳ ଆପଣାର ସ୍ୱାର୍ଥ ସାଧନରେ ଲାଗି ପଡୁଛନ୍ତି। ବିଭିନ୍ନ ସମୟରେ ଏମାନଙ୍କ ନାଁରେ ଭିନ୍ନ ଭିନ୍ନ ଅଭିଯୋଗ ଆସୁଛି। କେତେବେଳେ ଏମାନଙ୍କ ନାଁରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନାର ଅଭିଯୋଗ ହେଉଛି ତ କେତେବେଳେ ହତ୍ୟାକାଣ୍ଡରେ ଲିପ୍ତ ରହିବା ଭଳି ଅଭିଯୋଗ ଆଗତ ହେଉଛି। କେବେ ଏମାନେ ସିଧାସଳଖ ଭାବେ ବିଭିନ୍ନ ଆପରାଧିକ କାର୍ଯ୍ୟରେ ଜଡ଼ିତ ରହୁଛନ୍ତି ତ ଆଉ କେବେ ଅପରାଧ ମାନ ଘଟାଇବାକୁ ସମର୍ଥକମାନଙ୍କୁ ପ୍ରରୋଚିତ କରୁଥିବାର ଅଭିଯୋଗ ହେଉଛି। ଆଜିକାଲି ବିଧାନସଭା ଓ ସଂସଦ ଅଧିବେଶନ ଚାଲିଥିବା ବେଳେ ବିଧାୟକ ଏବଂ ସାଂସଦଙ୍କ ଆଚରଣ ଓ କାର୍ଯ୍ୟକଳାପ ଦେଖିଲେ ସେମାନେ ସେହିସବୁ ପଦବୀ ନିମନ୍ତେ ସତରେ ଯୋଗ୍ୟ ନୁହେଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସର୍ବସାଧାରଣ ସ୍ଥାନରେ ଖରାପ ଭାଷା ବ୍ୟବହାର କରିବା, ଲୋକଙ୍କ ଉପରକୁ ହାତ ଉଠେଇ ସେମାନଙ୍କ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛନ୍ତି। କୌଣସି ଗୋଟିଏ ପ୍ରସଙ୍ଗ ମିଳିଗଲା ପରେ ବିଭିନ୍ନ ରାଜନୈତିକ ଦଳରେ ସମ୍ମାନଜନକ ପଦପଦବୀରେ ଥିବା ନେତା ଓ ନିର୍ବାଚିତ ଜନପ୍ରତିନିଧିମାନେ ପରସ୍ପର ପ୍ରତି ଯେପରି ଆକ୍ଷେପ ଓ ପ୍ରତିଆକ୍ଷେପ କରୁଛନ୍ତି ଏବଂ ଏହାକୁ ବ୍ୟକ୍ତିଗତ ସ୍ତରକୁ ନେଇ ଯାଉଛନ୍ତି, ତାହା ପରିତାପର ବିଷୟ। ସାଧାରଣ ଲୋକେ ଏସବୁ ଶୁଣୁଛନ୍ତି, ଜାଣୁଛନ୍ତି ଓ ଭୁଲତ୍ରୁଟିର ତର୍ଜମା କରୁଛନ୍ତି ବୋଲି ଏମାନେ ବୁଝିପାରୁନାହାନ୍ତି। ବିଭିନ୍ନ ସମୟରେ ନେତା ଓ ଜନପ୍ରତିନିଧିମାନେ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ବିବୃତି ଦେବା ବେଳେ ଅଥବା ସଭାସମିତିରେ ଭାଷଣ ଦେବା ବେଳେ ଏମାନେ ଅନ୍ୟମାନଙ୍କର ମାନସମ୍ମାନ ହାନି ହେବା ଭଳି ତଥା ଅନ୍ୟମାନଙ୍କୁ କଷ୍ଟ ଦେବା ଭଳି ଏମିତି କିଛି କଥା କହୁଛନ୍ତି, ଯାହା ସେମାନଙ୍କ ପଦପଦବୀର ମର୍ଯ୍ୟାଦାକୁ ତଳେ ପକାଇଦେଉଛି। ଅନେକ ସମୟରେ ନେତା ଓ ଜନ ପ୍ରତିନଧିମାନେ କୌଣସି ପ୍ରସଙ୍ଗ ସମ୍ପର୍କରେ ଭଲ ଭାବେ ଅବଗତ ନ ହୋଇ ଓ ଏହାର ସତ୍ୟାସତ୍ୟକୁ ହୃଦୟଙ୍ଗମ ନ କରି ଅତି ହାଲୁକା ବୟାନବାଜି କରିବା ଦ୍ୱାରା ପ୍ରସଙ୍ଗଟି ଅଧିକ ବିବାଦୀୟ ହୋଇପଡୁଛି। କେବଳ ସେତିକି ନୁହେଁ, ଜନ ପ୍ରତିନିଧିମାନେ ଜାଣିଶୁଣି ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ମତମନ୍ତବ୍ୟ ଦେଇ ଲୋକଙ୍କ ଭିତରେ ଉତ୍ତେଜନା ସୃଷ୍ଟି କରିବା ସହ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ନଷ୍ଟ କରିଥା'ନ୍ତି। ଏଭଳି ଘଟଣାରେ କେତେକ ପରବର୍ତ୍ତୀ ସମୟରେ ସାଧାରଣରେ କ୍ଷମାପ୍ରାର୍ଥନା କରି ନିଜ ମନ୍ତବ୍ୟକୁ ପ୍ରତ୍ୟାହାର କରି ନେଉଥିବା ବେଳେ ଆଉ କେତେକଙ୍କ ଜିଦ୍‌ଖୋର ମନୋଭାବ ଘଟଣାକୁ କୋର୍ଟ କଚେରିଯାଏ ଟାଣି ନେଉଛି। ଇଏତ ଗଲା ନେତା ଓ ଜନ ପ୍ରତିନିଧିଙ୍କ କଥା। ବିଭିନ୍ନ ସାମ୍ବିଧାନିକ ପଦପଦବୀରେ ଥିବା ବ୍ୟକ୍ତିବିଶେଷ ସେମାନଙ୍କ ପଦପଦବୀର ମର୍ଯ୍ୟାଦା ସମ୍ପର୍କରେ ସଚେତନ ନ ହୋଇ ବିଭିନ୍ନ ସମୟରେ ବିବାଦୀୟ ତଥା ଉତ୍ତେଜନା ସୃଷ୍ଟି କଲାଭଳି ମତ, ମନ୍ତବ୍ୟ ମାନ ଦେଉଛନ୍ତି; ଯାହା ସେମାନଙ୍କୁ ସାଧାରଣରେ ନିନ୍ଦିତ ଓ ଅପମାନିତ କରୁଛି। ତେଣୁ ଯିଏ ଯେଉଁ ପଦପଦବୀରେ ଥାଆନ୍ତୁ ନା କାହିଁକି, ଏହାର ମର୍ଯ୍ୟାଦା ରକ୍ଷା ପ୍ରତି ସଚେତନ ରହିବା ଜରୁରୀ।

ଶଂଖିଡ଼ା, ତିହିଡ଼ି, ଭଦ୍ରକ
ମୋ: ୯୯୩୭୫୬୫୫୨୭

## ଏଇ ଭାରତରେ

ପୂର୍ବ ହିମାଳୟର ଅରୁଣାଚଳ ପ୍ରଦେଶର ସାଙ୍ଗ୍‌ଟି ଗାଁକୁ ଏବେ ପ୍ରଦୂଷଣମୁକ୍ତ କରିପାରିଛନ୍ତି ଇତିଶା ସାରା। ସାଙ୍ଗଟି ନଦୀକୂଳରେ ଥିବାରୁ ଏହି ଗାଁର ନାମ ବି ସାଙ୍ଗ୍‌ଟି। ଏଠାରେ ମୋନପା ବର୍ଗର ଲୋକେ ରହନ୍ତି। ଇତିଶା 'ନର୍ଥଇଷ୍ଟ ୱେଷ୍ଟ କଲେକ୍‌ଟିଭ' ସଂସ୍ଥା ଗଠନ କରି ତା' ମାଧ୍ୟମରେ ବର୍ଜ୍ୟ ପରିଚାଳନା କରୁଛନ୍ତି। ପଶ୍ଚିମ କାମେଙ୍ଗ ଜିଲାର ସାଙ୍ଗଟି ଗାଁରେ ବେକରେ କଳାରଙ୍ଗ ଥିବା ବଗ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଲୋପ ପାଇଯାଉଥିଲା। କିନ୍ତୁ ସାଙ୍ଗଟିକୁ ବର୍ଜ୍ୟଶୂନ୍ୟ କରିବା ପରେ ଏହି ପ୍ରଜାତିର ବଗମାନଙ୍କ ବଂଶ ରକ୍ଷା ହୋଇପାରିଛି। ଇତିଶାଙ୍କ ଘର ଅସାମର ଗୁଆହାଟିରେ। ସେ ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ସହ ସୋସିଆଲ ଡିଜାଇନ କୋର୍ସରେ ଶେଷ କରିଛନ୍ତି। ୨୦୧୮ରୁ ସାଙ୍ଗଟି ଗାଁରେ ରହି ସେ ଲୋକଙ୍କ ସହାୟତାରେ ବର୍ଜ୍ୟ ସଫେଇ କରିଆସୁଛନ୍ତି। ବୌଦ୍ଧ ଧର୍ମର କ୍ୟାଲେଣ୍ଡର ଅନୁଯାୟୀ ମୋନପାମାନେ ମାସକୁ ୪ଦିନ କିଛି କାମ କରନ୍ତି ନାହିଁ। ଏହାକୁ ସେମାନେ କର୍ମମୟ ଜୀବନରେ ଛୁଟି ବୋଲି ବିଚାର କରିଥାନ୍ତି। ଏପରି କି ସେମାନେ ଚାଷ ବି କରି ନ ଥାନ୍ତି। ଏହି ୪ ଦିନ ମଧ୍ୟରୁ ତିନିଦିନ ସେମାନେ ବର୍ଜ୍ୟ ପରିଚାଳନା ପାଇଁ ଦେଉଛନ୍ତି। ଏହା ବ୍ୟତୀତ ଜଣେ ମହିଳା ଓ ୪ ଜଣ ପୁରୁଷଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ସେମାନେ ପ୍ରତି ଘରୁ ବର୍ଜ୍ୟ ସଂଗ୍ରହ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ନଭେମ୍ବର ୧୯୭୫

- ଗୋଦାବରୀ ନଦୀ ଜଳ ବଣ୍ଟନ ସଂକ୍ରାନ୍ତରେ ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।
- ବିଚାରପତି ମାମୁଦ୍ ହୁସେନ ବାଂଲାଦେଶ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରୂପେ ଶପଥ ଗ୍ରହଣ କରିଛନ୍ତି।
- ଆଙ୍ଗୋଲାର ତିନି ପ୍ରତିଦ୍ୱନ୍ଦ୍ୱୀ ମୁକ୍ତି ସଙ୍ଗଠନର ନେତୃବର୍ଗ ଦେଶର ଏକ ଐକ୍ୟବଦ୍ଧ ବା ମିଳିତ ସରକାର ଗଠନ କରିବା ନିମନ୍ତେ ସମ୍ପ୍ରତି ନୀତିଗତ ଭାବେ ଏକମତ ହୋଇଛନ୍ତି।

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କଳାବଜାର ପ୍ରତି ଦୃଷ୍ଟି ରହୁ

ମହାଶୟ,

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଅହେତୁକ ମୂଲ୍ୟ ବୃଦ୍ଧି କରା ନ ଯାଉ। ଯେପରି ପନିପରିବା, ଖାଦ୍ୟ, ଡାଲି, ଚୂଡ଼ା, ଗୁଡ, ସୁଜି, ମଇଦା, ବେସନ, ତେଲ ତଥା ତେଲରୁ ପ୍ରସ୍ତୁତ ଖାଦ୍ୟ ଇତ୍ୟାଦି। ସେହିପରି ଯଥେଷ୍ଟ ଜିନିଷ ଥଲେ ମଧ୍ୟ ଅଭାବ ଦର୍ଶାଇଥାନ୍ତି। ଅସାଧୁବ୍ୟବସାୟୀମାନଙ୍କ ଅଧିକ ଲାଭଖୋର ମନୋବୃତ୍ତି ନ ହେଉ। ଖାଉଟୀମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦିଆଯାଉ। ଯୋଗାଣ ବିଭାଗ ବାତ୍ୟା ଓ ବର୍ଷା ଯୋଗୁ ଗାଡ଼ି ନ ଆସିବାର କାରଣ ଦେଖାଇଥାନ୍ତି। ଲୋକଙ୍କୁ ଠକିବାର ଅପଚେଷ୍ଟା କରା ନ ଯାଉ। ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

-ରମେଶ ଚନ୍ଦ୍ର ବେହେରା, ରାୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କ୍ଷେତ୍ର ପରିଦର୍ଶନ ସହ ପ୍ରକଳ୍ପ ଶୁଭାରମ୍ଭ କଲେ କେନ୍ଦ୍ର ମନ୍ତ୍ରୀ

ନବରଙ୍ଗପୁର/ପାପଡ଼ାହାଣ୍ଡି,୮।୧୧
(ସଦାଶିବ ପ୍ରହରାଜ/ସ୍ୱପ୍ନଜିତ ପଟ୍ଟନାୟକ)



ମନ୍ତ୍ରୀ, ଏମ୍ପି ଓ ବିଧାୟକ ନବରଙ୍ଗପୁର ଗାନ୍ଧୀ ଛକ ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭାରମ୍ଭ କରୁଛନ୍ତି।

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ର ମନ୍ତ୍ରୀ ସାବିତ୍ରୀ ଠାକୁର ନବରଙ୍ଗପୁର ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ କ୍ଷେତ୍ର ପରିଦର୍ଶନ, ପ୍ରକଳ୍ପ ଶୁଭାରମ୍ଭ ଆଦି କରିଥିଲେ। ଶୁକ୍ରବାର ସକାଳ ୮ଟା ୪୦ ମିନିଟରେ କେନ୍ଦ୍ରମନ୍ତ୍ରୀ ଠାକୁର ପାପଡ଼ାହାଣ୍ଡି ବ୍ଲକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ ମହିଳା ସଶକ୍ତୀକରଣ କଥା କହିଥିଲେ। କେନ୍ଦ୍ର ସରକାରଙ୍କ ଫସଲବୀମା, କିଷାନ ନିଧି,ପିଏମ୍ କିଷାନ,ଲଖପତି ଦିଦି, ମୁଦ୍ରା, ସୁକନ୍ୟା ସମୃଦ୍ଧି, ବେଟି ବଚାଓ ବେଟି ପଢ଼ାଅ, ମାତୃ ବନ୍ଦନା, ଜନଧନ ଯୋଜନା ବିଷୟରେ ସଚେତନ କରିଥିଲେ। ଏହି ଅବସରରେ ଆଦିବାସୀ ଯୁବତୀଙ୍କ ସହ ନାଚିବା ସହ ଚାରାରୋପଣ କରିଥିଲେ। ମୈଦଲପୁରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀଙ୍କ ପାଠପଢ଼ା ଓ ପରିଚାଳନା ଗତ ସୁବିଧା ସୁଯୋଗ ବୁଝିଥିଲେ। ହଷ୍ଟେଲ କୋଠା ଶୁଭ ଉଦଘାଟନ ସହ ଶୌଚାଳୟ, ରୋଷେଇ ଗୃହ ଆଦି ବୁଲି ଦେଖିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିଥିଲେ। ନବରଙ୍ଗପୁର ସଦର ମହକୁମା ମୁଖ୍ୟ ଡାକ୍ତରଖାନା ସ୍ଥିତ (ୱାନ୍ ଷ୍ଟପ୍ ସେଣ୍ଟର )ସଖୀ କେନ୍ଦ୍ର ପରିଦର୍ଶନ କରିଥିଲେ। ଗାନ୍ଧୀ ଛକ ନିକଟସ୍ଥ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଉଦଘାଟନ, ନବରଙ୍ଗପୁର ସହର ଶାଖାରି ସାହିର ଲାଖ କାରିଗରଙ୍କ ପାଇଁ ଏକ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍ପି ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲାପାଳ ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପାରମ୍ପରିକ ନାଚ ଗୀତରେ ଦୁଲୁକିଲା ସୁରଭି ମଞ୍ଚ

ନବରଙ୍ଗପୁର,୮।୧୧(ସଦାଶିବ ପ୍ରହରାଜ)

## ଜିଲାସ୍ତରୀୟ ସୁରଭି ଉଦ୍‌ଯାପିତ

ଶିକ୍ଷା ବିଭାଗ ପକ୍ଷରୁ ନବରଙ୍ଗପୁରସ୍ଥିତ ସାଇ କଲ୍ୟାଣ ମଣ୍ଡପରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡିଓ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ସମ୍ମାନିତ ଅତିଥି, ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଚଳିତ ବର୍ଷର ସୁରଭି-୨୦୨୪ର ମୁଖ୍ୟ ପ୍ରସଙ୍ଗ ହେଉଛି 'ଓଡ଼ିଶାର ଲୋକକଳା'। ଛାତ୍ରଛାତ୍ରୀ କଳା ସଂସ୍କୃତିକୁ ମଞ୍ଚରେ ଠିକ୍ ଭାବେ ଉପସ୍ଥାପନ କରିଛନ୍ତି ରାଜ୍ୟସ୍ତରୀୟ ସୁରଭିରେ ମଧ୍ୟ ନବରଙ୍ଗପୁର ଜିଲା ପୁରସ୍କୃତ ହେବ ବୋଲି ମନ୍ତ୍ରୀ ଗଣ୍ଡ ମତ ଦେଉଛନ୍ତି। ଭାରତ ବିକାଶରେ ଓଡ଼ିଶାର ମଧ୍ୟ ଭୂମିକା ରହିଛି। ରାଜ୍ୟରେ ୧୬,୦୦୯ ଜଣ ଶିକ୍ଷକ ନିଯୁକ୍ତି ଦିଆଯାଉଛି। ଅଧିକ ନିଯୁକ୍ତି ପାଇଁ ସରକାର ଚେଷ୍ଟିତ। ୩୧୪୯ ସ୍କୁଲ ପିଏମଶ୍ରୀ ବିଦ୍ୟାଳୟ ପ୍ରଥମ ପର୍ଯ୍ୟାୟରେ ସାମିଲ ହେବ। ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ହେବ ବୋଲି ସେ କହିଥିଲେ। ଜିଲାର ସମସ୍ତ ବିଦ୍ୟାଳୟରେ ୧୧ ତାରିଖରୁ 'ଜାତୀୟ ଶିକ୍ଷା ଦିବସ' ଓ ୧୪ରେ 'ଶିଶୁ ଦିବସ' ପାଳନ କରାଯିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଥିବା ଡିଓ କହିଥିଲେ। ବିଜୟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବେ। ଏଡିଓ ରେଶମ ଲାଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାନୁଯାୟୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିଓ ଛତ୍ରପତି ସାହୁ ସଭାପତିତ୍ୱ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ମୁଖ୍ୟ ଅତିଥି, କୋଷାଗୁମୁଡ଼ା ଭାରପ୍ରାପ୍ତ ବିଇଓ ସୁପ୍ରିୟା ନାୟକ, ଚନ୍ଦାହାଣ୍ଡି ବିଇଓ ଶୁଭେନ କୁମାର ମଣ୍ଡଳ, ଜିଲା ବିଜ୍ଞାନ ପରିଷଦ ଡିରେକ୍ଟର ପଙ୍କଜାୟନ ଓ ଅନୁସୂଚିତ ଜାତି ଓ ଜନଜାତି ଜିଲା ସଂଯୋଜକ ଜଗଦାନନ୍ଦ ସ୍ୱାଇଁ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଏସିଆରସି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସମଗ୍ର ଶିକ୍ଷା ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।



ତେନ୍ତୁଳିଖୁଣ୍ଟି ବ୍ଲକ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବ୍ଲକସ୍ତରୀୟ ଖାଦ୍ୟମେଳା, ପ୍ରଦର୍ଶନୀ



ଖାଦ୍ୟମେଳାରେ ଅତିଥି ଓ ଅନ୍ୟମାନେ।

କୋଷାଗୁମୁଡ଼ା, ୮।୧୧
(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ପରିସରରେ ବ୍ଲକସ୍ତରୀୟ ଖାଦ୍ୟମେଳା ଓ ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅନ୍ନ ଅଭିଯାନ ଓ ଆରସିଡିସି ସଂସ୍ଥା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଠାରେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏହା ପରେ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହଜିଯାଇଥିବା ଖାଦ୍ୟ ଶ୍ରୀଅନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ସ୍କିମ୍ ଅଫିସର ପ୍ରଣୟ କୁମାର ମନ୍ତ୍ରୀ, ବ୍ଲକ୍ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର କୁମାର ସ୍ୱାଇଁ, ଏମ୍ପି ପ୍ରତିନିଧି ଦୟାସିନ୍ଧୁ ଭତ୍ରା, ବିଡିଓ ଆଶିଷ ତ୍ରିପାଠୀ, ବ୍ଲକ୍ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନି, ୧୦ ଗ୍ରାମର ଚାଷୀ, ଏସ୍‌ଏଚ୍‌ଜି, ସିଡିପିଓ ଯମୁନା ଭତ୍ରା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ଅତିଥିମାନେ ଶେଷରେ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ।

# ନବରଙ୍ଗପୁର-ବିଜୟୱାଡ଼ା ଭଲ୍‌ଭୋ ବସ୍ ସେବା ଶୁଭାରମ୍ଭ

ନବରଙ୍ଗପୁର, ୮।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଓଏସ୍‌ଆର୍‌ଟିସି ବସ୍ ଡିପୋରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ସେବା ଯୋଜନାରେ ନବରଙ୍ଗପୁରରୁ ବିଜୟୱାଡ଼ା ପର୍ଯ୍ୟନ୍ତ ଶୁକ୍ରବାର ନୂତନ ଭଲ୍‌ଭୋ ଅତ୍ୟାଧୁନିକ ବସ୍‌ସେବା ଶୁଭାରମ୍ଭ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଦେଖାଇ ବସ୍ ଯାତ୍ରା ଶୁଭାରମ୍ଭ କରିଛନ୍ତି। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଡିଟିଏମ୍ ସନ୍ତୋଷ ନାୟକ, ଏଟିଏମ୍ ଶୁଭମ୍ କର, ଜୟପୁର ଡିଟିଏମ୍ ଶ୍ରୀନିବାସ ପାଣିଗ୍ରାହୀ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଉପସ୍ଥିତ ଥିଲେ। ଏହି ବସ୍ ସେବା ଯୋଗୁ ନବରଙ୍ଗପୁର, ଜୟପୁର, କୋରାପୁଟ ଅଞ୍ଚଳର ଅନେକ ଯାତ୍ରୀ, ବ୍ୟବସାୟୀ ଲାଭବାନ ହେବେ ଓ ଆରାମଦାୟକ ଯାତ୍ରା କରିପାରିବେ। ଏଥିରେ ପୁରୁଷ ଯାତ୍ରୀଙ୍କ ପାଇଁ ୧୨୬୮ ଏବଂ ମହିଳାଙ୍କ ପାଇଁ ୬୩୯ ଟଙ୍କା ଭଡ଼ା ରହିଛି। ବସ୍ ନବରଙ୍ଗପୁରରୁ ଅପରାହ୍ନ ୩.୩୦ରେ ବାହାରି ବୋରିଗୁମ୍ମା, ଜୟପୁର, କୋରାପୁଟ, ବିଶାଖାପାଟଣା ଦେଇ ସକାଳ ୮ଟାରେ ବିଜୟୱାଡ଼ାରେ ପହଞ୍ଚିବ। ସେହିଭଳି ବିଜୟୱାଡ଼ାରୁ ଅପରାହ୍ନ ୩.୧୫ରେ ବାହାରି ସକାଳ ୫.୦୦ଟାରେ ନବରଙ୍ଗପୁର ପହଞ୍ଚିବ ବୋଲି ସୂଚନା ମିଳିଛି।

# ଡାବୁଗାଁରେ ବ୍ଲକସ୍ତରୀୟ ମଣ୍ଡେଇ ପ୍ରସ୍ତୁତି ବୈଠକ

ଡାବୁଗାଁ, ୮।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକପ୍ରତିନିଧି।

ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମଣ୍ଡେଇ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ୍ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁଲ୍ଲାରଦେଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଣ୍ଡେଇ ମଞ୍ଚ ପର୍ଯ୍ୟନ୍ତ ଆସିବ। ଭୈରବ ମନ୍ଦିର ସମ୍ମୁଖ ପଡ଼ିଆରେ କାର୍ଯ୍ୟକ୍ରମ, ବ୍ଲକ୍‌ର ବିଭିନ୍ନ ଗ୍ରାମର ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚିଙ୍କୁ ନିମନ୍ତ୍ରଣ, ୧୨ ପଞ୍ଚାୟତରେ ଥିବା ଆଦିବାସୀ ନୃତ୍ୟ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ଆଲୋଚନା ହୋଇଛି। ବୈଠକରେ ବିଡିଓ ଶରତ ମାଝି, ତହସିଲଦାର ହରିଓମ ଭୋଇ, ସିଡିପିଓ ମିନତୀ ଦାଶ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଭାଜପା ନେତା ଜୟନ୍ତ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ, ଏବିଇଓ ସନ୍ତୋଷ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ ଓ ଦିଲୀପ ଦୀପକ ମିଶ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ଓ ପର୍ଶୁରାମ ମାଳୀଙ୍କ ସହ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ବୈଠକ ପରିଚାଳନା କରିଥିଲେ।

# ଦିନ ୧ଟା ପର୍ଯ୍ୟନ୍ତ ସହଶ୍ରମ ଅଧିକାରୀଙ୍କ ଅଫିସରେ ତାଲା

ପାପଡ଼ାହାଣ୍ଡି, ୮।୧୧
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସହଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ତାଲା ପଡ଼ିଥିଲା। ଯାହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଅପରାହ୍ନ ୧.୨୦ରେ ସହଶ୍ରମ ଅଧିକାରୀ କାର୍ଯ୍ୟାଳୟରେ ପହଞ୍ଚି ତାଲା ଖୋଲିବା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

ସୂଚନାନୁଯାୟୀ ପାପଡ଼ାହାଣ୍ଡି ସହଶ୍ରମ ଅଧିକାରୀ ପାପଡ଼ାହାଣ୍ଡି ଓ କୋଷାଗୁମଡ଼ା ବ୍ଲକ ଦାୟିତ୍ୱ ତୁଲାଉଛନ୍ତି। ସୋମବାର ଓ ଶନିବାର ଦୁଇ ଦିନ କ୍ଷେତ୍ର ଅନୁସନ୍ଧାନ,ମଙ୍ଗଳବାର ଓ ବୁଧବାର କୋଷାଗୁମଡା ବ୍ଲକ ଶ୍ରମ କାର୍ଯ୍ୟାଳୟ ଓ ଗୁରୁବାର, ଶୁକ୍ରବାର ପାପଡାହାଣ୍ଡି ବ୍ଲକ ଶ୍ରମ କାର୍ଯ୍ୟାଳୟର ଦାୟିତ୍ୱ ତୁଲାଉଥିବା ନେଇ ଏକ ନୋଟିସ୍ ବୋର୍ଡ ଲଗାଯାଇଛି। କିନ୍ତୁ ଶୁକ୍ରବାର ଅପରାହ୍ନ ୧.୨୦ ସମୟ ପର୍ଯ୍ୟନ୍ତ ସେ କାର୍ଯ୍ୟାଳୟ ଖୋଲି ନ ଥିଲେ। ଯାହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶ୍ରମଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ପାପଡ଼ାହାଣ୍ଡି କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ।

## ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ

କିନ୍ତୁ ଅପରାହ୍ନ ୧.୨୦ ପର୍ଯ୍ୟନ୍ତ କାର୍ଯ୍ୟାଳୟର ତାଲା ଖୋଲାଯାଇ ନ ଥିଲା। ଫୋନ କଲେ ସେ ଉଠାଉ ନ ଥିବା କୋଷାଗୁମଡା ବ୍ଲକ ବାଲେଗା ଗ୍ରାମର ଲାଇବନ ମାଝୀ, ଲଖଣ ମାଝୀ, ଖଗୁ ମାଝୀ, ସ୍ୱାତି ହରିଜନ, ଟଭା ଭତରା, ପାପଡ଼ାହାଣ୍ଡି ବ୍ଲକର ମନହୋର ବିଷୋୟୀ, ସୁନ୍ଦର ଭତରା,ଶ୍ରୀଧର ହରିଜନ, ସହଦେବ ପୂଜାରୀ,ଖଗପତି ମାଝୀ , ନବରଙ୍ଗପୁରର ରାମଚନ୍ଦ୍ର ବିଷୋୟୀ ଅଭିଯୋଗ କରିଛନ୍ତି। ଦିନ ସାରା ଚାଷ କାମ ଛାଡି ସମସ୍ୟା ନେଇ ଅଧିକାରୀ ନିକଟକୁ ଆସିବୁ କିନ୍ତୁ କାର୍ଯ୍ୟାଳୟ ଖୋଲା ଯାଉନାହିଁ। ୩ରୁ ୪ଥର କାର୍ଯ୍ୟାଳୟକୁ ଆସିବା ସତ୍ତ୍ୱେ ତାହା ବନ୍ଦ ରହୁଥିବା ସେମାନେ ଅଭିଯୋଗ କରିଛନ୍ତି। ଜିଲାପାଳ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ସହ ଶ୍ରମ ଅଧିକାରୀ ସଂଗ୍ରାମ ଭୂମିଆଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଥିଲେ ବୋଲି କହିଛନ୍ତି।

# ଏମ୍ପି, ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାଳୟ ଉଦ୍‌ଘାଟନ

ଝରିଗାଁ,୮।୧୧
(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ନାନୁ ଗୋଦାମ ନିକଟରେ ଏମ୍ପି ଏବଂ ବିଧାୟକଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାଳୟକୁ ଏମ୍ପି ବଳଭଦ୍ର ମାଝୀ ଏବଂ ଝରିଗାଁ ବିଧାୟକ ନରସିଂହ ଭତ୍ରା ଶୁଭାରମ୍ଭ କରିଛନ୍ତି। ଭାଜପା ରାୟଗଡ଼ା ପ୍ରଭାରୀ ଗୋବିନ୍ଦ ଜୈନ, ଭାଜପା ଜିଲା ସଭାପତି ଜଗଦିଶ ବିଶୋଇ, ଜିଲା ମହିଳା ସଭାନେତ୍ରୀ ଶର୍ମିଷ୍ଠା ସିଂଦେଓ, ଏସ୍‌ଟି ମୋର୍ଚ୍ଚା ସମ୍ପାଦିକା ବାସନ୍ତି ମାଝି, ଝରିଗାଁ ମଣ୍ଡଳ ସଭାପତି ଗଣପତି ସାହୁ, ଧୋଡ୍ରା ମଣ୍ଡଳ ସଭାପତି ମନୁରାମ ଭତ୍ରା, ପ୍ରଫୁଲ୍ଲ ପ୍ରଧନୀ, ଶ୍ୟାମସୁନ୍ଦର ମାଝୀ, କୁନୁ ତିୱାରୀ, ଦିଲ୍ଲୀପ ଦାସ, ବସନ୍ତ ମାଝୀ, ଗିରି ପାଣ୍ଡେ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ତୁରନ୍ତ ସମାଧାନ ଲକ୍ଷ୍ୟ ଏମ୍ପିଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରଭାନୁ ନାୟକଙ୍କ ପ୍ରଚେଷ୍ଟାରେ ଏହି ପ୍ରକୋଷ୍ଠ ତିଆରି କରାଯାଇଛି। ଅଭିଯୋଗ ଜଣାଇବାକୁ ୯୮୬୧୮୩୯୯୨୫ ଏବଂ ୮୯୨୬୩୫୧୨୩୭ ମୋବାଇଲ ନମ୍ବର ଜାରି କରାଯାଇଅଛି। ଏହା ବ୍ୟତିତ ଜାରି ହୋଇଥିବା ଇ ମେଲ୍ ଆଇଡି ମାଧ୍ୟମରେ ମଧ୍ୟ ନିଜ ଅଭିଯୋଗ ଜଣାଇପାରିବେ ବୋଲି ଏମ୍ପି ମାଝୀ କହିଛନ୍ତି । ପ୍ରଥମ ଦିନରେ ଏମ୍ପି ଏବଂ ବିଧାୟକଙ୍କ ୪ଟି ଅଭିଯୋଗ ଶୁଣିଥିଲେ।


## DISTRICT EDUCATION OFFICE, SUNDARGARH

Email: deosundergarh30@gmail.com/ Ph.No. 06622-291077

**CORRIGENDUM TO TENDER NO. 15848. DTD. 15.10.2024**

FOR SELECTION OF TRAVEL AGENCY FOR PROVIDING BUS SERVICES TO DIFFERENT OAVs & COLLEGES OF SUNDARGARH DISTRICT UNDER DIST. MINERAL FOUNDATION, SUNDARGARH.

| Page No. | Clause No. | Read as |
| --- | --- | --- |
| Major Events). Sl.No. 5 | Last Date for submission of Bid: 13.11.2024 by 12.00 PM | Last Date for submission of Bid: 13.11.2024 by 12.00 PM (Noon) |
| Tech:2 Sl.No.9 | The Bidder must attach a turnover and net worth certificate duly signed by the Chartered Accountant for the last three financial years, i.e. F.Y. 2020-21, 2021-22, 2022-23. The minimum average annual turnover of the bidder should be at least INR 30 Crores and should have cumulative positive net worth at least INR 60 Crores for the last three (3) years (FY 2020-21, FY 2021-22, FY 2022-23). | The Bidder must attach a turnover and net worth certificate duly signed by the Chartered Accountant for the last three financial years, i.e. F.Y. 2020-21, 2021-22, 2022-23. The minimum average annual turnover of the bidder should be at least INR 30 Crores and should have average positive net worth at least INR 20 Crores for the last three (3) years (FY 2020-21, FY 2021-22, FY 2022-23). |
| | NA | The committee shall have the right to ask for supporting documents from participating Agencies in the bid. |

The other terms & Conditions of the RFP remain unchanged.

**Sd./- District Education Officer, Sundargarh**

ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
Department of School Education & Literacy
Ministry of Education, Government of India

ରାଷ୍ଟ୍ରୀୟ ଇ-ପୁସ୍ତକାଳୟ
Rashtriya e Pustakalaya

## ଆଗ୍ରହର ଅଭିବ୍ୟକ୍ତି (ଇଓଆଇ) ଆହ୍ୱାନକାରୀ ବିଜ୍ଞପ୍ତି

**ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟ, ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ, ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପାଇଁ ଇ-ପୁସ୍ତକଗୁଡ଼ିକର ଚୟନ ଏବଂ ସଂଗ୍ରହଣ ଲାଗି ପ୍ରକାଶକମାନଙ୍କର ମନୋନୟନ ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରୁଛି ।** ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ଶିଶୁ ଓ କିଶୋରମାନଙ୍କ ପାଇଁ ଅଣ-ଶିକ୍ଷାଗତ ପୁସ୍ତକ ଉପଲବ୍ଧ କରାଇବା ଲାଗି ଉଦ୍ଦିଷ୍ଟ ଏକ ଆପ୍ ଓ ୱେବ୍ ଆଧାରିତ ଡିଜିଟାଲ ଲାଇବ୍ରେରୀ ଅଟେ ।
ନିମ୍ନଲିଖିତ ଭାଷାର ଇ-ପୁସ୍ତକଗୁଡ଼ିକୁ ସଂଗ୍ରହଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି:- ଅସମୀୟ, ବଙ୍ଗଳା, ବୋଡ଼ୋ, ଡୋଗ୍ରି, ଗୁଜୁରାଟି, ହିନ୍ଦୀ, କନ୍ନଡ଼, କଶ୍ମୀରୀ, କୋଙ୍କଣୀ, ମାଲାୟାଲମ୍, ମଣିପୁରୀ, ମରାଠୀ, ମୈଥିଳି, ନେପାଳୀ, ଓଡ଼ିଆ, ପଞ୍ଜାବୀ, ସଂସ୍କୃତ, ସାନ୍ତାଳି, ସିନ୍ଧି, ତାମିଲ, ତେଲୁଗୁ, ଉର୍ଦ୍ଦୁ ଏବଂ ଇଂରାଜୀ ।

**ଆବେଦନ ଫର୍ମ ଏବଂ ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ ଆଗ୍ରହୀ ପ୍ରକାଶକମାନେ ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରିପାରନ୍ତି:**
**https://eprocure.gov.in/eprocure/app କିମ୍ବା https://www.nbtindia.gov.in/**

| | |
| --- | --- |
| ଦାଖଲର ପଦ୍ଧତି: | https://eprocure.gov.in/eprocure/app ମାଧ୍ୟମରେ ଅନ୍‌ଲାଇନ୍‌ରେ |
| ଦାଖଲର ଆରମ୍ଭ ତାରିଖ: | ତା୦୬।୧୧।୨୦୨୪ରିଖ |
| ଦାଖଲର ଶେଷ ତାରିଖ: | ତା୨୫।୧୧।୨୦୨୪ରିଖ ୧୭.୦୦ ଘଟିକା |

ପ୍ରକାଶକମାନଙ୍କ ତାଲିକାଭୁକ୍ତୀକରଣ କରିବା ତଥା ଇ-ପୁସ୍ତକ ସଂଗ୍ରହଣ କରିବା ସମ୍ବନ୍ଧରେ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ସଚିବାଳୟର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଓ ବାଧ୍ୟତାମୂଳକ ହେବ ।

ସ୍କାନ୍ କରି ଡାଉନ୍‌ଲୋଡ୍ କରନ୍ତୁ

କୌଣସି ପ୍ରଶ୍ନ ପାଇଁ, ପ୍ରକାଶକମାନେ rashtriyaepustakalaya@gmail.comକୁ ଲେଖିପାରନ୍ତି

କାର୍ଯ୍ୟାନ୍ୱୟନ ଏଜେନ୍ସି
ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ, ଭାରତ
ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର
nbt.india
NATIONAL BOOK TRUST, INDIA
Ministry of Education, Government of India
CBC-21103/12/0032/2425

## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୧.୨୦୨୪ରିଖ ଏବଂ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।**

**ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ **ତା୨୫.୧୧.୨୦୨୪ରିଖ ଏବଂ ତା.୦୯.୧୨.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: କ୍ର.ନଂ.: ୧ ଏବଂ ୨ ପାଇଁ ୨୫.୧୧.୨୦୨୪** ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ
**ଇ-ନିଲାମ ତାରିଖ ଓ ସମୟ: କ୍ର.ନଂ.: ୩ ଏବଂ ୪ ପାଇଁ ୦୯.୧୨.୨୦୨୪** ପୂର୍ବାହ୍ନ ୧୧.୦୦ ଘ. ଠାରୁ ଅପରାହ୍ନ ୫.୦୦ ଘ. ପ୍ରତ୍ୟେକଙ୍କ ପାଇଁ ୧୦ମି. ଅସୀମିତ ବର୍ଦ୍ଧିତ ସମୟ ସହିତ

**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: କ୍ର. ନଂ.: ୧ ଏବଂ ୨ ପାଇଁ ୨୦.୧୧.୨୦୨୪ ରୁ ୨୫.୧୧.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା
**ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: କ୍ର. ନଂ.: ୩ ଏବଂ ୪ ପାଇଁ ୦୪.୧୨.୨୦୨୪ ରୁ ୦୯.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୨.୦୦ ଘଟିକା

**ସମ୍ପତ୍ତି ତନଖି କରିବାର ସମୟ- କ୍ର. ନଂ.: ୧ ଏବଂ ୨ ପାଇଁ ୧୮.୧୧.୨୦୨୪ ରୁ ୨୨.୧୧.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି କରିବାର ସମୟ- କ୍ର. ନଂ.: ୩ ଏବଂ ୪ ପାଇଁ ୦୨.୧୨.୨୦୨୪ ରୁ ୦୭.୧୨.୨୦୨୪** ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
**ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର**
**(ଶ୍ରୀ ଶୁଭ ଶଙ୍କର ସାହୁ, ମୋ.: ୭୦୦୮୦୫୫୫୧୮ ଏବଂ ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ**

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ବନ୍ଧକାଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
| --- | --- | --- | --- |
| ୧. | **ଡୁବୁରି ଶାଖା /** **ଋଣଗ୍ରହୀତା: ଶ୍ରୀ ମହେଶ୍ୱର ଜେନା,** ସା: ବାରଗଡିଆ, ଥାନା: କଳିଙ୍ଗନଗର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୨୬ / **ମୋଟ ବକେୟା ରାଶି: ତା.୧୧.୦୬.୨୦୨୪ ରିଖ ସୁଦ୍ଧା ଟ.୯,୯୨,୨୭୪.୨୮ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ଶ୍ରୀ ମହେଶ୍ୱର ଜେନାଙ୍କ** ନାମରେ ଥିବା ଜମି ଓ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧/୪୫, ପ୍ଲଟ୍ ନଂ.: ୪୯୫, କ୍ଷେତ୍ର: ଏକର ୦.୧୮ ଡିସିମିଲି, କିସମ: ଘରବାରୀ, ମୌଜା: ବାରଗଡିଆ, ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏସଆରଓ: ସୁକିନ୍ଦା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା (ପିଡବ୍ଲୁଡି), ଦକ୍ଷିଣ: ଜଳଧର ଦେଓ, ପୂର୍ବ: ବିପିନ ବିହାରି ଦେଓ, ପଶ୍ଚିମ: ଜଳଧର ଦେଓ | **ଟ.୩୨,୧୨,୧୦୦/- / ଟ.୩,୨୧,୨୧୦/- / ସାଙ୍କେତିକ** |
| ୨. | **ଡୁବୁରି ଶାଖା /** **ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ,** ପିତା: ଶ୍ରୀ କୁଳମଣି ସେଠୀ, ସା.: ଆମ୍ଭୋର, ପୋ.:ଜଳସୁଆଁ ପାଟଣା, ଭାୟା: କୁଶଳେଶ୍ୱର, ଜିଲ୍ଲା: ଯାଜପୁର-୭୫୫୦୨୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ରତ୍ନାକର ମହାରଣା,** ପିତା: ଶ୍ରୀ ଚୈତନ୍ୟ ମହାରଣା, ସା.: ଟୋଲକାନୀ, ପୋ.:ଚିତୀରି, ଭାୟା: ଜେ.କେ. ରୋଡ୍, ଜିଲ୍ଲା: ଯାଜପୁର-୭୫୫୦୨୫ / **ମୋଟ ବକେୟାରାଶି: ତା.୨୦.୦୯.୨୦୧୬ରିଖ ସୁଦ୍ଧା ଟ.୩,୨୪,୩୫୮/- +** ପରବର୍ତ୍ତୀ ସୁଧ,ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀ ଶ୍ରୀକାନ୍ତ ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୭୭/୨୨, ପ୍ଲଟ୍ ନଂ.:୬୭୦, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ,ମୌଜା: ଆମ୍ଭୋର, ଥାନା: ଟମକା, ଏସ୍‌ଆର୍‌ଓ: ସୁକିନ୍ଦା,ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱ ରେଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣ୍ଡୁ ସେଠୀ, ପୂର୍ବ: କୀର୍ତ୍ତନମହାପାତ୍ର, ପଶ୍ଚିମ: ପାଣ୍ଡୁ ସେଠୀ | **ଟ.୭,୫୬,୯୦୦/- / ଟ. ୭୫,୬୯୦/- / ସାଙ୍କେତିକ** |
| ୩. | **ଘସିପୁରା ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ଅମର ଟ୍ରାକ୍ଟର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ପ୍ରଭାତି କାନୁନ୍‌ଗୋ,** ସ୍ୱାମୀ: ରାଧାମାଧବ କାନୁନ୍‌ଗୋ, ସା: ଜଅଁରା, ପୋ.: ଘସିପୁରା, ଜିଲ୍ଲା: କେନ୍ଦୁଝର - ୭୫୮୦୧୫ (ଓଡ଼ିଶା) / **ମୋଟ ବକେୟା ରାଶି: ତା.୧୭.୦୮.୨୦୨୧ରିଖ ସୁଦ୍ଧା ଟ.୨୫,୨୩,୫୦୭.୯୯ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ପ୍ରଭାତି କାନୁନ୍‌ଗୋ,** ସ୍ୱାମୀ: ରାଧାମାଧବ କାନୁନ୍‌ଗୋଙ୍କ ନାମରେ ଥିବା ଆଇନ୍‌ଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: ୮୫/୩୫୨, ପ୍ଲଟ୍ ନଂ.: ୧୬୬/୮୦୭, କ୍ଷେତ୍ର: ଏକର ୦.୦୫୮ ଡିସିମିଲି, କିସମ: ଘରବାରୀ, ମୌଜା: ଜଅଁରା, ପୋ.: ଘସିପୁରା, ତହସିଲ: ଘସିପୁରା, ଥାନା: ଘସିପୁରା, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ବନମାଳୀ ଦାସ, ଦକ୍ଷିଣ: ପ୍ରଣତି କାନୁନ୍‌ଗୋ, ପୂର୍ବ: ରବି ମହାନ୍ତି, ପଶ୍ଚିମ: ଉତ୍କଳ ଏସ୍‌ନାୟକ ଏବଂ ଘରୋଇ ରାସ୍ତା | **ଟ. ୩୨,୦୦,୮୫୦/- / ଟ. ୩,୨୦,୦୮୫/- / ସାଙ୍କେତିକ** |
| ୪. | **ଚମ୍ପୁଆ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ପ୍ରେମ ଚାନ୍ଦ ପୋଦ୍ଦାର,** ପିତା: ରାମଚନ୍ଦ୍ର ପୋଦ୍ଦାର, ସା/ପୋ: ଚମ୍ପୁଆ, ଥାନା: ଚମ୍ପୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୪୧ / **ମୋଟ ବକେୟା ରାଶି: ତା.୧୨.୧୦.୨୦୨୩ ରିଖ ସୁଦ୍ଧା ଟ.୩୨,୫୨,୬୮୭.୦୧ +** ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ପ୍ରେମ ଚାନ୍ଦ ପୋଦ୍ଦାରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୫୦/୭୦୧, ପ୍ଲଟ୍ ନଂ.: ୭୧୬/୨୫୭୬/୨୯୮୧, କ୍ଷେତ୍ର: ଏକର ୦.୨୦ ଡିସିମିଲି, କିସମ: ଘରବାରୀ, ମୌଜା: ଚମ୍ପୁଆ ୟୁନିଟ ନଂ.: ୪, ତହସିଲ: ଚମ୍ପୁଆ ନଂ.୦୩, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ମହମ୍ମଦ ଇମ୍ରାନ୍, ଦକ୍ଷିଣ: ମହମ୍ମଦ ମୁସ୍ତାଫା, ପୂର୍ବ: ସରକାରୀ ପ୍ଲଟ୍, ପଶ୍ଚିମ: ମହମ୍ମଦ ଇଶରାହା | **ଟ. ୫୭,୩୭,୯୫୦/- / ଟ. ୫,୭୩,୭୯୫/- / ସାଙ୍କେତିକ** |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: **https://ebkray.in** ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ **(https://ebkray.in)** ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।

**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ **୧୫ ଦିନିଆ ନୋଟିସ୍** କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।

**ସ୍ଥାନ : କେନ୍ଦୁଝର, ତାରିଖ : ୦୮.୧୧.୨୦୨୪**
**କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ସଂକ୍ଷେପରେ

### ମା' ଦକ୍ଷିଣକାଳୀଙ୍କୁ ମେଲାଣି



ଗୁଣପୁର,୮।୧୧( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଆଇଟିଡିଏ ଅଫିସ ନିକଟରେ ପୂଜା ପାଉଥିବା ମା' ଦକ୍ଷୀଣକାଳୀଙ୍କୁ ଶୁକ୍ରବାର ସନ୍ଧ୍ୟାରେ ମେଲାଣି ଦିଆଯାଇଛି । ଭକ୍ତମାନେ ନୃତ୍ୟ ଗୀତ ସହ ବାଣ ଫୁଟାଇ ମା'ଙ୍କୁ ଶୋଭାଯାତ୍ରାରେ ନେଇ ବିଦାୟ ଦେଇଥିଲେ । ୭ ଦିନ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହୋଇଥିବାବେଳେ ପ୍ରତି ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ବେଆଇନ ମଦ ରଖିବା ଅଭିଯୋଗରେ ଯୁବକ ଗିରଫ

ଜେକେପୁର, ୮।୧୧(ରାଜେଶ୍ ବିଶ୍ୱାଳ)

ବେଆଇନ ମଦ ରଖିବା ଅଭିଯୋଗରେ ପିଣ୍ଡାପଦର ଗ୍ରାମର ସୋମନାଥ ଲିମାଙ୍କୁ ଚାନ୍ଦିଲି ଥାନା ଏଏସ୍ଆଇ ଶିବରାମ ସ୍ୱାଇଁ ଶୁକ୍ରବାର ଗିରଫ କରିଛନ୍ତି। ତାଙ୍କଠାରୁ ୫୦ ଲିଟର ମଦ ଜବତ କରାଯାଇଥିବା ଚାନ୍ଦିଲୀ ଥାନା ସବ୍ଇନ୍ସପେକ୍ଟର ଆଶୁତୋଷ ସାହୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। କେସ ନମ୍ବର ୨୯୦/୨୪ରେ ପୋଲିସ ମାମଲା ରୁଜୁ କରିଛି।

# ଷ୍ଟାଡିୟମ ନିର୍ମାଣ ଦାବିରେ କ୍ରୀଡ଼ାମନ୍ତ୍ରୀଙ୍କୁ ସ୍ମାରକପତ୍ର

## କ୍ରୀଡ଼ାବିତ୍‌ଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ନେଇ ଆଲୋଚନା

ମୁନିଗୁଡ଼ା,୮।୧୧
(ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ କ୍ରୀଡ଼ାର ବିକାଶ ତଥା କ୍ରୀଡ଼ାବିତ୍‌ମାନଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ହେବା ନିମନ୍ତେ ମୁନିଗୁଡାରେ ଏକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ନେଇ କ୍ରୀଡା ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏ ନେଇ ମୁନିଗୁଡା ଭାଜପାର ଏକ ପ୍ରତିନିଧି ମଣ୍ଡଳୀ କ୍ରୀଡାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ମୁନିଗୁଡାରେ ଅତ୍ୟାଧୁନିକ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ ଆଲୋଚନା କରି ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ମୁନିଗୁଡ଼ା ବ୍ଲକରେ କ୍ରୀଡାର ସମସ୍ୟା ଓ ଏହାର ବିକାଶ କିପରି ହୋଇପାରିବା ସେ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ମୁନିଗୁଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଦର୍ଶ କୁଶୁଲିଆ, ଚିତ୍ରସେନ ସୁନାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।



କ୍ରୀଡାମନ୍ତ୍ରୀଙ୍କ ସହ ମୁନିଗୁଡ଼ା ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି ।

ସୂଚନାଯୋଗ୍ୟ, କ୍ରୀଡା ଓ କ୍ରୀଡାବିତ୍‌ଙ୍କ ବିକାଶ ପାଇଁ ବହୁସମୟରେ ମୁନିଗୁଡ଼ା ପ୍ରଗତି ମଞ୍ଚ, ପ୍ରେସ କ୍ଲବ, କ୍ରିକେଟ ଆଶୋସିଏଶନ, ଭଲିବଲ ଆସୋସିଏଶନ, ଫୁଟବଲ କ୍ଲବ, ବ୍ୟାଡମିଟନ ଆସୋସିଏଶନ, କବାଡି ଲିଗ୍ ଏବଂ ମୁନିଗୁଡ଼ା ଭାରତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା କ୍ଲବ ତରଫରୁ ସରକାରଙ୍କୁ ଲିଖିତ ଓ ମୌଖିକ ନିବେଦନ କରାଯାଇଥି ମଧ ଅଦ୍ୟାବଧି କୌଣସି ସ୍ତରରେ କ୍ରୀଡାର ବିକାଶ ହୋଇପାରିନାହିଁ। ଫଳରେ ଅନେକ ଲୁକ୍କାୟିତ ପ୍ରତିଭା ବିକଶିତ ହେବା ପରିବର୍ତ୍ତେ ଅସମୟରେ ମଉଳି ଯାଉଛନ୍ତି। ସେହିପରି ମୁନିଗୁଡ଼ା ମିନି ଷ୍ଟାଡିୟମ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବାରୁ କ୍ରୀଡାବିତ୍‌ମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଉଛି। ମୁନିଗୁଡ଼ା ବ୍ଲକର କ୍ରୀଡାବିତ୍‌ମାନେ ରାଜ୍ୟ ଓ ଜାତୀୟସ୍ତରରେ ବହୁ ସୁନାମ ଆଣିଥିବା ସତ୍ତ୍ୱେ ସରକାରଙ୍କ ମୁନିଗୁଡ଼ା କ୍ରୀଡା ବିକାଶ ପାଇଁ କୌଣସି ଆଗ୍ରହ ନ ଥିବା ଯୋଗୁଁ ଅନେକ ଖେଳାଳି ବାଧ ହୋଇ କ୍ରୀଡାକୁ ନେଇ କ୍ୟାରିୟର ଗଢ଼ିବା ପରିବର୍ତ୍ତେ ନିଜକୁ କ୍ରୀଡା କ୍ଷେତ୍ରରୁ ଅଲଗା କରି ନେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ରାଜ୍ୟରେ ନୂଆ ସରକାର ଆସିଥିବାରୁ କ୍ରୀଡାବିତ୍ ଓ କ୍ରୀଡ଼ା ପ୍ରେମୀଙ୍କ ମନରେ ନୂତନ ଆଶା ଦେଖାଦେଇଥିବା ପ୍ରତିନିଧିମାନେ ମନ୍ତ୍ରୀଙ୍କୁ କହିଥିଲେ।

# ଏନ୍‌ଏଚ୍‌ରୁ ସିଲ୍‌ଭର ବିମ୍ ଚୋରି, ୪ ଗିରଫ

ଜେକେପୁର, ୮।୧୧(ରାଜେଶ୍ ବିଶ୍ୱାଳ)

ଏନ୍‌ଏଚ୍‌ରୁ ସିଲ୍‌ଭର ବିମ୍ ଚୋରି ଅଭିଯୋଗରେ ଚାନ୍ଦିଲି ଥାନା ପୋଲିସ ଶୁକ୍ରବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅରବିନ୍ଦନଗରର ରାଜା ଖାଁ(୨୧), ନୂଆପଡ଼ାର ରୋହିତ ନାଏକ (୨୫), ହଲଦିପଡ଼ାର ଅଜିତ୍ ହିଆଲ (୨୯)। ଏଥିସହ ଅରବିନ୍ଦନଗରର ସ୍କ୍ରାପ ମାଲିକ ପି. ଶ୍ରିନୁ (୩୯)ଙ୍କୁ ମଧ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ରେଞ୍ଚ୍, ୩ ବାଇକ (ଓଡି-୧୮ଏଫ୍-୭୧୫୦),(ଓଡି-୧୮ସି-୧୫୧୬) ଓ (ଓଡି-୧୮ଏଚ୍-୨୩୭୫), ଏକ ମାଲବାହୀ ଅଟୋ, ୧୬୧ ଖଣ୍ଡ ସିଲ୍‌ଭର ବିମ୍ ଜବତ କରାଯାଇଛି।

ସୂଚନାନୁଯାୟୀ, ୩୨୬ ନମ୍ବର ଜାତୀୟ ରାଜପଥ ଘାଟି ମଧ୍ୟରେ ଲୋକଙ୍କୁ ଦୁର୍ଘଟଣାରୁ ସୁରକ୍ଷା ଦେବାକୁ ସିଲ୍‌ଭର ବିମ୍ ମାନ ସ୍ଥାପନ କରିଥିଲେ। ଗତ ଦୁଇ ୩ ଦିନ ଭିତରେ ସେଥିରୁ ୧୫୦ ରୁ ୨୦୦ ଖଣ୍ଡ ବିମ୍ ଗାଏବ୍ ହୋଇଥିବା ଦେଖି ଶୁକ୍ରବାର ପୂର୍ବାହ୍ନ ୧୦ ଟାରେ ମହେଶ୍ୱର ହିକ୍‌କା ନାମକ ଜଣେ ବ୍ୟକ୍ତ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚାନ୍ଦିଲି ପୋଲିସ୍ କେସ ନମ୍ବର ୨୮୯/ ୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି ।

# ଆହତଙ୍କୁ ମେଡିକାଲ ନେଲେ ଏମ୍‌ପି ପ୍ରତିନିଧି

ଗୁଡାରି, ୮।୧୧ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକର କରଲାଘାଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆକେରେଡା ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ନିଜ ଗାଡ଼ିରେ ମେଡିକାଲ ନେଲେ ବ୍ଲକ ଏମ୍‌ପି ପ୍ରତିନିଧି ପି. ବାବୁରାଓ। କରଲାଘାଟି ଗ୍ରାମପଞ୍ଚାୟତର ବିଭିନ୍ନ ଗାଁ ଗସ୍ତ କରି ଫେରୁଥିବାବେଳେ ନୂଆକେରେଡା ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଟୋ ଭରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେହି ସମୟରେ ଅଟୋରେ ବସିଥିବା କିଛି ଯାତ୍ରୀ ବାହାରକୁ ଡେଇଁ ପଡ଼ିବାରୁ ବସିଥିବା ୭ ଜଣ ଯାତ୍ରୀ ଆହତ ହୋଇଥିଲେ। ଏମ୍‌ପି ପ୍ରତିନିଧି ମାନବିକତା ଦେଖାଇ ସମସ୍ତ ଆହତଙ୍କୁ ନିଜ କର୍ମୀଙ୍କ ସହାୟତାରେ ଗୁଡାରି ମେଡିକାଲ ନେଇ ଚିକିତ୍ସା କରାଇଥିଲେ। ବାବାବୁରାଓଙ୍କ ଏଭଳି ମାନବିକତା ସାଧାରଣରେ ପ୍ରଂଶସା କରାଯାଇଛି।



ମେଡିକାଲରେ ଆହତଙ୍କ ସହ ଏମ୍‌ପି ପ୍ରତିନିଧି ପି. ବାବୁରାଓ ।

# ଦିବ୍ୟାଙ୍ଗ ଭତ୍ତା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭିନ୍ନକ୍ଷମ।

ରାୟଗଡା, ୮।୧୧
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଭିନ୍ନକ୍ଷମ ମହାସଂଘ (ଆର ବିଏମଏସ) ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଭିନ୍ନକ୍ଷମଙ୍କ ମଧୁବାବୁ ପେନସନକୁ ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ଭାଜପା ପକ୍ଷରୁ ନିର୍ବାଚନ ସମୟରେ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଏହି ଦାବିକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଭିନ୍ନକ୍ଷମ ଭତ୍ତା ବୃଦ୍ଧି କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯେଉଁ ଦିବ୍ୟାଙ୍ଗଙ୍କ ଶତକଡା ୮୦ ଭାଗ ଭିନ୍ନକ୍ଷମତା ରହିବା ସହ ବୟସ ୮୦ ବର୍ଷରୁ ଅଧିକ ହୋଇଥିବ ସେମାନଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବାର ପ୍ରାବଧାନ କରାଯିବ ବୋଲି ଘୋଷଣା କରାଯାଇଥିଲା, ହେଲେ ସରକାର ଆଜି ପର୍ଯ୍ୟନ୍ତ ପ୍ରଦାନ କରିଥିବା ପ୍ରତିଶୃତି ରକ୍ଷା କରିନାହାନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିଥିବା ହେତୁ କେହି ହିତାଧିକାରୀ ଅଦ୍ୟାବଧି ଉପକୃତ ହୋଇପାରିନାହାନ୍ତି। ସରକାର ଯଦି ଦେଇଥିବା ପ୍ରତିଶୃତି ପାଳନ ନ କରନ୍ତି ତେବେ ସଂଘ ନିଶ୍ଚିତ ଭାବେ ଆଗାମୀ ଦିନରେ ରାଜରାସ୍ତାକୁ ଓଲ୍ହାଇବ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ୩୦ଟି ଜିଲାର ଦିବ୍ୟାଙ୍ଗ ଭାଇମାନେ ଅଂଶଗ୍ରହଣ କରିବେ ବୋଲି କହିଥିଲେ। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂଘ ତରଫରୁ ସଭାପତି ଶିଶିର ରାଉଳ, ସମ୍ପାଦକ ଅମରେନ୍ଦ୍ର ନାଥ ଓ ଉପ ସଭାପତି ଫାବେନା ପାଲୋକା, ସଦସ୍ୟ ପ୍ରସନ୍ନ ନାୟକ, ସଞ୍ଜୟ ସେନାପତି, ପି ମୁରଲୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପରିବାରର ସୁଖ, ଶାନ୍ତି ପାଇଁ ଛଟ୍‌ପୂଜା ପାଳିଲେ ବିହାରୀ ସମ୍ପ୍ରଦାୟ

ମୁନିଗୁଡ଼ା,୮।୧୧(ନନ୍ଦକିଶୋର ପଟ୍ଟନାୟକ)

ମୁନିଗୁଡ଼ାର ସିନେମା ହଲ୍ ନିକଟସ୍ଥ ପୋଖରୀ ପରିସରରେ ପ୍ରସ୍ତୁତ କରାଯାଇଥିବା ଏକ ଅସ୍ଥାୟୀ ପୂଜା ମଣ୍ଡପରେ ଶୁକ୍ରବାର ବିହାରୀ ସମ୍ପ୍ରଦାୟର ଲୋକେ ଛଟ୍‌ପୂଜା ପାଳନ କରିଛନ୍ତି। ଏହି ପୂଜା ପାଇଁ ବିହାରୀ ସମ୍ପ୍ରଦାୟର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ସହ ମହିଳା, ପୁରୁଷ ଓ ଯୁବତୀଯୁବକ ୩ ଧରି ଉପବାସ ରହିଥାନ୍ତି। ତୃତୀୟ ଦିନ ଉପବାସକରି ରାତି ତମାମ ବିଭିନ୍ନ ପୂଜାର୍ଚ୍ଚନା ଓ ହୋମଯଜ୍ଞ କରିବା ସହ ପୂଜାମଣ୍ଡପ ନିକଟରେ ଭଜନ ଓ ସଙ୍କୀର୍ତ୍ତନ କରିଥିଲେ। ଶୁକ୍ରବାର ସକାଳୁ ସମ୍ପ୍ରଦାୟର ସମସ୍ତେ ସୂର୍ଯ୍ୟ ଉଦୟ ପରେ ସୂର୍ଯ୍ୟଙ୍କୁ ଆରାଧନା କରିବା ସହ ଛଟି ମାତାଙ୍କୁ ପୂଜାର୍ଚ୍ଚନା ପରେ ସୂର୍ଯ୍ୟ ଦେବତାଙ୍କୁ ଜଳ ଓ କ୍ଷୀର ଅର୍ପଣ କରି ନିଜ ଉପବାସ ଶେଷ କରିଥିଲେ। ଛଟି ମାତାଙ୍କୁ ପୂଜାକରିବା ଦ୍ୱାରା ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି, ନୀରୋଗ ସହ ସନ୍ତାନପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ଶେଷରେ ପରିବାର ସମ୍ପର୍କୀୟ ଓ ନିଜ ସମ୍ପ୍ରଦାୟର ଲୋକେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ । ଛଟ୍‌ପୂଜା ପାଳନ ଦ୍ୱାରା ସମ୍ପ୍ରଦାୟରେ ସବୁବେଳେ ଏକତା ବଜାୟ ରହିବ ବୋଲି ବିହାରୀ ସମ୍ପ୍ରଦାୟର ସଭାପତି ଭୋଲାନାଥ ଦୁବେ, ସମ୍ପାଦକ ବିନୋଦ ସିଂ, କୋଷାଧ୍ୟକ୍ଷ ମହାବୀର ଶର୍ମା, ଧରମ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି। ଛଟ୍‌ପୂଜା କାର୍ଯ୍ୟକ୍ରମକୁ ବିହାରୀ ସମ୍ପ୍ରଦାୟର ସିଧନାଥ ରାଏ, ସଞ୍ଜୟ ସିଂ, ରାମାଧାର ସିଂ, ସାହିଲ ସିଂ, ସନ୍ତୋଷ ସିଂ, ଗୁଡ୍ଡୁ ସିଂ, ଧରମ ସିଂ, ଶ୍ରୀରାମ ସିଂ, ସଚିନ, ଭୋଲା ସିଂ, ବସିତ ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା ଓ ସହଯୋଗ କରିଥିଲେ ।



ବିହାରୀ ସମ୍ପ୍ରଦାୟର ମହିଳାମାନେ ଛଟ୍ ପୂଜା କରୁଛନ୍ତି।

# ଛଟ୍ ପୂଜାରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ଶ୍ରଦ୍ଧାଳୁ



ଶ୍ରଦ୍ଧାଳୁ ନଦୀ ତଟରେ ପୂଜାର୍ଚ୍ଚନା କରୁଛନ୍ତି ।

ଜେକେପୁର, ୮।୧୧(ରାଜେଶ ବିଶ୍ୱାଳ)

ଜେକେପୁର ତଥା ଏହାର ନିକଟ ୫ ପଞ୍ଚାୟତରେ ବିହାର, ୟୁପି, ଝାଡ଼ଖଣ୍ଡ ଅଞ୍ଚଳରୁ ଆସି ଅନେକ ବର୍ଷରୁ ବସବାସ କରୁଥିବା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶୁକ୍ରବାର ଛଟ୍ ପୂଜା ପାଳନ କରିଛନ୍ତି। ଦୀର୍ଘ ୩ ଦିନର ନିର୍ଜଳା ବ୍ରତ ପରେ ଶୁକ୍ରବାର ଏହାର ଉଦ୍‌ଯାପନୀ ଦିବସରେ ନାଗାବଳୀ ନଦୀରେ ବୁଡ଼ ପକାଇ ଓଦା ବସ୍ତ୍ରରେ ଉଦିତ ସୂର୍ଯ୍ୟ ନାରାୟଣଙ୍କୁ ଅର୍ଘ୍ୟ ଦେଇ ପୂଜାର୍ଚ୍ଚନା କରି ବ୍ରତାଧାରୀମାନେ ବ୍ରତ ଉଦ୍‌ଯାପନ କରିଥିଲେ। ଏହି ପୂଜାରେ ସୂର୍ଯ୍ୟ ଦେବ ତଥା ତାଙ୍କ ପୁତ୍ରି ଛଟ୍ ମୟୀଙ୍କୁ ପୂଜାକରି ଭକ୍ତମାନେ ନିଜ ପରିବାରର ସୁସ୍ଥ ଜୀବନ କାମନା କରିଥିଲେ। ଭକ୍ତମାନେ ପ୍ରଥମ ଦିନରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ସହ ବିଭିନ୍ନ ଫଳ, ଆଖୁ ସହ ନାନା ପିଠାପଣା ପ୍ରସାଦ ଲାଗି କରିଥିଲେ। ଛଟ୍ ପୂଜା ପାଇଁ ନାଗାବଳୀ ନଦୀ ତଟରେ ଥିବା ଦୁର୍ଗା ମନ୍ଦିର ସୁସଜ୍ଜିତ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ଗତ ୩ ଦିନ ହେଲା ଜନଗହଳି ଏବଂ ଗାଡି ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରାୟ ୩ କିମି ବାଟ ଜାମ୍ ଯୋଗୁ ୩ଟି ଆମ୍ବୁଲାନ୍ସ ଫଶି ଯାଇଥିବା ଦେଖିବାକୁ ମିଳିଥିଲା। ପୋଲିସ ଏବଂ ଟ୍ରାଫିକ ଅନୁମତି ବିନା ଏଭଳି ଅବାଧ ପାର୍କିଂ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଭବିଷ୍ୟତରେ ଏଭଳି ତ୍ରୁଟି ପୁନରାବୃତ୍ତି ହେବ ନାହିଁ ବୋଲି ଦୁର୍ଗା ମନ୍ଦିର ଦେବାଳୟ କମିଟି ପକ୍ଷରୁ କୁହାଯାଇଛି।

# କୋଟିଦ୍ୱୀପ ଆରାଧନା କାର୍ଯ୍ୟକ୍ରମ ଆରମ୍ଭ

ଗୁଣପୁର,୮।୧୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ବାଘୁଆ ଦେଉଳ ନିକଟ ବସନ୍ତ ଉତ୍ସବ ପଡ଼ିଆରେ ଶୁକ୍ରବାର କାର୍ତ୍ତିକ ଶିବ କେଶବ ପଞ୍ଚଦିବସୀୟ ପୂଜା ଓ କୋଟି ଦ୍ୱୀପ ଆରଧନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଧାୟକ ସତ୍ୟସିତ୍ ଗମାଙ୍ଗ, ପୌରାଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ କାର୍ଯ୍ୟକ୍ରମ ଶୁଭ ଉଦ୍‌ଘାଟନ କରିଥିଲେ। ଏଥି ପୂର୍ବରୁ ସକାଳୁ ବଂଶଧାରା ନଦୀରେ ପୂଜକ ପ୍ରକାଶ ରଥଙ୍କ ଦ୍ୱାରା ଗଙ୍ଗା ଆବାହନ ପୂଜା କରାଯାଇଥିଲା। ମହିଳାମାନେ କଳଶ ଯାତ୍ରାରେ ପଡିଆକୁ ଆସିବା ସହ ଦାଣ୍ଡିଆ ପରିବେଷଣ କରିଥିଲେ। ଗଣେଶ ଆରାଧନା, ଦୀକ୍ଷା ପ୍ରବେଶ, ରୁଦ୍ରାଭିଷେକ ଓ ଗଣପତି ହୋମ ସହ ସନ୍ଧ୍ୟାରେ ଗଣପତି କଲ୍ୟାଣ ପୂଜା ଅନୁଷ୍ଠିତ ହୋଇଛି। ଆନ୍ଧ୍ରର ତିରୁପତି, ସିମାଞ୍ଚଳ, ଆନାବରମ, କୋଟାବମାଲି ଆଦି ସ୍ଥାନରୁ ପ୍ରାୟ ୧୧ ଜଣ ପୂଜକ ଆସିଥିଲେ। ବରିଷ୍ଠ ପୂଜକ ଏସ୍.ପ୍ରଦୀପ ଶର୍ମା ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ପୂଜକ ରାର୍ମା ଶ୍ରୀନିବାସ ଶର୍ମା ଏଥିରେ ସହାୟତା କରିଥିଲେ। ପ୍ରଥମ

## ମହିଳାଙ୍କ ଦାଣ୍ଡିଆ ନୃତ୍ୟ ପରିବେଷଣ

ଦିନରେ କର୍ତ୍ତା ଭାବେ ସ୍ଥାନୀୟ ପାଲଟିଟି ଶେଖର ଓ ରାଜସ୍ଥାନର ରୁଦ୍ରେଶର ସୁନାମୁଦୀଙ୍କ ଦମ୍ପତି ବସିଥିଲେ। ଆନ୍ଧ୍ର, ଜୟପୁର, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ପାରଳାଖେମୁଣ୍ଡି ଆଦି ସ୍ଥାନରୁ ଦାଣ୍ଡିଆ ପାଇଁ ଶତାଧିକ ମହିଳା ଯୋଗ ଦେଇଥିଲେ। ଚିନ୍ନାରୀ ସୁଦ୍ଧା, ସୁବୁଦ୍ଧି ଶ୍ୱେତା, ତାଙ୍ଗୁଡୁ ଲକ୍ଷ୍ମୀ, ଏସ୍.ଶର୍ମିଳା, ପି. ପ୍ରତି, ପି. ସଙ୍ଗିତା ପ୍ରମୁଖ ମହିଳାଙ୍କ ନାଚ ଓ ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାମି ରାଜୁ, ଭୈରବ ବେହେରା, ସୁବୁଦ୍ଧି ନଗେଶ, କୋଟନୀ ଶ୍ରୀରାମୁର୍ତ୍ତୀ, ଏସ୍. ବାବା ପ୍ରସାଦ, ସିଏଚ୍. ଶ୍ରୀନିବାସ, ଉମା ଦାସ, ମିଲି ପାଢି, ଉମା ପଟ୍ଟନାୟକ, ଏସ୍. ଗଣପତି ରାଓ, ଅକ୍ଷୟ ଦାସଙ୍କ ସମେତ ଶତାଧିକ ସେବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉମା ରାମ ଲିଙ୍ଗେଶ୍ୱର ବୋଲବୋମ୍ ଭକ୍ତମାନେ ଓ ରାମ ରାମ ଜୀ ଗ୍ରୁପ୍ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାତିରେ ଅତିଥିଭାବେ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା, ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଆନ୍ଧ୍ରର ବିଭିନ୍ନ ତୀର୍ଥକ୍ଷେତ୍ରରୁ ଆସିଥିବା ପୂଜକଙ୍କ ମନ୍ତ୍ରଧ୍ୱନୀ, ତିରୁପତି ମନ୍ଦିର ଆକୃତି ପେଣ୍ଡାଲ, ତିରୁପତିଙ୍କ ମୂର୍ତ୍ତି, ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ମୂର୍ତ୍ତି ପୂଜା ହେଉଛି। ପଡ଼ିଆର କେତେକ ସ୍ଥାନରେ ଗଣେଶ ମନ୍ଦିର, ବିରାଟ ଶିବଲିଙ୍ଗ ସହ ଆକର୍ଷଣୀୟ ପ୍ରବେଶ ଦ୍ୱାର ଶ୍ରଦ୍ଧାଳୁଙ୍କୁ ଆକର୍ଷଣ କରୁଛି। କାର୍ତ୍ତିକ ମାସରେ ବଡ଼ ଧରଣର ଆଧାତ୍ମିକ କାର୍ଯ୍ୟକ୍ରମ ହେଉଥିବାରୁ ଭକ୍ତଙ୍କ ଭିଡ଼ ଜମୁଛି।



କୋଟି ଦ୍ୱୀପ ଆରାଧନା କାର୍ଯ୍ୟକ୍ରମ ଅବସରରେ କଳସ ଶୋଭାଯାତ୍ରା ।



ମହିଳାମାନେ ଦାଣ୍ଡିଆ ନୃତ୍ୟ ପରିବେଷଣ କରୁଛନ୍ତି ।

# ୯ ଲକ୍ଷ ୨୩ ହଜାର କୁଇଣ୍ଟାଲ ଖରିଫ ଧାନ କ୍ରୟ ଲକ୍ଷ୍ୟ

**ମାଲକାନଗିରି, ୮।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲାର ଚାଷୀମାନଙ୍କଠାରୁ ଧାନ କିଣିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡକାମି ଜିଲାର କୃଷକମାନଙ୍କ ସୁବିଧା ନିମନ୍ତେ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯାଇ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲ ଚାଷୀଙ୍କ ଧାନ କ୍ରୟ ବ୍ୟବସ୍ଥାକୁ ସୁଗମ କରିବା ସହ ଅଧିକ ଧାନ କ୍ରୟ କେନ୍ଦ୍ର ଖୋଲିବା ପାଇଁ କହିଥିଲେ। ଡିସେମ୍ବର ୧୬ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କ୍ରୟ କାର୍ଯ୍ୟ ସମାପନ କରାଯିବ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ



ଧାନ କ୍ରୟ କମିଟି ବୈଠକରେ ବିଧାୟକ, ଜିଲାପାଳଙ୍କ ସହ ଅନ୍ୟମାନେ।

୨୩ ହଜାର କୁଇଣ୍ଟାଲ ଖରିଫ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି।

ବୈଠକ ପ୍ରାରମ୍ଭରେ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ୨୦୨୪-୨୫ ଖରିଫ ଧାନ କ୍ରୟ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ ପାଇଁ ୨୩୦୦ ଟଙ୍କା ଓ ଗ୍ରେଡ୍ ଏ ପାଇଁ ୨୩୨୦ ଟଙ୍କା କୁଇଣ୍ଟାଲ ରଖାଯାଇଛି। ଏହି ଧାର୍ଯ୍ୟ ମୂଲ୍ୟ ସହ ଅତିରିକ୍ତ ୮୦୦ ଟଙ୍କା ବୋନସ ପ୍ରଦାନ କରାଯିବ। ଫଳରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଚାଷୀମାନେ ପାଇବେ। ଧାନ କ୍ରୟ ହେବା ପରେ ଚାଷୀଙ୍କୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱର

**ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ**

ଦ୍ୱାରା ଅନ୍‌ଲାଇନରେ ସେମାନଙ୍କ ଆକାଉଣ୍ଟକୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଟଙ୍କା ଜମା କରିଦିଆଯିବ । ଚାଷୀମାନଙ୍କୁ ସଚେତନ କରିବା ପାଇଁ ସମସ୍ତ ସୂଚନା ପ୍ରଚାରପତ୍ର, ଫ୍ଲେକ୍ସ ବ୍ୟାନର, ମାଇକରେ ପ୍ରଚାର, କର୍ମଶାଳା ଓ ବିଭିନ୍ନ ଗଣମାଧ୍ୟମ ଦ୍ୱାରା ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଚଳିତ ଖରିଫ ଧାନ କ୍ରୟ ନିମନ୍ତେ ୨୮ ଜଣ ମିଲର ଅଂଶଗ୍ରହଣ କରିବେ। ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ଉପଜିଲାପାଳ ଧାନ କ୍ରୟ ଓ ବିକ୍ରୟର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ ଓ ଆଇନଶୃଙ୍ଖଳା ପରିସ୍ଥିତି ତଦାରଖ କରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ଜିଲାରେ ୧୩ଟି ପାକ୍ସ ରହିଛି। ୨୦୨୪-୨୫ ଖରିଫ ଋତୁ ନିମନ୍ତେ ୩୭,୪୯୮ ଜଣ କୃଷକ ନାମ ପଞ୍ଜୀକରଣ କରିଛନ୍ତି। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ନବରଙ୍ଗପୁର ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଯୋଗାଣ ଅଧିକାରୀ ସଦର ମୁରଲୀକ୍ରିଷ୍ଣା ରାଓ, ଏସିଏସ୍ଓ ପ୍ରଦୀପ ଦାସ, ବୁଦ୍ଧଦେବ ଜେନା, ଜିଲାର ସମସ୍ତ ମିଲର, କୃଷି ଉପନିର୍ଦ୍ଦେଶକ, ସମସ୍ତ ବିଭାଗ ଉପ ନିବନ୍ଧକ, ଆରଏମ୍‌ସି ସମ୍ପାଦକ ଓ ଯୋଗାଣ ବିଭାଗ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଉପଜିଲାପାଳ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟାନ କୃଷି ସମ୍ବନ୍ଧୀୟ ତାଲିମ

**ମାଲକାନଗିରି, ୮।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସଦର ମହକୁମା କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏମ୍‌ପିଭି-୧ ଗ୍ରାମଠାରେ ଉଦ୍ୟାନ କୃଷି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପନିପରିବା ଚାଷ ଓ ଏହାର ଫସଲ ପରିଚାଳନା ତଥା ଜୈବିକ ଉପାୟରେ ରୋଗ, ପୋକ ପରିଚାଳନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏଥିସହ ଆଜୋଲା ନର୍ସରିରେ ଉତ୍ପାଦନ ପଦ୍ଧତି ସମ୍ବନ୍ଧରେ ଚାଷୀଙ୍କୁ ସୂଚନା ଦିଆଯାଇଥିଲା। ଗ୍ରାମର ଅଗ୍ରଣୀ ପନିପରିବା ଚାଷୀମାନେ ଶୀତଋତୁରେ କୃଷି ବିଜ୍ଞାନ କେନ୍ଦ୍ରର ତତ୍ତ୍ୱାବଧାନରେ ବିଭିନ୍ନ ପରିବା ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଦେବିପ୍ରସାଦ ଦାସ ଚାଷୀମାନଙ୍କୁ ପନିପରିବା ଚାଷ ସମ୍ବନ୍ଧରେ ସୂଚନା ଦେଇଥିଲେ। ସେହିପରି ଉଦ୍ୟାନ କୃଷି ବୈଜ୍ଞାନିକ ଡ. ସିଦ୍ଧାର୍ଥ କର ଉକ୍ତ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନାକରି ବୈଜ୍ଞାନିକ ଉପାୟରେ ପନିପରିବା ଚାଷ କରିବା ସମ୍ପର୍କରେ କହିଥିଲେ। ଆଜୋଲା ନର୍ସରି ପଦ୍ଧତିରେ ଧାନ ଫସଲରେ ବ୍ୟବହାର ଓ ପଶୁ ଖାଦ୍ୟ ଭାବରେ ଏହାର ଉପଯୋଗିତା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମତ୍ସ୍ୟଚାଷ ବିଶେଷଜ୍ଞ ଆଶିଷ କୁମାର ମାନେ ଯୋଗଦେଇଥିଲେ। ଏହି ଅବସରରେ ବହୁ ଚାଷୀ ଉପସ୍ଥିତ ରହି ତାଲିମ ନେଇଥିଲେ।

# ମାଓବାଦୀ ଅସ୍ତ୍ରଶସ୍ତ୍ର ଜବତ


ଯବାନଙ୍କ ସହ ଜବତ ମାଓବାଦୀ ସାମଗ୍ରୀ।

**ମାଲକାନଗିରି, ୮।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗନାର ମୁଲୁଗୁ ଜିଲାରେ ପୋଲିସ ଦ୍ୱାରା ତଲାସି ଅଭିଯାନ ବେଳେ ବିପୁଳ ମାଓବାଦୀ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ ମୁଲୁଗୁ ତାଡବାଇ ମଣ୍ଡଳର ବାନ୍ଧଲ ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଦମନ ପାଇଁ ପୋଲିସ ପକ୍ଷରୁ ତଲାସି ଅଭିଯାନ ହୋଇଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଲୁଚାଯାଇଥିବା ଡମ୍ପକୁ ଠାବ କରିଥିଲେ। ଏହି ଡମ୍ପରୁ ପୋଲିସ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ସହ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ। ଜବତ ହୋଇଥିବା ସାମଗ୍ରୀ ମଧ୍ୟରେ ୩ଟି ବନ୍ଧୁକ ଏବଂ ୧୬୫ଟି ଗୁଳି ଜବତ କରାଯାଇଛି। ଏହାପରେ ସେହି ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଜୋରଦାର କରାଯାଇଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୋରୁକୋଣ୍ଡା, ୮।୧୧ (ଶିବଦତ୍ତ ସାହୁ)**

କୋରୁକୋଣ୍ଡା ବ୍ଲକ ପୁରୁଣା ମ୍ୱିଟାପାଲ୍ଲୀ ପଞ୍ଚାୟତ ଅଧିନସ୍ଥ ଏମ୍‌ଭି -୧୨୦ ନମ୍ବର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅରବିନ୍ଦ ଜେନାଙ୍କ ସଭାପତିତ୍ୱରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରେଣୁବାଳା ମାହାଙ୍କୁଡ ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ବାଲିମେଲା ମଣ୍ଡଳର ଭାଜପା ସଭାପତି ଶିବଦତ୍ତ ସାହୁ, ପୂର୍ବତନ ସିଆରସିସି ସୁଦୀପ ବିଶ୍ୱାସ, ସିଆରସିସି ପ୍ରଦ୍ୟୁମ୍ନ ସ୍ୱାଇଁ, ଝୁଡାମେଟା ସିଆରସିସି ସତ୍ୟ ନାରାୟଣ ଦେ, ପୂର୍ବତନ ସିଆରସିସି କାର୍ତ୍ତିକ ପଣ୍ଡା, ବରିଷ୍ଠ ଶିକ୍ଷକ ଲଳିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାସଙ୍କୁ ଉପଢୌକନ, ଉପହାର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନା ଥାଉକି, ଏହି ବିଦ୍ୟାଳୟରେ ଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ ତା୩୦।୪।୨୦୨୪ରେ ଚାକିରୀରୁ ଅବସର ନେଇଥିଲେ।

# ବ୍ଲକ୍‌ସ୍ତରୀୟ ଶିଶୁ ବିଜ୍ଞାନ ପ୍ରଦର୍ଶନୀ

**ପଡିଆ, ୮।୧୧ (ଭାସ୍କର ରାଓ)**

ମାଲକାନଗିରି ଜିଲା ପଡିଆ ବ୍ଲକ ଅନ୍ତର୍ଗତ କାଲଧାପଲ୍ଲୀ ପଞ୍ଚାୟତ ସଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ୩୧ତମ ବ୍ଲକସ୍ତରୀୟ ଶିଶୁ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରୋଇଙ୍କ ନେତୃତ୍ୱରେ ୮ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୧୧୬ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଅତିଥି ଭାବେ ଜଗନ୍ନାଥ ପ୍ରସାଦ ବେହେରା ଏବଂ ସନ୍ଦୀପ ଦାସ ଜିଲାସ୍ତରରୁ ଆସି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପମାନ ବୁଲି ଦେଖିଥିଲେ। ଏଥି ମଧ୍ୟରୁ ଜୁନିୟର ଭାବେ ୩ଟି ଏବଂ ସିନିୟରରେ ୪ଟି ପ୍ରୋଜେକ୍ଟ ଜିଲାସ୍ତରକୁ ମନୋନୀତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରତିନିଧି ପି ଭେଙ୍କେଟଶ୍ୱର ରାଓ, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ପ୍ରତିନିଧି କୋଟାମ ବାଲାୟା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ସରିତା କୁଞ୍ଜାମୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ପୋଦାର, ଗୋଷ୍ଠୀ ଶିକ୍ଷକ ସଂଘ ସଭାପତି ତୋକାଲ ବିଚେମ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଶାନ୍ତ ପରିଡା ମଞ୍ଚ ପରିଚାଳନାକରିଥିବାବେଳେ ଶଙ୍କରା ସୂରିବାବୁ, ସୀତାରାମ ମାଝି ପ୍ରମୁଖ ଆୟୋଜନ କରିଥିଲେ ।


ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପକ ଅତିଥି ଦେଖୁଛନ୍ତି।

# ପଞ୍ଚାୟତସ୍ତରୀୟ ପରବ ଉଦ୍‌ଘାଟିତ

**ଜୟପୁର, ୮।୧୧ (ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକର ଗ୍ରାମ ପଞ୍ଚାୟତ ସ୍ତରୀୟ ପରବ ଶୁକ୍ରବାର ଉଦଘାଟିତ ହୋଇଛି। କଙ୍ଗା, ଜାମୁଣ୍ଡା, ଆମ୍ବାଗୁଡା ଓ ବାରିଣିପୁଟ ଆଦି ୨୨ ପଞ୍ଚାୟତର ସରକାରୀ ଉଚ୍ଚ ବିଦ୍ୟାଳୟରେ ପରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସରପଞ୍ଚ, ପିଇଓ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିବା ନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ର ସୂଚନା ଦେଇଛନ୍ତି।

# ଯୋଗାଣ ସହାୟକ ଅନୁପସ୍ଥିତ, ହିତାଧିକାରୀ ହଇରାଣ

**ମାଥିଲି, ୮।୧୧ (ସୁବାଷ ଚନ୍ଦ୍ର ଖୁଲୁପିଆ)**

ମାଥିଲି ବ୍ଲକ ଅନ୍ତର୍ଗତ ଦଳପତିଗୁଡା ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ମନୋଜ କୁମାର ରାଓ ଅଧିକାଂଶ ସମୟରେ ଅନୁପସ୍ଥି ରହୁ ଥିବାରୁ ପିଡିଏସ୍ ଚାଉଳ ନେବା ପାଇଁ ଦୂର ଦୁରାନ୍ତରୁ ଆସୁଥିବା ବିପିଏଲ ହିତାଧିକାରୀ ଚାଉଳ ନ ପାଇ ଫେରିକି ଯାଉଥିବା ସ୍ଥାନୀୟ ସରପଞ୍ଚ ରୁକ୍ମଣି ପୂଜାରୀଙ୍କ ସମେତ ୧୨ଜଣ ୱାର୍ଡ ମେମ୍ବର ଅଭିଯୋଗ କରିଛନ୍ତି। ଶୁକ୍ରବାର ଦଳପତି ଗୁଡା ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାରେ ସରପଞ୍ଚ ରୁକ୍ମଣି ପୂଜାରୀ, ପିଇଓ ସ୍ମିତାରାଣୀ ଚୌଧୁରି, କନିଷ୍ଠ ଯନ୍ତ୍ରୀ ବର୍ମା, ଜିଆରଏସ ଗୋବିନ୍ଦ ବରଖା, ସିପିଆଇ ନେତା ହଳଧର ପୂଜାରୀ, ୱାର୍ଡ ମେମ୍ବର ବଳରାମ ନାୟକଙ୍କ ସମେତ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗ୍ରୁପର ମା'ମାନେ ଉପସ୍ଥିତ ଥିଲେ ମଧ୍ୟ ଯୋଗାଣ ସହାୟକ ଅନୁପସ୍ଥିତ ଥିବାରୁ ସମସ୍ତେ ବିରୋଧ କରିଥିଲେ। ଯୋଗାଣ ସହାୟକଙ୍କ ନିଜର ଏକ ରାଶନ ଦୋକାନ ଥିବାରୁ ସେ ପ୍ରତ୍ୟେକ ସପ୍ତାହିକ ହାଟକୁ ଯାଇ ବେପାରରେ ବ୍ୟସ୍ତ ରହୁଥିବା ସିପିଆଇ ନେତା ପୂଜାରୀ ଅଭିଯୋଗ କରିଛନ୍ତି।

# ଆଇନ ସାକ୍ଷରତା କାର୍ଯ୍ୟକ୍ରମ



ସାକ୍ଷରତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତୀଛାତ୍ର।

**ଦଶମନ୍ତପୁର, ୮।୧୧ (ଅରବିନ୍ଦ ନାୟକ)**

ଦଶମନ୍ତପୁର ରାଧାକୃଷ୍ଣ ଡିଗ୍ରୀ ଏବଂ ଜୁନିଅର ମହାବିଦ୍ୟାଳୟରେ ଭୁବନେଶ୍ୱର ସିଏସଏନଆର(ସେଣ୍ଟର ଫର ଦି ମାନେଜମେଣ୍ଟ ଅଫ ନାଚୁରାଲ ଏଣ୍ଡ ସୋସିଆଲ ରିସୋରସେସ) ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଆଇନ ସାକ୍ଷରତା କ୍ଲବ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କନ୍ଧପାନ ଏବଂ ଜୁନିଅର କଲେଜର ଅଧାପକ ପର୍ଶୁରାମ ସାହୁ ଛାତ୍ରୀଛାତ୍ରଙ୍କୁ ଆଇନ ସାକ୍ଷରତା ନେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ୫୦ ଓ ଜୁନିଅର କଲେଜର ୧୨୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସିଏସଏନଆରର ଆଡଭୋକେଟ ଅଜୟ ଖୋସଲା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବାଲ୍ୟ ବିବାହ, ଶିଶୁ ଶ୍ରମିକ, ମାନବ ଚାଲାଣ, ନାରୀ ନିର୍ଯାତନା ରୋକିବା ଏବଂ ଶାରୀରିକ ଭିନ୍ନକ୍ଷମ, ବୃଦ୍ଧ, ଶିଶୁମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦିଗରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ନେଇ ସିଏସଏନଆରର କ୍ଷେତ୍ରକର୍ମୀ ଜ୍ଞାନ ସାଗର ନାୟକ ଆଲୋଚନା କରିଥିଲେ। ଉଭୟ କଲେଜର ୧୦ ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ନେଇ ୨ ଆଇନ ସାକ୍ଷରତା କ୍ଲବ ଗଠନ କରାଯାଇ ଆଗାମୀ ଦିନରେ କ୍ଲବର ସଦସ୍ୟମାନଙ୍କୁ ନେଇ ବକ୍ତୃତା, ରଚନା କାର୍ଯ୍ୟକ୍ରମ କରିବା ସହ ବିଶ୍ୱ ମାନବିକ ଅଧିକାର ଦିବସରେ ପୁରସ୍କୃତ କରିବା ପାଇଁ ନିଷ୍ପତି ନିଆଯାଇଥିଲା।

# ଓଜନ, ମାପ, ଯୋଗାଣ ବିଭାଗର ମିଳିତ ଚଢ଼ାଉ

**୨୧ ହଜାର ଟଙ୍କା ଜରିମାନା, ୮ ଘରୋଇ ସିଲିଣ୍ଡର ଜବତ**

**ଜୟପୁର, ୮।୧୧ (ପବନ ପାଣିଗ୍ରାହୀ)**

ଜୟପୁର ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ଓଜନ, ମାପ ଓ ଯୋଗାଣ ବିଭାଗ ପକ୍ଷରୁ ଦୈନିକ ବଜାର ଏବଂ ସହରର ଅନ୍ୟାନ୍ୟ ବ୍ୟବସାୟିକ ଅନୁଷ୍ଠାନରେ ଗୁରୁବାର ମିଳିତ ଚଢ଼ାଉ କରଯାଇଥିଲା। ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀଙ୍କ ନିର୍ଦ୍ଦେଶରେ ଜୟପୁର ସହରର ବିଭିନ୍ନ ହୋଟେଲ ସହ ଦୈନିକ ବଜାରରେ ଚାଉଳ, କିରାନା ସାମଗ୍ର ଏବଂ ପନିପରିବା ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ସେହିପରି ଓଜନ ଓ ମାପ ବିଭାଗ ପକ୍ଷରୁ ନୂତନୀକରଣ ହୋଇ ନ ଥିବା ଯୋଗୁ ୬ ଦୋକାନରୁ ସମୁଦାୟ ୨୧ ହଜାର ଟଙ୍କା ଜରିମାନା ଟଙ୍କା ଆଦାୟ କରାଯାଇଥିବା ବେଳେ ଯୋଗାଣ ବିଭାଗ ବିଭିନ୍ନ ହୋଟେଲରେ ବେଆଇନ ଭାବେ ବ୍ୟବହୃତ ହେଉଥିବା ୮ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ବ୍ୟବସାୟିକ ହୋଟେଲ ଏବଂ ରେଷ୍ଟୁରାଣ୍ଟରୁ ଜବତ ହୋଇଥିବା ସିଲିଣ୍ଡର ନେଇ ପ୍ରଶାସନ ପକ୍ଷରୁ ମାମଲା ରୁଜୁ କରାଯିବ ବୋଲି ଚଢ଼ାଉ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ବାଲାଜୀ ପ୍ରସାଦ ବ୍ରହ୍ମା କହିଛନ୍ତି। ଏଥିରେ ଓଜନ ଓ ମାପର ଉପ ନିୟନ୍ତ୍ରକ ସତ୍ୟଜିତ ବିଶ୍ୱାଳ, ସହକାରୀ ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା, ଏମ୍.ଆଇ. ମୁସ୍ତା ମାଙ୍ଗଳିକା, ପୌରସଂସ୍ଥାର ଜନସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା ଏବଂ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ଚଢ଼ାଉ ଜାରି ରହିବ ବୋଲି ଅଧିକାରୀମାନେ କହିଛନ୍ତି।


ଚଢ଼ାଉରେ ଜବତ ହୋଇଥିବା ସିଲିଣ୍ଡର।

# ଏବିଭିପିର ନୂତନ ମହାବିଦ୍ୟାଳୟ ଶାଖା ଗଠନ



**ସୁନାବେଡା, ୮।୧୧ (କୃତ୍ତିବାସ ପ୍ରଧାନ)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏକ ମହାବିଦ୍ୟାଳୟ ଶାଖା ସୁନାବେଡ଼ା ମହାବିଦ୍ୟାଳୟରେ ଶୁକ୍ରବାର ଗଠନ ହୋଇଯାଇଛି। ଶାଖା ମାଧ୍ୟମରେ କ୍ୟାମ୍ପସରେ ଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଦିଗକୁ ଗୁରୁତ୍ୱ ଦେବା ସହ ଅଧ୍ୟୟନ ବିଦ୍ୟାର୍ଥୀ ଜ୍ଞାନ ଚରିତ୍ର ଏକତାକୁ ମୂଳମନ୍ତ୍ର କରି କଲେଜରେ ସୁବାତାବରଣ ସୃଷ୍ଟି ଏବଂ ବ୍ୟକ୍ତିତ୍ୱ ବିକାଶ କରିପାରିବେ ସେ ନେଇ କୋରାପୁଟ ଜିଲା ସଂଗଠନ ସମ୍ପାଦକ ଦିବ୍ୟଜ୍ୟୋତି ନନ୍ଦ କହିଥିଲେ। ଏଥିରେ ସଭାପତି ଦୀପିକା ସ୍ୱାଇଁ, ଉପସଭାପତି ଆଶାଲତା ପ୍ରଧାନ ଓ ଶୁଭସ୍ମିତା ଆଚାର୍ଯ୍ୟ, ସମ୍ପାଦିକା ଶୁଭଲକ୍ଷ୍ମୀ ପଣ୍ଡା, ସହସମ୍ପାଦିକା ଲିଜା ଦେଶାଇ ଓ କେ.ରୂପା ରହିଥିବା ବେଳେ ଷ୍ଟୁଡେଣ୍ଟ ଫର୍ ସେବା ପ୍ରମୁଖ ମହିମା ରୂପାଞ୍ଜଳି ଭତ୍ରା, ଅସୀମା କୁଲଦୀପଙ୍କୁ ଷ୍ଟୁଡେଣ୍ଟ ଫର୍ ଡେଭଲପମେଣ୍ଟ, ମନସ୍ୱିନୀ ପଣ୍ଡାଙ୍କୁ ରାଷ୍ଟ୍ରୀୟ କଳାମଞ୍ଚ, ବବିତା ଦୋରା ଓ ବର୍ଷାରାଣୀ ପ୍ରଧାନଙ୍କୁ ଖେଳ ଭାରତ, ମଧୁସ୍ମିତା ପାଙ୍ଗୀଙ୍କୁ କ୍ୟାମ୍ପସ ଡିସ୍‌କସନ ଡେ, ସୋସିଆଲ ମିଡିଆ ପୂଜା ଖେମୁଣ୍ଡୁ, ଏନ୍‌ଏସ୍‌ଏସ୍ ଗୀତାଞ୍ଜଳି, ସନ୍ତୋଷୀ ବେହେରା, ଏ. ନିରୋଜାଙ୍କୁ ଛାତ୍ରୀ ପ୍ରମୁଖ ରଶ୍ମିତା ପାଙ୍ଗୀ ଓ ସୁମିତ୍ରା ଖିଲଙ୍କୁ ଆର୍ଟ୍ସ ପ୍ରମୁଖ ଦାୟିତ୍ୱ ଦିଆଯାଇଛି।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

**ବୋରିଗୁମ୍ମା, ୮।୧୧ (ବିଜୟ ସାହୁ)**

ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କଣାଗାଁ ସରକାରୀ ଉନ୍ନୀତ ଉଚ୍ଚ ସ୍କୁଲରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଧାରଣୀୟ ବିକାଶ ନିମିତ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଭୂମିକା ଶୀର୍ଷକ କାର୍ଯ୍ୟକ୍ରମରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ୭ ଉପବିଷୟ ବସ୍ତୁକୁ ଆଧାର କରି ୬୩ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରେ ଓବିସି ସେଲର ରାଜ୍ୟ ସଭାପତି ରାମକୃଷ୍ଣ ବିଷୋୟୀ, ସିଆରସିସି ଗୁଣଧର ପୂଜାରୀ, ଏସଏମସି କମିଟିର ଅଧ୍ୟକ୍ଷ ରଜନୀକାନ୍ତ ବିଷୋୟୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ମିଶ୍ର ଉପସ୍ଥିତ ଥିଲେ। ଉଦଯାପନୀରେ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ସଚିନ ମଲ୍ଲିକ, ଶଶାହାଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାତ୍ର ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ମାଝୀ ବିଜ୍ଞାନର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶୁଣି ପାରୁ ନ ଥିବା ଏବଂ କହି ପାରୁ ନ ଥିବା ଅଷ୍ଟମଶ୍ରେଣୀର ଛାତ୍ର ଟିଙ୍କୁଲା ଭୂମିଆଙ୍କ ପ୍ରକଳ୍ପ ମୋବ୍ରି ବ୍ରିଜ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ସମସ୍ତ ୬୩ ପ୍ରକଳ୍ପର ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ସହ ୯ରେ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।


ବିଜ୍ଞାନମେଳାରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ସିପିଆଇର ସଭ୍ୟ ସଂଗ୍ରହ ଅଭିଯାନ

**ଜୟପୁର, ୮।୧୧ (ପବନ ପାଣିଗ୍ରାହୀ)**

ଜୟପୁର ଶ୍ରମିକ କର୍ମଚାରୀ ଭବନରେ ମହାନ୍ ଅକ୍ଟୋବର ବିପ୍ଳବ ବା ବିଶ୍ୱ ସମାଜବାଦ ପ୍ରତିଷ୍ଠା ଦିବସ ଅବସରରେ ଜିଲା କମ୍ୟୁନିଷ୍ଟ ପାର୍ଟିର ବିଭିନ୍ନ ଶାଖାରେ ବୈଠକ ଓ ସଭ୍ୟ ସଂଗ୍ରହ ଅଭିଯାନ ଗୁରୁବାର ଆରମ୍ଭ ହୋଇଛି। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ବାୟାଗୁଡ଼ା, ସୁଣ୍ଡିଗୁଡ଼ା, ବୈପାରିଗୁଡ଼ାର ମୁଦୁଲିଗୁଡ଼ା ଶାଖା, କୋଟପାଡ଼ର ଚାନ୍ଦଲି ଶାଖା, ଦଶମନ୍ତପୁର ଜୋନର ବିଭିନ୍ନ ଶାଖା, ବୋରିଗୁମ୍ମାର ମାଲଦା ଶାଖାରେ ମଧ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟପୁର ଜଗନ୍ନାଥ ସାଗର, ନୀଳକଣ୍ଠ ସାଗର, ସେବା କାଗଜକଳ ପୁନରୁଦ୍ଧାର ଏବଂ ଦରଦାମ ବୃଦ୍ଧି ପ୍ରତିବାଦ ଓ ବେକାର ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ କରାଯିବ। ନଭେମ୍ବର ୧୬ ଓ ୧୭ ଭୁବନେଶ୍ୱର ରାଜ୍ୟ ସାଙ୍ଗଠନିକ ସମ୍ମିଳନୀରେ ଜିଲାରୁ ୭ ଜଣ ସଭ୍ୟ ଯୋଗଦେବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ସର୍ବଶ୍ରୀ ରାମକୃଷ୍ଣ ଦାସ, ନନ୍ଦ ହରିଜନ, ବସନ୍ତ ବେହେରା, ସତ୍ୟବ୍ରତ ନନ୍ଦ, ଉତ୍ତମ ମଲ୍ଲିକ, ଅଲେଖ ପାତ୍ର ଓ ବୁଦ୍ରା ବଡ଼ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଗଞ୍ଜେଇ, ମାଓବାଦୀ ମୁକ୍ତ ଜିଲା ଗଠନ ନେଇ ଆଲୋଚନା

**କୋରାପୁଟ ଗସ୍ତରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ**

**କୋରାପୁଟ, ୮।୧୧ (ଅମିତାଭ ବେହେରା)**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁକ୍ରବାର କୋରାପୁଟ ଗସ୍ତ କରିଛନ୍ତି। ମାଲକାନଗିରିରୁ ହେଲିକପ୍ଟର ଯୋଗେ ଆସି କୋରାପୁଟ ବିଏସ୍‌ଏଫ ମୁଖ୍ୟାଳୟ ପହଞ୍ଚି ସେଠାରେ ଜିଲାର ସୁରକ୍ଷା ବ୍ୟବସ୍ଥା ନେଇ ବିଏସଏଫର ବରିଷ୍ଠ ଅଧିକାରୀଙ୍କ ସହ ଡିଜି ଆଲୋଚନା କରିଥିଲେ। ପରେ ସେଠାରୁ କୋରାପୁଟ ଏସ୍‌ଓଜି କାର୍ଯ୍ୟାଳୟ ପରିଦର୍ଶନ କରି ଯବାନଙ୍କ ସୁବିଧା ଓ ଅସୁବିଧା ନେଇ ଆଲୋଚନା କରିଥିଲେ। ଅପରାହ୍ନ ୧ଟା ୪୦ ମିନିଟରେ କୋରାପୁଟ ପୋଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ଡିଜିଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ପରେ ଏଠାରେ ଜିଲା ପୋଲିସର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏଥିରେ ମାଓବାଦୀ ଦମନ, ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଅଙ୍କୁଶ, ଜିଲାରେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କୋରାପୁଟ ଓ ମାଲକାନଗିରି ଜିଲାରେ ଗଞ୍ଜେଇ ଚୋରା କାରବାର ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯିବ। ଅପରାଧୀଙ୍କୁ ଧରିବା ଓ ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ଥାନାଠାରୁ ଜିଲା ପର୍ଯ୍ୟନ୍ତ ପୋଲିସର ମାନବ ସମ୍ବଳ ଓ ଭିତ୍ତିଭୂମିର ଉନ୍ନତି ଅଣାଯିବ। ପେଟ୍ରୋଲିଂକୁ ଅଧିକା କ୍ରିୟାଶୀଳ କରାଯିବାକୁ ଗୁରୁତ୍ୱ ଦିଆଯାଇଛି ବୋଲି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ଥାନାକୁ ଆସୁଥିବା ମାମଲାଗୁଡ଼ିକୁ କୌଣସି ପକ୍ଷପାତ ନ କରି ନିରପେକ୍ଷ ରହି ଆଇନ ଅନୁଯାୟୀ ନ୍ୟାୟ ପୂର୍ଣ୍ଣ ଭାବେ ପଦକ୍ଷେପ ଗ୍ରହଣ କରିବାକୁ ପୋଲିସ ଯତ୍ନବାନ ରହିବେ ବୋଲି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମଥର କୋରାପୁଟ ଗସ୍ତରେ ଆସି ଜିଲା ମୁଖ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ଦିନରେ କୋରାପୁଟ ଓ ମାଲକାନଗିରି ୨ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି, ଗଞ୍ଜେଇ ଚୋରା କାରବାର, ମାଫିଆ ଓ ଚାଲାଣ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଥିବା ଡିଜି ସୂଚନା ଦେଇଛନ୍ତି। ୨୦୨୬ ମସିହା ମାର୍ଚ୍ଚ ସୁଦ୍ଧା ଉପରୋକ୍ତ ଦୁଇ ଜିଲାକୁ ମାଓବାଦୀ ମୁକ୍ତ ଅଞ୍ଚଳ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ କେ.ବିଶାଳ ସିଂ, ଡିଆଇଜି ଅପେରେଶନ ଅଖିଳେଶ୍ୱର ସିଂ, କୋରାପୁଟ ଏସ୍‌ପି ରୋହିତ ବର୍ମା, ଜିଲାପାଳ ଭି. କୀର୍ତ୍ତି ଭାସନଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ସାମ୍ବାଦିକ ସମ୍ମିଳନୀରେ ପୋଲିସ ମହାନିର୍ଦ୍ଦେଶକ ଓ ଅନ୍ୟମାନେ।

# ମଣ୍ଡେଇ ମଞ୍ଚର ଭୂମି ପୂଜନ

**ନବରଙ୍ଗପୁର, ୮।୧୧ (ସଦାଶିବ ପ୍ରହରାଜ)**

ଡିସେମ୍ବର ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲାର ଲୋକ ମହୋତ୍ସବ ମଣ୍ଡେଇ ପାଳନ କରାଯିବ। ଏ ଉପଲକ୍ଷେ ଶୁକ୍ରବାର ହିର୍ଲିସ୍ଥିତ ମଣ୍ଡେଇ ପଡ଼ିଆରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ପୌରହିତ୍ୟରେ ମଣ୍ଡେଇ ମଞ୍ଚର ଭୂମି ପୂଜା କରାଯାଇଛି। ବରିଷ୍ଠ ପୁରୋହିତ ଗୁପ୍ତେଶ୍ୱର ଷଡ଼ଙ୍ଗୀ ପୂଜା କାର୍ଯ୍ୟ କରିଥିଲେ । ଏଥିରେ ଜିଲା ସଂସ୍କୃତି ଅଧିକାରୀ ଘସିଆ ହରିଜନ, ଡିଆଇପିଆରଓ ମନୋଜ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀ ଅମରନାଥ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ସମେତ ମଞ୍ଚ ପ୍ରସ୍ତୁତି ଓ ପରିଚାଳନା କମିଟି ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ପୂର୍ଣ୍ଣାହୁତି ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲାପାଳ ଶୁଭଙ୍କର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ ମିଶ୍ର, ସାମାଜିକ କର୍ମୀ ମୁନା ତ୍ରିପାଠୀ, ଗୋକୁଳ ଖାଡଙ୍ଗା,ଏସ୍. ବାସନ୍ତୀ, ସୀମାଞ୍ଚଳ ରଥ, ମୃତ୍ୟୁଞ୍ଜୟ ଦାସ, ଶର୍ମିଷ୍ଠା ଦେଓ, କିଶୋରୀ ପଟ୍ଟନାୟକ, ବାଲାଜୀ ସାହୁ, ସ୍ୱର୍ଣ୍ଣଲତା ପଟ୍ଟନାୟକ ଓ ଖବରଦାତାମାନେ ଉପସ୍ଥିତ ଥିଲେ।

# ୧୮ରେ ମଣ୍ଡେଇ ଉଦ୍‌ଘୋଷକ ଚୟନ

**ନବରଙ୍ଗପୁର,୮।୧୧ (ସଦାଶିବ ପ୍ରହରାଜ)**

ମଣ୍ଡେଇ ମହୋତ୍ସବ ପାଳନ ନିମନ୍ତେ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ମଣ୍ଡେଇ ମଞ୍ଚରେ ନୂତନ ପ୍ରତିଭାଙ୍କୁ ସୁଯୋଗ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ମଣ୍ଡେଇ ମଞ୍ଚ ସଞ୍ଚାଳନ ପାଇଁ ନୂତନ ଉଦ୍‌ଘୋଷିକା ଏବଂ ଉଦଘୋଷକ ଚୟନ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ୧୮ ତାରିଖରେ ହେବାକୁ ଥିବାଚୟନ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକରୁ ଯୁବ ବର୍ଗ ଏବଂ କଲେଜ ଛାତ୍ରୀଛାତ୍ର ଭାଗ ନେଇ ପାରିବେ। ଇଚ୍ଛୁକ ପାର୍ଥୀ ୧୨ ତାରିଖ ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀ କାର୍ଯ୍ୟାଳୟରେ ଆବେଦନ କରିପାରିବେ। ଅନ୍ୟ ଅଞ୍ଚଳର ଯୁବ ବର୍ଗ ନିଜ ଅଞ୍ଚଳର ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ମଧ ଆବେଦନ କରିପାରିବେ । ଏ ନେଇ ଅତିରିକ୍ତ ଜିଲାପାଳ ତଥା ସାଂସ୍କୃତିକ ଦଳ ଓ ଉଦ୍‌ଘୋଷକ ଚୟନ କମିଟି ଅଧକ୍ଷ ମହେଶ୍ୱର ନାୟକ, ପତ୍ର ସଂଖ୍ୟା ୨୨୧, ତାରିଖ ୦୫.୧୧.୨୦୨୪ ଅନୁଯାୟୀ ସମସ୍ତ ବିଡିଓ ଏବଂ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଚିଠି କରିଛନ୍ତି। ନିଜ ବ୍ଲକ କିମ୍ବା ପୌରାଞ୍ଚଳରୁ ଜଣେ ଲେଖାଏ ପ୍ରାର୍ଥୀ ଚୟନ କରି ୧୮ ତାରିଖରେ ହେବାକୁ ଥିବା ଅନ୍ତିମ ଚୟନ ପ୍ରକ୍ରିୟା ପାଇଁ ପଠାଇବାକୁ ଚିଠିରେ ଉଲ୍ଲେଖ ରହିଛି। ଜିଲା ପ୍ରଶାସନର ଏଭଳି ପ୍ରୟାସକୁ ବରିଷ୍ଠ ଫିଲ୍ମ ତଥା ନାଟ୍ୟ ନିର୍ଦ୍ଦେଶକ ସୁରେଶ ମହାନ୍ତି, ନାଟ୍ୟକାର ତଥା ମଞ୍ଚ ନିର୍ଦ୍ଦେଶକ ଗୋକୁଳ ଖାଡଙ୍ଗା, ବରିଷ୍ଠ ଗୀତିକାର ତଥା ଗାୟକ ସୁରେଶ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ସାମନ୍ତରାୟଙ୍କ ସହ ଜିଲାବାସୀ ପ୍ରଶଂସା କରିଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



**ଗୋବିନ୍ଦପାଲି, ୮।୧୧ (କାର୍ତ୍ତିକ ରଥ)**

ଖଇରପୁଟ ବ୍ଲକର ୩୪ତମ ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ସ୍ଥାନୀୟ କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟା, ସମ୍ମାନୀତ ଅତିଥି ରୂପେ ଖଇରପୁଟ ଗୋଷ୍ଠୀ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସମ୍ମିତ କୁମାର ଦାସ ଯୋଗ ଦେଇଥିଲେ। ସେହିଭଳି ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭାରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିଷାନୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଖଇରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟପ୍ରଧାନ ଶିକ୍ଷକ ମାନସ ରଞ୍ଜନ ନାୟକ, ଜିଲା ପରିଷଦ ସଭ୍ୟ ବଳି ମାଝି, କୁଡୁମୁଲୁଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଗଣ୍ଡ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦାମୋଦର ସାହୁ, ଖଇରପୁଟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ୟାସୀ କିର୍ସାନୀ, ମାଥିଲି ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜୟରାମ ଭୂମିଆ,ବରିଷ୍ଠ ପ୍ରଧାନ ଶିକ୍ଷକ ସରୋଜ କୁମାର ଖୁଣ୍ଟିଆ, ଶିକ୍ଷକ ସୌଭାଗ୍ୟ କୁମାର କାନୁନଗୋ , ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଆବାହକ ମାଦିନ୍ ଗୁଡୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ପ୍ରଧାନ, ଧନେଶ୍ୱର ନାୟକ, ଶିବାନୀ ମୁଦୁଲି, ସ୍ଥାନୀୟ ସରପଞ୍ଚ ଦଇମତି ଗୋଲପେଦା ପ୍ରମୁଖ ମଞ୍ଚାସୀନ ଥିଲେ। ୧୧ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସମୁଦାୟ ୧୦୩ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସେଥିମଧ୍ୟରୁ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ସ୍ତରରୁ ୭ଟି ସବଥିମ୍ ଭିତ୍ତିକ ପ୍ରକଳ୍ପ ଜଲାସ୍ତର ପାଇଁ ଚୟନ ହୋଇଥିବାବେଳେ ସର୍ବ କନିଷ୍ଠ ,କନିଷ୍ଠ ଓ ବରିଷ୍ଠ ବର୍ଗକୁ ସାନ୍ତ୍ୱନାମୂଳକ ୯ଟି ପ୍ରକଳ୍ପକୁ ଚୟନ କରାଯାଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଦେବରାଜ ସେଠୀ ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ୧୩୦ ପ୍ରକଳ୍ପ ପ୍ରଦର୍ଶିତ

**କାଲିମେଳା, ୮।୧୧ (ଜୀବନ କୃଷ୍ଣ ଦାସ)**

କାଲିମେଳା ବ୍ଲକ ଅନ୍ତର୍ଗତ ଯବାନପାଲୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ୩୦ ତମ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନମେଳାକୁ କାଲିମେଳା ବ୍ଲକ ଅଧକ୍ଷା ସୁସିନୀ ସୋଡ଼ୀ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ସହ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ କୁଇଜ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। କାଲିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ବିଜ୍ଞାନ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ମାଲି, ବିଧାୟକ ପ୍ରତିନିଧି ହର ବିଳାସ ମଣ୍ଡଳ, ଜିଲା ଭାଜପା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, ତେଲରାଇ ପଞ୍ଚାୟତ ସରପଞ୍ଚ ମୁତା ସୋଡ଼ୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନିମେଶ ମଣ୍ଡଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ରହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ନବ କିଶୋର ମଲ୍ଲିକ ସମସ୍ତ କାର୍ଯ୍ୟ ସମାପନ କରିଥିଲେ । ଏହି ଅବସରରେ ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା।



ବିଜ୍ଞାନ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ଜିଲାସ୍ତରୀୟ ସୁରଭିରେ ୩ ଛାତ୍ରୀଛାତ୍ରଙ୍କ ସଫଳତା

**କୁନ୍ଦୁରା,୮।୧୧ (ସନ୍ତୋଷ ପ୍ରହରାଜ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ବିଭିନ୍ନ ଆବାସିକ ବିଦ୍ୟାଳୟରୁ ୩ ଛାତ୍ରୀ ଜିଲାସ୍ତରୀୟ ସୁରଭିରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ରାଜ୍ୟସ୍ତର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଜିଲ୍ଲା ସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ରାଜଧାନୀରେ ନିଜର ପ୍ରତିଭା ଦେଖାଇବେ ବ୍ଲକ ଅଧୀନ ଲିମା ଆବାସିକ ବିଦ୍ୟାଳୟର ନବମଶ୍ରେଣୀ ଛାତ୍ରୀ ଅପରାଜିତା ଆଚାର୍ଯ୍ୟ ବିତର୍କ, ସ୍ନେହାସ୍ମିତା ଚୌଧୁରୀ ବକ୍ତୃତା ଏବଂ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନର ଛାତ୍ର ସୌରଭ କୁମାର ଦାସ କ୍ୱିଜ୍‌ରେ ପ୍ରଥମ ସ୍ଥାନରେ ରହିଛନ୍ତି। ୧୪ ବ୍ଲକ ଅଧୀନରେ ଜିଲା ସୁରଭିରେ ୨୫ ବିଭାଗରେ ପ୍ରତିଯୋଗିତା ହୋଇଥିବା ବେଳେ କେବଳ କୁନ୍ଦୁରାରୁ ୩ ରହିଛନ୍ତି। ନଭେମ୍ବର ୧୨ରେ ଭୁବନେଶ୍ୱର ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ୨୫ ପ୍ରତିଯୋଗୀ ୧୦ରେ ଜିଲା ପ୍ରଶାସନ



ସହାୟତାରେ ଯିବେ। କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୁନ୍ଦୁରା ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା,ବରିଷ୍ଠ ଶିକ୍ଷକ ନୟନ ବିଷୋୟୀ ଓ ଶିକ୍ଷକ ଅରବିନ୍ଦ ବାରିକ ପ୍ରମୁଖ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା



ବିଧାୟକ ଜଣେ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଦେଖୁଛନ୍ତି।

**ଜୟପୁର, ୮।୧୧ (ପବନ ପାଣିଗ୍ରାହୀ)**

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ତାରା ପ୍ରସାଦ ବାହିନୀପତି ଉଦଘାଟନ କରିଥିବା ବେଳେ ଅବସରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ ଉପସ୍ଥିତ ଥିଲେ। ବିଜ୍ଞାନମେଳାରେ ୬୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୪୫ ଉଚ୍ଚ ବିଦ୍ୟାଳୟ ଓ ୯ ପ୍ରାଥମିକ ବିଦ୍ୟାଳୟ ସାମିଲ ହୋଇଥିବା ବେଳେ ୭ ବିଷୟକୁ ନେଇ ଜୟପୁର ପୌରାଞ୍ଚଳ ଓ ବ୍ଲକର ୧୧୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ବିଭିନ୍ନ ବିଭାଗର ୭ ପ୍ରକଳ୍ପ ଜିଲାସ୍ତରୀୟ ପ୍ରଦର୍ଶନୀ ପାଇଁ ଚୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଡିଆଇଇଟି ଅଧକ୍ଷ ରୂପ ଚାନ୍ଦ ସୋରେନ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ,ଏବିଓ କୈଳାସ ଚନ୍ଦ୍ର ଶତପଥି, ଶିକ୍ଷକ ସଂଘର କର୍ମକର୍ତ୍ତା, ସମସ୍ତ ଆଞ୍ଚଳିକ ସାଧନ କର୍ମୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


# TAHASIL OFFICE, KOTPAD
## DIST - KORAPUT
### LAND ACQUISITION OFFICER AND COMPETENT AUTHORITY (NH-63, BY-PASS), KOTPAD, DIST - KORAPUT

**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99

भारत का राजपत्र
The Gazette of India

ଅସାଧାରଣ
EXTRAORDINARY

ଭାଗ II–ଖଣ୍ଡ ୩ ଉପ ବିଭାଗ (II)
PART II- SECTION 3-SUB-SECTION(II)

ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ନୂଆଦିଲ୍ଲୀ, ବୁଧବାର, ସେପ୍ଟେମ୍ବର ୧୮, ୨୦୨୪ / ଭାଦ୍ରବ 27, 1946
NEW DELHI, WEDNESDAY, SEPTEMBER 18, 2024 / BHADRAB 27, 1946

## MINISTRY OF ROAD TRANSPORT AND HIGHWAYS

**NOTIFICATION**

**New Delhi, the 18th September, 2024**

S.O. 3973(E).—In exercise of powers conferred by sub-section(1) of section 3A of the National Highways Act,1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation ofNH63 in the stretch of land from Km. 6.6 to Km. 21 (Kotpad bye pass) on National Highway No-63 in the district of KORAPUT in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, Tahasildar , Kotpadin writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**Sd/- Land Acquisition Officer and Competent Authority (NH-63), Kotpad, Dist - Koraput**

**SCHEDULE**

**Brief Description of the land to be acquired with or without structures falling NH63 in the stretch of land from Km. 6.6 to Km. 21 (Kotpad byepass ) in the district of KORAPUT in the state of ODISHA**

| State: ODISHA District: KORAPUT | | | | | |
|---|---|---|---|---|---|
| Sl. No. | Survey/Plot Number | Typeof Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Kotpad | | | | | |
| Village: Dhamanahandi | | | | | |
| 1 | 1553 | Private | paddy-2 | 0.222(Hectare) | 0.222 |
| 2 | 1554 | Private | paddy-2 | 0.173(Hectare) | 0.173 |
| 3 | 1556 | Private | paddy-2 | 0.227(Hectare) | 0.227 |
| 4 | 1556/1842 | Private | paddy-2 | 0.16(Hectare) | 0.16 |
| 5 | 1557 | Private | Dangar-1 | 0.21(Hectare) | 0.21 |
| 6 | 1559 | Private | paddy-2 | 0.002(Hectare) | 0.002 |
| 7 | 1563 | Private | Paddy-2 | 0.091(Hectare) | 0.091 |
| 8 | 1564 | Private | paddy-2 | 0.11(Hectare) | 0.11 |
| 9 | 1564/1824 | Private | Paddy-2 | 0.079(Hectare) | 0.079 |
| 10 | 1564/1927 | Private | Paddy-2 | 0.168(Hectare) | 0.168 |
| 11 | 1565 | Private | Paddy-2 | 0.483(Hectare) | 0.483 |
| 12 | 1566 | Private | paddy-2 | 0.014(Hectare) | 0.014 |
| Village: Sorigam | | | | | |
| 13 | 225/350 | Private | paddy-1 | 0.056(Hectare) | 0.056 |
| 14 | 225/351 | Private | paddy-1 | 0.388(Hectare) | 0.388 |
| Village: Hardoli | | | | | |
| 15 | 355 | Private | paddy-1 | 0.241(Hectare) | 0.241 |
| 16 | 359 | Private | Paddy-1 | 0.104(Hectare) | 0.104 |
| | | | Total | | 2.728 |

[F.No.RO/BBSR/11017/By-passes/100/2018/3A]
ABHAYJAIN, Director


# ଜବରଦଖଲ ଜମିକୁ ମାଲିକଙ୍କୁ ହସ୍ତାନ୍ତରକଲା ପ୍ରଶାସନ

**ଜୟପୁର, ୮।୧୧ (ପବନ ପାଣିଗ୍ରାହୀ)**

ଜୟପୁର ତହସିଲର ବାରିଣୀପୁଟ ଅନ୍ତର୍ଗତ ମୁଣ୍ଡିଗୁଡ଼ା ମୌଜାର ଖାତା ନମ୍ବର ୩୦/୧୦୦ ଜମିକୁ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏ. ତିରୁପତିଙ୍କୁ ଗୁରୁବାର ହସ୍ତାନ୍ତର କରାଯାଇଛି। ତିରୁପତିଙ୍କ ଜମିକୁ ଜବରଦଖଲ କରିଥିବାରୁ ସେ ଜୟପୁର ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ହୋଇଥିବା ବେଳେ ଉପଜିଲାପାଳ ଏହାର ଶୁଣାଣି କରିଥିଲେ। ହସ୍ତାନ୍ତର ପ୍ରକ୍ରିୟାରେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ଦିଲୀପ କୁମାର ପ୍ରଧାନ, ରାଜସ୍ୱ ନିରୀକ୍ଷକ ସୁରଜ କୁମାର ପଣ୍ଡା, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଓ ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଜମି ହସ୍ତାନ୍ତର କରାଯାଇଛି। ଉକ୍ତ ଜମିକୁ ଜୟପୁରର ରମେଶ ଚନ୍ଦ୍ର ରାୟ ଜେନା ଦେଓ, ପି. ଗଣେଶ ଚନ୍ଦ୍ର ରାୟ ଜେନା ଦେଓ ଜବରଦଖଲ କରିଥିଲେ।


## ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଝରିଗାଁ
## ODISHA ADARSHA VIDYALAYA, JHARIGAM

CBSE Affiliation No. : 1520153, School Code - 17239
UDISE Code : 21280308217, Email : jharigaon@oav.edu.in
Via - Jharigam, Dist. - Nabarangpur, Pin - 764076

Letter No. 414/2024 Date : 07.11.2024

**TENDER CALL NOTICE**

**Sealed tenders** are invited from registered firms / authorized dealers / whole sellers / Govt. stores having, own existing shop and dealing with tender items having valid shop / establishment license /registration number / certificate from Municipality or local authority or any other competent govt. agency, ODISHA sales tax / GST registration certificate and PAN No. with up to date IT return (Assessment year 2024-25), clearance certificate up to 4.00 P.M. dated 01.11.2024, for supply of Grocery, Cosmetics, Reading writing materials, Seeets, vegetable & Fruits, Non-veg items, Dress Materials and electrical items for Kasturaba Gandhi Balika Vidyalaya, (KGBV Type-IV) Girls Hostel of OAV Jharigam, Nabarangpur. The tender should be sent under sealed cover marked as " TENDER FOR THE SUPPLY OF.................................... (Article Name) for KGBV Type-IV, OAV Jharigam, Nabarangpur and to address to Principal, Odisha Adarsha Vidyalaya, Jharigam, Nabarangpur, AT/PO - Jharigam, DIST - Nabarangpur, PIN - 764076 by **Speed Post/ Registered Post Only on or before 26.11.2024**. The applications/ tender documents will not be accepted through any other mode. The sealed tenders will be opened in Office of Principal, OAV, Jharigam, Nabarangpur as per the date and time mentioned. For detail Notice visit www.nabarangpur.nic.in.

Sd./- Principal I/C
OAV, Jharigam, Nabarangpur



## ଭୂ–ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

**ନୋଟିସ୍**

ଆଦେଶ–୫ ନିୟମ–୨୦ ଦେୱାନୀ କାର୍ଯ୍ୟବିଧି ସଂହିତା–୧୯୦୮ ଅନୁଯାୟୀ

**ଏଲ.ଏ.କେସ୍ ନଂ–୧୮୨/୨୦୧୯**

**ଭୂମି ଅଧିଗ୍ରହଣ ଅଧିକାରୀ, ତଥା କଲେକ୍ଟର ଖୋର୍ଦ୍ଧା....ଆବେଦନକାରୀ**

**ବନାମ**

No.XXXIII–19:୧. ଅକ୍ରୁର ଦେହୁରୀ, ୨.ନେତ୍ରାନନ୍ଦ ଦେହୁରୀ, ପିତା–ଦାମ ଦେହୁରୀ, ୩.ନେତ ଦେହୁରୀ, ସ୍ୱାମୀ–ଭୋଳି ଦେହୁରୀ, ୪.ପ୍ରହ୍ଲାଦ ଦେହୁରୀ, ୫.ବାସୁଦେବ ଦେହୁରୀ, ୬. ଦ୍ରୌପଦୀ ଦେହୁରୀ, ୭.ପଦ୍ମା ଦେହୁରୀ, ୮.ମଣି ଦେହୁରୀ, ପିତା–ଭୋଳି ଦେହୁରୀ, ୯. ପ୍ରତାପ ଦେହୁରୀ, ୧୦.ଆକୁଳାନନ୍ଦ ଦେହୁରୀ, ୧୧.ଗୋକୁଳ ଦେହୁରୀ, ୧୨.ବଣି ଦେହୁରୀ, ୧୩. ଅଂଜନା ଦେହୁରୀ, ପିତା–ବଳରାମ ଦେହୁରୀ, ୧୪.ଶଶି ଦେହୁରୀ, ପିତା–ପଂଚୁ ଦେହୁରୀ, ୧୫. ଉଷା ଦେହୁରୀ, ୧୬. ବଚି ଦେହୁରୀ, ପିତା–ପାଣ୍ଡବ ଦେହୁରୀ, ୧୭. ବିକୁ ଦେହୁରୀ, ସ୍ୱାମୀ–ହରି ଦେହୁରୀ, ୧୮.ତ୍ରିଲୋଚନ ଦେହୁରୀ, ୧୯.ଚିନ୍ମୟ ଦେହୁରୀ, ୨୦.ଝିଲି ଦେହୁରୀ, ପିତା–ହରି ଦେହୁରୀ, ୨୧.ଦାମ ଦେହୁରୀ, ପିତା–ରାମ ଦେହୁରୀ, ଗ୍ରାମ–ପଥରଗାଡିଆ, ପୋ–ଦାରଟେଙ୍ଗ, ଥାନା–ଚନ୍ଦକା, ଜିଲ୍ଲା–ଖୋର୍ଦ୍ଧା, ୨୨.ପୁଷ୍ପଲତା ସାମନ୍ତ, ସ୍ୱାମୀ–ହୃଦୟ ଚନ୍ଦ୍ର ସାମନ୍ତ, ଗ୍ରାମ–ନରଣପୁର, ଥାନା–ବାଙ୍କି, ଜିଲ୍ଲା–କଟକ, ୨୩. ପ୍ରଦୀପ କୁମାର ମହାନ୍ତି, ପିତା– ଉପେନ୍ଦ୍ର ମହାନ୍ତି, ଗ୍ରା/ପୋ/ଥାନା/ଜିଲ୍ଲା–ଢେଙ୍କାନାଳ, ୨୪.ପ୍ରଦୀପ୍ତ କୁମାର ମହାପାତ୍ର, ପିତା–ବୈକୁଣ୍ଠନାଥ ମହାପାତ୍ର, ସା–ସତ୍ୟନଗର, ପ୍ଲଟ ନଂ–୩୬, ଫ୍ଲାଟ ନଂ.–୨୦୩, ଜାପାନିଜ୍ ପ୍ୟାଲେସ, ଭୁବନେଶ୍ୱର–୭୫୧୦୦୭, ଜିଲ୍ଲା–ଖୋର୍ଦ୍ଧା, ୨୫. ଦେବବ୍ରତ ଧିର, ପିତା–ନୃସିଂହ ଚରଣ ଧିର, ସା–ପ୍ଲଟ ନଂ.–ଏନ–୩/୩୩୮, ଆଇ.ଆର.ସି.ଭିଲେଜ ନୟାପଲ୍ଲୀ, ଭୁବନେଶ୍ୱର, ୨୬.ଶାନ୍ତିଲତା ପ୍ରଧାନ, ସ୍ୱାମୀ–ଜୟକୃଷ୍ଣ ପ୍ରଧାନ, ସା–ଭାତପଡ଼ା, ପୋ–ଘନପଣା, ଥାନା–ପୁରୀ ସଦର, ଜିଲ୍ଲା–ପୁରୀ,୨୭.କୁମୁଦିନୀ ମଲ୍ଲ, ସ୍ୱାମୀ–ପ୍ରଭାତ ଚନ୍ଦ୍ର ମଲ୍ଲ, ସା–ଅମଲାମଡା, ପୋ–ଗୁଣ୍ଡୁଣି, ଥାନା–ଇଟାମାଟି,ଜିଲ୍ଲା–ନୟାଗଡ଼, ୨୮.ସତ୍ୟବ୍ରତ ଧିର, ପିତା–ନୃସିଂହ ଚରଣ ଧିର, ସା–ଏନ–୩/୩୩୮, ଆଇ.ଆର.ସି.ଭିଲେଜ ନୟାପଲ୍ଲୀ, ଭୁବନେଶ୍ୱର,୨୯.ସନ୍ଧ୍ୟାରାଣୀ ନାୟକ, ସ୍ୱାମୀ–କବିସୂର୍ଯ୍ୟ ନାୟକ, ସା–ଏଫ–୧୯/୧,ରେଲୱେ କଲୋନୀ, ପୋ/ଥାନା–ମଞ୍ଚେଶ୍ୱର, ଭୁବନେଶ୍ୱର ୩୦.ମନୋରଞ୍ଜନ ମହାନ୍ତି, ପିତା–ଚିନ୍ତାମଣି ମହାନ୍ତି, ସା–ଏମ୍.ଆଇ.ଜି.–୧–୧୬/୧୨, ବି.ଡି.ଏ. କଲୋନୀ, ଥାନା–ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା, ୩୧.ପ୍ରତାପ ମହାପାତ୍ର, ପିତା–ବୃନ୍ଦାବନ ମହାପାତ୍ର, ସା/ପୋ/ଥାନା–ରଣପୁର, ଜିଲ୍ଲା–ନୟାଗଡ଼, ୩୨.ଜ୍ୟୋତି ରଂଜନ ରାଉତ, ପିତା–କୃଷ୍ଣଚନ୍ଦ୍ର ରାଉତ, ସା/ପୋ–ଗଣ୍ଡରପୁର, ଥାନା– ନନ୍ଦନକାନନ, ଜିଲ୍ଲା–ଖୋର୍ଦ୍ଧା............ ବିରୋଧୀ ପକ୍ଷମାନେ ।

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ–ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.–୧(ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.–୧୮୨/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା–ଖୋର୍ଦ୍ଧା, ମୌଜା–ସୁନ୍ଦରପୁର, ଖାତା ନଂ–୧୨୨, ପ୍ଲଟ ନଂ.– ୫୩୫/୮୯୭, ଅଧିଗୃହିତ ରକବା ଏ ୦.୧୨୫ ଡି ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୩.୧୨.୨୦୨୪ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ–ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୧.୧୦.୨୪ ରିଖ । Draft notice is approved. Petitioner to get it published in any of the four most widely circulated odia daily news papers namely The Samaj, The Sambad, The Prameya and The Dharitri within 15 days.

ସ୍ୱାକ୍ଷର/– ପ୍ରିଜାଇଡିଂ ଅଫିସର
ଭୂ–ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0041/2425

# ସ୍କୁଲ ଭାଙ୍ଗି ପଳାଇଥିବା ଅସୁସ୍ଥ ମାଈହାତୀ ଉଦ୍ଧାର

ଢେଙ୍କାନାଳ,୮।୧୧ (ରତନ ନାୟକ)

**୧୦ ଘଣ୍ଟା ପରିଶ୍ରମ କରି ବନ ବିଭାଗ ନାକେଦମ୍**

ଢେଙ୍କାନାଳ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ଏକ ସ୍କୁଲ ମଧ୍ୟରେ ସଦର ରେଞ୍ଜ ମୋଟଙ୍ଗା ଥାନା ମେରାମଣ୍ଡଳି ଅଞ୍ଚଳରୁ ଉଦ୍ଧାର ହୋଇ ଗୁରୁବାର ଆସି ରହିଥିବା ମାଈହାତୀ ହଠାତ୍ ଶୁକ୍ରବାର ଭୋର ସମୟରେ ସ୍କୁଲ ଭାଙ୍ଗି ପଳାଇ ଯାଇଥିଲା। ହାତୀଟିର ବାମଗୋଡ଼ରେ ଗଭୀର କ୍ଷତ ଥିବାରୁ ଏହାକୁ ମେରାମଣ୍ଡଳିରୁ ଟ୍ରାଙ୍କୁଲାଇଜ୍ କରି କପିଳାସ ଅଣାଯାଇଥିଲା। ସ୍କୁଲ ମଧ୍ୟରୁ ହାତୀଟି ପଳାଇଯିବା କପିଳାସ ପ୍ରାଣୀ ଉଦ୍ୟାନର ଏନକ୍ଲୋଜର୍ ମଧ୍ୟରେ ଥିବା ଜଙ୍ଗଲ ଭିତରେ ରହିଥିଲା। କପିଳାସ ରେଞ୍ଜର ବନ ବିଭାଗ କର୍ମଚାରୀମାନେ ବହୁ ଖୋଜାଖୋଜି କରିବା ପରେ ଅପରାହ୍ନ ୫ଟା ସମୟରେ ହାତୀଟିକୁ ଠାବ କରି ବହୁ କଷ୍ଟରେ ସ୍କୁଲ ମଧ୍ୟକୁ ଆଣିଥିଲେ। ଏଥିପୂର୍ବରୁ ଭାଙ୍ଗିଥିବା ସ୍କୁଲକୁ ମରାମତି କରାଯାଇଥିଲା। ସ୍କୁଲ ମଧ୍ୟରେ ହାତୀଟିକୁ ଚେନ୍‌ରେ ବନ୍ଧାଯାଇ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି ବୋଲି କପିଳାସ ରେଞ୍ଜର ତରୁଣ ମହାନ୍ତି ସୂଚନା ଦେଇଛନ୍ତି। ଏହି ହାତୀଟି ମେରାମଣ୍ଡଳିଠାରେ ରେଳ ଦୁର୍ଘଟଣାରେ ଆହତ ହୋଇଥିଲା। ସାଧାରଣରେ ଆଲୋଚନା ହେଉଥିବା ବେଳେ ବନ ବିଭାଗ ଏହାକୁ ଅସ୍ୱୀକାର କରିବା ସହିତ ହାତୀଟି ଜଙ୍ଗଲରେ ବୁଲାଚଲା କରିବା ବେଳେ ତା'ର ବାମଗୋଡ଼ରେ କ୍ଷତ ହୋଇଥିବା ଅଧିକାରୀମାନେ କୁହନ୍ତି। ହାତୀ ଉଦ୍ଧାର କେନ୍ଦ୍ର ପରିସରରେ ଆଉ ଏକ ସ୍କୁଲରେ ବାଛିପଦାରେ ୪ଜଣଙ୍କୁ ମାରି ଆତଙ୍କ ସୃଷ୍ଟି କରିଥିବା ନରହନ୍ତା ଦନ୍ତା ଗତ ସେପ୍ଟେମ୍ବର ୨୭ ରାତିରେ ଅଣାଯାଇ ରଖାଯାଇଛି। ଏହା ଉପରେ ମଧ୍ୟ ବିଭାଗ କର୍ମଚାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ରଖିଛନ୍ତି।



ନ୍ୟୁଜିଲାଣ୍ଡର ଅକ୍ଲାଣ୍ଡରେ କନ୍‌ସଲ୍ ଜେନେରାଲ ଭାବେ ଅବସ୍ଥାପିତ ହେବାକୁ ଥିବା ମଦନ ମୋହନ ସେଠୀ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ୍ କରୁଛନ୍ତି। ନିକଟରେ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଘର, ଜମି ପାଇଁ ଶିକ୍ଷକଙ୍କୁ ମିଳିବ ଆର୍ଥିକ ସହାୟତା

ଭୁବନେଶ୍ୱର,୮।୧୧ (ଅନୁରାଧା ମହାରଣା)

ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କୁ ଘର, ଜମି ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ। ଘର ଭଡା ଖର୍ଚ୍ଚ(ଏଚ୍‌ଆର୍‌ଏ)ରେ ପାଉଥିବା ଟଙ୍କା ସହିତ ଏବାବଦକୁ ଅଗ୍ରୀମ ଟଙ୍କା ମିଳିବ। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଚିଠି ଲେଖାଯାଇଛି। ଯେଉଁ ଶିକ୍ଷକ କିମ୍ବା କର୍ମଚାରୀ ନୂଆ ଜମି କିଣିବା ପାଇଁ ଆବେଦନ କଲେ, ସମସ୍ତ ତଥ୍ୟ ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ ପଡ଼ିବ। ଜମିର ମୂଲ୍ୟ ଓ ବିକ୍ରେତାଙ୍କ ଚୁକ୍ତିକୁ ମଧ୍ୟ ଆବେଦନକାରୀ ଦାଖଲ କରିବେ। ସେହିପରି ପୂର୍ବରୁ ଥିବା ଜମିରେ ଗୃହ ନିର୍ମାଣ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କିମ୍ବା ବିଡିଏ ଓ ହାଉସିଂ ବୋର୍ଡର କାର୍ଯ୍ୟକାରୀ ଯନ୍ତ୍ରୀଙ୍କ ଦ୍ୱାରା ସମର୍ଥିତ ତଥ୍ୟ ଦାଖଲ କରିବେ। ଏଥିସହ ହାଉସ୍ ପ୍ଲାନ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଅନ୍ୟପଟେ ନିର୍ମାଣ ସରିଥିବା ଗୃହ କ୍ରୟ ପାଇଁ ଅଗ୍ରୀମ ଅର୍ଥ ଲାଗି ଆନୁଷଙ୍ଗିକ କାଗଜପତ୍ର ତଥ୍ୟ ଦାଖଲ କରିବାକୁ ହେବ। ବିଶେଷକରି ଆବଣ୍ଟନ ନେଇ ବିଡିଏ, ହାଉସିଂ ବୋର୍ଡ କିମ୍ବା ବିଲ୍ଡରଙ୍କ ପକ୍ଷରୁ ମିଳିଥିବା ଦସ୍ତାବିଜର ତଥ୍ୟ ଦେବାକୁ ହେବ। ୨ଟି କିସ୍ତିରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ୩୦ ଫୁଟ ତଳ ଖାଲକୁ ଖସିଲା କାର୍

ଚଣ୍ଡିଖୋଲ,୮।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର-ବେଣାପୁର ପୂର୍ତ୍ତ ବିଭାଗ ରାସ୍ତାର ଚାରିନଳିଆ ନିକଟରେ ଗୁରୁବାର ରାତିରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ବେପରୁଆ ଗାଡ଼ିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଗାଡ଼ିଟି ବାଲିଚନ୍ଦ୍ରପୁରରୁ ବେଣାପୁର ଯାଉଥିବା ସମୟରେ ରାସ୍ତାରୁ ସିଧା ଚାରିନଳିଆ ପାର ପାଟଣାଠାରେ ୩୦ ଫୁଟ୍ ତଳ ନୟନ ଯୋଗି ପାଣି ଖାଲକୁ ପଶିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଗାଡ଼ିରେ ୨ ଯୁବକ ନିଶାସକ୍ତ ଅବସ୍ଥାରେ ଥିଲେ। ଗାଡ଼ି ପାଣିରେ ପଡ଼ିବା ପରେ ସେମାନେ ବାହାରି ପଳାଇ ଯାଇଥିଲେ। ପୋଲିସ ୩୦ ମିନିଟ୍ ପରେ ସେଠାରେ ପହଞ୍ଚିଥିଲେ ମଧ୍ୟ ଗାଡ଼ିରେ କିଏ ଅଛନ୍ତି କି ନାହିଁ ନ ଦେଖି ସେଠାରୁ ଚାଲି ଯାଇଥିଲେ। ଶୁକ୍ରବାର ଅପରାହ୍ନରେ ଗାଡ଼ିକୁ ଉଠାଯାଇ ଗ୍ୟାରେଜକୁ ନିଆଯାଇଥିଲା। ହେଲେ ଏ ସମ୍ପର୍କରେ କିଛି ଖବର ନ ଥିବା ପୋଲିସ ସୂଚନା ଦେଇଛି।



ଦୁର୍ଘଟଣାଗ୍ରସ୍ତ କାର୍।

No.C-938

## SAMBALPUR MUNICIPAL CORPORATION

Notice No. 9914/SMC Date. 04.11.2024

**Notice Inviting Tender**

Sambalpur Municipal Corporation (SMC) invites offline bids from eligible bidders through speed post/regdtered post only address to the Commissioner, Sambalpur Municipal Corporation, Durgapali, Sambalpur, Pin-768006 on or before **08.11.2024 by 5.00 P.M.** for **Drawings, Design, Fabrication and Installation of Sculpture from Scrap / Waste Material for beautification of public places under Sambalpur Municipal Corporation (SMC)"**. The tender document can be downloaded from SMC official website www.smcsambalpur.nic.in.

The Authority reserves the right to cancel any or all the Bids without assigning any reason thereof.

Sd./- Municipal Commissioner
Sambalpur Municipal Corporation
OIPR-13122/11/0046/2425

## 'e' PROCUREMENT NOTICE No.07/2024-25

NO.O-600

| | | | |
|---|---|---|---|
| 1 | Name of Work | : | Building Work |
| 2 | Total No. of Work | : | 4 (Four) works |
| 3 | Estimated Cost | : | Rs. 54.05 to 82.43 lakhs |
| 4 | Period of Completion | : | 09 (Nine) Calendar Months |
| 5 | Class of Contractors | : | 'B' Class only |

**Other details as follows**

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division, Cuttack |
| b) | Availability of tender online for bidding | : | From dt. 12.11.2024 at 11.00 A.M. to Dt. 22.11.2024 up to 5.00 P.M. |
| c) | Last date & time of seeking of tender clarification | : | Dt. 21.11.2024 up to 5.00 P.M. |
| d) | Date & Time of Opening of Technical Bid | : | Dt. 25.11.2024 at 11.00 A.M. |

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division
Cuttack
OIPR-25053/11/0011/2425

## The Odisha Agro Industries Corporation Limited

(A Government of Odisha Undertaking)
95, Satyanagar, Bhubaneswar - 7
Bid Identification No. MD/OAIC-49 (Tech.)/2024-25

No. CAD-1554: Offers are invited for Empanelment in OAIC from Manufacturers/Source Company for supply of Agricultural Machinery/ Implements (except tractors) having SLTC approval and valid SLA for supply at various destinations throughout the State.

The EOI documents can be downloaded from our website www.orissaagro@nic.in. The required documents along with the EOI paper cost of Rs.1180/- (inclusive of GST) have to be submitted in sealed cover in the Drop Box placed at OAIC Ltd., 95, Satyanagar, Bhubaneswar as per the EOI from Dt.08.11.2024 to Dt.21.11.2024. The EOI received after Dt.21.11.2024 and/or incomplete EOI will be rejected. The authority reserves the right to accept or reject any or all offers without assigning any reason thereof.

Sd./- Director A&FP and Managing Director
Odisha Agro Industries Corporation Ltd., Bhubaneswar
OIPR-01047/11/0029/2425

## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA BHUBANESWAR

E-mail seec.bbsr2010@gmail.com
Bid Identification No.S.E.E.C (R&B) 08/2024-25
No.3257/ Date 06.11.2024

**No.B-583:**The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in https://tendersorissa.gov.in. The details of bid documents will be available in the above website from dt.12.11.2024 at 05.00 P.M. to dt.27.11.2024 upto 05.00 P.M. The bidders must possess compatible Digital Signature Certificate of Class-II or III. Bids received online shall be opened dt.28.11.2024 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in. Addendum/ Corrigendum, if required, will be available only in the Website.

Sd./-Superintending Engineer
Electrical Circle (R&B) Odisha,BBSR
OIPR-34006/11/0010/2425

GOVERNMENT OF ODISHA Annexure - IV

## OFFICE OF THE SUPERINTENDING ENGINEER-CUM-DEPUTY ELECTRICAL INSPECTOR, GANJAM, CHATRAPUR

Email Id: deiganjam-od@gov.in, Ph/Fax: 06811-260166
At: Puti Gopalpur, Patnaik Colony, Near Kerosine Depot, P.O.: Chatrapur, Dist.: Ganjam, PIN - 761020

**TENDER CALL NOTICE FOR HIRING OF VEHICLE**

No. AA-24: Sealed tenders are invited in the prescribed format from registered Travels Agencies/Tour Operators/individuals for providing one (1) number of BS-VI Vehicle-TUV300/Bolero, Sumo Gold/Ertiga etc. (Diesel/petrol) alongwith Driver on monthly hiring basis for official use in O/o The S.E.-cum-Deputy Electrical Inspector, Ganjam. The detail of the Tender Call Notice and its terms and conditions along with tender documetns will be available in the office of the undersigned from Dt.07.11.2024 to 19.11.2024. All future addendum/corrigendum, if any shall be published on the Notice Board of this office.
Last date of receipt of tender is 1.00 P.M. of Dt.19.11.2024.

Sd./- Superintending Engineer-cum-D.E.I.
Ganjam, Chhatrapur
OIPR-04078/11/0002/2425

OFFICE OF THE PRINCIPAL

## S.C.B. DENTAL COLLEGE & HOSPITAL

CUTTACK - 753007 (ODISHA)
email: dentalscb@gmail.com, Website: www.scbdental.nic.in

**TENDER CALL NOTICE**

No. 4904 Dt.06.11.2024

No. E-478: Sealed tenders are invited from the Registered firms for supply of "Books and Journals" for the financial year 2024-25 in two bid system (Technical & Financial) so as to reach the office of the undersigned within twenty-one days from the date of publication of the advertisement in the newspapes till 5.00 P.M. The detailed tender paper, terms & conditions and list of books & journals can be obtained from the office of the undersigned on payment of Rs.1000/- by cash (Non-refundable). The details are also available in the institution website i.e. **www.scbdental.nic.in**, those who will download the tender documents from the website should enclose a D.D. of Rs.1000/- in favour of Principal, S.C.B. Dental College & Hospital, Cuttack towards the cost of tender paper. The tender will be received through Regd. Post/Speed Post only.
The undersigned reserves the right to cancel of the tender paper in full or parts at any time without assigning any reason thereof.

Sd./- Principal
S.C.B. Dental College
& Hospital, Cuttack
OIPR-10027/11/0009/2425

## Office of the Zilla Parishad, Angul

(District Mission Management Unit, OLM)
Dist - Angul, Odisha, Pin - 759122
E-mail : ori-dangul@nic.in, anguldpm.olm@gmail.com

**QUOTATION CALL NOTICE**

Quotation Call Notice for Hiring of Commercial Passenger Vehicle to be used at DMMU

Odisha Livelihoods Mission, Angul

**No.CAD-1548** : Sealed quotations are re-invited from interested Travel Agencies, Tour Operators or Private Parties / Individuals for providing 01 (One) No. of Diesel/Petrol driven commercial passenger vehicle having sitting capacity not more than 5 including driver, for Official use in **OLM CELL, ZP, Angul** on monthly rent basis.

The tender papers along with detail terms and condition and eligibility criteria for participate in the bidding process can be downloaded from www.angul.odisha.gov.in during the **4th November 2024 to 19th November 2024**. The sealed quotations will be received by **registered Post / Speed Post** only address to CDO-cum-EO, Zilla Parishad At O/O - Zilla Parishad Angul, Collectorate Campus, Post / Dist : Angul, by **19.11.2024 up to 3.00 P.M.** No other mode of submission of bid will be accepted. The tenders will be opened in the office chamber of the CDO-cum-EO, Zilla Parishad, Angul on **19.11.2024 at 04 P.M.** in the presence of the bidders or their authorized representatives. The undersigned reserves the right to accept or reject any or all the quotation without assigning any reason thereof.

CDO-cum-Executive Officer
Zilla Parishad, Angul
OIPR-19236/11/0007/2425

## OFFICE OF THE SUPERINTENDING ENGINEER RURAL WORKS DIVISION : SUNDARGARH

E.Mail - rw_sundargarh@yahoo.co.in, Ph. - 06622-272280 (off)

**2nd Corrigendum to Bid Identification No. Online-SESNG-10 of 2024-25**

**No.O-605** : In continuation to this office bid Identification No. : Online-SESNG-10 of 2024-25 invited vide this office notice no. 5842 dt. 24.10.2024 is partial modified in TCN has been made as follows :-

| Sl. No. | | Time Schedule as per original TCN | Time Schedule as per 2nd Corrigendum Notice |
|---|---|---|---|
| 1 | Availability of tender online for bidding | 06.11.2024 at 10.00 A.M. to 16.11.2024 up to 05.30 P.M. | Extended up to 20.11.2024 up to 6.00 P.M. |
| 2 | Last date of seeking clarification | 14.11.2024 at 11.00 A.M. | Extended up to 19.11.2024 up to 11.00 A.M. |
| 3 | Date of Opening of Tender | 18.11.2024 at 10.00 A.M. | Extended up to 21.11.2024 at 10.00 A.M. |

All other terms & conditions remain unchanged.

Sd./- Superintending Engineer
R.W. Division, Sundargarh
OIPR-25046/11/0017/2425

## OFFICE OF THE DIVISIONAL FOREST OFFICER, PARALAKHEMUNDI DIVISION

NO.MM-228

Gajapati, Odisha, Pin - 761200
E-mail : dfo.parlakhemundi@odisha.gov.in

**INVITATION FOR BIDS**

E-Procurement Bid Identification No. DFO-PKD-01/2024-25

| | | | |
|---|---|---|---|
| 1 | Name of work | : | Construction of Buildings |
| 2 | No. of works | : | 07 Nos. |
| 3 | No. of covers | : | Single Cover |
| 4 | Estimated Cost | : | Rs. 19.53 lakhs to 24.66 lakhs |
| 5 | Period of Completion | : | Three Calendar Months |
| 6 | Date & Time of availability of Bid documents in portal | : | From 10.00 A.M of Dated **12.11.2024** to 05 P.M. of Dated **28.11.2024** |
| 7 | Last date/time for receipt of Bids in the portal | : | Up to 5.00 P.M. of Dated **28.11.2024** |
| 8 | Date of opening of Bid documents | : | At 11.30 A.M. of **29.11.2024** |
| 9 | Class of Contractor | : | "D" & "C" Class Contractor |
| 10 | Name and address of officer Inviting Bid | : | Divisional Forest Officer Paralakhemundi Division |

Further details can be seen from the e-Procurement portal **www.tenderodisha.gov.in** the Addendum/corrigendum if any will be hosted in the website only.

Sd./-
Divisional Forest Officer
OIPR-08050/11/0001/2425 Paralakhemundi Division

## GOVERNMENT OF ODISHA OFFICE OF THE SUPERINTENDING ENGINEER P.H. DIVISION, BALANGIR

No.C-951

Ph.No.(06652-234647), Email Id:eephbgr@yahoo.co.in

**NOTICE INVITING TENDERS**

NATIONAL COMPETITIVE BIDDING THROUGH e-Procurement

**Bid Identification No. SE PH BGR 13 to 17/2024-25 Dt.06.11.2024**

01. Name of the Work : 05 Nos.
02. Estimated Cost : Rs.423.41 Lakhs to 660.72 Lakhs
03. Period of Completion : 06 Months to 12 Months
04. Date & Time of availability of bid document in the portal : From 11.00 AM of dt.12.11.2024 to 5.00 PM of dt.26.11.2024
05. Last date/time of receipt of bids in the portal : 5 PM of dt.26.11.2024
06. Date & Time of opening of bids : At 11.00 AM of dt.27.11.2024
07. Name and Address of the Officer Inviting Bid : Superintending Engineer P.H.Division, Balangir At- Tulsinagar Dist- Balangir- 767001

**Further details can be seen from the website https://tenders.ori.nic.in or www.tendersodisha.gov.in**

Sd./-Superintending Engineer
P.H.Division, Balangir
OIPR-13005/11/0016/2425

## OFFICE OF THE MUNICIPAL COUNCIL:RAYAGADA

DIST-RAYAGADA, PIN CODE-765001, ODISHA
E-mail Id:raygadam.hud@nic.in

Letter No.4337 Date:05.11.24

**TENDER CALL NOTICE**

**No.C-934:**Sealed tenders are invited from intending interested reputed industries/agencies/suppliers for providing wealth centre machines with annual maintenance services for 05 (five) year.

General Bid information specifications, annexure forms, Terms & conditions for mechanical equipments will be available at this office on non refundable payment of Rs.10000/- (Rupees Ten Thousand) only from date 07.11.2024 to 21.11.2024 on office hour only.

The last date of submission of tender paper in the tender box is on 22.11.2024 at 11.00 AM and shall be opened at 12.30 P.M. on the same day.

The authority reserves all the rights to accept/reject all/any party without assign any reason thereof.

Sd./-Executive Officer
Rayagada Municipality
OIPR-13150/11/0027/2425

## GOVERNMENT OF ODISHA OFFICE OF THE SUPERINTENDING ENGINEER MINOR IRRIGATION DIVISION, KEONJHAR

**NOTICE INVITING TENDER e-Procurement**

**Bid Id No.07 SEMID (KJR/2024-2025) Dt.05.11.2024**

**No.A-530:**The Superintending Engineer, Minor Irrigation Division, Keonjhar on behalf of the Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

Name of Work : Civil Construction works
No. of Works : 6 (Six) Nos.
Estimated Cost : Rs.277.27 Lakhs
Tender Paper Cost : Mentioned in Column No.6 of Tender Call Notice
Period of Completion : 03 (Three) Calendar Months
Availability of Bid Documents : From 13.11.2024 to 25.11.2024 during office hours in Website (www.tenderorissa.gov.in.)
Period of receipt of Bid through online : From 13.11.2024 to 25.11.2024 through online.
Date of Opening of Technical Bid Documents : At 11.00 A.M. on 26.11.2024 in the office chamber of the Superintending Engineer, M.I. Division,Keonjhar
Date of Opening of Financial Bid Documents : At 11.00 A.M. on 02.12.2024 in the office chamber of the Superintending Engineer, M.I. Division, Keonjhar
Date of Lottery : At 11.00 A.M. on 07.12.2024 in the office chamber of the Superintending Engineer, M.I. Division, Keonjhar
Digital Signature Certificate of Bidder : The bidder must possess compatible digital signature certificate (DSC) of Class-II or Class-III
Name and Address of the OIT : Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist-Keonjhar Pin-758001, Email ID: eemikjr@yahoo.co.in

**Further details can be seen from the website: www.tendersorissa.gov.in**

Sd./- (Er.Sudhansu Sekhar Sahoo)
Superintending Engineer
M.I. Division, Keonjhar
OIPR-32123/11/0005/2425

## DISTRICT PROJECT OFFICE SAMAGRA SHIKSHA, MAYURBHANJ

Murgabadi, P.O.: Bhanjpur, Baripada, PIN - 757002
E-mail: dpcmayurssa.opepa@nic.in

No. 5100 Date: 05.11.24

**TENDER CALL NOTICE FOR SUPPLY OF MAINTENANCE ITEMS TO 26 Nos. OF KGBV TYPE-III HOSTEL & 20 Nos. KGBV Type-IV HOSTEL**

No. n-145: Sealed tenders have been invited from intending suppliers for supply of (A) Grocery & Consumable items, (B) Milk Sweet & Paneer, (C) Non-Veg Items, (D) Reading Writing Materials, (E) Stationery & Sanitary items, (F) Dress & Garments items etc. for 26 Nos. of Type-III KGBV & 20 Nos. of Odisha Adarsha Vidyalaya (KGBV Type-IV) of Mayurbhanj District. The tender papers containing the detailed terms and conditions along with the list of articles to be supplied are available at **osepa.odisha.gov.in** & **mayurbhanj.odisha.gov.in** and at the concern KGBV School @ Rs.300/- as tender application fees. The interested party/parties will have to submit the tender papers at KGBV point. The detail process i.e. opening & finalization tenders and issue of supply order etc. will be done at concern KGBV level. The date of selling, last date & opening of tender paper will be available at concern KGBV hostels.

Sd./- DEO-cum-District Project Coordinator
Samagra Shiksha, Mayurbhanj
OIPR-27140/11/0003/2425

See Career Appointment on every Wednesday & Saturday

## GOVERNMENT OF ODISHA OFFICE OF THE SUPERINTENDING ENGINEER SUNDARGARH (R&B) DIVISION, SUNDARGARH

No.B-573:

ଓଡ଼ିଶା ସରକାର

E-mail ID: pwd_sng@yahoo.co.in

**"e"-Procurement Notice**

**Bid Identification No-SE-R&B-SNG-33 of 2024-25**

Letter No.6481 Date:04.11.2024

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for **execution Electrical Works (Fire Fighting)** as detailed in DTCN. | | |
| 2. | Nature of Work | :- | Electrical Works (Fire Fighting) |
| 3. | No. of Work | :- | 01 (One) No. |
| 4. | Tender Cost | :- | Rs.6,000/- |
| 5. | Class of Contractor | :- | Specialized agency with associate electrical contractor having valid license from ELBO |
| 6. | Availability of bid document in the website | :- | From 10.00 A.M. Date 08.11.2024 to 05.00 P.M. Date- 19.11.2024 |
| 7. | Date of Opening of Bid | :- | 11.00 A.M. On Dt.20.11.2024 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

Sd./- Additional Chief Engineer
Sundargarh (R&B) Division
OIPR-34043/11/0027/2425

## ଓଡ଼ିଶା ସରକାର, ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ,ରାୟଗଡ଼ା

No.A-522:

ଟେଲିଫୋନ୍ ନମ୍ବର-(06856)-291081 & ଇ-ମେଲ:-eemirgd@ymail.com

**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**

ନିଲାମ ଡାକର ସଂଖ୍ୟା ଅନଲାଇନ-୦୬/କ୍ଷୁ:ଜ:ବି ରାୟଗଡ଼ା/୨୦୨୪-୨୫
(BID IDENTIFICATION NO.ONLINE-06/MID RGD/2024-25)
ପତ୍ର ସଂଖ୍ୟା:- ୪୦୦୫//କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୦୫.୧୧.୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନଲାଇନ ଜରିଆରେ ନିମ୍ନସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି ।

| | | | |
|---|---|---|---|
| ୧ | କାମର ନାମ | : | ରାୟଗଡ଼ା ଜିଲ୍ଲାରେ କାପେକ୍ସ ରୋଡ଼ (CAPEX Road) ଯୋଜନାରେ କାଣିଯୋଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ଓ MIP ଡ୍ୟାମ ରୋଡ଼ର ଉନ୍ନତିକରଣ |
| ୨ | ସର୍ବମୋଟ କାମର ସଂଖ୍ୟା | : | ୦୨ (ଦୁଇ) ମାତ୍ର |
| ୩ | ଅଟକଳ ମୂଲ୍ୟ | : | ଆନୁମାନିକ ୮୩.୦୮ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | : | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲେଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | : | ତା.୦୮.୧୧.୨୦୨୪ରିଖ ଅପରାହ୍ନ ୦୫.୦୦ ଘଟିକାଠାରୁ ତା.୧୮.୧୧.୨୦୨୪ରିଖ ଦିବା ୨.୦୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | : | ତା.୧୮.୧୧.୨୦୨୪ ରିଖ ଦିବା ୨.୦୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | : | ତା.୧୮.୧୧.୨୦୨୪ ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | : | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | : | ଅନଲାଇନ |

ସ୍ୱା./-ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0010/2425

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## OFFICE OF THE DISTRICT PROJECT COORDINATOR, SAMAGRA SHIKSHA, BALANGIR

No. 4510 Dated: 06.11.24

**NOTICE INVITING TENDER (NIT)**

No. n-144: Sealed tenders are invited from the reputed & credible printers/printing firms having office as well as Printing set up in the State of Odisha for printing & supply of Holistic Progress Card for Class-I to VIII Students of Balangir district in two bid systems (Technical & Financial Bid) as detailed below.

| Name of the Tender | Bid Procesing Fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Holistic Progress Card for Class-I to VIII Students | Rs.1000/- | Rs.20000/- | 21.11.2024 upto 05.00 P.M. (in all working days, office hour only) | 22.11.2024 4.30 P.M. |

The detailed BID document is available in the website **www.balangir.odisha.gov.in** & **www.osepa.odisha.gov.in**. Interested and eligible printers/firm may download BID DOCUMENT from the above website and apply accordingly. Corrigendum/Addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

Sd./- Collector-cum-Chairman
Samagra Shiksha, Balangir
OIPR-27151/11/0001/2425

# ଅଭିଭାବକ ଜାଣିବେନି ପିଲାଙ୍କ ପରୀକ୍ଷାଫଳ

## ଛାତ୍ରୀଛାତ୍ରଙ୍କ ଉପରୁ ଚାପ କମାଇବାକୁ ଡଚ୍ ସ୍କୁଲର ନିଷ୍ପତ୍ତି

ଆମଷ୍ଟରଡାମ

ଛାତ୍ରୀଛାତ୍ରଙ୍କ ଉପରୁ ଚାପ ହ୍ରାସ କରିବା ପାଇଁ ନେଦରଲାଣ୍ଡସ୍ ରାଜଧାନୀ ଆମଷ୍ଟରଡାମର ଜର୍ଡାନ-ମଣ୍ଟେସୋରି ଲିସେତମ ଉଟେକଟ୍ ମାଧ୍ୟମିକ ସ୍କୁଲ ଅଜବ ନିଷ୍ପତ୍ତି ନେଇଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ସେମାନଙ୍କ ଅଭିଭାବକଙ୍କୁ ନ ଜଣାଇବାକୁ ଏହି ସ୍କୁଲ ଘୋଷଣା କରିଛି।



ନୂଆ ନିୟମ ଅନୁଯାୟୀ, ମାସେ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ସେମାନଙ୍କ ଅଭିଭାବକଙ୍କୁ ଜଣାଯିବ ନାହିଁ। ଏହି ନିୟମକୁ ୯୫% ଅଭିଭାବକ ସମର୍ଥନ କରିଛନ୍ତି। ଅବଧିକୁ ୧୦ ସପ୍ତାହ ପର୍ଯ୍ୟନ୍ତ ଲାଗୁ କରିବା ପାଇଁ ପୂର୍ବରୁ ଦାବି ହୋଇଥିଲା। ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନକୁ ରକ୍ଷା କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ତେବେ ଅଭିଭାବକଙ୍କ ହସ୍ତକ୍ଷେପ ଛାତ୍ରୀଛାତ୍ରଙ୍କ ସ୍ୱାଧୀନତାକୁ କେତେ ମାତ୍ରାରେ ପ୍ରଭାବିତ କରୁଛି, ସେନେଇ ଏହି ନିଷ୍ପତ୍ତି ଏକ ନୂତନ ବିତର୍କ ସୃଷ୍ଟି କରିଛି। ଅଭିଭାବକମାନେ କ୍ରମାଗତ ପିଲାଙ୍କ ପଢ଼ା ଓ ପରୀକ୍ଷାରେ ସେମାନଙ୍କ ପ୍ରଦର୍ଶନ ଉପରେ ନଜର ରଖିଲେ ଏହା ଛାତ୍ରୀଛାତ୍ରଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ।

# ମା' ହେବେ ଆଥିୟା



ମୁମ୍ବାଇ: ବଲିଉଡ ଅଭିନେତ୍ରୀ ଆଥିୟା ସେଟ୍ଟୀ ଏବଂ କ୍ରିକେଟର କେ.ଏଲ୍. ରାହୁଲଙ୍କ ଘରକୁ ଆସିବାକୁ ଯାଉଛି ଖୁସି ଖବର। ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ଅଭିନେତ୍ରୀ ତାଙ୍କର ପ୍ରେଗ୍ନେନ୍ସି ଘୋଷଣା କରିଛନ୍ତି। ଦୁହେଁ ଏକ ଫଟୋ ଶେୟାର କରି ଲେଖିଛନ୍ତି, ୨୦୨୫ରେ ଆମର ଅତିସୁନ୍ଦର ଆଶୀର୍ବାଦ ଆସୁଛି। ଏଥିସହିତ ଏକ କୁନି ପିଲାର ପାଦ ଫଟୋ ମଧ୍ୟ ସେଠାରେ ଦେଖିବାକୁ ମିଳୁଛି। ରାହୁଲ ଏବଂ ଆଥିୟାଙ୍କ ଖୁସି ଖବର ଶୁଣି ତାଙ୍କର ପରିବାର ଓ ପ୍ରଶଂସକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଥିୟାଙ୍କ ଭାଇ ଆହାନ ପୋଷ୍ଟରେ କମେଣ୍ଟ କରି ଶୁଭେଚ୍ଛା ଜଣାଇଛନ୍ତି। ୨୩ ଜାନୁଆରୀ ୨୦୨୩ରେ ସେମାନଙ୍କ ବିବାହ ହୋଇଥିଲା।

# ଦୁର୍ବଳ ବର୍ଗଙ୍କୁ ମାଗଣା ଆଇନଗତ ସହାୟତା ପ୍ରଦାନ ଲକ୍ଷ୍ୟ

## ଆଜି ଜାତୀୟ ଆଇନ ସେବା ଦିବସ

ପ୍ରତ୍ୟେକ ବର୍ଷ ନଭେମ୍ବର ୯ ତାରିଖରେ ଜାତୀୟ ଆଇନ ସେବା ଦିବସ ପାଳନ କରାଯାଏ। ଏହି ଦିବସ ପାଳନ କରିବାର ଉଦେଶ୍ୟ ହେଉଛି ଆଇନଗତ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ସମସ୍ତ ନାଗରିକଙ୍କ ପାଇଁ ନ୍ୟାୟ ପାଇବାକୁ ସୁନିଶ୍ଚିତ କରିବା। ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ଦିନ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଆଇନଗତ ଅଧିକାର ବିଷୟରେ ଜ୍ଞାନ ପ୍ରଦାନ କରିବା ଏବଂ ଏକ ସମାନ ସମାଜ ଗଠନ ପାଇଁ ଦ୍ୱନ୍ଦ୍ୱ ସମାଧାନ ପାଇଁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରେ।

୧୯୯୫ ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଆରମ୍ଭ ହୋଇଥିବା ଜାତୀୟ ଆଇନ ସେବା ଦିବସ, ସମାଜର ଦୁର୍ବଳ ବର୍ଗଙ୍କୁ ମାଗଣା ଆଇନଗତ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**Requirement**
for Marketing Executive, Manager, Receptionist, Malli and Gym Trainer, Jumba Trainer, Office Boy at various offices in Bhubaneswar.
**Mob : 9439913527**

See Career Appointment on every **Wednesday & Saturday**

## ZILLA SWASTHYA SAMITI, ANGUL

**RECRUITMENT**

**WALK-IN-INTERVIEW**

**Walk-In-Interview for Engagement & Empanelment of Medical Officer (Full Time) & Part-Time Specialists & Yoga Instructor**

**Advt.No. 2227** **Date 08.11.2024**

**No.E-485:**Expression of Interest (EOI) is invited for Engagement of Medical Officer (Contractual) for UPHC & UHWC Talcher and empanelment of Part Time Specialists (O&G, Paediatrics, Medicine, Skin & VD, ENT, Eye, Psychiatric Specialist, Dental and Nutritionist, Physiotherapist) for Ama Clinic under NUHM (UPHC Talcher) and Yoga Instructor for UPHC Angul & Talcher. The above positions are purely temporary and also co-terminus with the scheme. The actual number of vacancy may differ (increase or decrease) during the time of engagement. Canvassing in any form will render the candidate disqualified for the position and no undertaking will be entertained. Details of Qualification, remuneration & job description of the post along with application form can be downloaded from the district website: https://angul.odisha.gov.in.The interested candidates may attend the Walk-in-Interview from 10.00 AM to 11.00 AM on the scheduled date for registration. The candidates are requested to visit the district website on regular interval till completion of empanelment process. The undersigned reserves the right to cancel any or all the application without assigning any reason or communication thereof.

**Sd./-CDM & PHO cum District Mission Director, Angul**

OIPR-10142/11/0005/2425

## GOVERNMENT OF ODISHA
## OFFICE OF THE SUPERINTENDING ENGINEER MINOR IRRIGATION DIVISION, SAMBALPUR

Phone No. (0663)-2412791, E-mail : eemisbp@yahoo.co.in

No.A-526

**'e' Procurement Notice**

Bid Reference No. SE MID SBP 04/2024-25
eemisbp@yahoo.co.in
No. 3358//MID//date. 05.11.2024

| | | | |
|---|---|---|---|
| 1 | Name of the works | : | Civil construction works |
| 2 | No. of Works | : | 4 (Four) Nos. |
| 3 | Estimated cost | : | Varies approximately from Rs. 57.75 lakh to Rs. 78.10 lakh |
| 4 | Tender paper cost | : | Referred to DTCN |
| 5 | Period of completion | : | Referred to DTCN |
| 6 | Date and Time of availability of bid documents in the portal | : | From dt. 12.11.2024 at 11.00 A.M. to dt. 26.11.2024 up to 5.30 P.M. |
| 7 | Last date / time of receipt of bids in the portal | : | Dt. 26.11.2024 up to 5.30 P.M. |
| 8 | Date of opening of Technical Bid (Cover-I) | : | Dt. 27.11.2024 at 11.00 A.M. onwards |
| 9 | Name and address of the OIT | : | Superintending Engineer, Minor Irrigation Division, Sambalpur |
| 10 | **Further details can be seen from the e-Procurement market place http://tendersodisha.gov.in | | |

**Sd./- Superintending Engineer**
**M.I.Division, Sambalpur**

OIPR-32036/11/0005/2425

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR

No.A-538: GOVERNMENT OF ODISHA

**"e" PROCUREMENT NOTICE**

**BID IDENTIFICATION No:04 MID (JSP/2024-25)**

1. Name of the Inviting Officer: Superintending Engineer, Minor Irrigation Division, Jashipur.
2. Name of the Work: Improvement to MIPs in different Blocks of Mayurbhanj District.
3. No. of Works: 9 (Nine) Nos.
4. Tender Amount Varies From: 10.72 lakhs to 47.68 lakhs
5. Date and Time of availability of BID document in the Portal for online Bidding from: 10.00 hrs. Dt.13.11.2024 to 17.00 hrs. Dt.25.11.2024
6. Last Date and Time of receipt of Bids in the Portal: 17.00 hrs. Dt.25.11.2024.
7. Last date and time for clarification upto:- 17.00 hrs. Dt.25.11.2024
8. Date of Opening of Bid: 11.00 hrs. onwards Dt.26.11.2024.

The detail tender call notice can also be seen in the DOWR website: http://dowrorissa.gov.in.

Name & Address of the OIT : Superintending Engineer, M.I.Division, Jashipur, At/Po-Khairi/Dist: Mayurbhanj, PIN-757091, E-mail:eemijashipur@yahoo.com

Further details can be seen from the e-Procurement market place: **http://tenderorissa.gov.in.**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Sd./- Superintending Engineer**
**M.I.Division, Jashipur**

OIPR-32282/11/0004/2425

FORM No. 13
## BEFORE THE DEBTS RECOVERY TRIBUNAL, CUTTACK, ORISSA
**C-71, SECTOR-7, CDA, CUTTACK, ODISHA**
**O.A. NO. 229 of 2024**

**Utkal Grameen Bank** .....Applicant
**Versus**
**Prabha Agrawala @ Goyal & Others** .....Defendant(s)

**To,**
1. **Trahikar Patel,** S/o- Late Nahar Patel, At: Bhikampali, PO: Kapilapur, Dist.: Jharsuguda-768226 **(Defendant No. 3)**
2. **Bhagabati Patel @ Naik,** D/o- Late Nahar Patel, W/o- Rudraskhya Naik, At/PO: Lahandabud, Dist.: Jharsuguda-768202 **(Defendant No. 4)**
3. **Kuntala Patel,** D/o- Late Nahar Patel, W/o- Badal Patel, At: Raigarh, Chhattisgarh-496001 **(Defendant No. 5)**
4. **Prabhati Patel,** D/o- Late Nahar Patel, W/o- Pabitra Patel, At: Talab, Sambalpur-768200 **(Defendant No. 8)**

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 229 of 2024** in the Court of the Debts of Recovery Tribunal, Cuttack for recovery of **Rs.45,59,837/-** (rupees forty-five lakhs fifty-nine thousand eight hundred thirty-seven only) together with current and future interest, cost and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **11.12.2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **16th day of October, 2024.**

**Sd/- (Nikhila Ranjan Pati),**
**REGISTRAR**

## THE ASKA CO-OPERATIVE SUGAR INDUSTRIES LTD.

**P.O. : Nuagam (Aska) - 761111, Dist - Ganjam, State - Odisha**
**Email id. : askasugar@yahoo.co.in**
**GSTIN : 21AAAAT5989L1ZO**

**Notice No. : 1578/2024** **DATED : 08.11.2024**

**PRE-BID MEETING NOTICE**

The Managing Director, Aska Co-operative Sugar Industries ltd., Nuagam, Aska Invites the interested Registered contractors of state PWD or equivalent class of CPWD / Railway / MES / Central Govt. / State Govt. Undertaking for the following works of the Aska Co-Operative Sugar Industries LTD., Nuagam, Aska.

| Sl. No. | Name of The Work |
|---|---|
| 1 | Erection of Truss & Purlins, Roof Gutters and colour GSI sheets Roofing work of the Sugar Plant & others |
| 2 | Erection of Purlins and colour GSI sheets Roofing work of the Sugar Mill |

3. The interested contractors are requested to attend on the Pre-Bid Meeting for discussion on the detail Specification of the above said work on date : 19.11.2024 at 10:30 A.M. at the Conference Hall of the Aska Co-Operative Sugar Industries Ltd., Aska.
4. Basing on the finalised specification, a fresh Tender Call Notice be published on Dated : 20.11.2024 onwards and the last date for receiving of the Tender Bid will be Date : 11.12.2024 (in between Office Hours). The said tender will be opened on Date : 12.12.2024 at 10:30 A.M. in presence of the tenderers or their authorised representative.
5. All related documents will be published in the office website. Any other future corrections and Modifications are to be published in the office website only. No representations will be received regarding the said Modification.
6. The authority reserves the right to the reject any or all tender without assigning any reason thereof.

**Sd./- Managing Director,**
**A C S I Ltd, Aska**

# TAHASIL OFFICE, DARINGBADI
# DIST - KANDHAMAL
## SPECIAL LAND ACQUISITION OFFICER AND COMPETENT AUTHORITY (NH-59), DARINGBADI, DIST - KANDHAMAL

**PUBLIC NOTICE**

रजिस्ट्री सं. डी.एल.- 33004/99 REGD. No. D. L.-33004/99

भारत का राजपत्र
The Gazette of India

ଅସାଧାରଣ
**EXTRAORDINARY**
ଭାଗ II—ଖଣ୍ଡ ୩ ଉପ ବିଭାଗ (II)
**PART II- SECTION 3-SUB-SECTION(II)**
ପ୍ରାଧିକର୍ତାଙ୍କ ଦ୍ୱାରା ପ୍ରକାଶିତ
**PUBLISHED BY AUTHORITY**

ନୂଆଦିଲ୍ଲୀ, ମଙ୍ଗଳବାର, ଅକ୍ଟୋବର ୨୨, ୨୦୨୪ / ଆଶ୍ୱିନ 30, 1946
**NEW DELHI, TUESDAY, OCTOBER 22, 2024 / ASINA 30, 1946**

## MINISTRY OF ROAD TRANSPORT AND HIGHWAYS
**NOTIFICATION**

**New Delhi, the 22nd October, 2024**

**S.O. 4609(E).**—In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for "Widening and strenthening of Daringibadi Ghat portion from km 229.500 to km 256.468 of NH-59" in the district of KANDHAMAL in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub- section(1) of section 3C of the said Act.

Every such objection shall be made to the Competent Authority, namely, Tahasildar, Daringbadi in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.

The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**Sd/- Land Acquisition Officer and Competent Authority (NH-59), Daringbadi, Dist - KANDHAMAL**

## SCHEDULE

**Brief Description of the land to be acquired with or without structures falling NH59 in the stretch of land from Km. 229.500 to Km. 256.468 of NH-59 in the district of KANDHAMAL in the state of ODISHA**

**State: ODISHA District: KANDHAMAL**

| Sl. No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **Taluk: Daringbadi** | | | | | |
| **Village: Subaranga** | | | | | |
| 1 | 200 | Private | padara dui | 0.202 (Acre ) | 0.0817483 |
| 2 | 201 | Government (PARBAT) | abada ajagya anabadi | 0.4599989 (Acre ) | 0.1861594 |
| 3 | 201/234 | Government (abada jagya anabadi) | patita | 0.088 (Acre ) | 0.0356131 |
| 4 | 202 | Government (Rakhita) | Nayanajori | 0.155673 (Acre ) | 0.063 |
| 5 | 203 | Government | Rasta | 0.3039997 (Acre ) | 0.1230271 |
| 6 | 204 | Government | Nayanjori | 0.219 (Acre ) | 0.0886281 |
| 7 | 205 | Government | Rasta | 0.3039997 (Acre ) | 0.1230271 |
| 8 | 206 | Government (Rakhita) | Nayanjori | 0.143318 (Acre ) | 0.058 |
| 9 | 207 | Government (Parbat) | abada ajagya anabadi | 0.475 (Acre ) | 0.1922299 |
| 10 | 222/229 | Government | Rasta | 0.2909998 (Acre ) | 0.1177661 |
| **Village: Malebadi** | | | | | |
| 11 | 385 | Government (Rakhita) | Nayan Jori | 0.1209999 (Acre ) | 0.048968 |
| 12 | 386 | Government (rakhita) | rasta | 0.211 (Acre ) | 0.0853905 |
| 13 | 387 | Government (rakhita) | nayanjori | 0.111 (Acre ) | 0.0449211 |
| 14 | 388 | Government (abada jagyo anabadi) | forest | 0.288 (Acre ) | 0.116552 |
| **Village: Penapusi** | | | | | |
| 15 | 1 | Government (AABADA JOGYA ANABADI) | JANGAL | 0.4190001 (Acre ) | 0.169567 |
| 16 | 13/426 | Government | JANGAL | 2.137 (Acre ) | 0.8648321 |
| 17 | 2 | Government (AABADA JOGYA ANABADI) | jangal | 0.622 (Acre ) | 0.25172 |
| 18 | 27 | Private | BILA DUI | 0.027 (Acre ) | 0.0109268 |
| 19 | 273 | Private | PADAR EK | 0.1909999 (Acre ) | 0.0772966 |
| 20 | 28 | Government | PATIT | 0.018 (Acre ) | 0.0072845 |
| 21 | 29 | Private | Bila ak | 0.02 (Acre ) | 0.0080939 |
| 22 | 30 | Private | Bila AK | 0.037 (Acre ) | 0.0149737 |
| 23 | 31 | Government | NAYANJORI | 1.461001 (Acre ) | 0.5912586 |
| 24 | 32 | Government | Rasta | 2.338 (Acre ) | 0.9461756 |
| 25 | 33 | Government | NAYAN JORI | 0.4520003 (Acre ) | 0.1829219 |
| 26 | 331/417 | Private | PADAR DUI | 0.12 (Acre ) | 0.0485633 |
| 27 | 34 | Private | Billa Dui | 0.190267 (Acre ) | 0.077 |
| 28 | 35 | Private | Billa Dui | 0.037065 (Acre ) | 0.015 |
| 29 | 36 | Private | BILA AK | 0.015 (Acre ) | 0.0060704 |
| 30 | 38 | Government | Jangal | 0.427 (Acre ) | 0.1728045 |
| 31 | 39 | Private | Bila Tini | 0.082 (Acre ) | 0.033185 |
| 32 | 391 | Government | RASTA | 0.039 (Acre ) | 0.0157831 |
| 33 | 392 | Government | JANGAL | 0.007 (Acre ) | 0.0028329 |
| 34 | 392/423 | Government | Jangal | 0.403 (Acre ) | 0.1630919 |
| 35 | 40 | Private | Bila dui | 0.216 (Acre ) | 0.087414 |
| 36 | 419 | Government | Nyanjori | 0.178 (Acre ) | 0.0720356 |
| 37 | 420 | Government | Rasta | 0.292 (Acre ) | 0.1181708 |
| 38 | 421 | Government | Nayanjori | 0.18 (Acre ) | 0.072845 |
| 39 | 47 | Private | BILA AK | 0.0070001 (Acre ) | 0.0028329 |
| 40 | 48 | Private | Billa Dui | 0.02471 (Acre ) | 0.01 |
| 41 | 60 | Government | Jangal | 0.202 (Acre ) | 0.0817483 |
| 42 | 62 | Private | BILA DUI | 0.006 (Acre ) | 0.0024282 |
| 43 | 75 | Government | GOCHAR | 0.443 (Acre ) | 0.1792796 |
| | | | | **Total** | **5.6511669** |

**[F. No. RO/BBSR/11017/LA/97/2016/3A]**
**ABHAY JAIN, Director**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଉନ୍ନତିକୁ ବେଶି ଗୁରୁତ୍ୱ ଦେଇଛନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରାଜ୍ୟର ବିକାଶ ପରିବର୍ତ୍ତେ ବ୍ୟକ୍ତିଗତ ଉନ୍ନତିକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। ଝାଡ଼ଖଣ୍ଡରେ ବର୍ତ୍ତମାନ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ ଦେଖାଦେଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶୁକ୍ରବାର ଝାଡ଼ଖଣ୍ଡର ନିର୍ବାଚନ ପ୍ରଚାର କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଚକ୍ରଧରପୁର ଓ ଚାଇଁବାସା ସମେତ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିବା ସହ ଆୟୋଜିତ ରାଜନୈତିକ ସଭାକୁ ସମ୍ବୋଧନକରି କହିଛନ୍ତି, ଝାଡ଼ଖଣ୍ଡ ହେଉଛି ସମୃଦ୍ଧ ସଂସ୍କୃତି, ତ୍ୟାଗ, ଓ ବଳିଦାନର ମାଟି। ଏହି ରାଜ୍ୟର କୋଣ ଅନୁକୋଣରେ ସାହସିକତା, ବୀରତ୍ୱ, ତ୍ୟାଗର ଅନେକ କାହାଣୀ ରହିଛି। ଚକ୍ରଧରପୁରର ୧୮୫୭ର ସିପାହି ବିଦ୍ରୋହର ଅନ୍ୟତମ ନାୟକ ଶହୀଦ ଜଗୁ ଦିୱାନଙ୍କ ସମେତ ଅନେକ ମହାପୁରୁଷ ଏଠାରେ ଜନ୍ମ ଗ୍ରହଣ କରିଛନ୍ତି। ସେମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆମ ଦେଶ ସ୍ୱତନ୍ତ୍ରତା ପାଇଛି। ପଦ୍ମଫୁଲରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନକରି ସେ କହିଛନ୍ତି, ଭାଜପା ହେଉଛି ଗରିବ, ଦଳିତ, ପଛୁଆ ଓ ଆଦିବାସୀଙ୍କ ଦଳ। ଆଜି ଝାଡ଼ଖଣ୍ଡରେ ଯେତେବେଳେ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ ଦେଖାଦେଇଛି, ସେହି ସମୟରେ ରାଜ୍ୟ ସଂସ୍କୃତିର ସୁରକ୍ଷା ଏବଂ ନିରନ୍ତର ବିକାଶ ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଜନଜାତି, ମହିଳା, ଯୁବକଙ୍କ ଅଧିକାର ଓ ସ୍ୱାର୍ଥ ଏବଂ 'ରୁଟି ବେଟି ଓ ମାଟି'ର ସୁରକ୍ଷା ପାଇଁ ଭାଜପା ଏକମାତ୍ର ବିକଳ୍ପ। ଚଳିତ ନିର୍ବାଚନରେ ନାଗରିକମାନେ ପଦ୍ମ ଫୁଲରେ ଭୋଟ୍ ଦେଇ ହେମନ୍ତ ସରକାରଙ୍କ ଲୁଟ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ତାଲା ପକାଇ ଦେବାକୁ ମନ ବଳାଇ ସାରିଛନ୍ତି। ଝାଡଖଣ୍ଡ ନିର୍ବାଚନ ପ୍ରଚାର କରିବା ସମୟରେ ଧର୍ମେନ୍ଦ୍ର ଚକ୍ରଧରପୁର କେରା ସ୍ଥିତ ଓଡ଼ିଆ ମଧ୍ୟ ବିଦ୍ୟାଳୟ ପରିସରରେ ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ କାର୍ଯ୍ୟକର୍ତ୍ତାଙ୍କ ସହ ଦର୍ଶନ କରିଛନ୍ତି।

## ପ୍ରଚାର ବେଳେ ଅଶାଳୀନ ମନ୍ତବ୍ୟକୁ ସିଇସିଙ୍କ ନିନ୍ଦା

ନୂଆଦିଲ୍ଲୀ,୮।୧୧

### ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ମହାରାଷ୍ଟ୍ର ନିର୍ବାଚନ ପ୍ରଚାର ବେଳେ ଜଣେ ମହିଳା ନେତ୍ରୀଙ୍କୁ ଇଙ୍ଗିତ କରି ଅଶାଳୀନ ଶବ୍ଦ ପ୍ରୟୋଗକୁ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ନିନ୍ଦା କରିଛନ୍ତି। ଏଭଳି ମନ୍ତବ୍ୟ ଦେଉଥିବା ପ୍ରାର୍ଥୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଇସି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ସମ୍ମାନ ଓ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଥିବା ଭାଷା ପ୍ରୟୋଗକୁ ନେଇ ସିଇସି ଅସନ୍ତୋଷ ବ୍ୟକ୍ତ କରିବା ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିର୍ବାଚନ ଆଚରଣ ବିଧି ଅନୁଯାୟୀ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନଙ୍କୁ ଏଭଳି କାର୍ଯ୍ୟରୁ ଦୂରେଇ ରହିବାକୁ ହେବ, ନଚେତ୍ ଏହାକୁ ଗମ୍ଭୀରତାର ସହ ନିଆଯିବ। ସର୍ବସାଧାରଣ ଭୂମିକା ସହ ଜଡ଼ିତ ନ ଥିବା ବ୍ୟକ୍ତିଗତ ସମାଲୋଚନା ଓ ଆକ୍ରମଣରୁ ପ୍ରାର୍ଥୀମାନେ ଦୂରେଇ ରହିବା ଉପରେ କୁମାର ଜୋର୍ ଦେଇଛନ୍ତି। ସେମାନେ ସର୍ବସାଧାରଣରେ ଏବଂ ଭାଷଣରେ ସମ୍ମାନଜନକ ଆଚରଣ ଓ ଭାଷା ବ୍ୟବହାର କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମହିଳାଙ୍କ ପ୍ରତି ଅପମାନଜନକ ମନ୍ତବ୍ୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାବିକାଶ ଅଘାଡ଼ି (ଏମ୍‌ଭିଏ) ନେତାମାନଙ୍କୁ ସମାଲୋଚନା କରିଛନ୍ତି।

## ଖାଦ୍ୟ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶା ଆଣିଥିବା ସୁନାମରେ ଏବେ କଳଙ୍କ ଲାଗିଛି: ବିଜେଡି

ଭୁବନେଶ୍ୱର,୮।୧୧(ଅନିଲ ଦାସ)

ମିଳିତ ଜାତିସଂଘ ତରଫରୁ ଆୟୋଜିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ଖାଦ୍ୟ ବଣ୍ଟନ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଏକ ଖାଦ୍ୟ ଅଭାବୀ ରାଜ୍ୟରୁ କିପରି ଭାବେ ଓଡ଼ିଶା ଏକ ଖାଦ୍ୟ ବଳକା ରାଜ୍ୟରେ ପରିଣତ ହୋଇଥିଲା, ଓଡ଼ିଶାର ଏହି ସଫଳତା ବିଶ୍ୱ ସ୍ତରରେ ପ୍ରଶଂସିତ ହୋଇଥିଲା।ଏହିପରିପ୍ରେକ୍ଷୀରେ, ଓଡ଼ିଶା ଆଣିଥିବା ସୁନାମରେ ଏବେ କଳଙ୍କ ଲାଗିଛି ବୋଲି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଗୁରୁବାର ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟ ଉପରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ପ୍ରତିକ୍ରିୟା ଉପରେ ମତ ରଖି ପୂର୍ବତନ ଯୋଗାଣ ମନ୍ତ୍ରୀ କହିଛନ୍ତି, ଘଟଣାଗୁଡ଼ିକ ଯାହା ଘଟୁଛି ତାହା ରାଜ୍ୟବାସୀ ଜାଣୁଛନ୍ତି । କିନ୍ତୁ ତାକୁ ନେଇ ଶସ୍ତା ଓ ଅରୁଚିକର ମନ୍ତବ୍ୟ ବିଭାଗୀୟ ମନ୍ତ୍ରୀ ଦେଉଛନ୍ତି, ତାହା ଆହୁରି ଦୁର୍ଭାଗ୍ୟଜନକ ବୋଲି ଅତନୁ କହିଛନ୍ତି।

## ଛାତ୍ର କଂଗ୍ରେସର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)




କଂଗ୍ରେସ ଭବନଠାରୁ ବାହାରିଥିବା ରାଲି।

ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖା ଜାଲିଆତି ପ୍ରସଙ୍ଗ ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବାସଭବନ ଘେରାଉ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ ଭବନଠାରୁ ଏକ ରାଲି ବାହାରି ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ଏହି ସମୟରେ ପୋଲିସ ଛାତ୍ର କଂଗ୍ରେସ ନେତା ଓ କର୍ମୀଙ୍କୁ ବାଟରେ ଅଟକାଇଥିଲା। କିଛି ସମୟ ପର୍ଯ୍ୟନ୍ତ ପୋଲିସ ସହ ଛାତ୍ର କଂଗ୍ରେସ କର୍ମୀଙ୍କ ମୁହାଁମୁହିଁ ସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ଏ ପ୍ରସଙ୍ଗରେ ଉଦିତ କହିଛନ୍ତି, ଉଚ୍ଚ ଶିକ୍ଷାମନ୍ତ୍ରୀ ସାମ୍‌ସ ର୍‍ୟାଙ୍କିଙ୍ଗ୍ ବ୍ୟବସ୍ଥା, ଯାହାକି ନାମଲେଖା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିଥାଏ, ତାକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଲାଇବ୍ରେରି ଆଣ୍ଡ ଇନ୍‌ଫର୍ମେଶନ ସାଇନ୍ସ ବିଭାଗରେ ନାମଲେଖା ପାଇଁ ଆବେଦନକାରୀ ଛାତ୍ର ବିଜୟ ସାହୁ ସାମ୍‌ସ ର୍‍ୟାଙ୍କିଙ୍ଗ୍‌ରେ ୧୩ ନମ୍ବର ସ୍ଥାନ ରଖିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାମ୍‌ସ ର୍‍ୟାଙ୍କିଙ୍ଗ୍‌ରେ ୧୫ ନମ୍ବର ସ୍ଥାନ ରଖିଥିବା ସ୍ଥାନକୁ ନାମଲେଖା ପାଇଁ ସୁଯୋଗ ଦେଲେ। ୧୩ ନମ୍ବର ସ୍ଥାନ ରଖିଥିବା ଛାତ୍ର ବିଜୟ ସାହୁଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ ରିପୋର୍ଟିଂ ପରେ ଆଡମିସନ ପାଇଁ ଟେଲିଫୋନ କରାଯାଇଥିଲା। ସାହୁ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ତାଙ୍କର ସିଏଲ୍‌ସି ଆଣି ଯଥା ସମୟରେ ଆଡମିସନ ଫର୍ମ ପୂରଣକରି ଆବଶ୍ୟକ ଡକୁମେଣ୍ଟ ସହ ସମ୍ପୃକ୍ତ ବିଭାଗରେ ଦାଖଲକଲେ। ମାତ୍ର ସେହି ବିଭାଗର ଜଣେ ଅଧିକାରୀ ଆବେଦନକାରୀ ଛାତ୍ରଙ୍କୁ କହିଲେ, ତୁମର ସବୁ ଯୋଗ୍ୟତା ଥାଇ ଆମେ ତୁମର ନାମ ଲେଖାଇପାରିବୁ ନାହିଁ, କାରଣ ଆମ ଉପରେ ଚାପ ରହିଛି, ଯଦି ଆମେ ଏହି ଚାପକୁ ନ ମାନିବୁ ତେବେ ଅସୁବିଧାରେ ପଡ଼ିବୁ। ଏହି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ରାଜ୍ୟପାଳ ଯିଏକି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି, ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ ଦୃଷ୍ଟିକୁ ଆଣିଥିଲା। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହ ଆବେଦନକାରୀ ଛାତ୍ରଙ୍କୁ ତୁରନ୍ତ ନାମଲେଖା ପାଇଁ ସୁଯୋଗଦେବାକୁ ଛାତ୍ର କଂଗ୍ରେସ ଦାବି କରିଛି।

## ପ୍ରଭାରୀଙ୍କ ପ୍ରଚାରରେ କଂଗ୍ରେସର ମାଳମାଳ ନେତା

### ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ଝାଡ଼ଖଣ୍ଡ ଗସ୍ତ

ଭୁବନେଶ୍ୱର,୮।୧୧(ସୁନିତ୍ ମିଶ୍ର)

କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଏଥର ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଜାମଶେଦପୁର ଇଷ୍ଟ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ତାଙ୍କ ପାଇଁ ପ୍ରଚାର କରିବାକୁ କଂଗ୍ରେସର ମାଳ ମାଳ ନେତା ଏବେ ଜାମଶେଦପୁରଠାରେ ପହଞ୍ଚିଛନ୍ତି। ସେହିପରି ଭାଜପାର ଅନେକ ନେତା ମଧ୍ୟ ଭାଜପା ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବାକୁ ଝାଡ଼ଖଣ୍ଡ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଥରେ ଝାଡ଼ଖଣ୍ଡ ଯାଇ ପ୍ରଚାର କରି ଆସିଥିବା ବେଳେ ଆସନ୍ତା ସପ୍ତାହରେ ପୁଣି ଥରେ ଗସ୍ତ କରିବେ ବୋଲି ଜଣାପଡିଛି।


# Classified Everyday 0674-2580101, 2549949



REAL ESTATE
SALE

ଭୁବନେଶ୍ୱର ନଖରା ତ୍ରିନାଥବଜାର ପାଖରେ ଘରବାରୀ ପ୍ଲଟ୍ ଏବଂ Duplex ମିଳୁଛି। 7855922165. D-76208

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-1880

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-1881

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିତୁରାସ୍ତାକୁ ଲାଗି ବିକ୍ରିହେବ। Ph.- 9437754190. D-1867

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75796



CONSTRUCTION

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203




Newly open Jyoti SPA positively health benefits (Expert therapist). 8458067955. D-76166

Newly open health benefits spa special offer @799 Bapujinagar. 8 0 1 8 4 2 9 8 0 9 D-76167

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

Newly open health benefits spa by expert therapist. Contact- 6371861658. D-76165

AFFIDAVIT

By virtue of an affidavit sworn before the Notary, Rourkela, I, Naren Kumar Pradhan, aged about 61 years, S/o- Late Kamala Kant Pradhan, residing at Qr. No.- E/225, Sector-E, P.S.-Bondamunda, Dist.- Sundargarh, Odisha- 770032 declare that I have purchased a land by a registered sale deed vide document number 117314008 of 2014, dt.11/08/2014, Khata No-77/597, Plot No.- 6/1429, Kisam-Gharabari, total area Ac.0.050res, of Mouza-Gudgudjor, Tahasil-Bisra. That I want to mortgage the said Plot in State Bank of India, Bondamunda branch code No.11577. The facts stated above are true and correct to the best of my knowledge and belief. D-1885

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Klavati Majhi, W/o- Late Abhimanya Majhi, R/o- Village-Bandhpada, P.O.- Tundla, P.S.- Kesinga, Dist.- Kalahandi declare by this affidavit No.-103, dt 07.11.24 sworn before the Notary, Karlamunda, I have changed my name from Kalabati Majhi and Elabati Majhi to Klavati Majhi for all future purposes. D-1884

By virtue of an affidavit sworn before Executive Magistrate Kendrapara, dated 08. 11. 2024 I, Sudarsan Rana (42), Address Vill- Jokia, P.O.- Akhua Dakhini, P.S.- Patakura, Dist.- Kendrapara, Odisha, 754228 declare that I have changed my son's name from Tapan Rout to Rajkumar Rana. Henceforth He shall be known as Rajkumar Rana for all purposes. D-1886

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ମନେ ପଡ଼ନ୍ତି


### ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**

ସ୍ୱାମୀ- ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯
ବୋଉ, ତୋତେ ହରାଇ ଆମେ ସର୍ବହରା । ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ତୋର ଆଦର୍ଶ, ଆଶୀର୍ବାଦ, ଆମ ଜୀବନର ପାଥେୟ ହେଉ ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୧୮୮୩

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଉମାକାନ୍ତ ଜଗଦେବ**

ଜରିପଡ଼ା, ଟାଙ୍ଗି, ଖୋର୍ଦ୍ଧା
ଆବିର୍ଭାବ: ତା୦୮।୦୨।୫୩
ତିରୋଧାନ: ତା୨୯।୧୦।୨୪
ତୁମର ସ୍ନେହ, ଶ୍ରଦ୍ଧା, କର୍ମକୁଶଳତା ଆମପାଇଁ ଶିକ୍ଷଣୀୟ ହୋଇ ରହିବା ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, ପୁତ୍ରବଧୂ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୮୮୪

## ଭୁଲ୍ ପନ୍ଥା ପାଇଁ ବିଜେଡି ହାରିଗଲା: ସୁଶାନ୍ତ

ଭୁବନେଶ୍ୱର,୮।୧୧(ଅନିଲ ଦାସ)



ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା।

ସାଧାରଣ ନିର୍ବାଚନ ଶେଷ ହେବାର ୫ ମାସ ପରେ ମଧ୍ୟ ବିଜେଡି ନେତାମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜଣକ ପରେ ଜଣେ ପୂର୍ବତନ ମନ୍ତ୍ରୀ, ବିଧାୟକ ଗଣମାଧ୍ୟମରେ ବିବୃତି ଦେଇ ଚର୍ଚ୍ଚାକୁ ଆସୁଛନ୍ତି।

ବିଜେଡି ନେତା ତଥା ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା କହିଛନ୍ତି, ଦଳ ଟିକେ ଭୁଲ୍ ବାଟରେ ପରିଚାଳିତ ହେଉଥିଲା। ଦଳକୁ ସଭାପତି ଟିକେ ବୋଧେ ଅଣଦେଖା କଲେ; ଯାହା ଫଳରେ ପରାଜୟ ଭୋଗିବାକୁ ପଡ଼ିଲା । ଦଳର ସଭାପତି ନିଜେ ସମସ୍ତ ସଭାସମିତିରେ ଯୋଗଦେବା ବଦଳରେ ତାଙ୍କ ପ୍ରତିନିଧି ଯୋଗଦେବା ଯୋଗୁ ଦଳର କିଛି କର୍ମୀ ଓ ବ୍ୟକ୍ତିତ୍ୱ ଅସନ୍ତୁଷ୍ଟ ହୋଇଥିଲେ। ଏହା ମଧ୍ୟ ଦଳର ପରାଜୟ ପାଇଁ ଆଉ ଏକ କାରଣ। ପରିଚାଳନାଗତ ତ୍ରୁଟି ଯୋଗୁ ଦଳ ହାରିଛି। ଏବେ ଦଳ ଆଉ ସେହି ଭୁଲ୍ ପନ୍ଥା ଆପଣାଇ ନାହିଁ। ଏବେ ଦଳ ଠିକ୍ ରାସ୍ତାକୁ ଆସି ସାରିଲାଣି। ବରିଷ୍ଠ ନେତାମାନଙ୍କୁ ଟିକେ ଉପେକ୍ଷା କରାଯାଇଥିଲା ବୋଲି ଆମେ ବିଶ୍ୱାସ କରୁଥିଲୁ। କିନ୍ତୁ ବାସ୍ତବରେ ସେମିତି କିଛି ହୋଇନାହିଁ। ଦଳ ଯେହେତୁ ଲଗାତର ୨୫ ବର୍ଷ ଶାସନରେ ରହିସାରିଥିଲା, ତେଣୁ ଲୋକେ ମନ ପରିବର୍ତ୍ତନ କରିଥିଲେ। ସେମାନେ ନୂତନତ୍ୱ ଚାହୁଁଥିଲେ। ସେଥିପାଇଁ ବିଜେଡିର କିଛି କ୍ଷତି ହୋଇଛି। ବରିଷ୍ଠ ନେତା ଦଳରେ ଅଛନ୍ତି। ଦଳର ପରାଜୟ ପରେ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। କିନ୍ତୁ ସେକଥା ବେଶିଦିନ ରହିବ ନାହିଁ। ବରିଷ୍ଠ ନେତାମାନଙ୍କୁ ସ୍ୱତନ୍ତ୍ର ଭାବେ ଗୋଟିଏ କମିଟିରେ ରଖାଯାଇଛି ଓ ସେମାନେ ଦଳ କେମିତି ଆଗକୁ ଯିବ, ସେନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି।

ବିଜେଡିରେ ଅନ୍ତଃକନ୍ଦଳ ନାହିଁ। ବିଜେଡି ସଂଗଠିତ ହୋଇ ରହିଛି ଓ ଆଗକୁ ମଧ୍ୟ ରହିବ। ଦଳ ଆଗାମୀ ନିର୍ବାଚନରେ ୧୨୦ରୁ ଅଧିକ ସିଟ୍ ଜିତି ପୁଣି ସରକାର କରିବ। ଜନସାଧାରଣ ମଧ୍ୟ ଜାଣି ସାରିଲେଣି ଯେ ଭାଜପା ସରକାର ମିଥ୍ୟାବାଦୀ ସରକାର। ଭାଜପା ସରକାର ଆଦୌ ସତ୍ୟ କଥା କୁହନ୍ତି ନାହିଁ। ଭାଜପା ଯାହା କହେ, ତାକୁ କାର୍ଯ୍ୟରେ ପରିଣତ କରେ ନାହିଁ ବୋଲି କହିଛନ୍ତି ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ ବେହେରା।

## କୋରମ ଅଭାବରୁ ବାତିଲ ହେଲା ଅନାସ୍ଥା

ସୁନାବେଢ଼ା/ସେମିଳିଗୁଡ଼ା,୮।୧୧
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସୁନାବେଢ଼ା ପୌର ପରିଷଦ ସଭାଗୃହରେ ପରିଷଦର ଉପାଧ୍ୟକ୍ଷା ରିତୁ କଣ୍ଟାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ନେଇ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ପରିଷଦର ନିର୍ବାହୀ ଅଧିକାରୀ ନାରାୟଣ ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ବି. ବିଭୁଦତ୍ତ ସାହୁ, ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କ ସମେତ ୧୫ କାଉନ୍‌ସିଲର ଉପସ୍ଥିତ ଥିଲେ। କିନ୍ତୁ ଜଣେ କାଉନ୍‌ସିଲର ଅନୁପସ୍ଥିତ ଥିବାରୁ ବିରୋଧୀଙ୍କ ଆଶା ମଉଳିଯାଇଥିଲା ଏବଂ କୋରମ ପୂରଣ ହୋଇପାରି ନ ଥିଲା। ନିୟମ ମୁତାବକ ୨୫ ୱାର୍ଡ ବିଶିଷ୍ଟ ସୁନାବେଢ଼ା ପୌର ପରିଷଦର ଜଣେ କାଉନ୍‌ସିଲର ଅନ୍ୟତ୍ର ଚାଲିଯିବା ଯୋଗୁ ସେହି ପଦବୀ ଖାଲି ରହିଛି। ଫଳରେ ବର୍ତ୍ତମାନ ପୌର ପରିଷଦରେ ମୋଟ ୨୪ କାଉନ୍‌ସିଲର ରହିଛନ୍ତି। ସେହି ହିସାବରେ ଦେଖିବାକୁ ଗଲେ ୨ ତୃତୀୟାଂଶ ସଂଖ୍ୟା ୧୬। କିନ୍ତୁ ବୈଠକରେ ୧୫ ଥିବାରୁ ଏହା ପୂରଣ ହୋଇ ନ ପାରି ଉପାଧ୍ୟକ୍ଷାଙ୍କ ସପକ୍ଷରେ ଯାଇ ନିର୍ବାଚନ ବାତିଲ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁନାବେଢ଼ା ଥାନା ଏଏସ୍‌ଆଇ ବାଳକୃଷ୍ଣ ରଥ ଓ ଏଏସ୍‌ଆଇ ରାମଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ସଜାଗ ରହିଥିଲେ। ଅନାସ୍ଥା ବାତିଲ ହେବା ପରେ ପୌର ପରିଷଦ ଉପାଧ୍ୟକ୍ଷା ରିତୁ କଣ୍ଟାଙ୍କୁ ପଚାରିବାରୁ ସେ ଭାବବିହ୍ୱଳ ହୋଇ କହିଛନ୍ତି, ସତ୍ୟ ଓ ଧର୍ମର ଜୟ ହୋଇଛି। ଏଥିସହ ଦୀର୍ଘଦିନ ଧରି ଚାଲିଥିବା ତାମସାର ଅନ୍ତ ଘଟିଥିବାରୁ ବହୁତ ଖୁସି ଓ ଆଶ୍ୱସ୍ତି ଅନୁଭବ କରିଥିବା କହିଛନ୍ତି। ପ୍ରକାଶ ଯେ, କିଛିମାସ ହେବ ବହୁ କାଉନସିଲର ବ୍ୟକ୍ତିଗତ ଅବା ଦଳୀୟ ସ୍ୱାର୍ଥ ପାଇଁ ଜିଲାପାଳଙ୍କ ନିକଟରେ ବାରମ୍ବାର ଉପାଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗକରି ଅନାସ୍ଥା ପାଇଁ ଦାବି କରି ଆସୁଥିଲେ।

# ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବାଙ୍କୀ ଥାନା ଗୋବିନ୍ଦ ବେହେରା ହତ୍ୟା ମାମଲାର ରାୟ ପ୍ରକାଶ**

କଟକ,୮।୧୧(କାର୍ତ୍ତିକ ସାହୁ)

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଘୋଳପୁର ଗ୍ରାମର ଗୋବିନ୍ଦ ବେହେରା ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଦୌରାଜଜ ତଥା ପ୍ରଥମ ଏଡିଜେଙ୍କ ଅଦାଲତ ଏହି ମାମଲାରେ ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ମାମଲାର ମୁଖ୍ୟ ଅଭିଯୁକ୍ତ ଘୋଳପୁରର ଗତିକୃଷ୍ଣ ସ୍ୱାଇଁଙ୍କ ସମେତ ଅନ୍ୟ ଅଭିଯୁକ୍ତ ହେଲେ ପ୍ରଶାନ୍ତ ଅଖୁଆ, ସନ୍ତୋଷ ଅଖୁଆ, ସୁଶାନ୍ତ ଅଖୁଆ, ଶୁଭ ବେହେରା, ପ୍ରଦୀପ ସ୍ୱାଇଁ, ମୁନେଇ ଓରଫ ଆଲୋକ ବେହେରା, ଶ୍ରୀକାନ୍ତ ଅଖୁଆ, ଦୀନବନ୍ଧୁ ଖଟୁଆ। ପ୍ରତ୍ୟେକଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଛି। ଜରିମାନା ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ସ୍ପଷ୍ଟ କରିଛନ୍ତି।

ସୂଚନାନୁସାରେ, ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଶତ୍ରୁତାରୁ ଗତିକୃଷ୍ଣ ଓ ତାଙ୍କ ସହଯୋଗୀମାନେ ଘୋଳପୁର ବଜାରରେ ଥିବା ଗୋବିନ୍ଦଙ୍କ ବାସନକୁସନ ଦୋକାନ ଭଙ୍ଗାରୁଜା କରିଥିଲେ। ଏ ନେଇ ସେ ବାଙ୍କୀ ଥାନାରେ ଏତଲା ଦେଇଥିଲେ। ଥାନାରୁ ଏତଲା ଉଠାଇବା ପାଇଁ ଗତିକୃଷ୍ଣ ଗୋବିନ୍ଦଙ୍କ ପରିବାର ଲୋକଙ୍କୁ ବାରମ୍ବାର କହିଥିଲେ। ମାତ୍ର ଏଥିରେ ଗୋବିନ୍ଦ ରାଜି ନ ହେବାରୁ ଆକ୍ରମଣ ପାଇଁ ଯୋଜନା ହୋଇଥିଲା। ୨୦୨୦ ଅକ୍ଟୋବର ୨୦ ତାରିଖ ସନ୍ଧ୍ୟାରେ ଗୋବିନ୍ଦ ଘରୁ ଗାଡ଼ିରେ ଦୋକାନକୁ ଯାଉଥିବାବେଳେ ଘୋଳପୁର ବଜାରରେ ଅଭିଯୁକ୍ତମାନେ ବାଡ଼ି, ରଡ୍ ଓ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗାଡ଼ିରୁ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ମାଙ୍କଡ଼ା ପଥରରେ ତାଙ୍କ ମୁହଁ ଓ ମୁଣ୍ଡକୁ ଛେଚିଥିଲେ। ଶେଷରେ ବୋମା ଫୁଟାଇ ସେଠାରୁ ପଳାଇ ଯାଇଥିଲେ। ଆକ୍ରମଣର ଶିକାର ହୋଇଥିବା ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଗୋବିନ୍ଦଙ୍କ ପତ୍ନୀ ସୁନିତା ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଗୋବିନ୍ଦଙ୍କୁ ସ୍ଥାନୀୟ ଅଞ୍ଚଳର ୧୨ରୁ ଅଧିକ ଲୋକ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ପରେ ଘଟଣାର ମୁଖ୍ୟ ଅଭିଯୁକ୍ତ ଗତିକୃଷ୍ଣଙ୍କ ସମେତ ୯ଜଣଙ୍କୁ ପୋଲିସ ଗିରଫ କରିଥିଲା। କଟକ ଅତିରିକ୍ତ ଜିଲା ଦୌରାଜଜ ତଥା ପ୍ରଥମ ଏଡିଜେ ସୁଶୀଲ କୁମାର ରାଉତ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଗୋପାଳ ସାହୁ, ପ୍ରକାଶ ଅଖୁଆ ଏବଂ ଦୀପକ ବୁଡ଼ ଏବେ ବି ଫେରାର ରହିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ରାମପ୍ରସାଦ ଦାଶ ମାମଲା ପରିଚାଳନା କରୁଥିଲେ।

**କଲେଜ ଛାତ୍ରୀ ଗଣବଳାତ୍କାର ମାମଲା**

# ୬ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ

କଟକ,୮।୧୧ (କାର୍ତ୍ତିକ ସାହୁ)

- ଜବତ ମୋବାଇଲର ଫୋରେନ୍‌ସିକ ଯାଞ୍ଚ ହେବ
- ଖୁବ୍‌ଶୀଘ୍ର ଚାର୍ଜଶିଟ୍ ଦାଖଲ ହେବ
- ବ୍ଲାକ୍‌ମେଲ୍ ଶିକାର ହେଲେ ତୁରନ୍ତ ଥାନାରେ ଜଣାଅ: ଡିସିପି

କଲେଜ ଛାତ୍ରୀ ଗଣବଳାତ୍କାର ମାମଲାରେ ଖୁବ୍‌ଶୀଘ୍ର ତଦନ୍ତ ଶେଷ କରି କମିଶନରେଟ୍ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବ। ଏଥିପାଇଁ ଅଭିଯୁକ୍ତମାନଙ୍କଠାରୁ ଜବତ ହୋଇଥିବା ମୋବାଇଲଗୁଡ଼ିକୁ ତୁରନ୍ତ ରାଜ୍ୟ ଫୋରେନ୍‌ସିକ ଲାବରେଟୋରିକୁ ପଠାଯିବ। ଏହି ମୋବାଇଲରେ ଥିବା ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓକୁ ଯାଞ୍ଚ କରାଯିବ। ସେହିପରି ଏହି ମାମଲାରେ ପୋଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି।

ଡିସିପି ମୀନାଙ୍କ ସୂଚନା ଅନୁସାରେ, ଗଣବଳାତ୍କାରର ଶିକାର ହୋଇଥିବା ପୀଡ଼ିତାଙ୍କ ଅଭିଯୋଗକ୍ରମେ ବାଦାମବାଡ଼ି ଥାନାରେ ୪ ତାରିଖରେ ଏକ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୭୦(୧), ୩୫୧(୨), ୩(୫), ୪୯, ଏସ୍‌ସି/ଏସ୍‌ଟି ୩୨ (ବିଏ) ଏବଂ ଆଇଟି ୬୭(ଏ) ଧାରା ଲାଗୁ କରାଯାଇଛି। ପୋଲିସ ମାମଲାର ତଦନ୍ତ କରି ୫ ତାରିଖରେ ୩ ଜଣ ଓ ୬ ତାରିଖରେ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ସେମାନଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଜୋନ୍-୬ ଏସିପି ସ୍ୱସ୍ତିକ ପଣ୍ଡା ମାମଲାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ବାଦାମବାଡ଼ି ଓ ପୁରୀଘାଟ ଥାନା ଆଇଆଇସିଙ୍କୁ ନେଇ ୨ଟି ଟିମ୍ ଗଠନ କରାଯାଇଥିଲା। ତଦନ୍ତରେ ବାଧା ଉପୁଜିବା ପାଇଁ ଘଟଣାକୁ ଗୋପନୀୟ ରଖାଯାଇଥିଲା। ପୁରୀଘାଟ ଥାନା ଅଞ୍ଚଳରେ ଘଟିଥିବା ଘଟଣାରେ କାଫେ ମାଲିକ ଗିରଫ ହୋଇଥିବାବେଳେ ସେ କେଉଁ ପରିସ୍ଥିତିରେ ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡିଂ କଲେ ସେନେଇ ପୋଲିସ ତଦନ୍ତ କରୁଛି। ପୁଣି ବାରଙ୍ଗକୁ ନେଇ କାହା ଘରେ ପୀଡ଼ିତାଙ୍କୁ ଗଣବଳାତ୍କାର କରାଗଲା ତାହାକୁ ମଧ୍ୟ ଗମ୍ଭୀରତାର ସହ ପୋଲିସ ଅନୁଧ୍ୟାନ କରୁଛି। ପୀଡ଼ିତାଙ୍କ ଅଶ୍ଳୀଳ ଭିଡିଓ ଅଭିଯୁକ୍ତମାନେ ପାଇଯାଇଥିଲେ। ତାହାକୁ ଦେଖାଇ ସେମାନେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଏଥିସହ ସେମାନେ ପୀଡ଼ିତାଙ୍କୁ ୨ଟି ସ୍ଥାନରେ ଗଣବଳାତ୍କାର କରିଥିଲେ। ତଦନ୍ତକାରୀ ଅଧିକାରୀ ଏସିପି ପଣ୍ଡା ଜବତ ମୋବାଇଲଗୁଡ଼ିକୁ ତୁରନ୍ତ ଫୋରେନ୍‌ସିକ ଲାବରେଟୋରିକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଗିରଫ ଅଭିଯୁକ୍ତମାନଙ୍କର ପୂର୍ବରୁ ଏଭଳି ଆପରାଧିକ କାର୍ଯ୍ୟକଳାପ ରହିଛି କି ନାହିଁ ସେ ଦିଗକୁ ମଧ୍ୟ ପୋଲିସ ତଦନ୍ତରେ ଅନ୍ତର୍ଭୁକ୍ତ କରିଛି। ଏହି ଅବସରରେ ଡିସିପି ମୀନା ମହିଳାମାନଙ୍କୁ ଅପିଲ୍ କରି କହିଛନ୍ତି, ସବୁ ଥାନାରେ ମହିଳା ଓ ଶିଶୁ ଡେସ୍କ ରହିଛି। ଏଭଳି ବ୍ଲାକ୍‌ମେଲ୍ ପରିସ୍ଥିତିରେ କେହି ମହିଳା ସମ୍ମୁଖୀନ ହେଲେ ଡରନ୍ତୁ ନାହିଁ। ବିନା ଦ୍ୱିଧାରେ ଥାନାରେ ରିପୋର୍ଟ କରନ୍ତୁ। ପୋଲିସ ସକାରାତ୍ମକ ଭାବେ ଉକ୍ତ ସମସ୍ୟାକୁ ଆଇନ ଅନୁସାରେ ସମାଧାନ କରିବା ପାଇଁ ପୂରା ଚେଷ୍ଟା କରିବ। ଅପରପକ୍ଷରେ ତଦନ୍ତରେ ବାଧା ସୃଷ୍ଟି ହେବା କାରଣରୁ ଉପରୋକ୍ତ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଦେବା ପାଇଁ ଡିସିପି ମନା କରିଛନ୍ତି।

ସୂଚନାଯୋଗ୍ୟ, ଗତ ଦଶହରା ସମୟରେ କଟକ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ ଛାତ୍ରୀ ଜଣଙ୍କ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ ପୁରୁଷ ବନ୍ଧୁ। ଏଥିରେ ସହଯୋଗ କରିଥିଲେ କାଫେ ମାଲିକ। କାଫେ ମାଲିକ ଓ ପୁରୁଷ ବନ୍ଧୁଙ୍କ ସାଙ୍ଗମାନେ ପୀଡିତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ନେଇ ଉକ୍ତ ଭିଡିଓ ଦେଖାଇଥିଲେ। ଏହାପରେ ସେମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଏହି ଘଟଣା ପୁରୀଘାଟ ଓ ବାରଙ୍ଗ ଥାନା ଅଞ୍ଚଳରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀ ଜଣକ ବାଦାମବାଡି ଥାନା ଅଞ୍ଚଳର ଏକ କଲେଜରେ ପଢୁଥିବାରୁ ସେ ଏଠାରେ ଏତଲା ଦେଇଥିଲେ।

# ଖୁଡ଼ୀଙ୍କ ତଣ୍ଟିକାଟି ହତ୍ୟାକଲେ ପୁତୁରା

ଧରାକୋଟ,୮।୧୧
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)


ସସ୍ମିତା ସାହୁ

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ବରଡାବିଲି ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତି ତାଙ୍କ ଖୁଡ଼ୀଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ଏପରି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତକ ହେଲେ ସସ୍ମିତା ସାହୁ (୩୨)। ହତ୍ୟାକାରୀ ଗ୍ରାମର ସିକନ୍ଦର ସାହୁଙ୍କ ପୁଅ ବଳରାମ ବୋଲି ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ଧାରୁଆ ଛୁରି ସହ ଥାନାରେ ଆତ୍ମସମର୍ପଣ କରିଛନ୍ତି।

ମିଳିଥିବା ଖବରରୁ ଜଣାପଡ଼ିଛି, ବରଡ଼ାବିଲି ଗ୍ରାମର ଶିବରାମ ସାହୁଙ୍କ କ୍ୟାନ୍‌ସରରେ ମୃତ୍ୟୁ ଘଟିବା ପରେ ତାଙ୍କ ସ୍ତ୍ରୀ ସସ୍ମିତା ନିଜର ଏକମାତ୍ର ଝିଅ ଜ୍ୟୋତି (୧୦)ଙ୍କୁ ଧରି ରହୁଥିଲେ। ଲୁଗାପଟା ସିଲେଇ କରି ସେ ଚଳୁଥିଲେ। ସବୁଦିନ ପରି ଶୁକ୍ରବାର ଜ୍ୟୋତି ବିଦ୍ୟାଳୟକୁ ଯାଇଥିଲେ। ଦ୍ୱିପ୍ରହରରେ ପୁତୁରା ବଳରାମ ସସ୍ମିତାଙ୍କ ଘରକୁ ଆସିଥିଲେ। କଥାବାର୍ତ୍ତା ଭିତରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବଳରାମ ସାଙ୍ଗରେ ଆଣିଥିବା ଧାରୁଆ ଛୁରିରେ ସସ୍ମିତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ତଣ୍ଟିକାଟି ହତ୍ୟା କରିଥିଲେ। ଏ ସମ୍ପର୍କରେ ସସ୍ମିତାଙ୍କ ଶାଶୁ ତମାଳ ସାହୁ ଧରାକୋଟ ଥାନାରେ ଏତଲା ଦେବା ପରେ ନଂ.୩୬୬/୨୪ରେ ମାମଲା ରୁଜୁ ହୋଇଛି। ତଦନ୍ତକାରୀ ଅଧିକାରୀ ସସ୍ମିତା ମଗର ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରି ନମୁନା ସଂଗ୍ରହ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆସିକା ଡାକ୍ତରଖାନା ପଠାଯାଇଛି।

ଏ ସମ୍ପର୍କରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ବଳରାମଙ୍କର ଖୁଡ଼ୀ ସସ୍ମିତାଙ୍କ ସହ ଏକ ବର୍ଷ ଧରି ଅନୈତିକ ସମ୍ପର୍କ ଥିଲା। ଏହାକୁ ନେଇ ସସ୍ମିତା ଅଧିକ ଅର୍ଥ ଦାବି କରି ବଳରାମଙ୍କୁ ହଇରାଣ କରି ଆସୁଥିଲେ। ଗତ ତିନି ମାସ ତଳେ ଉଭୟଙ୍କ ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ଆସିଥିଲା। ଏହା ଶୁକ୍ରବାର ଉଗ୍ରରୂପ ଧାରଣ କରିଥିଲା। ବଳରାମ ସସ୍ମିତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ନିଷ୍ପତ୍ତି ନେଇ ଦ୍ୱିପ୍ରହରରେ ଏକ ଧାରୁଆ ଛୁରି ଧରି ସସ୍ମିତାଙ୍କ ଘରେ ପହଞ୍ଚିଥିଲେ। ଭିତର ପଟୁ ଗ୍ରୀଲ ବନ୍ଦକରି ସସ୍ମିତାଙ୍କ ଛାତି ଓ ପେଟକୁ ବାରମ୍ବାର ଛୁରି ଭୁସି ପରେ ଗଳାକାଟି ହତ୍ୟା କରିଥିଲେ। ପଚରାଉଚରା ବେଳେ ବଳରାମ ସବୁ ସ୍ୱୀକାର କରିଛନ୍ତି ବୋଲି ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି।

# ପ୍ରେମିକଙ୍କୁ ଆଜୀବନ, ସ୍ତ୍ରୀଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

ବ୍ରହ୍ମପୁର,୮।୧୧(ସୁବାସ ଚନ୍ଦ୍ର ପାଢ଼ୀ)

**ଅନୈତିକ ସମ୍ପର୍କରୁ ସ୍ୱାମୀଙ୍କୁ ହତ୍ୟା ମାମଲା**

ଅନୈତିକ ସମ୍ପର୍କରୁ ସ୍ତ୍ରୀ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲାଜଜ୍ -୧ ଡ. ଇନ୍ଦୁ ଶର୍ମା ଶୁକ୍ରବାର ହତ୍ୟାକାରୀ କଳାହାଣ୍ଡି ଜିଲା ଭବାନୀପାଟଣା ଶମ୍ଭୁନଗର ପୁରୁଣାପଡ଼ାର ସରୋଜ ମହାରଣା ଓରଫ ରାକେଶ(୩୮)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ହତ୍ୟାର ଶିକାର ହୋଇଥିବା ପ୍ରଫୁଲ୍ଲ କୁମାର ସାହୁଙ୍କ ଦୁଇ ପିଲା ବାପଛେଉଣ୍ଡ ହୋଇଯାଇଥିବାରୁ ସେମାନଙ୍କ ଭରଣପୋଷଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତା ତଥା ପ୍ରଫୁଲ୍ଲଙ୍କ ସ୍ତ୍ରୀ ମିତା ସାହୁ (୩୫) ଜାମିନରେ ରହି ବିଚାର ବେଳେ କୋର୍ଟରେ ହାଜର ହୋଇ ନ ଥିବାରୁ ତାଙ୍କ ନାଁରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପ୍ରଫୁଲ୍ଲ ଓ ସରୋଜ ଦୁଇ ଜଣ ଟ୍ରକ ଡ୍ରାଇଭର। ଉଭୟେ ସଦର ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମରେ ରହୁଥିଲେ। ପ୍ରଫୁଲ୍ଲଙ୍କ ସହ ତାଙ୍କ ସ୍ତ୍ରୀ ମିତା ଓ ୨ ପୁଅ ମଧ୍ୟ ରହୁଥିଲେ। ସରୋଜ ଅଧିକାଂଶ ସମୟ ତାଙ୍କ ଘରକୁ ଯା'ଆସ କରିବା ମଧ୍ୟରେ ମିତାଙ୍କ ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପ୍ରଫୁଲ୍ଲଙ୍କ ଅନୁପସ୍ଥିତିରେ ସରୋଜ ତାଙ୍କ ଘରେ ରହୁଥିଲେ। ଏ କଥା ଜାଣିବା ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଦିନକୁ ଦିନ ଝଗଡା ବଢ଼ିବାରେ ଲାଗିଥିଲା। ମିତା ପ୍ରେମିକ ସରୋଜ ସହ ମିଶି ସ୍ୱାମୀଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ୨୦୨୦ ଜାନୁଆରୀ ୨୧ ତାରିଖ ରାତିରେ ପ୍ରଫୁଲ୍ଲ ଘରକୁ ଆସିବା ବେଳେ ଭିତରେ ସରୋଜ ଥିବା ଦେଖି ତାଙ୍କୁ ବିରୋଧ କରିଥିଲେ। ପରେ ମିତା ଓ ସରୋଜ ମିଶି ତାଙ୍କୁ ଆକ୍ରମଣ କରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ପ୍ରଫୁଲ୍ଲଙ୍କ ଦାଦା ପୁଅ ଭାଇ ମହେନ୍ଦ୍ର ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୯/୨୦ରେ ମାମଲା ରୁଜୁ କରି ମିତା ଓ ସରୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ୧୭ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମାମଲାର ପ୍ରତ୍ୟକ୍ଷଦର୍ଶୀ ଥିବା ପ୍ରଫୁଲ୍ଲଙ୍କ ୨ ପୁଅ, ଭଣଜାଙ୍କ ବୟାନ, ପୋଲିସ ପକ୍ଷରୁ ଦାଖଲ ଚାର୍ଜଶିଟ୍‌କୁ ଆଧାର କରି ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ।

# ଟ୍ୟୁଶନ ଶିକ୍ଷକଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୮।୧୧(ମାନସ ବିଶ୍ୱାଳ)

**ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲା**

ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଜିଲା ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ଶୁକ୍ରବାର ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ବାସୁଦେବ ରଥ (୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ, ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଟ୍ୟୁଶନ ଶିକ୍ଷକ ବାସୁଦେବଙ୍କ ପାଖକୁ ସମ୍ପୃକ୍ତା ନାବାଳିକା ଛାତ୍ରୀ ଟ୍ୟୁଶନ ଯାଉଥିଲେ। ୨୦୨୨ ଜୁନ ୧୩ ତାରିଖ ସକାଳ ୮ଟାରେ ଛାତ୍ରୀ ଜଣକ ଟ୍ୟୁଶନ ଆସିଥିବା ସମୟରେ ଶିକ୍ଷକ ବାସୁଦେବ ଖାତା ଦେଖିବା ଆଳରେ ଘର ଭିତରକୁ ଡାକିନେଇ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୧୪୯/୨୦୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ବାସୁଦେବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଶୁଣାଣି କରୁଥିବା ଅତିରିକ୍ତ ଜିଲା ତଥା ସ୍ୱତନ୍ତ୍ର ଜଜ୍ ପୋକ୍‌ସୋ ସୌମ୍ୟ ଶୁଭଦର୍ଶିନୀ ୨୪ ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଶିକ୍ଷକଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସରୋଜ କୁମାର ପଟ୍ଟନାୟକ ଉକ୍ତ ମାମଲାର ପରିଚାଳନା କରିଥିଲେ।

# ୧୦ କୋଟିର ଧଳା କ୍ୱାର୍ଜ ପଥର ଜବତ, ୬ ଗିରଫ

ମାଲକାନଗିରି/କାଲିମେଳା/ ଏମ୍‌ଭି-୭୯, ୮।୧୧ (ଦୁର୍ଯ୍ୟୋଧନ ପାତ୍ର/ ଜୀବନ କୃଷ୍ଣ ଦାସ/ ଭିକି ବାରିକ)



ଜବତ ଧଳା କ୍ୱାର୍ଜ ପଥର ଗାଡ଼ି ସହ ଗିରଫ ଅଭିଯୁକ୍ତ ।

ମାଲକାନଗିରି ଜିଲା ସୀମାନ୍ତ ମୋଟୁ ବନାଞ୍ଚଳ ଅଧୀନ ରେଡ଼ିପାଲ ଗ୍ରାମ ନିକଟରେ ଶୁକ୍ରବାର ଭୋର ୪ ଟାରେ ବନ ବିଭାଗ କର୍ମଚାରୀ ଏବଂ ଗ୍ରାମବାସୀ ଉଦ୍ୟମରେ ବହୁ ମୂଲ୍ୟବାନ୍ ଧଳା କ୍ୱାର୍ଜ ପଥର ସହ ବହୁ ଗାଡ଼ି ଜବତ କରାଯାଇଛି। ଧଳା କ୍ୱାର୍ଜ ପଥର ଚାଲାଣ କରୁଥିବା ଅଭିଯୋଗରେ ମୋଟୁ ବନ ବିଭାଗ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣ ଆନ୍ଧ୍ରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣେ ବିହାରର ବୋଲି ଜଣାପଡ଼ିଛି। ଏଥିସହ ଧଳା କ୍ୱାର୍ଜ ପଥର ଚାଲାଣ କାରବାରରେ ନିୟୋଜିତ ୨ଟି ହାଇୱା, ଗୋଟିଏ ଜେସିବି ମେଶିନ ଓ ଗୋଟିଏ ବାଇକ୍ ଜବତ କରାଯାଇଛି। ସେମାନଙ୍କ ନିକଟରୁ ୮ଟି ମୋବାଇଲ ଜବତ ହୋଇଛି। ଜବତ ଧଳା କ୍ୱାର୍ଜ ପଥର ପ୍ରାୟ ୪୦ ଟନ୍ ଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଇଛି। ମୋଟୁ ବନାଞ୍ଚଳ କେସ୍ ନଂ. ୪୫/୨୪ ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ମାଲକାନଗିରି ଜିଲା ସହକାରୀ ବନ ସଂରକ୍ଷକ ମନ୍‌ସୁନ୍ ଖେମୁଣ୍ଡୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ହେଲେ ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ଜିଲା ଗାରିବଡ୍ଡୁ ଗ୍ରାମର କେ. ନରସିଂହ ରାଓ, ପଶ୍ଚିମ ଗୋଦାବରୀ ଜିଲା ଜାଙ୍ଗାରେଡିଗୁଡେମ ଗ୍ରାମର ବୋରା କନକନାଗ ସତ୍ୟନାରାୟଣ, ଆଲୁରି ସୀତାରାମରାଜୁ ଜିଲା ମତ୍ତୁଗୁଡେମ ଗ୍ରାମର ଏମ୍. ସନ୍ଦିପ, ଚିନ୍ତୁରୁ ଗ୍ରାମର ବାଇ ପବନ କୁମାର, ଏନ୍‌ଟିଆର୍ ଜିଲା ବେଲିଗାଲେରୁ ଗ୍ରାମର କେ. ଶ୍ରୀନିବାସ ରାଓ ଓ ବିହାର ଦନବାର ଗ୍ରାମର ସତ୍ୟନ୍ଦ୍ରେ କୁମାର। ଆନ୍ଧ୍ରପ୍ରଦେଶର କେତେଜଣ ବ୍ୟକ୍ତି କାଲିମେଳା ବ୍ଲକ୍ ଆନ୍ଧ୍ର ସୀମାନ୍ତ ମୋଟୁ ଥାନା ଅଞ୍ଚଳରୁ ଆଜକୁ ପ୍ରାୟ ୧ମାସ ହେବ ବଡ଼ ବଡ଼ ଗାଡ଼ି ସାହାଯ୍ୟରେ ଧଳାପଥର ଚୋରା ଚାଲାଣ କରୁଥିଲେ। ତେବେ ରେଡିପାଲ ଗ୍ରାମବାସୀ ଏହି ଜଙ୍ଗଲ ଅଞ୍ଚଳରୁ ମୂଲ୍ୟବାନ୍ ପଥର ଚୋରାଚାଲାଣ ହେଉଥିବା ଜାଣି ବହୁବାର ଉକ୍ତ ଗାଡ଼ିକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଗାଡ଼ିଗୁଡିକ ନ ଅଟକି ଚାଲି ଯାଉଥିଲେ। ତେବେ ଏହି ଗାଡ଼ିଗୁଡିକ ଯିବା ପାଇଁ ଏକମାତ୍ର ରାସ୍ତା ମୋଟୁ ଚେକ୍ ପୋଷ୍ଟ ଥିବା ବେଳେ ପୋଲିସ ସେଠାରେ ଦିବାରାତ୍ରି ପାଟ୍ରୋଲିଂ କରୁଥିବା ସତ୍ତ୍ୱେ କିପରି ଏହି ଚୋରାଚାଲାଣ ସମ୍ବନ୍ଧରେ ଜାଣିପାରିଲେ ନାହିଁ ତାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ୧ ମାସ ହେଲା ପଥର ଚୋରାଚାଲାଣ ହେଉଥିଲେ ମଧ୍ୟ ବନ ବିଭାଗ କର୍ମଚାରୀ ଓ ଅଧିକାରୀମାନେ କିପରି ଏହା ଜାଣିପାରିଲେ ନାହିଁ ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଏହି ଚୋରାଚାଲାଣ ସମ୍ବନ୍ଧରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଖଣି ନିଗମର ସମ୍ପୃକ୍ତି ଅଛି କି ନାହିଁ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ଦାବି ହୋଇଛି।

# ସ୍ୱାମୀ, ଶ୍ୱଶୁର, ଶାଶୁଙ୍କୁ ୭ ବର୍ଷ କାରାଦଣ୍ଡ

ଆଠଗଡ,୮।୧୧
(ସତ୍ୟ ପ୍ରସାଦ ରଥ)

**୨୦୧୫ ବଧୂହତ୍ୟା ଘଟଣା**

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଶଶାଙ୍କ ଗ୍ରାମରେ ୨୦୧୫ରେ ଘଟିଥିବା ବଧୂହତ୍ୟା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଏହି ଘଟଣାରେ ଆଠଗଡ ବ୍ଲକ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରଞ୍ଜେଇ ଗ୍ରାମର ସୁରେଶ ଥାଟୋଇଙ୍କ ଝିଅ ସଂଯୁକ୍ତାଙ୍କ ମୃତ୍ୟୁ ଘଟିଥିଲା। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ ରାଜ କୁମାର ଦାସ ଏହି ମାମଲାର ବିଚାର କରି ସ୍ୱାମୀ ରାମଚନ୍ଦ୍ର ପାଣି, ଶ୍ୱଶୁର ଇନ୍ଦ୍ରମଣି ପାଣି ଓ ଶାଶୁ ଶିଶୁଳା ପାଣିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୭ବର୍ଷ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି।

ପ୍ରକାଶ ଯେ, ସଂଯୁକ୍ତାଙ୍କ ସହ ରାମଚନ୍ଦ୍ରଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ବର ଘରର ଦାବି ମୁତାବକ ଜାନି ଯୌତୁକ ଦିଆଯାଇଥିଲା। ମାତ୍ର ବିବାହ ପରେ ବରଘର ପକ୍ଷରୁ ଅଧିକ ଯୌତୁକ ଦାବି କରି ସଂଯୁକ୍ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ସଂଯୁକ୍ତା ଏହି କଷ୍ଟ ସହ୍ୟ କରି ପାରି ନ ଥିଲେ। ୨୦୧୫ରେ ୯ ମାସର ଅନ୍ତଃସତ୍ତ୍ୱା ଥିବା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସଂଯୁକ୍ତାଙ୍କ ବାପା ସୁରେଶ ବଡମ୍ବା ଥାନାରେ ୨୦୧୫ ନଭେମ୍ବର ୧୧ରେ ହତ୍ୟା ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ. ୧୩୨/୨୦୧୫) ରୁଜୁ କରି ୨୦୧୬ ଜାନୁଆରୀ ୩ରେ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ କରିଥିଲେ। ପୋଲିସ ତଦନ୍ତ, ପାରିପାର୍ଶ୍ୱିକ ଅବସ୍ଥା, ସାକ୍ଷୀ ପ୍ରମାଣକୁ ଆଧାରକରି ଅଦାଲତ ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶରତ ଚନ୍ଦ୍ର ଦାଶ ମାମଲା ପରିଚାଳନା କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଞ୍ଚାରେ ଲତପତ ପାଚିଗଲେ ଟାଣ,
ଯା ଯେ କହି ନ ପାରେ,
ତା' ବାପ ଭାଇ ରାଣ।**

ଏହା ଏକ ନାଁ ଦିଆ ପ୍ରହେଳୀ। ମାଟି ହାଣ୍ଡି ଗଢା ଯିବାବେଳେ କଞ୍ଚାମାଟି ହେତୁ ହାତକୁ ନରମ ଲାଗିଥାଏ। ପରନ୍ତୁ ଭାଟିରେ ପୋଡ଼ାଯିବା ପରେ ତାହା ଟାଣ ହୋଇଯାଉଥିବା ଅର୍ଥରେ ଏଭଳି ପ୍ରହେଳିକା ଉଲ୍ଲେଖ କରାଯାଇଛି।

**କଅଁଳ ଲୁହାକୁ ବିରାଡ଼ି କାମୁଡ଼େ।**

ସାଦାସିଧା ଓ ସରଳ ଲୋକଙ୍କୁ ବହୁଲୋକ ହଇରାଣ କରନ୍ତି। ସୁବିଧା ମାରିନେଇ ସରଳିଆ ଲୋକଙ୍କୁ ଖାଲକୁ ପେଲି ଦିଅନ୍ତି। ସରଳତାର ସୁଯୋଗ ନେଇ ବେଖାତିର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

**କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

ଅନୁଗୋଳ,୮।୧୧(ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକରେ ଥିବା ଏକ ୟୁପି ସ୍କୁଲର ଜଣେ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଉକ୍ତ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ କନିଷ୍ଠ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମ୍ପୃକ୍ତ କନିଷ୍ଠ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିବା ସହ ମାନସିକ ଯନ୍ତ୍ରଣା ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ କନିଷ୍ଠ ଶିକ୍ଷୟିତ୍ରୀ ଜଣକ ବିଭାଗୀୟ ମୁଖ୍ୟଙ୍କୁ ଜଣାଇଥିଲେ। ଘଟଣାର ତଦନ୍ତ କରାଯାଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି।

# ଲୋକଲଜ୍ଜା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ବାରିପଦା,୮।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବିକ୍ଷୋଭ ପ୍ରଦର୍ଶନ କରୁଥିବା ମହିଳାମାନେ।

ଋଣ କିସ୍ତି ଆଦାୟ ନେଇ ମାଇକ୍ରୋ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଜୁଲମ ସହି ନ ପାରି ଜଣେ ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ଶୁକ୍ରବାର ଶତାଧିକ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୃତ ମହିଳା ହେଲେ ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମର ସାରସମଣି ମୁର୍ମୁ (୪୮)। ଗତ ମାସ ୧୬ ତାରିଖରେ ସେ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

ଅଭିଯୋଗ ଅନୁଯାୟୀ, ସାରସମଣି ସ୍ଥାନୀୟ ଏକ ଫାଇନାନ୍ସ କମ୍ପାନୀରୁ ଋଣ ନେଇଥିବା ବେଳେ କିସ୍ତି ଟଙ୍କା ସୁଝିବାକୁ ଅସମର୍ଥ ହୋଇଥିଲେ।

- ମାଇକ୍ରୋ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କ ଜୁଲମ
- ଋଣ କିସ୍ତି ନ ଦେବାରୁ ଘର ଆଜ୍‌ବେଷ୍ଟସ ଖୋଲି ନେଇଗଲେ
- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

କମ୍ପାନୀର କର୍ମଚାରୀମାନେ ବାରମ୍ବାର ତାଙ୍କ ଘରକୁ ଆସି ଜୁଲମ କରିଥିଲେ। ସେ ମାସେ ପରେ କିସ୍ତି ଟଙ୍କା ଦେବେ ବୋଲି କହିବାରୁ ଏଜେଣ୍ଟମାନେ ତାଙ୍କ ଘର ଆଜ୍‌ବେଷ୍ଟସ ଖୋଲିନେଇଥିଲେ। ଏହି କାରଣରୁ ଲୋକଲଜ୍ଜା ସହି ନ ପାରି ସାରସମଣି ଆତ୍ମହତ୍ୟା କରିଥିବା ଉତ୍କଳ ସମାଜ ସଙ୍ଗଠନ ଅଭିଯୋଗ କରିଛି। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନର ସାଧାରଣ ସମ୍ପାଦକ ଭାସ୍କର ଜେନା, ରୀନାରାଣୀ ମୁର୍ମୁ, ସପୁ ସିଂ, ଉତ୍ତମ ସିଂ, ସୁମିତା ସିଂ, ଝାନ୍‌ସୀ ସିଂ, ଅନୁରାଧା ପଲେଇ, ମାନ ସିଂ ପ୍ରମୁଖ ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୮।୧୧
(ଉତ୍ତମ କୁମାର ଦାଶ)

**ନାବାଳିକା ବଳାତ୍କାର ମାମଲା**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଞ୍ଚଳରେ ୨୦୧୫ରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭବାନୀପାଟଣାସ୍ଥିତ ଜିଲା ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ସ୍ମୃତିଲେଖା ବାରିକ ଏହି ମାମଲାର ୧୬ଟି ସାକ୍ଷ୍ୟ ଓ ୧୭ଟି ପ୍ରମାଣକୁ ଭିତ୍ତିକରି ଥୁଆମୂଳ ରାମପୁର ଥାନା ଅଞ୍ଚଳର ସାନୁର୍ଯ୍ୟ ନାଏକ (୩୧)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କଳାହାଣ୍ଡି ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୩ ମସିହା ଦୀପାବଳି ଦିନ ନାବାଳିକା ଜଣକ ଅଭିଯୁକ୍ତଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ସାନୁର୍ଯ୍ୟ ତାଙ୍କୁ ଏକ ଘରକୁ ଟେକିନେଇ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲେ। ଫଳରେ ପୀଡିତା ଜଣକ ଗର୍ଭବତୀ ହୋଇ ଏକ ଶିଶୁ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ଶିଶୁର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ପୀଡିତା ୨୦୧୫ ଫେବୃଆରୀ ୧୨ରେ ଥୁଆମୂଳ ରାମପୁର ଥାନାରେ ଅଭିଯୁକ୍ତ ସାନୁର୍ଯ୍ୟଙ୍କ ନାମରେ ଏତଲା ଦେଇଥିଲେ। ପରେ ପୋଲିସ ସାନୁର୍ଯ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି) ରୋହିତ କୁମାର ମିଶ୍ର ପରିଚାଳନା କରୁଥିଲେ।

**ଖସିଲା ଶେୟାର ବଜାର**

ମୁମ୍ବାଇ: କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୫ (୫୫.୪୭) ପଏଣ୍ଟ କମି ୭୯,୪୮୬ (୭୯,୪୮୬.୩୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ ୫୧ (୫୧.୧୫) ପଏଣ୍ଟ ହ୍ରାସ ଘଟି ୨୪,୧୪୮(୨୪,୧୪୮.୭୦) ଅଙ୍କରେ କାରବାର ଶେଷ କରିଥିଲା।

# ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

ଭୁବନେଶ୍ୱର,୮।୧୧ (ଅଭୟ ଦାଶ)

ଚଳିତ ବର୍ଷର ପାର୍ବଣ ପାଇଁ ଘରୋଇ ଅଟୋ ବଜାରରେ ରେକର୍ଡ ପରିମାଣର କାରବାର ହୋଇଛି। ଏପରିକି ଖୁଚୁରା ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ସାଙ୍ଗକୁ ସବୁ କ୍ଷେତ୍ରର ଯାନ ବିକ୍ରିରେ ଚାହିଦା ବୃଦ୍ଧି ଦେଖିବାକୁ ମିଳିଛି। ବିଶେଷକରି ପାର୍ବଣ ଉପହାର ଓ ଆକର୍ଷଣୀୟ ରିହାତି ସୁବିଧା ଖୁଚୁରା ଯାନ ବିକ୍ରିର ପରିମାଣକୁ ପୂର୍ବ ବର୍ଷ ଅପେକ୍ଷା ବଢ଼ାଇ ଦେଇଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ ( ଏଫ୍ଏଡିଏ ବା ଫାଡା)ର ଓଡ଼ିଶା ଶାଖା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବରରେ ଓଡ଼ିଶା ଅଟୋ ବଜାରର ଯାନ ବିକ୍ରି ୧,୦୮,୧୦୪ ୟୁନିଟ୍ ଥିଲାବେଳେ ୨୦୨୩ ଏହି ଅବଧି ମଧ୍ୟରେ ଗାଡି ବିକ୍ରି ୮୭,୨୭୪ ୟୁନିଟ୍ ଥିଲା। ଏପରିକି ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଗାଡ଼ି ବିକ୍ରି ପ୍ରାୟ ୨୪% (୨୩.୮୭%) ବୃଦ୍ଧି ଘଟିଛି ବୋଲି ଫାଡା ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ଦୁଇଚକିଆ ଯାନ ବିକ୍ରିର ଚାହିଦା ଅଧିକ ରହିଛି। ଏପରିକି ୨୦୨୪ ଅକ୍ଟୋବରରେ ୨ ଚକିଆ ଯାନ ୮୯,୧୫୯ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୭୧,୫୯୪ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୪.୫୩% ବୃଦ୍ଧି ହୋଇଛି। ସେହିପରି ଯାତ୍ରୀବାହୀ (ପାସେଞ୍ଜର ଭେଇକିଲ ବା ପିଭି)


ଅଖିଳ ପୋଦ୍ଦାର

ଯାନ ବିକ୍ରିରେ ଉତ୍ସାହଜନକ କାରବାର ଦେଖିବାକୁ ମିଳିଥିଲା। ଏପରିକି ୨୦୨୪ ଅକ୍ଟୋବରରେ ପିଭି ୧୧,୧୭୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୮,୭୭୫ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୨୭.୩୭% ବୃଦ୍ଧି ହୋଇଛି। ଅପରପକ୍ଷରେ ବାଣିଜ୍ୟକ ଯାନ (କମର୍ସିଆଲ ଭେଇକିଲ ବା ସିଭି ) କ୍ରୟରେ ବୃଦ୍ଧି ଘଟିଛି। ଏପରିକି ୨୦୨୪ ଅକ୍ଟୋବରରେ ସିଭି ୩,୯୧୭ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୩,୩୮୫ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୫.୭୨% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବର ଶେଷ ସୁଦ୍ଧା ଓଡ଼ିଶା ବଜାରରେ ୧୬% ରୁ ଅଧିକ ୩ ଚକିଆ ମଡେଲ ବିକ୍ରି ହୋଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୩ ଚକିଆ ମଡେଲ ୨,୬୬୪ ୟୁନିଟ୍ ବିକ୍ରି କରାଯାଇଥିଲାବେଳେ ୨୦୨୩ର ଏହି ଅବଧି ମଧ୍ୟରେ ମୋଟ ୨,୨୯୨ ୟୁନିଟ ବିକ୍ରି ହୋଇଥିଲା। ଗତ ବର୍ଷର ଅକ୍ଟୋବର ଅବଧି ବିକ୍ରି ତୁଳନାରେ ଚଳିତ ବର୍ଷର ଏହି ସମୟ ମଧ୍ୟରେ ବିକ୍ରି ପରିମାଣ ୧୬.୨୩% ବୃଦ୍ଧି ହୋଇଛି। ୨୦୨୪ ଅକ୍ଟୋବରରେ ମଧ ଟ୍ରାକ୍ଟର ୧୧୮୭ ୟୁନିଟ୍ ବିକ୍ରିହୋଇଥିଲା ବେଳେ ୨୦୨୩ ଅକ୍ଟୋବରରେ ଏହାର ପରିମାଣ ୧୨୨୮ ୟୁନିଟ୍ ଥିଲା।

ଏ ସମ୍ପର୍କରେ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ଅଖିଳ ପୋଦ୍ଦାର କହିଥିଲେ, ଆମେ ଆମର ଖୁଚୁରା ଗାଡ଼ି ବିକ୍ରିର ଫଳାଫଳ ଘୋଷଣାକରି ବେଶ ଉତ୍ସାହିତ ଅଛୁ। ଏପରିକି ଚଳିତ ବର୍ଷ ପାର୍ବଣରେ ଓଡ଼ିଶା ଅଟୋ ବଜାର ନୂଆ ମାଇଲଖୁଣ୍ଟ ସହ ୧ ଲକ୍ଷ ଗାଡ଼ି ବିକ୍ରିର ଐତିହାସିକ ସଫଳତା ହାସଲ କରିଛି। ଏହି ଧାରା ଆଗକୁ ମଧ ଜାରି ରହିବା ଆଶା କରାଯାଉଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ଏଲ୍ଆଇସିର ତ୍ରୈମାସିକ ଫଳାଫଳ

ମୁମ୍ବାଇ,୮।୧୧

ଭାରତୀୟ ଜୀବନ ବୀମା ନିଗମ (ଲାଇଫ୍ ଇନ୍ସୁ୍ୟରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ବା ଏଲ୍ଆଇସି ଇଣ୍ଡିଆ) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକରେ ନିଗମର ଆଗାମୀ କାର୍ଯ୍ୟକଳାପ ସାଙ୍ଗକୁ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି।

ଉଲ୍ଲେଖଯୋଗ୍ୟ,୨୦୨୪ ସେପ୍ଟେମ୍ବର ୩୦ ଶେଷ ସୁଦ୍ଧା ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ବା ଅର୍ଦ୍ଧବାର୍ଷିକ ମଧ୍ୟରେ ନିଗମର ଟିକସ ପରବର୍ତ୍ତୀ ଲାଭ (ପିଏଟି) ୧୮,୦୮୨ କୋଟି ରହିଛି। ଏପରିକି ଗତ ବର୍ଷର ଏହି ଅବଧି ତୁଳନାରେ ଚଳିତ ବର୍ଷର କାରବାର ୩.୫୧% ବୃଦ୍ଧି ଘଟିଥିଲାବେଳେ ୨୦୨୩ର ଏହି ସମୟରେ ନିଗମର ପିଏଟି ୧୭,୪୬୯ କୋଟି ଥିଲାବେଳେ ୨୦୨୪ର ଏହି ସମୟରେ ପିଏଟି ୧୮,୦୮୨ କୋଟିରେ ପହଞ୍ଚିଛି। ସେହିଭଳି ନିଗମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ


ସିଦ୍ଧାର୍ଥ ମହାନ୍ତି

ଶେଷ ସୁଦ୍ଧା ନିଗମର ବଜାର ଅଂଶ ପ୍ରତ୍ୟକ୍ଷ କାରବାର କ୍ଷେତ୍ରରେ ୩୯.୭୯% ଏବଂ ସମୂହ କାରବାର କ୍ଷେତ୍ରରେ ୭୪.୭୭% ବୃଦ୍ଧି ହାସଲ କରିଛି।

ଏ ସମ୍ପର୍କରେ ଏଲ୍ଆଇସିର ଏମ୍ଡି ତଥା ସିଇଓ ସିଦ୍ଧାର୍ଥ ମହାନ୍ତି କହିଥିଲେ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଏବଂ ଅର୍ଦ୍ଧବାର୍ଷିକ ଆର୍ଥିକ ଫଳାଫଳ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ମୋଟ କାରବାର ଏବଂ ବଜାର ଅଂଶ ଚଳିତ ଆର୍ଥିକ ବର୍ଷର ଅର୍ଦ୍ଧବାର୍ଷିକ ଶେଷ ସୁଦ୍ଧା ୬୧.୦୭% ରହିଥିଲାବେଳେ ଗତ ଆର୍ଥିକ ବର୍ଷ ର ଏହି ଅବଧି ମଧ୍ୟରେ ନିଗମର ମୋଟ କାରବାର ଏବଂ ବଜାର ଅଂଶ ୫୮.୫୦% ରହିଥିଲା। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ନିଗମ ମୋଟ ୫୮.୮୭% କାରବାର କରିଥିଲା।

# ‘ଗୁଣବତ୍ତା ମାସ’ର ଶୁଭାରମ୍ଭ

ଭୁବନେଶ୍ୱର, ୮।୧୧

ଟି ପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ‘ଗୁଣବତ୍ତା ମାସ’ ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ଭୁବନେଶ୍ୱରଠାରେ କରାଯାଇଥିଲା। ଏହି ଅବସରରେ ଟିପିସିଓଡିଏଲ୍ର ସିଇଓ ତଥା ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ୍) କୋର୍ କମିଟିର ଅଧ୍ୟକ୍ଷ ଅରବିନ୍ଦ୍ ସିଂହଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଏବଂ ଟିକ୍ୟୁଏମ୍ କୋର୍ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ‘ଗୁଣବତ୍ତା: ଅନୁପାଳନରୁ ପ୍ରଦର୍ଶନ ପର୍ଯ୍ୟନ୍ତ’ଶୀର୍ଷକ ବିଷୟବସ୍ତୁ ଉପରେ ଏକ ବିଶେଷ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା ବେଳେ ଗ୍ରାହକଙ୍କ ଆଶା ଅନୁରୂପ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିବା ପାଇଁ ଏହା ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ଟିପିସିଓଡିଏଲ୍ର ସିଇଓ ଅରଭିନ୍ଦ୍ ସିଂହ କହିଥିଲେ, ପ୍ରଥମ ଥର ଅଧିକାର ଏବଂ ଖରାପ ଗୁଣବତ୍ତାର ପ୍ରଭାବ ଆଦି ଉପରେ ସେ ଗୁରୁତ୍ୱାରୋପ କରିଥିଲେ ଏବଂ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ଉଚ୍ଚ ସେବା ମାନ ବଜାୟ ରଖିବା ପାଇଁ ସିଂହ ଏହାକୁ ଅତ୍ୟାବଶ୍ୟକ ସ୍ପଷ୍ଟ ଭାବେ ଦର୍ଶାଇଥିଲେ। ସେହିଭଳି ‘ଗୁଣବତ୍ତା ଏକ କାର୍ଯ୍ୟ ନୁହେଁ ବରଂ ଏହା ଏକ ଅଭ୍ୟାସ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟର ସମସ୍ତ ଦିଗରେ ଗୁଣବତ୍ତାର ସଂସ୍କୃତି ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେହିପରି ଟିକ୍ୟୁଏମ୍ ଫ୍ରେମ୍ୱାର୍କ ମାଧ୍ୟମରେ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା ସହିତ ନିୟାମକ ଏବଂ ପରିଚାଳନା ମାନଦଣ୍ଡ ପାଳନର ଗୁରୁତ୍ୱ ଉପରେ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀମାନେ ପ୍ରତ୍ୟେକ ସ୍ତରରେ କ୍ୱାଲିଟି ସର୍କଲର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ସମଗ୍ର ସଙ୍ଗଠନରେ ଟିକ୍ୟୁଏମ୍ ନୀତି ପ୍ରତି ସାମୂହିକ ପ୍ରତିବଦ୍ଧତା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ନିୟମିତ ପରିଚାଳନା ନାମକ ଟିକ୍ୟୁଏମ୍ ୱାର୍କବୁକ୍ର ପ୍ରଥମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା।

# ବଜାରରେ ବଜାଜ୍ର ଫ୍ରିଡମ୍ ସିଏନ୍ଜି ବାଇକ୍



ଭୁବନେଶ୍ୱର,୮।୧୧

ବଜାଜ ଅଟୋ ଲିମିଟେଡ୍(ବଜାଜ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପ୍ରେସ୍ଡ ନ୍ୟାଚୁରାଲ ଗ୍ୟାସ୍ (ସିଏନ୍ଜି) ବାଇକ୍ ‘ଫ୍ରିଡମ’ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଭାରତ (ଭାରତୀୟ ବଜାର) ରେ ବିଶ୍ୱର ପ୍ରଥମ ସିଏନ୍ଜି ବାଇକ୍ ‘ଫ୍ରିଡମ’ର ଅଫିସିଆଲ ଲଞ୍ଚିଂ ମଧ (ଶୁଭାରମ୍ଭ) ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭାରତ ବଜାଜ୍ ପଳାଶୁଣୀ ରସୁଲଗଡ଼ ଭୁବନେଶ୍ୱର ଶୋ’ରୁମ୍ଠାରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗେଲ୍ ଇଣ୍ଡିଆର ଇଡି ଏଚ୍.କେ. ଗର୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ସିଏନ୍ଜି ବାଇକ୍ର ବଜାର ପ୍ରବେଶ କରାଇଥିଲେ। ଗେଲ୍ ଇଣ୍ଡିଆର ଜିଏମ୍ କୌଶିକ ଦାସ, ବଜାଜ୍ ଅଟୋର ଆର୍ଏମ୍ ଓଡ଼ିଶା ଶିୱାନୁ ମିଶ୍ର, ଏଏସ୍ଏମ୍ ସ୍ୱାଧୀନ ମିଶ୍ର, ଏଏସ୍ଏମ୍ ଦେବାଶିଷ ଭଟ୍ଟାଚାର୍ଯ୍ୟ, ଏଏସ୍ଏମ୍ ସମ୍ପଦ କୁମାରଙ୍କ ସମେତ ଭାରତ ବଜାଜର ଏମ୍ଡି ସୁଶାନ୍ତ ମହାରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କେଏଫ୍ସିର ନୂତନ ଅଭିଯାନ

ନୂଆଦିଲ୍ଲୀ,୮।୧୧

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍ଫର୍ମ କେଏଫ୍ସି’ର ନୂତନ ଅଭିଯାନ ‘ଟେଷ୍ଟ ଦ ଏପିକ୍’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ରାୟ ୩୩ ଦଶନ୍ଧି ଧରି କେଏଫ୍ସି ତା’ର ଫିଙ୍ଗର ଲିକିଙ୍ଗ୍ ଗୁଡ୍ କ୍ରିସ୍ପି ଚିକେନ ସହିତ ଦେଶବ୍ୟାପୀ ପ୍ରଶଂସକମାନଙ୍କୁ ଖୁସି ପ୍ରଦାନ କରିଆସୁଛି। ଏପରିକି ଚଳିତ ନଭେମ୍ବର ମାସରେ କେଏଫ୍ସି ଆଇକୋନିକ୍ ହଟ୍ ଆଣ୍ଡ କ୍ରିସ୍ପି ଚିକେନ୍ଠାରୁ ଆରମ୍ଭକରି ହଟ୍ ୱିଙ୍ଗ୍ସ, ବୋନ୍ଲେସ୍ ଚିକେନ ପପ୍କର୍ନ, ପେରି-ପେରି ବୋନ୍ଲେସ୍ ଚିକେନ୍ ଷ୍ଟ୍ରିପ୍ସ, ବିଭିନ୍ନ ପ୍ରକାର ଜିଞ୍ଜର ବର୍ଗର, ରୋଲ୍ ଆଦିକୁ ବ୍ରାଣ୍ଡର ବେଷ୍ଟ ସେଲିଂ ଫ୍ୟାନ ଫେଭରାଇଟ୍ଗୁଡିକର ବିସ୍ତୃତ ରେଞ୍ଜୀକୁ ସେଲିବ୍ରେଟ୍ କରୁଛି। ସେହିଭଳି ଭାରତବ୍ୟାପୀ ଉପଭୋକ୍ତାମାନେ କେଏଫ୍ସି ସିଗ୍ନେଚର ମେନ୍ୟୁ ଆଇଟମ୍ର ଅତୁଳନୀୟ ସ୍ୱାଦ ଓ କ୍ରଞ୍ଚ୍ ସହିତ ଐତିହାସିକ ସ୍ୱାଦକୁ ଉପଭୋଗ କରିପାରିବେ। ଏପରିକି ଚିକେନ୍ପ୍ରେମୀମାନେ କେଏଫ୍ସିର ବେଷ୍ଟ ସେଲିଂ ମେନ୍ୟୁ ଆଇଟମ-ଚିକେନ ଅନ୍ ବୋନ୍, ବୋନ୍ଲେସ୍ ଓ ବର୍ଗର୍ସ ଆଣ୍ଡ ମୋର୍ ଭଳି ୩ଟି ବର୍ଗରେ ବିକଳ୍ପଗୁଡିକର ଏକ ରେଞ୍ଜୀ ସହ ନିଜକୁ ସନ୍ତୁଷ୍ଟ କରିବା ପାଇଁ ପ୍ରସ୍ତୁତ ରହିଛି, ଯାହାକି ସମସ୍ତଙ୍କ ପାଇଁ କିଛି ନା କିଛି ସୁନିଶ୍ଚିତ କରୁଛି। ସେହିପରି ‘ଚିକେନ ଅନ୍ ବୋନ୍’ ବର୍ଗ ପ୍ରଶଂସକଙ୍କ ପାଇଁ ଆଇକୋନିକ ଫିଙ୍ଗର ଲିକିଙ୍ଗ୍ ଚିକେନର ଉତ୍ତମ ସ୍ୱାଦ ଓ ଅନୁଭୂତି ଆଣୁଛି।

## ଖେଳ ଖବର

# ଇନିଂସ ପରାଜୟ ଦ୍ୱାରରେ ଓଡ଼ିଶା

**ରଣ୍ଜୀ ଟ୍ରଫି**

**ସନ୍ଦୀପଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଫଲୋଅନ**


ସନ୍ଦୀପ ପଟ୍ଟନାୟକ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ବିକେସି ଗ୍ରାଉଣ୍ଡରେ ଚାଲିଥିବା ମୁମ୍ବାଇ ବିପକ୍ଷ ରଣ୍ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ପରାଜୟ ଦ୍ୱାରରେ ପହଞ୍ଚି ଯାଇଛି। ସନ୍ଦୀପ ପଟ୍ଟନାୟକଙ୍କ ଶତକ ସତ୍ତ୍ୱେ ଫଲୋଅନ ହୋଇଥିବା ଓଡ଼ିଶା ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ଦ୍ୱିତୀୟ ଇନିଂସରେ ୧୨୬ ରନରେ ୫ ଉଇକେଟ ହରାଇ ସାରିଛି। ହାତରେ ୫ ଉଇକେଟ ଥିବାବେଳେ ମୁମ୍ବାଇର ପ୍ରଥମ ଇନିଂସ ସ୍କୋରଠାରୁ ଓଡ଼ିଶା ଆହୁରି ୧୯୧ ରନ ପଛରେ ରହିଛି। ଏଠାରେ ମୁମ୍ବାଇ ଏହାର ପ୍ରଥମ ଇନିଂସକୁ ୬୦୨/୪ରେ ଘୋଷଣା କରିଥିବାବେଳେ ଓଡ଼ିଶା ଇନିଂସ ୨୮୫ ରନରେ ସୀମିତ ରହି ଯାଇଥିଲା। ଚଳିତ ସିଜନରେ ଓଡ଼ିଶା ଦ୍ୱିତୀୟ ଥରପାଇଁ ଇନିଂସ ପରାଜୟ ଆଡ଼କୁ ମୁହାଁଇଛି। ପୂର୍ବରୁ ବରୋଦା ନିକଟରୁ ମଧ ଦଳ ଏକ ଇନିଂସ ଓ ୯୮ ରନରେ ହାରିଥିଲା।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୪୬/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ୧୩୯ ରନକରି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଲଢୁଆ ଇନିଂସ ଖେଳିଥିଲେ ନିର୍ଭରଯୋଗ୍ୟ ସନ୍ଦୀପ ପଟ୍ଟନାୟକ। ଜମ୍ମୁ-କଶ୍ମୀର ବିପକ୍ଷ ମ୍ୟାଚରେ ଓଡ଼ିଶାକୁ ପରାଜୟରୁ ରକ୍ଷା କରିବାରେ ମୁଖ୍ୟ ଭୂମିକା ତୁଲାଇଥିବା ସନ୍ଦୀପ ଏଠାରେ କ୍ୟାରିୟରର ୫ମ ପ୍ରଥମଶ୍ରେଣୀ ଶତକ ହାସଲ କରିଥିଲେ। ସେ ୧୮୭ଟି ବଲ୍ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୧୧ ଚୌକା ଓ ୪ ଛକା ମାରିଥିଲେ। ତାଙ୍କ ଶତକ ସହ ଲୋୟର ଅର୍ଡରରେ ଦେବବ୍ରତ ପ୍ରଧାନ ୪୫ ଓ ଆଶୀର୍ବାଦ ସ୍ୱାଇଁ ୩୭ ରନ କରିଥିଲେ ହେଁ ତାହା ଓଡ଼ିଶାକୁ ଫଲୋଅନରୁ ରକ୍ଷାକରିପାରି ନ ଥିଲା। ୩୧୭ ରନରେ ଆଗୁଆ ରହିଥିବାରୁ ମୁମ୍ବାଇ ଅଧିନାୟକ ଅଜିଙ୍କ୍ୟ ରାହାନେ ବିନା ଦ୍ୱିଧାରେ ଫଲୋଅନ ଡାକିଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ମଧ ଅତି ଖରାପ ରହିଥିଲା। ଦୁଇ ଓପନର ଅନୁରାଗ ଷଡ଼ଙ୍ଗୀ ଓ ସ୍ୱସ୍ତିକ ସାମଲ ଯଥାକ୍ରମେ ୬ ଓ ୧ ରନକରି ଆଉଟ ହେବାରୁ ଦଳ ଚାପ ମଧ୍ୟକୁ ଚାଲି ଆସିଥିଲା। ଆଶୀର୍ବାଦ ସ୍ୱାଇଁ ବ୍ୟାଟିଂକ୍ରମ ଉପରେ ଆସି ୪୬ ରନରେ ଅପରାଜିତ ରହିଥିବାବେଳେ ସନ୍ଦୀପ ପଟ୍ଟନାୟକ ୩୯, ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧ ଓ ବିପ୍ଳବ ସାମନ୍ତରାୟ ୨୬ ରନରେ ଆଉଟ ହୋଇଥିବାରୁ ଓଡ଼ିଶା ପାଇଁ ମ୍ୟାଚ ବଞ୍ଚାଇବା ଅସମ୍ଭବ ହୋଇପଡ଼ିଛି। ଓଡ଼ିଶାର ପ୍ରଥମ ଇନିଂସ ଅବସରରେ ମୁମ୍ବାଇ ପକ୍ଷରୁ ବାମହାତୀ ସ୍ପିନର ଶାମ୍ସ ମୁଲାନୀ ୬ ଉଇକେଟ ନେଇଥିବାବେଳେ ହିମାଂଶୁ ସିଂ ୩ଟି ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶାର ଅସମାପ୍ତ ଦ୍ୱିତୀୟ ଇନିଂସରେ ମୁମ୍ବାଇର ହିମାଂଶୁ ସିଂ ୩ଟି ଏବଂ ଶାମ୍ସ ମୁଲାନୀ ଓ ରଷ୍ଟନ ଡିଆସ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୬୦୨/୪(ଘୋଷଣା)। ଓଡ଼ିଶା ପ୍ରଥମ ଇନିଂସ: ୨୮୫/ଅଲ୍ଆଉଟ (ସନ୍ଦୀପ ପଟ୍ଟନାୟକ-୧୦୨, ଦେବବ୍ରତ ପ୍ରଧାନ-୪୫, ଆଶୀର୍ବାଦ ସ୍ୱାଇଁ-୩୭, ଶାମ୍ସ ମୁଲାନୀ-୬/୧୧୫, ହିମାଂଶୁ ସିଂ-୩/୫୩, ଶାର୍ଦ୍ଦୂଳ ଠାକୁର-୧/୪୭)। ଫଲୋଅନ ପରେ ଓଡ଼ିଶା ଦ୍ୱିତୀୟ ଇନିଂସ: ୧୨୬/୫ (ଆଶୀର୍ବାଦ ସ୍ୱାଇଁ-୪୬*, ସନ୍ଦୀପ ପଟ୍ଟନାୟକ-୨୯, ହିମାଂଶୁ ସିଂ-୩/୪୫, ଶାମ୍ସ ମୁଲାନୀ-୧/୨୬, ରଷ୍ଟନ ଡିଆସ-୧/୧୯)।

# ରାଜ୍ୟ ର୍ୟାଙ୍କିଙ୍ଗ୍ ବିଲିୟାର୍ଡ୍ସ, ସ୍ନୁକର ଆରମ୍ଭ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)


ଭିଶେଷ ସିଙ୍ଘଲ ଓ ଆଜଲାନ ଅଲୀ।

ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଶୁକ୍ରବାର ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ରାଜ୍ୟ ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ପକେଟ୍ସ କ୍ଲବ ପାର୍ଟନର ଜୀତେନ ଷଡ଼ଙ୍ଗୀ ଓ ଚେତନ ଆନନ୍ଦ ଏବଂ ସମସ୍ତ ଶୀର୍ଷସ୍ଥାନୀୟ ଖେଳାଳିଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଉଦ୍ଘାଟିତ ହୋଇଛି। ସବ୍ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ଉଭୟ ବିଲିୟାର୍ଡ୍ସ ଓ ସ୍ନୁକର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ଅନୁଷ୍ଠିତ ସବ୍ଜୁନିୟର ବିଲିୟାର୍ଡ୍ସର ୧ ଘଣ୍ଟା ଟାଇମ୍ ଫର୍ମାଟରେ ଭିଶେଷ ସିଙ୍ଘଲ ୧୬୦-୭୦ରେ ଏବଂ ବେଷ୍ଟ ଅଫ୍ ୩ ଫ୍ରେମ୍ ବିଶିଷ୍ଟ ମୁକାବିଲାରେ ୨-୦ରେ ସୟଦ ଆଜଲାନ ଅଲୀଙ୍କୁ ପରାସ୍ତ କରିଛନ୍ତି। ଫଳରେ ଭିଶେଷ ଉଭୟ ବର୍ଗରେ ସବ୍ଜୁନିୟର ଟାଇଟଲ ବଜାୟ ରଖିଛନ୍ତି। ସିନିୟର ବିଲିୟାର୍ଡ୍ସ ବର୍ଗରେ ରୋହିତ ଶର୍ମାଙ୍କୁ ୨-୦ରେ ନିଶାନ୍ତ ବିଶ୍ୱାଳ, ଦେବୀ ପ୍ରସାଦ ସାହୁଙ୍କୁ ୨-୦ରେ ଆକାଶ ମହାପାତ୍ର ହରାଇଛନ୍ତି। କ୍ୱାର୍ଟର ଫାଇନାଲରେ ରାକେଶ ରୋଶନ ପ୍ରଧାନ ୨-୦ରେ ଅବିନାଶ ମହାପାତ୍ର ଓ ସୁବ୍ରତ ଦାସ ୨-୦ରେ ଆକାଶ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି।

# କିଟ୍କୁ ସର୍ବଭାରତୀୟ ଯୋଗ୍ୟତା

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ**

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରି କିଟ୍ ସର୍ବଭାରତୀୟ ଯୋଗ୍ୟତା ପାଇଛି। ତୃତୀୟ ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ୩-୦ରେ ସିଦ୍ଧାର୍ଥ ବିଶ୍ୱବିଦ୍ୟାଳୟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ୩-୧ରେ ଉତ୍କଳ, ଆଡାମ୍ସ ବିଶ୍ୱବିଦ୍ୟାଳୟ ୩-୦ରେ ଏମ.ଜି. କାଶୀ ବିଦ୍ୟାପୀଠ ଏବଂ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୩-୦ରେ ୟୁନିଭର୍ସିଟି ଅଫ୍ କୋଲକାତାକୁ ପରାସ୍ତ କରିଛି। ଫଳରେ ଏହି ୪ ଦଳ ସର୍ବଭାରତୀୟ ଯୋଗ୍ୟତା ହାସଲ କରିଛନ୍ତି। ମଧ୍ୟପ୍ରଦେଶ ରେୱାସ୍ଥିତ ଅବଧେଶପ୍ରତାପ ସିଂ ବିଶ୍ୱବିଦ୍ୟାଳୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ।


ସର୍ବଭାରତୀୟ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଦଳ।

# ସେମିରେ ଉର୍ଜା-ଆରାଧ୍ୟା, ସାକ୍ଷୀ-ଶ୍ୱେତା

**ରାଜ୍ୟ ଟେବୁଲ ଟେନିସ**


ଶୁକ୍ରବାର ମ୍ୟାଚ ଅବସରରେ ଦୁଇ ପ୍ରତିଯୋଗୀ।

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍ଡୋର ହଲ୍ରେ ଚାଲିଥିବା ୩୦ତମ ଆନ୍ତଃ ଜିଲା ଏବଂ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ର ୧୫ ବର୍ଷରୁ କମ୍ ବାଳିକା ସେମିଫାଇନାଲ ଲାଇନ୍ଅପ୍ ହୋଇଯାଇଛି। ଶନିବାର ପ୍ରଥମ ସେମିଫାଇନାଲରେ ଉର୍ଜା ବର୍ମା ଓ ଆରାଧ୍ୟା ସାହୁ ଏବଂ ଦ୍ୱିତୀୟ ସେମିରେ ସାକ୍ଷୀ ଭଗତ ଓ ଶ୍ୱେତା ବର୍ମାଙ୍କ ମଧ୍ୟରେ ମୁକାବିଲା ହେବ। ଶୁକ୍ରବାର କ୍ୱାର୍ଟର ଫାଇନାଲରେ ଉର୍ଜା ୩-୦ରେ ଇତିଶ୍ରୀ ସାହୁ, ଆରାଧ୍ୟା ୩-୦ରେ ଆଶି ସ୍ୱୟଂଶି, ସାକ୍ଷୀ ୩-୧ରେ ଆଶାନା ଅଦିତି ଏବଂ ଶ୍ୱେତା ୩-୧ରେ ଅନୁସ୍କା ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ୧୧ ବର୍ଷରୁ କମ୍ ବାଳକରେ ଆର୍ଯ୍ୟନ ମହାନ୍ତି, ଶାନ୍ତନୁ ରାଉତରାୟ, କୀର୍ତ୍ତିମାନ ଦାସ ଓ ଜନାର୍ଦ୍ଦନ ମାଝି ଏବଂ ବାଳିକାରେ ମିତ ପୂଜାପଣ୍ଡା, ଶ୍ରେୟାଂଶି ଶୁଭଦର୍ଶିନୀ ମିଶ୍ର, ସିଦୀକ୍ଷା ଭଗତ ଓ ପଙ୍ଖୁଡ଼ି ନାୟକ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। କ୍ୱାର୍ଟର ଫାଇନାଲ ମ୍ୟାଚ ଗୁଡ଼ିକ ଶନିବାର ଅନୁଷ୍ଠିତ ହେବ ବୋଲି ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଜଣାଇଛନ୍ତି।

# ଅଷ୍ଟ୍ରେଲିଆକୁ ୯ ଉଇକେଟରେ ହରାଇଲା ପାକିସ୍ତାନ

**ଆଡିଲେଡ୍, ୮।୧୧ (ଏପି):** ଫାଷ୍ଟ ବୋଲର ହାରିସ ରୌଫ୍ଙ୍କ ୫ ଉଇକେଟ ସଫଳତା ଓ ସଇମ ଆୟୁବଙ୍କ ଆକର୍ଷଣୀୟ ୮୨ ରନର ସହାୟତାରେ ପାକିସ୍ତାନ ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୯ ଉଇକେଟରେ ପରାସ୍ତ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୩୫ ଓଭରରେ ୧୬୩ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ପାକିସ୍ତାନ ୨୬.୩ ଓଭରରେ ୧ ଉଇକେଟରେ ୧୬୯ ରନ କରି ମ୍ୟାଚ ଜିତି ନେଇଥିଲା। ଟପ୍ ସ୍କୋରର ଆୟୁବ ଓ ଅବଦୁଲ ସାଫିକ (୬୪*) ପାର୍ଟନରଶିପ୍ରେ ମ୍ୟାଚ ବିଜୟୀ ୧୩୭ ରନ ଯୋଗ କରିଥିଲେ।

# ବଦଳୁଥିବା ଦୃଶ୍ୟ

**ଗଳ୍ପ**

**ପ୍ରଫୁଲ୍ଲ ବାରିକ**

ସନ୍ଧ୍ୟାବେଳେ ଟିଭି ଅଧଘଣ୍ଟାଏ ସୁବ୍ରତର। ବାକି ସମୟ ସେ ଯାଏନା ଟିଭି ପାଖକୁ। ପତ୍ରପତ୍ରିକା, ଖବରକାଗଜ, ନାଇଁ ତ ମୋବାଇଲରେ ରଙ୍ଗିନ ଦୁନିଆ। ସାରାଦିନର ସଜ ସମ୍ବାଦ ପାଏ ସନ୍ଧ୍ୟାରେ ଟିଭିରୁ। ସଉପ ପକେଇ ସୀମା ବସି ପଢ଼ାଉଥିବ ଷ୍ଟାଣ୍ଡାର୍ଡ ଟୁ'ରେ ପଢୁଥିବା ପୁଅ ବାପୁନକୁ। ରାଇମ୍ ଘୋଷଉଥିବ। ଆଡିସନ ସବ୍‌ଷ୍ଟ୍ରାକ୍ସନ ସାରି ଏବେ ଆରମ୍ଭ କରୁଛି ମଲ୍ଟିପ୍ଲିକେଶନ ଡିଭିଜନ। ଆହୁରି ଅନେକ। ଗଦାଗଦା ଟାସ୍କ। ଏତେ ଟିକେ ମଥାରେ କେତେ ଲୋଡ୍? ନକଲେ ବାଜେ କମେଣ୍ଟ ସିଷ୍ଟରଙ୍କର। ସୀମା ପଢ଼ାଉଥିବ ଜିଗର ଲଗେଇ। ଖଟ ଉପରେ ସ୍ଲୋ ସାଉଣ୍ଡରେ ଶୁଣୁଥିବ ସୁବ୍ରତ ନ୍ୟୁଜ୍। ବେଳେବେଳେ ପାଟି କରିବ ସୀମା– ସାଉଣ୍ଡ କମଉନ? ପିଲାଟା ପଢୁଛି, ଦେଖୁନା କି? ସୁବ୍ରତ ଜିଭ କାମୁଡ଼ି ରିମୋର୍ଟ ଉଠେଇବ।

ମୁଖ୍ୟ ସମ୍ବାଦ ପରେ ଏମିତି ସମ୍ବାଦ ଶୁଣିଲା ଥ' ହେଇଗଲା ସୁବ୍ରତ। ଡାକିଲା ସୀମାକୁ ଦେଖିବାକୁ। ସୀମା ଉଠି ଆସିଲା ପଢ଼ା ପାଖରୁ। ପଛେପଛେ ପୁଅ ବି। ସମସ୍ତଙ୍କ ଆଖି ପରଦାରେ। ଜୟଦେବ ଭବନ, ଯାହା କହୁଛନ୍ତି ଘୋଷିକା, ସଜ୍ଜିତ ମଞ୍ଚ। ମଞ୍ଚରେ ମାନ୍ୟଗଣ୍ୟ ବରିଷ୍ଠ ସାହିତ୍ୟିକଙ୍କ ସହ ତାଙ୍କ ବାପା ବ୍ରଜସୁନ୍ଦର। ଅଛନ୍ତି ବି ଖୋଦ୍ ପରିବେଶ ମନ୍ତ୍ରୀ। ଅନାବରଣ ଅଛି ବ୍ରଜସୁନ୍ଦରଙ୍କ ପରିବେଶ ପୁସ୍ତକ 'ବଦଳୁଥିବା ଦୃଶ୍ୟ'। କାନ୍ଥ ବ୍ୟାନରରେ ବହି ଉନ୍ମୋଚନର ବିଜ୍ଞାପନ।

ଚୁପ୍‌ଚାପ୍ ବସି ଦେଖୁଛନ୍ତି ସମସ୍ତେ। ପାଟିରେ ଶବ୍ଦଟିଏ ନାହିଁ। ଆଖି ସ୍ଥିର ଟିଭି ପରଦାରେ। ସୀମା ଉଠିଯାଇ ଶାଶୁଙ୍କୁ ଆଣି ବସେଇ ସାରିଲାଣି। ସମ୍ପୂର୍ଣ୍ଣ ପରିବାର ଟିଭି ପାଖରେ।

ସଂଯୋଜକଙ୍କ ମୁହଁରେ ସୁନ୍ଦରଭାବେ ବହି ସହ ବାପାଙ୍କର ଗୁଣଗାନ। ସଭାପତିଙ୍କ ଅନୁରୋଧରେ ମନ୍ତ୍ରୀଙ୍କ ହାତରେ ହେଲା ବହିର ଅନାବରଣ। ବହିପାଇ ଦେଖାଉଛନ୍ତି ମଞ୍ଚସ୍ଥ ଅତିଥିମାନେ ଦର୍ଶକଙ୍କୁ। ସକ୍ରିୟ କ୍ୟାମେରାମ୍ୟାନ୍। ତାଳି ପଡୁଚି ଘନଘୋର। କମ୍ପୁଛି ହଲ୍। ଆତ୍ମତୃପ୍ତିର ହସ ଝରୁଛି ବାପାଙ୍କ ମୁହଁରୁ।

ଆରମ୍ଭ ହେଲା ବହିର ସମୀକ୍ଷା। ପରେପରେ ଅତିଥିଙ୍କ ଉଦ୍‌ବୋଧନୀ ପ୍ରଶଂସା। ପୋତି ପଡୁଛନ୍ତି ବାପା। ଟିଭିରେ ଦେଖୁଥିବା ଘରଲୋକଙ୍କ ଛାତି ଯେତେବେଳେ ଫାଟିବା ଉପରେ, ବାପାଙ୍କ କଥା କ'ଣ କହିବେ। ଶେଷରେ ଡକାଗଲା ବାପାଙ୍କୁ ବହି ଉପରେ ବଖାଣିବାକୁ ଅଭିଜ୍ଞତା ତାଙ୍କର। ବାପା ସହାସ୍ୟ ଉଠି ମୁହଁ ପାଖକୁ ମାଇକ୍ ନେଇ ଗଳା ସଫାକଲେ। ସମସ୍ତଙ୍କୁ ସମ୍ବୋଧନ ପୂର୍ବକ ଆସିଲେ ପ୍ରସଙ୍ଗକୁ।

"...ମୋ' ଚାକିରି ଥିଲା ଗୋଟିଏ ମାଇନ୍ସରେ। ଟାଉନଶିପ୍‌ର ସବା ଶେଷମୁଣ୍ଡକୁ ଥିଲା କ୍ୱାର୍ଟର। ସେଇଠି ବିତିଛି ମୋର ଗୋଟା ଚାକିରି ଜୀବନ ସପରିବାରେ। କ୍ୱାର୍ଟର ଦୁଆରେ ଠିଆ ହେଲେ ଆଖିକୁ ଆସିବ ପ୍ରକୃତିର ନଙ୍ଗଳା ରୂପ। ସାମ୍ନାରେ ଶାଳବଣ। ବଣ ପଛକୁ ପାହାଡ଼ମାନ, ଠିଆ ହେଇଛନ୍ତି ହାତ ଧରାଧରି ହେଇ ଗୋଟା ମାଇନ୍ସ ସହ ଟାଉନଶିପ୍‌କୁ ଘେରି। ଜଙ୍ଗଲରୁ କାଠଗୋଛା ମୁଣ୍ଡେଇ ଫେରୁଥିବେ ଆଦିବାସୀ ଯୁବତୀ। ସବୁର ଦର୍ଶନ ସବୁଦିନ। ଜଙ୍ଗଲ ଯିବା ମୋର ନିୟମିତ ପ୍ରାତଃ ଭ୍ରମଣରେ। ମୋଟାମୋଟି ଅଙ୍ଗାଙ୍ଗୀ ଭାବେ ମୁଁ ଜଡ଼ିତ ଥିଲି ପ୍ରକୃତି ସହ ଦୀର୍ଘଦିନ ଧରି।

ଅବସର ଅନ୍ତେ ଆସିଲି ଗାଁକୁ। ଭାବିଥିଲି ଜଙ୍ଗଲ ନହେଲେ ବି ପ୍ରାକୃତିକ ପରିବେଶରେ ଭରାଥିବ ମୋ' ଗାଁ। ମୋ' ଅଞ୍ଚଳ। ଦେଖି ବ୍ୟଥିତ ହେଲି ଗାଁର ଅବସ୍ଥାକୁ। ଛାଡ଼ିଯାଇଥିବା ଗାଁକୁ ପାଇଲି ନାହିଁ। ବଦଳିଯାଇଛି ସମ୍ପୂର୍ଣ୍ଣ ଭାବେ। ପ୍ରକୃତିକୁ ହତ୍ୟାକରି ଗଢ଼ିଉଠିଚି ସେଠି ଆଧୁନିକ କୃତ୍ରିମ ପରିବେଶ। ବାରନ୍ଦାରୁ ବସି ଦୃଷ୍ଟି ଲମ୍ବାଏ ଗାଁ ଆଡ଼େ। ଅନାଏ ଆକାଶକୁ। ଖୋଜେ ପିଲାଦିନର ପରିବେଶକୁ। ସକାଳୁ ସଞ୍ଜ କଳରବରେ ମୁଖରିତ କରୁଥିବା ପକ୍ଷୀମାନେ ଗଲେ କୁଆଡ଼େ? କୁଆଡ଼େ ଗଲା ତାଙ୍କ ଶବ୍ଦ? ଖୋଜିଲି ବାଡ଼ି, ବିଲ। ପଡ଼ିଆ ଗୋହୀରି। କାଁ ଭାଁ ଅବଶ୍ୟ ମିଳିଲେ କେଇଟି ଶେଷସନ୍ତକ ଭାବେ। ଶାଗୁଣା ଚିଲ ଘରଚଟିଆଠୁ ନେଇ କଜଳପାତି ଭଦଭଦଳିଆ ହଳଦୀବସନ୍ତ ଡାହୁକ କୁମ୍ଭାଟୁଆ କାଠହଣା କୁଚିଳାଖାଇ କେହି ଆସିଲେନି ଦୃଶ୍ୟକୁ। କୋଉଠି କିମିତି କପୋତଙ୍କର ମୌନଯୋଡ଼ି। ତରକା ଶଙ୍କିତ ପଦପାତ। ଯେତୋଟି ଦେଖୁଥାଏ ଫଟୋ ନେଉଥାଏ। ସେ ଫଟୋସବୁ ଏ ବହିରେ। ସେଗୁଡ଼ିକୁ ଭାବିବେନି ଗୁଗୁଲ୍ ଆନୀତ।

ଅନ୍ତରରେ ଗଭୀର ବେଦନା ନେଇ ଆରମ୍ଭ କଲି ଲେଖିବାକୁ ସେମାନଙ୍କ ଦୃଶ୍ୟ ଅଦୃଶ୍ୟର କାରଣ ଏବଂ ପ୍ରକୃତି ଉପରେ ତା'ର ପ୍ରଭାବକୁ। ଏସବୁ ଦେଖିବାକୁ ଆଜିର ଦିନରେ ସମୟ କାହାର? ଭାବିବା ତ ଦୂର। ଯଦି ବହିପଢ଼ି ଆଗାମୀ ପିଢ଼ି ହୁଅନ୍ତି ସଚେତନ, ତେବେ ପ୍ରକୃତି ସୁରକ୍ଷାର ଶ୍ୟାମଳ ଆଶାଟିଏ ଅବଶ୍ୟ କରାଯାଇପାରିବ। କେତେଦୂର ସକ୍ଷମ ହେବି ମୁଁ ଜାଣେନା। ପ୍ରକାଶକ ବନ୍ଧୁ ମୋର ବହିଟିକୁ ସଯତ୍ନେ ଛାପିବା ସହ ଆଜି ତାଙ୍କଆଡୁ ଅନାବରଣ ଉତ୍ସବର ଆୟୋଜନ କରିଥିବାରୁ ମୁଁ ବାଧିତ ଓ ଋଣୀ ତାଙ୍କ ପାଖରେ।"

ବାପାଙ୍କ କଥା ସରୁସରୁ ମନ୍ତ୍ରୀ ଠିଆହେଇ ପ୍ରଶଂସା ତ କଲେ ବାପାଙ୍କ ମାନସିକତା ଓ କର୍ମକୁ, ଘୋଷଣା କଲେ ଏକ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ସରକାରଙ୍କ ତରଫରୁ। ମାନପତ୍ର, ଉତ୍ତରୀୟ ସହ ପ୍ରକୃତି ମିତ୍ର ଉପାଧି ଦିଆଯିବ ଏକା ସ୍ଥାନ ଜୟଦେବ ଭବନରେ ଆଗାମୀ ବିଶ୍ୱ ପରିବେଶ ଦିବସରେ। ତାଳିରେ ଉଚ୍ଛୁଳୁଚି ସଭାସ୍ଥଳ।

ଟିଭି ସାମ୍ନାରେ ପରିବାର। ବସିଛନ୍ତି ମୂକପ୍ରାୟ। ଆଖିରେ ପଡୁନି ପଲକ। ଇଏ ସତ ନା ସ୍ୱପ୍ନ ଦେଖୁଛନ୍ତି? ବୋଉ କହିଲା, କୋଉ ଜଣେ ସାଙ୍ଗ ଘରକୁ ଯାଉଛନ୍ତି କହି ଯାଇଛନ୍ତି। ସନ୍ଦେହ ଛୁଁ ଥିଲା ମନକୁ ମୋର ଗଲାବେଳେ। ଯୋଡ଼ ପୋଷାକ ପିନ୍ଧିଥାଆନ୍ତି, ଧଳା ପ୍ୟାଣ୍ଟ, ଆକାଶୀ ରଙ୍ଗର ସମ୍ବଲପୁରୀ ହାଫ୍ ଶାର୍ଟ, ଏକୁ ସେ ପିନ୍ଧନ୍ତି ସାହିତ୍ୟ ସଭାକୁ ଗଲେ। ବାକି କାମରେ ଅନ୍ୟ।

ସୁବ୍ରତ କହିଲା, ତୁ କିଛି ଜାଣିନୁ ବୋଉ ବାପାଙ୍କ ଏସବୁ କାମ ବିଷୟରେ? ପକ୍ଷୀଙ୍କ ଜୀବନ ଅନୁଧ୍ୟାନ, ବହିଲେଖା?


ପୋଡ଼ାମୁହଁ ମୁଁ। ଦେଖେ ଘଣ୍ଟା ଘଣ୍ଟା ଧରି ସେ ପକ୍ଷୀଙ୍କ ପଛରେ ପଡ଼ିଥିବାର। ବାଡ଼ିବଗିଚା ବୁଲି କିଛି ଖୋଜୁଥିବାର। ମୁଁ କାହିଁ ଜାଣନ୍ତି? ଓଲଟି ପାଟିକରେ– ବୁଢ଼ା ହେଲଣି, ପକ୍ଷୀପ୍ରେମ ଗଲାନି? ସବୁବେଳେ ସେଇ ଚଢ଼େଇଙ୍କ ପଛରେ? ଯେମିତି ସାନପିଲା। ପାଗଳ କୋଉଠିକାର...। ମୋ' କଥାର କିଛି ଉତ୍ତର ରଖନ୍ତିନି, କି ରାଗନ୍ତିନି। ଲାଗିଥାଆନ୍ତି ତାଙ୍କ କାମରେ। ପାଗଳ ଲୋକ, ଯାହା କରୁଛନ୍ତି କରୁଥାଆନ୍ତୁ କହି ମୁଁ ମୁହଁମୋଡ଼େ। ଏବେ ଭାବୁଛି, କେଡ଼େ ଭୁଲ୍ ନ କରିଛି ମୁଁ। ମୁଁ ତ ମୂର୍ଖ। କାଉଁ ବୁଝନ୍ତି ଏ କଥାକୁ?

ବୋଉଙ୍କ କଥାରେ ଓଠ କାମୁଡ଼ି ହସୁଥିବା ବେଳେ ସୀମାକୁ ସୁବ୍ରତ ଅନଉଥାଏ ଓ ତାଗିଦା କରୁଥାଏ ଇସାରାରେ। ଜେଜୀଙ୍କୁ ହଲେଇ ଦେଇ ନାତି ପଚାରିଲା, ଜେଜୀ, ସିଏ ଆମ ଜେଜେ ନା? ମୁଁ ଯିବି ତାଙ୍କ ପାଖକୁ। ମୋତେ ନେଇଚାଲ...। ଶାଶୁଙ୍କୁ ବିରକ୍ତ ନ କରିବାକୁ ସୀମା ପୁଅକୁ କାଖକୁ ନେଇ ପ୍ରସ୍ଥାନ କଲା ସେଠୁ।

ମୋ: ୯୨୩୮୯୨୦୪୦୫



## ପୁସ୍ତକ ପରିଚୟ




### ଓଡ଼ିଶାର ପ୍ରାଚୀନ ଗଳ୍ପଧାରା

**ସଂକଳନ ଓ ସଂପାଦନା:** ଡ. ତନ୍ମୟ ପଣ୍ଡା
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୦୦/–

ଫକୀରମୋହନଙ୍କଠୁଁ ଆରମ୍ଭ କରି ପ୍ରତିଭା ରାୟଙ୍କ ପର୍ଯ୍ୟନ୍ତ ମୋଟ ୨୨ଜଣ ପ୍ରତିଷ୍ଠିତ ଓଡ଼ିଆ କଥାକାରଙ୍କର ୨୯ଟି ଗଳ୍ପକୁ ନେଇ ସଂପାଦକ ଆଲୋଚ୍ୟ ପୁସ୍ତକଟିର ପରିକଳ୍ପନା କରିଛନ୍ତି। ଚୟିତ ଗଳ୍ପଗୁଡ଼ିକୁ ସେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଉପବିଦ୍ୟାଳୟର ପାଠ୍ୟକ୍ରମରୁ ଆହରଣ କରିଥିବା ପ୍ରଚ୍ଛଦପଟ ଲେଖାରେ ସୂଚିତ ହୋଇଛି। ସଂକଳନରେ ଫକୀରମୋହନଙ୍କର ତିନୋଟି ଗଳ୍ପ (ଡାକମୁନ୍‌ସି, ରାଣ୍ଡିପୁଅ ଅନନ୍ତା ଓ ରେବତୀ), ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବୁଢ଼ା ଶଙ୍ଖାରି', 'ଗୋଦାବରୀଶ ମହାପାତ୍ରଙ୍କର ଦୁଇଟି ଗଳ୍ପ (ଦେବତାର ବିଧାତା, ମାଗୁଣିର ଶଗଡ଼), କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଂସର ବିଳାପ', ଭଗବତୀଚରଣ ପାଣିଗ୍ରାହୀଙ୍କ 'ଶିକାର', ଗୋପୀନାଥ ମହାନ୍ତିଙ୍କ 'ପିମ୍ପୁଡ଼ି', ସଚ୍ଚି ରାଉତରାୟଙ୍କର ତିନୋଟି ଗଳ୍ପ (ମଶାଣିର ଫୁଲ, ଅନ୍ଧାରୁଆ ଓ ହାତ), ବସନ୍ତ କୁମାର ଶତପଥୀଙ୍କ 'ଗଙ୍ଗା ଓ ଗାଙ୍ଗୀ', ରାଜକିଶୋର ରାୟଙ୍କର 'କଳିଙ୍ଗ ଶିଳ୍ପୀ', ବାମାଚରଣ ମିତ୍ରଙ୍କର 'ହୋଲି', ରାଜକିଶୋର ପଟ୍ଟନାୟକଙ୍କ 'ସୁଲ୍‌ତାନ୍', ସୁରେନ୍ଦ୍ର ମହାନ୍ତିଙ୍କ 'ସାରୀପୁତ୍ତ', କିଶୋରୀ ଚରଣ ଦାସଙ୍କ 'ଭଙ୍ଗାଖେଳଣା' ଓ 'ଠାକୁରଘର', ମହାପାତ୍ର ନୀଳମଣି ସାହୁଙ୍କ 'ଅନ୍ଧରାତିର ସୂର୍ଯ୍ୟ', ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭ ପୁତ୍ରର କାହାଣୀ', ଅଖିଳମୋହନ ପଟ୍ଟନାୟକଙ୍କ 'ଡିମିରିଫୁଲ', ମନୋଜ ଦାସଙ୍କର ଦୁଇଟି ଗଳ୍ପ (ଲକ୍ଷ୍ମୀର ଅଭିସାର, ମଧୁବନର ମେୟର), ରବି ପଟ୍ଟନାୟକଙ୍କ 'ଦରିଦ୍ର', ବୀଣାପାଣି ମହାନ୍ତିଙ୍କ 'ପାଟଦେଈ', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ଅଦିନ ବଉଳ', ରାମଚନ୍ଦ୍ର ବେହେରାଙ୍କର 'ଗୋପପୁର' ଓ ପ୍ରତିଭା ରାୟଙ୍କ 'ମୋକ୍ଷ' ସ୍ଥାନିତ। କିନ୍ତୁ ସଂକଳନର ଗଳ୍ପଗୁଡ଼ିକ ସମ୍ପର୍କରେ ସମ୍ପାଦକଙ୍କର ଏକ ଆକଳନଧର୍ମୀ ଲେଖା ଯେ ଗ୍ରନ୍ଥଟିର ଆଭିମୁଖ୍ୟକୁ ତୋଳି ଧରିବାର ଅପେକ୍ଷା ରଖୁଥିଲା– ଏପରି ଏକ ପ୍ରତ୍ୟାଶାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଚୟନ ନିରପେକ୍ଷ ଓ ଗଳ୍ପଗୁଡ଼ିକ ସର୍ବକାଳୀନ।





### ଜାଣେନା କାହା ବାଟ ରହିଛି ଚାହିଁ

**ଗାଳ୍ପିକ:** କିଶୋର ଆକାଶ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍‌ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୬୯/–

ମୋଟ ୧୪ଟି ଗଳ୍ପ ଆଲୋଚ୍ୟ ଗ୍ରନ୍ଥରେ ସଂକଳିତ। ଆରମ୍ଭ 'ଅବୁଝା ଚାହାଣି– ଅକୁହା କାହାଣୀ'ରୁ ଓ ଶେଷ 'ରେବତୀ'ରେ। ଫକୀରମୋହନଙ୍କ 'ରେବତୀ' ଓ ରେବତୀର ଶିକ୍ଷକ ବାସୁଦେବଙ୍କୁ ଭିନ୍ନ ପରିଚୟରେ ଆବିଷ୍କାର କରେ ପାଠକ 'ରେବତୀ' ଶୀର୍ଷକ ଗଳ୍ପରୁ। ଜଣେ ପୋଲିସ ଅଫିସର ଗେଟ୍ ଖୋଲି ଭିତରକୁ ପଶୁପଶୁ ରେବତୀକୁ ପଚାରନ୍ତି– 'ଆପଣ ରେବତୀ ମହାନ୍ତି?' ଓ ରେବତୀ ଛେପ ଢୋକି ଉତ୍ତର ଦିଏ– 'ହଁ ଆଜ୍ଞା, କ'ଣ ହେଲାକି?' ଦ୍ୱିତୀୟ ପ୍ରଶ୍ନ– 'ଅଧ୍ୟାପକ ଡକ୍ଟର ବାସୁଦେବ ବେହେରାଙ୍କୁ ଜାଣନ୍ତି?' ଉତ୍ତର– 'ହଁ, ଜାଣେ– ଜଣେ ଦରଦୀ କବିବନ୍ଧୁ, ଶୁଭେଚ୍ଛୁ, ଗାଇଡ୍ ହିସାବରେ... ଇତ୍ୟାଦି।' ଏପରି ଏକ ସଂଳାପଧର୍ମୀ, ଉତ୍କଣ୍ଠାପୂର୍ଣ୍ଣ ଆରମ୍ଭ ଗଳ୍ପଟିକୁ ପଢ଼ିବାକୁ ପାଠକଙ୍କୁ ଅଥୟ କରେ। ଏହିପରି ବହିର ପ୍ରତ୍ୟେକଟି ଗଳ୍ପରେ ଲେଖକ ଗଳ୍ପର କଥାବସ୍ତୁ ଓ ପରିବେଷଣ ଶୈଳୀକୁ ଏପରି ନିଆରା ଢଙ୍ଗରେ ଉପସ୍ଥାପନ କରନ୍ତି, ଯାହା କେବଳ କିଶୋରସୁଲଭ ପ୍ରାଣୋଚ୍ଛଳତାରେ ପରିପୂର୍ଣ୍ଣ। 'ଅନାଗତ ଅତିଥି' ଶୀର୍ଷକ ଗଦ୍ୟଲେଖରେ ଲେଖକ କହନ୍ତି: "ପ୍ରତିକ୍ଷଣରେ ପ୍ରତ୍ୟୟ ଜାଗେ କେହି ଜଣେ ନିଶ୍ଚୟ ଆସିବ। ହେଲେ ସତରେ କେହି କେବେ ବି ଆସେନା। x x କିନ୍ତୁ ଅପେକ୍ଷାର ବି ଅନ୍ତ ଘଟେନା। x x ଆସନ୍ତୁ ସବୁବେଳେ ସବୁ କଥାରେ ସବୁଠି ପଜିଟିଭ୍ ହେବା।" କିଶୋର ସକାରାତ୍ମକ କଥାକାର। ସୁତରାଂ ଏପରି ଗଳ୍ପ ମଣିଷ ପିଠିରେ ହାତ ରଖିବାର ସଂକଳ୍ପ ରଖେ। ଆଶା, ବହିଟି ପାଠକୀୟ ଆଦୃତି ଲାଭ କରିବ।

## କାଳକାଳକୁ



**"ବହି ମଣିଷର ସ୍ୱାଧୀନ ଆତ୍ମା।"**
**– ମାର୍କ ଟ୍ୱେନ୍**

**ମାର୍କ ଟ୍ୱେନ୍**ଙ୍କ ଜନ୍ମ ୩୦ ନଭେମ୍ବର ୧୮୩୫ରେ ଓ ପରଲୋକ ୨୧ ଏପ୍ରିଲ ୧୯୧୦ରେ, ଆମେରିକାରେ। ତାଙ୍କର ପ୍ରକୃତ ନାମ ସାମୁଏଲ୍ ଲାଂଗ୍‌ହର୍ନ କ୍ଲେମେନ୍‌ସ ଓ ଛଦ୍ମନାମ ମାର୍କ ଟ୍ୱେନ୍। ସେ ହେଉଛନ୍ତି ଆମେରିକାର ସର୍ବାଧିକ ମାନ୍ୟତାପ୍ରାପ୍ତ ହାସ୍ୟ–ଲେଖକ। ଉଇଲିୟମ୍ ଫକ୍‌ନରଙ୍କ ମତରେ 'ଟ୍ୱେନ୍ ହେଉଛନ୍ତି ଆମେରିକୀୟ ସାହିତ୍ୟର ଜନକ।' 'ଆଡ୍‌ଭେଞ୍ଚର୍ସ ଅଫ୍ ଟମ୍ ସୟେର୍' (୧୮୭୬) ଓ 'ଆଡ୍‌ଭେଞ୍ଚର୍ସ ଅଫ୍ ହାକ୍‌ଲେବେରୀ ଫିନ୍' (୧୮୮୪) ହେଉଛି ଲେଖକଙ୍କର ପ୍ରସିଦ୍ଧ ଯମଜ–ଗ୍ରନ୍ଥ। ୧୮୭୩ରେ ପ୍ରକାଶିତ 'ଦ ଗିଲ୍‌ଡେଡ୍ ଏଜ୍: ଏ ଟେଲ୍ ଅଫ୍ ଟୁଡେ' ପୁସ୍ତକର ସେ ସହ–ଲେଖକ, ଯାହାର ଅନ୍ୟତମ ଲେଖକ ହେଉଛନ୍ତି ଚାର୍ଲସ ଡୁଡ୍‌ଲେ ୱାର୍ନର୍। ଟ୍ୱେନ୍ କହନ୍ତି: "ଯେଉଁଠି ମନ ଭୋକିଲା, ସେଠି ଭରାପେଟ କିଛି ମାନେ ରଖେନା।"

## ଉପେକ୍ଷା

**ସୁଦର୍ଶନ ମହାପାତ୍ର**

**ମିନିଗଳ୍ପ**

ହୃଦ୍‌ଘାତର ସୂଚନା ପାଇ ସ୍ୱାମୀଙ୍କୁ ତୁରନ୍ତ ବଡ଼ ମେଡିକାଲକୁ ନେଇ ଆସିଲେ ସରିତା ଦେବୀ। ଘରେ କେହି ନାହାନ୍ତି ଯେ ଏ ବିପଦ ସମୟରେ ସାହାଯ୍ୟ ସହଯୋଗ କରିବେ। ପୁଅ ବୋହୂ ଯାଇ ବିଦେଶରେ ଏବଂ ଝିଅ ଜୋଇଁ ପୁନେରେ।

ଅବଶ୍ୟ ଅବସରପ୍ରାପ୍ତ ସରୋଜ ବାବୁଙ୍କ ବନ୍ଧୁ ଦୁଇଜଣ ଖବର ପାଇ ଆସିଥିଲେ, ହେଲେ ସେମାନେ ଏତେଟା ସକ୍ଷମ ନୁହନ୍ତି ଯେ ରୋଗୀ ପାଖରେ ରହି ଡାକ୍ତରଙ୍କ କହିବା ମୁତାବକ ସେବା ଯୋଗାଇ ଦେଇପାରନ୍ତେ।

ସରିତା ଦେବୀଙ୍କ ବ୍ୟସ୍ତତା ଏବଂ କାନ୍ଦ ଦେଖି ପାଖରେ ଠିଆ ହେଲେ ଜଣେ ଯୁବକ।

'କିଛି ସାହାଯ୍ୟ ଦରକାର ଥିଲେ କହିବେ ମାଡାମ୍'– ନିଜଆଡୁ କହିଲା ଯୁବକ ଜଣକ।

ଅପରିଚିତ ଯୁବକ ଜଣକୁ କିଛି କହିବାକୁ ଉଚିତ ମନେକଲେନି ସରିତା ଦେବୀ। ଯୁବକଟି ଫେରିଗଲା।

ପରଦିନ ମେଡିସିନ ଦୋକାନ କାଉଣ୍ଟରରେ ପଇସା ଦେଇ ସରିତା ଦେବୀ ମୁହଁ ବୁଲେଇଲା ବେଳକୁ ସାମ୍ନାରେ ଠିଆ ହୋଇଥିଲା ସେଇ ଯୁବକଟି। ବୋଧହୁଏ ତାଙ୍କର କେହି ପେସେଣ୍ଟ ଭର୍ତ୍ତି ହୋଇଥିବେ ବୋଲି ଭାବିଲେ ସେ।

'ମାଡାମ, ସାର୍ ଭଲ ଅଛନ୍ତି? କିଛି ଅସୁବିଧା ହେଲେ ନିଶ୍ଚୟ କହିବେ।' ଅଯାଚିତ ଭାବେ ପଚାରି ବସିଲା ଯୁବକଟି।

'ହଁ'ର ସଂକ୍ଷିପ୍ତ ଉତ୍ତର ଦେଇ ମୁହଁ ବୁଲେଇ ଚାଲିଗଲେ ସରିତା ଦେବୀ।

ପରଦିନ ସରିତା ଦେବୀଙ୍କ ସହ ଯୁବକଟିର ଦେଖାହେଲା ଆଇସିୟୁର ବାହାରେ ଥିବା ଅପେକ୍ଷାଗୃହରେ।

'ମାଡାମ୍, ସାର୍ ଠିକ୍‌ଠାକ୍ ଅଛନ୍ତି ତ? କିଛି ଅସୁବିଧା ହେଲେ ମୋତେ କହିଲେ ନିଶ୍ଚୟ ସାହାଯ୍ୟ ସହଯୋଗ କରିବି।'

'ତୁମର କିଏ ପେସେଣ୍ଟ ଆଇସିୟୁରେ ଅଛନ୍ତି କି?' ପଚାରିଲେ ସରିତା ଦେବୀ।

'ନା ମାଡାମ୍, କେହି ଜଣେ ଅସୁବିଧାରେ ପଡ଼ିଲେ ମୁଁ ଏମିତି ସାହାଯ୍ୟ କରେ।'

ଯୁବକଟିକୁ ଦଲାଲ ଭାବି ତା' ସହିତ ଏଥର କଥା ବନ୍ଦକଲେ ସରିତା ଦେବୀ।

ପରଦିନ ସକାଳେ କାନ୍ଦୁଥିବା ଅବସ୍ଥାରେ ସରିତା ଦେବୀଙ୍କୁ ଆବିଷ୍କାର କଲା ଯୁବକଟି। ପାଖରେ ଥିଲେ ବୋଧହୁଏ ତାଙ୍କର ନିଜର କିଛି ଲୋକ। ସବୁକିଛି ବୁଝି ଯାଇଥିଲା ଯୁବକଟି।

ଟିକିଏ ସମୟ ପରେ ସ୍ୱର୍ଗଧାମ ଲେଖାଥିବା ଗାଡ଼ିଟିଏ ଆସି ପହଞ୍ଚିଗଲା ସରିତା ଦେବୀଙ୍କ ପାଖରେ ଏବଂ ତା' ଭିତରୁ ବାହାରି ଆସିଲା ଯୁବକଟି।

'ମାଡାମ୍, ଅନୁମତି ଦେଲେ ମୁଁ ଏଇ ସମୟରେ ଆପଣଙ୍କ କାମରେ ଲାଗି ପାରିବି। କୁହନ୍ତୁ ସାର୍‌ଙ୍କୁ ପୁରୀ ନେବେ ନା ଆଉ କେଉଁଠିକୁ?'

ଯୁବକଟିର ସାହାଯ୍ୟକୁ ଏଥର ଉପେକ୍ଷା କରି ପାରିନଥିଲେ ସରିତା ଦେବୀ...!

ମୋ: ୯୪୩୮୧୭୫୫୪୨



## କବିତା

### ଶୀତର ତାତି

**ଛବିରାଣୀ ପତି**

ତୁମ ଭିତରେ ଏତେ ସ୍ନେହ
ଏତେ ଭଲପାଇବା...!
ଓଃ...
ହୃଦୟରେ ଭିଡ଼ ବାନ୍ଧନ୍ତି ଇଚ୍ଛାମାନ
ତୁମକୁ ଟିକେ ପାଖେ ପାଇବାକୁ।

ଇଚ୍ଛାହୁଏ ବୟସର ପାଚେରି ଡେଇଁ
ସମ୍ପର୍କର ନାନା ଇଆଡୁ ସିଆଡୁ
ଅଡୁଆ ଆବୁରୁ ଜାବୁରୁ ସୂତାକୁ ଛିଡ଼େଇ
ତୁମ ସାଥେ ଟିକେ ଛନ୍ଦିହେବାକୁ।

କେମିତି ବା ହେବନି କୁହ ତ?
ପ୍ରଗଲ୍‌ଭା ନଦୀଟିଏ ହୋଇ ତୁମେ ମାଡ଼ିଆସ
ହାଡ଼ଭଙ୍ଗା ଶୀତୁଆ ରାତିର ଦ୍ୱିପ୍ରହରରେ!
ଯା...
ଏଇଟା କ'ଣ, ତୁମ ଆସିବାର ବେଳ...?

ତୁମେ ନା' ଭାରି ଅଛ...
ଯୌବନ କ୍ଷେତରୁ ଅମଳ କରିଥିବା
ମୋର ସବୁ ସୁନାର ଫସଲ
ଇଚ୍ଛା ହୁଏ...
ଉଜାଣି ବୟସଟା ଫିକା ପଡ଼ିବା ଆଗରୁ
ଓଜାଡ଼ି ଦିଅନ୍ତି ତୁମ ହାତ ଆଞ୍ଜୁଳିରେ!
ଆଉ, ସାଉଁଟି ନିଅନ୍ତି...
ଅନେକ ଅଭୁଲା ସ୍ମୃତି
ମୋ' ମନ ଆଇନାର ଉଷୁମ କମ୍ବଳ ଭିତରେ।

ମୋ: ୯୩୩୭୯୬୦୦୬୦

### ଧାରେ ଆଲୁଅ

**ଝରଣା ଦାସ**

ହାତ ହତିଆର ବିନା
ଧାରେ ଆଲୁଅ ଗାରେ ଜମି ପାଇଁ
ଚାଲିଛି ତ ସଂଘର୍ଷ ଜନମରୁ।
ଭିଟାମାଟିରେ ଫସଲ ଫଳେଇ
ଜୀବିକା ନିର୍ବାହରେ
ବର୍ଷାର ତାଉକୁ ବାତ୍ୟାର ଢେଉ
ଭାଙ୍ଗିଛି କେତେବେଳେ
ଦେହର ଟାଣ ତ
ଛାତି ତଳ ମନୋବଳ।

ବହଳ ଅନ୍ଧାର
ଏରୁଣ୍ଡି ଭିତର ବାହାରେ
ବାରିହୁଏ କୋଉ
ସାଧୁ–ସୈତାନ କିଏ?
ପେଟ ଚାଖଣ୍ଡ ପାଇଁ
ଆମ୍ବ ଟାକୁଆ କୋଇଲିଠୁଁ
ତେନ୍ତୁଳି ମଞ୍ଜି ଜାଉରେ
ମରିନି ଭୋକ ବରଂ ଧରିଛି ଜୋର୍।
ସାହୁକାର ପାଖେ ମୂଳରେ ସୁଧ ମିଶି
ବଢୁଥିବା ଋଣର ଆକାରକୁ ଚାହିଁ
ଦାଦନ ଦଲାଲ ପାଖେ
ନିଜ ମୁଣ୍ଡ ନିଲାମିଠୁଁ ପେଟ ପିଲା ବିକ୍ରିଯାଏ
ଲାଗେନି ଅସଙ୍ଗତ କିଛି ବି।

ମାଟି ଉପରଠୁଁ ଭିତରଯାଏ
ସହଭାଗିତାରେ ଭୋଗକଲାବେଳେ
ସରକାର ଆଉ ଖଣି ମାଲିକ ମିଶି
ଆମ ଅଧିକାରର ଅଂଶ
ଆମେ ମରୁ କିନ୍ତୁ
ସାମାନ୍ୟତମ ଚିକିତ୍ସା ଅଭାବରେ।
୧୦୮ ଆମ୍ବୁଲାନ୍ସ ଅପହଞ୍ଚ
ଦୁର୍ଗମ ଗିରି–ବନପଥ
କେତେବେଳେ ଭାରାରେ ତ
ଗର୍ଭବତୀ ବୋହୂ ଭୁଆସୁଣୀକୁ
ଦଉଡ଼ିଆ ଖଟରେ ବୋହି।

ସରକାର ପରେ ବଦଳେ ସରକାର
ଆଦି ମାନବରୁ ଆଦିମ ହେଇ
ଆମେ ରହିଯାଉ ସେମିତି
ଅନ୍ତଃସ୍ୱର ଆମ ଅପହଞ୍ଚ
ସରକାରଯାଏ।
ଗୋଟେ ନିଘଞ୍ଚ ଜଙ୍ଗଲ
ଏ ଗଛରୁ ସେ ଗଛଡାଳ
ଶୁଆଶାରୀ ଭଳି ଉଡ଼ିବୁଲୁଥିବା
ସ୍ୱପ୍ନ ଆମ ଆଖି ସେପଟେ ଲୁହଭରେ ଖାଲି
ଛାତିତଳେ ମେଞ୍ଚେ କୋହ ସାଜି।

ମୋ: ୮୩୪୨୮୫୬୦୦୧

**ଗୀତି–କବିତା**

### ସରଗର ଚାନ୍ଦ

**ଗୁରୁଚରଣ ପ୍ରଧାନ**

ଜହ୍ନ ରାଇଜର ଲାଜେଇ ଝିଅ, ସୂର୍ଯ୍ୟ ଆଲୋକକୁ ଲୁଚେ।
ସୂର୍ଯ୍ୟ ଅସ୍ତ ହେଲେ ଅନ୍ଧାର କୁଲାରେ, ସପନ ଚାଉଳ ବାଛେ ॥

ମନେ ଭାବିଥିଲା ଶାଶୁଘର ଯାଇ ଖୁସିରେ କାଟିବ ଦିନ।
ଭଲ ହେଉ ଅବା ମନ୍ଦ ହିଁ ହେଉ ପତି ତା' ଜୀବନ ଧନ ॥

ଶାଶୁଘରେ ଯାଇ ପ୍ରଥମ ଦିନରେ ଘଡ଼ିଏ ଦେଖିଲା ପତିକୁ।
ଭାବି ନ ଥିଲା ସେ ବିହି ତା' ପାଇଁ ଭୁଲିଗଲା ସବୁ ନୀତିକୁ ॥

ଦ୍ୱିତୀୟ ଦିନରେ ଲାଜେଇ ଝିଅ, ପତିକୁ ଦେଖେ ଦି'ଘଡ଼ି।
ମା' ଦେଇଥିଲା ବଚନ ତାକୁ, ପତିକୁ ନ ଯିବୁ ଛାଡ଼ି ॥

ଦିନ ପରେ ଦିନ ଘଡ଼ିଏ ଘଡ଼ିଏ ବଢ଼େ ସ୍ୱାମୀ ସଙ୍ଗେ ମେଳ।
ପନ୍ଦର ଦିନରେ ମା'ର ଅମୂଲ୍ୟ ବଚନ ହୁଏ ସଫଳ ॥

ମା' କହିଥିଲା ଧୈର୍ଯ୍ୟର ଫଳ ହୁଏ ସବୁବେଳେ ମିଠା।
ପତି ସଙ୍ଗେ ଖୁସିରେ ରହିବୁ ରହିବ ନାହିଁ ତୋ ଚିନ୍ତା ॥

ଦୁଃଖ ସୁଖ ଏଠି ଲାଗି କି ରହିଛି ବିଧିର ବିଧାନ ଏହି।
ଧୀରେ ଧୀରେ ତୋର ସୁଖ ଯିବ ଲୁଚି କଷ୍ଟ ଯିବୁ ସହି ତୁହି ॥

ପୂର୍ଣ୍ଣ ଅମାବାସ୍ୟା ଆସିବ ତୋ ଭାଗ୍ୟେ ଭାବି ନ ଥିଲି ମୁଁ ସ୍ୱପ୍ନେ।
ସମୟ ଚକ୍ରକୁ କେ ରୋକିପାରିବ ସବୁ ଚକ୍ରଧର ଜାଣେ ॥

ସବୁ ସହିଛୁ ବୋଲି ତ ପୂଜା ପାଉ ତୁହି ଜଗତର ମାମୁ ହୋଇ।
ଧନ୍ୟ କରି ଅଛୁ ମୋ କୋଳକୁ ତୁ ବହୁତ ଦୂରରେ ରହି ॥

ମୋ: ୯୮୬୧୨୯୬୯୬୨

## ବିଦ୍ରୋହ

**ଦେବେନ୍ଦ୍ର କର**

**ଲଘୁଗଳ୍ପ**

ଋତୁରାଜ ବସନ୍ତଙ୍କର ଏବେ ବିଦାୟର ବେଳ। ସହରର ମୁଖ୍ୟ ଛକ ଉପର ସେଇ ଡେଙ୍ଗା ଗଛଟି କଅଁଳ ଛନଛନ ପତ୍ରରେ ପରିପୂର୍ଣ୍ଣ ହୋଇଉଠିଲା। ପବନର ସାମାନ୍ୟ ସ୍ପର୍ଶରେ ଶାଖା ପ୍ରଶାଖାଗୁଡ଼ିକ ନାଚି ଉଠୁଥା'ନ୍ତି। ମନେହେଉଥାଏ ଯେମିତି ଆଉ ଗୋଟେ ଋତୁର ସ୍ୱାଗତରେ ସେ ବି ସାମିଲ ହୋଇଛନ୍ତି। ଗୋଟିଏ ଦୁଇଟି ଶାଖାରେ ଚଢ଼େଇମାନେ ଆସି ବସା ବାନ୍ଧିଲେଣି। ସେଦିନ ଅଚାନକ ଗଛଟି ଗୁମ୍‌ସୁମ୍ ପଡ଼ିଗଲା। ଏକ ସଙ୍ଗରେ ଗଛର ସମସ୍ତ ଅଂଶ ବିଦ୍ରୋହ ଆରମ୍ଭ କରିଦେଲେ। ସମସ୍ତଙ୍କ ସ୍ୱରରେ ଭରି ରହିଥିଲା ନ୍ୟାଯ୍ୟ ଅଧିକାର ଦାବି। ଅନ୍ୟାୟ ଅନୀତି ଆଉ ଚଳିବ ନାହିଁ। ଆମେ କର୍ତ୍ତବ୍ୟ ସମ୍ପାଦନ ପ୍ରତିବଦଳରେ କ'ଣ ପାଇଛୁ। ବହୁତ ହେଇଗଲା, ବହୁତ ସହିଗଲୁ। ସମସ୍ତେ ବିଦ୍ରୋହରେ ସାମିଲ ଥିଲେ ଆଉ ଗଛର ଅନ୍ତରାତ୍ମା ଥିଲା ନୀରବ ନିଶ୍ଚଳ।

ସମସ୍ତେ ତ ତା'ରି ଅଂଶ, କାଳର ପ୍ରବାହରେ ଆଜି ଅଧିକାର ସାବ୍ୟସ୍ତ କରିବାକୁ ତତ୍ପର। ପତ୍ର କହିଲା– ଋତୁ ବଦଳିଲେ ମୋ' ଆୟୁ ପୂରେ। ଏଇ ସ୍ୱଳ୍ପ ଦିନରେ ଜଗତକୁ ମୂଲ୍ୟବାନ ଅମ୍ଳଜାନ ପ୍ରଦାନରେ ନଥାଏ ମୋର ବିରତି। ଫୁଲ କହିଲା– କଢ଼ିଟେ ବେଳରୁ ମୁଁ ମୋ' ଆଖପାଖରେ ସୁଗନ୍ଧ ଭରିଚି। ଆଉ ଏ ମଣିଷ ସମାଜ ଦେବଦେବୀଙ୍କୁ ଅର୍ପଣ କରି ଧର୍ମ ଅର୍ଜନ କରୁଛନ୍ତି। ଶାଖା ପ୍ରଶାଖା କହିଲେ– ଆମେ ଭାର ବୋହିବୁ ନହେଲେ ଜାଳ ହେବୁ, ଆମ ଜୀବନରେ ସୁଖ କାହିଁ ବା? ମୂଳ କହିଲା– ମାଟିକୁ ମୁଁ ମଜଭୁତ କରିବି, ପବନ ବେଗକୁ ମୁଁ ରୋକିବି, କେତେ କୀଟପତଙ୍ଗଙ୍କୁ ମୁଁ ଆଶ୍ରା ଦେବି ଆଉ ପରିଣାମ ସ୍ୱରୂପ ମୋ' ଆଖପାଖରେ ଫିଙ୍ଗା ହେବ ଅଳିଆ ଆବର୍ଜନା। ସମସ୍ତେ ଏକ ସ୍ୱରରେ କହିଉଠିଲେ– ଜଣେ ସହିବ ଯଦି କେତେ ସହିବ। ସହିବାର ପୁଣି ଗୋଟେ ସୀମା ଅଛି ନା ନାହିଁ। ସମସ୍ତଙ୍କ ସ୍ୱର ତୀବ୍ରତର ହେବାକୁ ଲାଗିଲା।

ଏଇ ସମୟରେ ଭଗବାନ ଅଚାନକ ଗଛ ସମ୍ମୁଖରେ ଉଭା ହେଲେ। ସମସ୍ତେ ଭଗବାନଙ୍କ ଉପସ୍ଥିତିକୁ ଅଣଦେଖା କଲେ। ନିଜ ନିଜ କାର୍ଯ୍ୟଦକ୍ଷତାକୁ ଆହୁରି ବଖାଣିଲେ, ଚାଲିଲା ତର୍କ–ବିତର୍କ। ଗଛର ଅନ୍ତରାତ୍ମା ଶେଷରେ ତାଗିଦା କଲେ ଆରେ ଟିକେ ତ ଶାନ୍ତ ହୁଅ, ଦେଖ ତୁମମାନଙ୍କ ଲାଗି ଭଗବାନ ଧରାପୃଷ୍ଠକୁ ଓହ୍ଲାଇ ଆସିଲେଣି। ଭଗବାନ କହିଲେ– ତୁମ ସମସ୍ତଙ୍କ ଅବଦାନ ଅତୁଳନୀୟ, ଅବର୍ଣ୍ଣନୀୟ। ତୁମ ତ୍ୟାଗ, ସହନଶୀଳତା, ସମର୍ପଣ ଭାବର ନାହିଁ କେହି ସମକକ୍ଷ। ଦୁନିଆ ସେଇମାନଙ୍କ ଗୁଣଗାନ କରେ, ଯିଏ ଅନ୍ୟପାଇଁ ବଞ୍ଚେ। ତୁମର ସୃଷ୍ଟି ଜଗତର କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ। ଏଠି କିଏ କେତେ କାଳ ବଞ୍ଚିଲା ବଡ଼ କଥା ନୁହେଁ, କିଏ କେଉଁ ଭଳି ଢଙ୍ଗରେ ବଞ୍ଚିଲା, କେତେ ଜଣ ତୁମ ଦ୍ୱାରା ଉପକୃତ ହେଲେ ଏହା ହିଁ ବଡ଼ କଥା। ତୁମେ ସଭିଏଁ ବୃକ୍ଷ ଦେବତାଙ୍କ ଅଂଶ। ଅର୍ଥାତ୍ ଦେବତାତୁଲ୍ୟ ଗୁଣ ତୁମ ମଧ୍ୟରେ ବିଦ୍ୟମାନ। ତୁମ ଲକ୍ଷ୍ୟ ଉଚ୍ଚ ଏବଂ ଭାବ, ବିଚାର ନିର୍ମଳ ଶାଶ୍ୱତ। ବୃକ୍ଷଲତା ଶାନ୍ତ ସରଳତାର ପ୍ରତୀକ। ତା' ମଧ୍ୟେ ବିଦ୍ରୋହ, ହିଂସା, ଅରାଜକତାର ନାହିଁ ତିଳେମାତ୍ର ସ୍ଥାନ। ସାରା ଜଗତରେ ତୁମେ ବୃକ୍ଷ ଦେବତା ରୂପେ ପୂଜିତ। ଅଧିକାର ସାବ୍ୟସ୍ତ ତୁମକୁ ସ୍ୱାର୍ଥ ପ୍ରବଣତା ପଥରେ ଅଗ୍ରସର କରାଇବ। ଜୀବନ ସାର୍ଥକ ହୁଏ ଅନ୍ୟ ପାଇଁ ଜିଇବାରେ। ଭଗବାନଙ୍କ ତୁଣ୍ଡରୁ ସବୁକଥା ଶୁଣି ସମସ୍ତେ ନିରବୀଗଲେ। ଭଗବାନ କହିଲେ– ନିଜ ଦାୟିତ୍ୱ କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲେଇ ଜଗତର ଶ୍ରେଷ୍ଠ ସେବକର ଧର୍ମ ପାଳନ କର। ଜଗତ ତୁମ ନିକଟରେ ଚିରକାଳ ପାଇଁ ଋଣୀ ହୋଇଥାଉ। ଶେଷରେ ଗଛର ଅନ୍ତରାତ୍ମା ଭଗବାନଙ୍କୁ ଗୁହାରି କଲେ ପ୍ରଭୁ! ତୁମ କୃପା ମୋ' ଉପରେ ସଦାସର୍ବଦା ବରଷୁ ଥାଉ। ଭଗବାନ ସଙ୍ଗେ ସଙ୍ଗେ ତଥାସ୍ତୁ କହି ଅନ୍ତର୍ଦ୍ଧାନ ହେଇଗଲେ।

ମୋ: ୯୯୩୭୯୬୩୯୧୦



# ସି.କେ. ନାଇଡୁ ଟ୍ରଫି, କର୍ନାଟକ: ୨୮୭/୬



ଓଡିଶା ଓ କର୍ନାଟକ ଦଳର କ୍ରିକେଟ ଖେଳାଳିଙ୍କ ସହ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଅନ୍ୟ ଅତିଥି।

ବଲାଙ୍ଗୀର, ୮।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରୀଡା ସଂସଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଶୁକ୍ରବାର ଓଡିଶା ଏବଂ କର୍ନାଟକ ଦଳ ମଧ୍ୟରେ କର୍ନେଲ ସିକେ ନାୟୁଡୁ ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ନାଟକ ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୯୦ ଓଭରରେ ୬ ଉଇକେଟ ହରାଇ ୨୮୭ ରନ ସଂଗ୍ରହ କରିଛି। କର୍ନାଟକର ସଫଳ ବ୍ୟାଟର ଭାବରେ ପ୍ରକର ଚର୍ତୁବେଦୀ ୧୦୨ ଏବଂ ହର୍ସଲ ଧର୍ମାନୀ ୭୭ ରନ କରିଛନ୍ତି। ରାଜଭିର ୱାଧୱା ୩୪ ଓ ମନଭନ୍ଥ କୁମାର ଏଲ. ୪୦ ରନରେ ଅପରାଜିତ ରହିଛନ୍ତି। ଓଡିଶା ଦଳ ପକ୍ଷରୁ ସଫଳ ବୋଲର ଭାବେ ଆଶୁତୋଷ ମାର୍ଣ୍ଡୀ ୩ଟି, ବାଦଲ ବିଶ୍ୱାଳ ଓ ଆଶୁତୋଷ ଛୁରିଆ ଓ ସାଇଦୀପ ମହାପାତ୍ର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ଖେଳ ଆରମ୍ଭ ହେବା ପୂର୍ବରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲାପାଳ ଇସଲୱାର ବଲାଙ୍ଗୀର ଜିଲାର କ୍ରୀଡାର ଉନ୍ନତି ଏବଂ ଭିତ୍ତିଭୂମିର ବିକାଶ ଦିଗରେ ପ୍ରଶାସନ ସବୁ ପ୍ରକାର ଉଦ୍ୟମ କରିବ। ଜିଲାରୁ ସଫଳ କ୍ରୀଡାବିତ୍ ବାହାରି ଜିଲାର ସୁନାମ ବଢ଼ାଇବାକୁ ସେ କ୍ରୀଡାବିତ୍‌ଙ୍କୁ କହିଥିଲେ। ବଲାଙ୍ଗୀର ମାଟିରୁ ଜାତୀୟ ମହିଳା କ୍ରିକେଟ୍ ଟିମ୍‌ରେ ସ୍ଥାନ ପାଇଥିବା ବଲାଙ୍ଗୀରର ଦୁଇ ଝିଅ ମାଧୁରୀ ମେହେଟ୍ଟା ଓ ରୋସନାରା ପରବିନ୍‌ଙ୍କୁ ଶୁଭେଚ୍ଛା ଜଣାଇ ସେମାନେ ମହିଳା ସଶକ୍ତିକରଣର ପ୍ରତୀକ ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ମ୍ୟାଚ୍ ପୂର୍ବରୁ ଜିଲାପାଳ ଉଭୟ ଦଳର ଖେଳାଳି, ମ୍ୟାଚ୍ ଅଫିସିଆଲ ଓ ଆୟୋଜକଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଡ. ପ୍ରହ୍ଲାଦ ଶତପଥୀ, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ମହିଳା କ୍ରିକେଟର ମାଧୁରୀ ମେହେଟ୍ଟା ଓ ରୋଶନାରା ପରୱିନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ସାମସନଙ୍କ ଶତକ

ଡର୍ବାନ, ୮।୧୧

ସ୍ଥାନୀୟ କିଙ୍ଗ୍ସ ମିଡ୍ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଛି। ଓପନର ସଞ୍ଜୁ ସାମସନ କ୍ୟାରିୟରର ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଓପନର ଅଭିଷେକ ଶର୍ମା (୭)ଙ୍କ ଉଇକେଟ ଶୀଘ୍ର ହରାଇଥିଲେ ହେଁ ସାମସନ ବିସ୍ଫୋରକ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ୪୭ ବଲ୍‌ରୁ ଶତକ ପୂରଣ କରିଥିବା ସାମସନ ୫୦ ବଲ୍‌ରୁ ୭ ଚୌକା ଓ ୧୦ ଛକା ସହାୟତାରେ ୧୦୭ ରନକରି ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୨୧ ଓ ତିଲକ ବର୍ମା ୩୩ ରନର ଯୋଗଦାନ ଦେଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଗେରାଲ୍ଡ କୋଜି ୩ଟି ଏବଂ କେଶବ ମହାରାଜ, ଏନ୍‌କାବାୟୋମ୍‌ଜି ପିଟର, ମାର୍କୋ ଜାନସେନ ଓ ପ୍ୟାଟ୍ରିକ କ୍ରୁଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# କବିର-ରିଷଭ ଫାଇନାଲରେ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

**ଆଇଟିଏଫ୍ ୱାର୍ଲ୍ଡ ଟେନିସ**



ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଶଟ୍ ଖେଳିବା ଅବସରରେ ନିକ୍ ଚାପେଲ।

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏମ୍୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ଡବଲ୍ସରେ ଓଡ଼ିଶାର କବିର ହଂସଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। କବିର ଓ ରିଷଭ ଅଗ୍ରୱାଲଙ୍କ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ତୃତୀୟ ସିଡ୍ ସିଦ୍ଧାନ୍ତ ବନ୍ଥିଆ ଓ ବିଷ୍ଣୁ ବର୍ଦ୍ଧନ ଯୋଡ଼ିଙ୍କୁ ୬-୨, ୭-୬ (୪) ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଏହି ଯୋଡ଼ି ଟାଇବ୍ରେକରରେ ବିଜୟୀ ହୋଇଥିଲେ। ଅନ୍ୟଏକ ତୀବ୍ର ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ଟପ୍ ସିଡ୍ ଇଗର ଆଗାଫୋନୋଭ ଓ ବୋଗଡାନ ବୋବରୋଭ ଯୋଡ଼ି ୩-୬, ୭-୬(୬), ୧୦-୮ରେ ଇଶାକ ଇକବାଲ ଓ ଫେଜଲ କମରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ୍ସ ଫାଇନାଲ ଶନିବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।

ମୁଖ୍ୟ ଡ୍ର'ର ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଚେକ୍ ରିପବ୍ଲିକର ଡାଲିବର ଭର୍ସିନା ୬-୪, ୬-୧, ଆର୍ଯ୍ୟନ ଶାହା ୫-୭, ୬-୪, ୬-୨ରେ ରେଥିନ ପ୍ରଣବ ସେନ୍ଥିଲ କୁମାର, ବୋଗଡାନ ବୋବରୋଭ ୬-୩, ୬-୦ରେ କରନ ସିଂଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଆମେରିକାର ନିକ୍ ଚାପେଲ ୫-୭, ୭-୫, ୧-୦ରେ ଅଗ୍ରଣୀ ଥିବାବେଳେ ବିପକ୍ଷ ଖେଳାଳି ଏସ୍.ଡି. ପ୍ରଜ୍ୱଲ ରିଟାୟର୍ଡ ହୋଇ ଯାଇଥିଲେ। ସିଙ୍ଗଲ୍ସ ସେମିଫାଇନାଲ ଶନିବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ। ପ୍ରଥମ ସେମିଫାଇନାଲରେ ବୋବରୋଭ-ଚାପେଲ ଏବଂ ୧୧ଟାରେ ଆରମ୍ଭ ହେବାକୁଥିବା ଦ୍ୱିତୀୟ ସେମିରେ ଡାଲିବର-ଆର୍ଯ୍ୟନଙ୍କ ମଧ୍ୟରେ ମୁକାବିଲା ହେବ।

# ଡବଲ ବିଜୟ ସହ ଓଡ଼ିଶାର ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୮।୧୧ (ତପନ ସ୍ୱାଇଁ)

**ଜାତୀୟ ଦୃଷ୍ଟିବାଧିତ ଚେସ୍**

ଅଲ୍ ଇଣ୍ଡିଆ ଫେଡେରେଶନ୍ ଫର ଦି ବ୍ଲାଇଣ୍ଡ (ଏଆଇସିଏଫ୍‌ବି) ଆନୁକୂଲ୍ୟରେ ଗୁଜରାଟର ଅହମଦାବାଦରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଜାତୀୟ ଚେସ୍ ଚାମ୍ପିୟନଶିପ୍। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ଡବଲ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ଦଳ ୪-୦ରେ ମଧ୍ୟପ୍ରଦେଶ 'ଏ'କୁ ଏବଂ ଦ୍ୱିତୀୟ ମ୍ୟାଚରେ ଗୁଜରାଟ ଗ୍ରୀନ୍‌କୁ ୩-୧ରେ ହରାଇ ଦେଇଛି। ମଧ୍ୟପ୍ରଦେଶ ବିପକ୍ଷରେ ବୋର୍ଡ-୧ରେ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ପ୍ରତିପକ୍ଷ ସୌର୍ଯ୍ୟ ପ୍ରତାପ ସିଂଙ୍କୁ ହରାଇଥିବାବେଳେ ଶୁଭେନ୍ଦୁ କୁମାର ପାତ୍ର ବୋର୍ଡ-୨ରେ ରୂପେଶ କୁମାର ଯାଦବ, ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ବୋର୍ଡ-୩ରେ ପ୍ରକାଶ ପଟେଲ ଏବଂ ପ୍ରାଚୀ ପ୍ରଜ୍ଞା ସାହୁ ବୋର୍ଡ-୪ରେ ଦୀପିକା ପଟେଲଙ୍କୁ ପରାସ୍ତ କରିଛନ୍ତି। ସେହିପରି ଗୁଜରାଟ ଗ୍ରୀନ୍ ବିପକ୍ଷ ମ୍ୟାଚରେ ସୌନ୍ଦର୍ଯ୍ୟ ବୋର୍ଡ-୧ରେ ରାହୁଲ ସାହାଣୀ, ଶୁଭେନ୍ଦୁ ଦ୍ୱିତୀୟ ବୋର୍ଡରେ ରାହୁଲ ବାଘେଲା, ପ୍ରାଚୁର୍ଯ୍ୟ ତୃତୀୟ ବୋର୍ଡରେ ପଟନି ଅନିକେତ ଚନ୍ଦ୍ରକାନ୍ତଭାଇଙ୍କୁ ହରାଇଥିବାବେଳେ ପ୍ରାଚୀପ୍ରଜ୍ଞା ଚତୁର୍ଥ ବୋର୍ଡରେ ଖୋରାସିୟା ଖୁଶାଲିଙ୍କଠାରୁ ହାରି ଯାଇଛନ୍ତି। ଓଡ଼ିଶା ଦଳର ଅନ୍ୟତମ ଅର୍ଥାତ୍ ପଞ୍ଚମ ସଦସ୍ୟ ହେଲେ ସୁଧୀର କୁମାର ନାୟକ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଗୁଜରାଟ-ବ୍ଲୁ ବିପକ୍ଷରେ ଖେଳିବ।



ମଧ୍ୟପ୍ରଦେଶ ବିପକ୍ଷ ଚେସ୍ ମ୍ୟାଚ ଅବସରରେ ଓଡ଼ିଶାର ୪ ଦୃଷ୍ଟିବାଧିତ ଖେଳାଳି (ଡାହାଣ)।

# ଭାରତୀୟ ହକି ଦଳ ସମ୍ମାନିତ

ମସ୍କଟ, ୮।୧୧ (ପି.ଟି.)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସମ୍ମିଳନୀ ଅବସରରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ ଓ ଫ୍ରେଞ୍ଚ ହକି ମହାସଂଘ ସଭାପତି ଇସାବେଲି ଜୋଇନ୍ ଭାରତୀୟ ପୁରୁଷ ହକି ଦଳକୁ ସମ୍ମାନିତ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଁ ଭାରତୀୟ ଦଳକୁ ସମ୍ମାନିତ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ ଗ୍ରହଣ କରିଛନ୍ତି। ହକି ଇଣ୍ଡିଆ ତରଫରୁ ପ୍ରକାଶିତ ଏକ ଇସ୍ତାହାରରେ ଏଫ୍‌ଆଇଏଚ୍‌ର ଏହି ସ୍ୱୀକୃତିକୁ ନେଇ କୃତଜ୍ଞତା ଜ୍ଞାପନ କରାଯାଇଛି। ଅନ୍ତର୍ଜାତୀୟ ହକିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଏହି ସମ୍ମାନ ଭାରତ ପାଇଁ ଅଧିକ ସ୍ୱତନ୍ତ୍ର।

# ଅଲ୍‌ଜାରୀ ଯୋଶେଫ୍ ୨ ମ୍ୟାଚରୁ ସସ୍‌ପେଣ୍ଡ

ବ୍ରିଜଟାଉନ, ୮।୧୧ (ଏପି)

କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ଫାଷ୍ଟ ବୋଲର ଅଲଜାରୀ ଯୋଶେଫ୍‌ଙ୍କୁ ଦୁଇଟି ମ୍ୟାଚରୁ ସସ୍‌ପେଣ୍ଡ କରିଛି। ବୁଧବାର ଇଂଲଣ୍ଡ ବିପକ୍ଷ ଏକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ବେଳେ ଯୋଶେଫ ତାଙ୍କର ଏକ ଓଭର ବୋଲିଂ କରୁଥିବା ବେଳେ ଅଧିନାୟକଙ୍କ ଦ୍ୱାରା ଫିଲ୍ଡିଂ ସଜାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରତିବାଦ କରିଥିଲେ। ୪ର୍ଥ ଓଭର ବୋଲିଂ ପୂର୍ବରୁ ଯୋଶେଫ ଓ ହୋପ୍‌ଙ୍କର ଦୀର୍ଘ ସମୟ ଧରି ଯୁକ୍ତିତର୍କ ହୋଇଥିଲା। ଏପରି କି ଫାଷ୍ଟ ବୋଲର ଜଣକ ଓଭର ଶେଷ ହେବା ପରେ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। କିଛି ସମୟ ପରେ ସେ ପୁଣି ପଡ଼ିଆକୁ ଫେରିଥିଲେ। କ୍ରିକେଟ ୱେଷ୍ଟଇଣ୍ଡିଜ କହିଛି ଯୋଶେଫ ସିଡବ୍ଲ୍ୟୁଆଇର ପେସାଦାରି ମାନଦଣ୍ଡର ଉଲ୍ଲଂଘନ କରିଛନ୍ତି। ଏ କ୍ଷେତ୍ରରେ ଦଣ୍ଡକୁ ଏଡାଇ ଦେଇହେବ ନାହିଁ ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡର କ୍ରିକେଟ ନିର୍ଦ୍ଦେଶକ ମାଇଲ୍ସ ବାସ୍‌କମ୍ବ କହିଛନ୍ତି। ଯୋଶେଫ କିନ୍ତୁ ପରେ ଦୋଷ ସ୍ୱୀକାର କରିବା ସହ ତାଙ୍କର ଏହି ଆଚରଣକୁ ନେଇ କ୍ଷମାପ୍ରାର୍ଥନା କରିଛନ୍ତି। ୱେଷ୍ଟଇଣ୍ଡିଜ ଏହି ମ୍ୟାଚ ୮ଉଇକେଟରେ ଜିତିନେବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ବିଜୟ ହାସଲ କରିଥିଲା।

# କିରନ ଜର୍ଜ ସେମିଫାଇନାଲରେ

ଇକ୍‌ସାନ ସିଟି, ୮।୧୧ (ପି.ଟି.)

ଭାରତର କିରନ ଜର୍ଜ କୋରିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲରେ ସେ ସିଧାସଳଖ ଗେମ୍‌ରେ ଜାପାନର ଟାକୁମା ଓବାୟାଶିଙ୍କୁ ହରାଇ ଦେଇଛନ୍ତି। ଭାରତର ଏହି ୨୪ ବର୍ଷୀୟ ତଥା ୪୧ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ବିଶ୍ୱର ୩୪ ନମ୍ବର ଓବାୟାଶିଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରିଛନ୍ତି। ମ୍ୟାଚଟି ମାତ୍ର ୩୯ ମିନିଟରେ ଶେଷ ହୋଇଥିଲା। ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ଇଭେଣ୍ଟରେ କିରନ ଆଉ ଏକ ବିପର୍ଯ୍ୟୟ ଘଟାଇଛନ୍ତି।

# ଭେନ୍ୟୁକୁ ନେଇ ବିସିସିଆଇ-ପିସିବି ଛକାପଞ୍ଝା

ଲାହୋର/ନୂଆଦିଲ୍ଲୀ, ୮।୧୧ (ପି.ଟି.)

ଚାମ୍ପିୟନ୍ସ ଟ୍ରଫି ଭେନ୍ୟୁକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମଧ୍ୟରେ ଛକାପଞ୍ଝା ଜାରି ରହିଛି। ପିସିବି ଚେୟାରମ୍ୟାନ ମୋହସିନ ନକ୍‌ଭି ଶୁକ୍ରବାର ସ୍ପଷ୍ଟ କରିଛନ୍ତି ଯେ, ଚାମ୍ପିୟନ୍ସ ଟ୍ରଫିରେ ଖେଳିବା ପାଇଁ ଭାରତୀୟ ଦଳ ପାକିସ୍ତାନ ଯାଇପାରିବ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତରଫରୁ ଆନୁଷ୍ଠାନିକ ଭାବେ ଅବଗତ କରାଯାଇ ନାହିଁ। ଭାରତ ଏକ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ଦେଇଥିବା ଗୁରୁବାର ପିସିବି ସୂତ୍ରରୁ ଜଣାପଡ଼ିଥିଲା । ଏହାର ସମସ୍ତ ମ୍ୟାଚ ଦୁବାଇରେ ଆୟୋଜନ କରାଯାଉ ବୋଲି ଏଥିରେ ଦର୍ଶାଯାଇଥିଲା। ୨୦୨୩ ଏସିଆ କପ୍ ବେଳେ ହାଇବ୍ରିଡ୍ ମଡେଲକୁ ଅନୁସରଣ କରାଯାଇଥିଲା। ତଦନୁସାରେ ପାକିସ୍ତାନ ଏହାର ମ୍ୟାଚଗୁଡ଼ିକ ହୋମ୍ ଗ୍ରାଉଣ୍ଡରେ ଏବଂ ଭାରତ ଏହାର ମ୍ୟାଚଗୁଡ଼ିକ ଶ୍ରୀଲଙ୍କାରେ ଖେଳିଥିଲା। ଶୁକ୍ରବାର ବିସିସିଆଇ ସୂତ୍ରରୁ ଦାବି କରାଯାଇଛି ଯେ, ଭାରତୀୟ ଦଳ ପାକିସ୍ତାନ ଗସ୍ତରେ ଯାଇପାରିବ ନାହିଁ ବୋଲି ଇତିମଧ୍ୟରେ ପିସିବିକୁ ବିଧିବଦ୍ଧ ଭାବେ ଜଣାଇ ଦିଆଯାଇ ସାରିଛି। ତେବେ ନକ୍‌ଭି ଶୁକ୍ରବାର ସନ୍ଧ୍ୟାରେ ଗଦାଫି ଷ୍ଟାଡିୟମରେ ଏକ ଖବରଦାତା ସମ୍ମିଳନୀ ଡକାଇ କହିଛନ୍ତି, ଏପର୍ଯ୍ୟନ୍ତ କେହି 'ହାଇବ୍ରିଡ୍ ମଡେଲ ସଂକ୍ରାନ୍ତରେ ଆଲୋଚନା କରି ନାହାନ୍ତି। ଆମେ ମଧ୍ୟ ଏବିଷୟରେ




ଆଲୋଚନା କରିବାକୁ ଚାହୁଁନା। ଗତ କିଛି ବର୍ଷ ଆମେ କୌଣସି ପ୍ରସ୍ତାବକୁ ଗ୍ରହଣ କରିନେଇଛୁ, ହେଲେ ସବୁବେଳେ ତାହା ସମ୍ଭବ ନୁହେଁ। ସେ ପୁଣି କହିଛନ୍ତି, ଯଦି ଏଭଳି କୌଣସି ପ୍ରସ୍ତାବ ଆସିଥାନ୍ତା ତେବେ ଆମେ ତାହାକୁ ଆମ ସରକାରଙ୍କ ପାଖକୁ ନେଇକରି ଯାଇଥାନ୍ତୁ। ସରକାରଙ୍କ ନିଷ୍ପତ୍ତିକୁ ଆମେ ଅନୁପାଳନ କରିଥାନ୍ତୁ।

ଅନ୍ୟପକ୍ଷରେ ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି, ଆମ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହେବାର ନାହିଁ। ଭାରତ ସରକାର ମଧ୍ୟ ତାଙ୍କ ନୀତିରେ ଅଟଳ ରହିଛନ୍ତି। ଭାରତୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି ଯେ, ସୁରକ୍ଷା ଜନିତ କାରଣରୁ ଭାରତ ପାକିସ୍ତାନକୁ ଏହାର ଦଳ ପଠାଇବାକୁ ଚାହୁଁନାହିଁ। ଏବିଷୟରେ ପିସିବିକୁ ଅବଗତ କରାଯାଇସାରିଛି ବୋଲି ବିସିସିଆଇର ଜଣେ ଅଫିସିଆଲ କହିଛନ୍ତି। ନକ୍‌ଭୀଙ୍କୁ ଏ ବିଷୟରେ ପଚରାଯିବାରେ ସେ ଏବିଷୟରେ କିଛି ଜାଣନ୍ତି ନାହିଁ ବୋଲି କହିଛନ୍ତି। ସେ ପୁଣି ଦୋହରାଇ କହିଥିଲେ, ଟୁର୍ନାମେଣ୍ଟ ଯେହେତୁ ପାକିସ୍ତାନରେ ଆୟୋଜନ ହେବାକୁ ଯାଉଛି ସବୁଦଳ ଖେଳିବାକୁ ଆସିବେ। ଭାରତକୁ ଛାଡ଼ିଦେଲେ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଅନ୍ୟ ସମସ୍ତ ଦଳ ଆସିବାକୁ ରାଜି ଅଛନ୍ତି। ଭାରତ ପାକିସ୍ତାନ ଆସିବ ନାହିଁ ବୋଲି ଯଦି ଲିଖିତ ଭାବେ କୌଣସି ଚିଠି ଆସେ ତେବେ ସେ ଏହାକୁ ସରକାର ଓ ଗଣମାଧ୍ୟମରେ ଶେୟାର କରିବେ। ପିସିବି ବିସିସିଆଇକୁ ଏକ ପ୍ରସ୍ତାବ ଦେଇଥିଲା। ତଦନୁସାରେ ଭାରତୀୟ ଦଳ ଦିଲ୍ଲୀ କିମ୍ବା ଚଣ୍ଡିଗଡ଼ରେ ଅବସ୍ଥାନ କରି ଲାହୋରରେ ଏହାର ମ୍ୟାଚ ଖେଳି ସେହିଦିନ ଫେରିଯାଇପାରିବ। କିନ୍ତୁ ଏହା ବିସିସିଆଇ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା। ଭାରତ ଶେଷ ଥର ପାଇଁ ଏସିଆ କପ୍ ଖେଳିବା ପାଇଁ ୨୦୦୮ରେ ପାକିସ୍ତାନ ଆସିଥିଲା। କିନ୍ତୁ ସେହିବର୍ଷ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାପରଠାରୁ ଭାରତ ଆଉ ପାକିସ୍ତାନ ଟୁର୍‌ରେ ଯାଇ ନାହିଁ। ସୂଚନାଯୋଗ୍ୟ, ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) କୌଣସି ବୋର୍ଡକୁ ସରକାରଙ୍କ ନୀତି ବିରୋଧରେ ଯିବା ଲାଗି ବାଧ୍ୟ କରିପାରିବ ନାହିଁ ବୋଲି ଇତିମଧ୍ୟରେ ସ୍ପଷ୍ଟ କରିଛି। ବିସିସିଆଇର ବିଦାୟୀ ସମ୍ପାଦକ ଜୟ ଶାହା ଡିସେମ୍ବର ୧ରୁ ଆଇସିସିର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ